# ଅନୁଭୂତିରେ ଶିକ୍ଷକ

OR
371.12
P 192 A

ଲୋକନାଥ ପଣ୍ଡା

INDIAN INSTITUTE
OF
ADVANCED STUDY
LIBRARY SHIMLA

# ଅନୁଭୂତିରେ ଶିକ୍ଷକ

ଲୋକନାଥ ପଣ୍ଡା

# ଅନୁଭୂତିରେ ଶିକ୍ଷକ

Library IIAS, Shimla
OR 371.12 P 192 A
148942
OR
371.12
P 192 A

ଲେଖକ :
ଲୋକନାଥ ପଣ୍ଡା

ପ୍ରକାଶିକା :
ରଶ୍ମିତା ଦାସ
ତୃତୀୟ ଲେନ୍, ହାତୀପଥର ରୋଡ୍,
ପୋ/ଜିଲ୍ଲା: ରାୟଗଡ଼ା - ୭୬୫ ୦୦୧

ବିତରକ :
ଶିକ୍ଷାସନ୍ଧାନ,
ଏ-୧୭, ହାଉସିଂ ବୋର୍ଡ଼ କଲୋନୀ, ବରମୁଣ୍ଡା,
ଭୁବନେଶ୍ୱର -୭୫୧୦୦୩

ପ୍ରକାଶନ କାଳ : ଅକ୍ଟୋବର ୫, ୨୦୦୮
ମୂଲ୍ୟ :୪୫/-

Indian Institute of Advanced Study
Acc. No. 148942
Date 28-10-17
Shimla

## Anubhutire Shikshaka

By
Lokanath Panda

Published by :
Rasmita Das,
III line, Hathipather Road, Raniguda,
Rayagada - 765001

Date of Publication :
5th October , 2008
Price : 45/-

# ଅଭିମତ

ସୁହୃତ୍ ଓ ସନ୍ଧିତ୍ସାର ଦୃଷ୍ଟିନେଇ ବାଟରେ ବାଟ ଚାଲିଲାବେଳେ ପାଦ ଅଟକି ଯାଏ ଏପରି କେତେଜଣ ଚିହ୍ନା ଅଚିହ୍ନା ବ୍ୟକ୍ତିବିଶେଷଙ୍କ ନିକଟରେ ଯାହାଙ୍କ ଜୀବନାଲେଖ୍ୟ ପଢ଼ି ସେମାନଙ୍କ ଜୀବନ ଓ କୃତି ନିକଟରେ ମୁଣ୍ଡ ଆପେଆପେ ନଇଁଯାଏ ।

'ଶିକ୍ଷାସନ୍ଧାନ'ର ଶିକ୍ଷା କାର୍ଯ୍ୟକ୍ରମରେ ଲେଖକ ଶ୍ରୀ ଲୋକନାଥ ପଣ୍ଡା ବିଭିନ୍ନ ସମୟରେ ରାଜ୍ୟର ଅନେକ ଇଲାକାକୁ ଯାଇଛନ୍ତି ଓ ଏବେ ମଧ୍ୟ ଯାଉଛନ୍ତି । ଅବସର ପାଇବା ମାତ୍ରକେ ସେଇ ଅଞ୍ଚଳର ଶିକ୍ଷକ, ସମାଜସେବୀଙ୍କ ସନ୍ଧାନ ନେଇ ସେମାନଙ୍କ ସହିତ ସଂପର୍କ ସ୍ଥାପନ କରିଛନ୍ତି । ସଂପର୍କର ସୂତାଖିଅରୁ ଜନ୍ମ ନେଇଛି ଅନୁଭବ, ଅନୁଭୂତି । କୃତବିଦ୍ୟ ଶିକ୍ଷକ, ଶିକ୍ଷୟିତ୍ରୀ, ନିଷ୍ଠାପର ସମାଜକର୍ମୀଙ୍କ ଜୀବନାଦର୍ଶ, କୃତି ଓ କର୍ମର ନାନା ଦିଗ ଜାଣିବାକୁ ପାଇଛନ୍ତି । ସେସବୁକୁ ଚୁମ୍ବକରେ ଲିପିବଦ୍ଧ କରି 'ଶିଖା' ଓ ସମ୍ବାଦପତ୍ରରେ ପ୍ରକାଶ ମଧ୍ୟ କରିଛନ୍ତି । ଜଣାଅଜଣା ଏଇ ମହାନୁଭବ ଶିକ୍ଷକ, ସମାଜସେବୀମାନେ ଆମର ଆପଣାର ପରିଚିତ ଜନ ହୋଇପଡ଼ନ୍ତି – ଏଇ ପୁସ୍ତକ ମାଧ୍ୟମରେ ।

ଶ୍ରୀପଣ୍ଡାଙ୍କର ଅନୁସନ୍ଧିତ୍ସା ଆରମ୍ଭ ମାତ୍ର । ଅନୁରୂପ ପୁସ୍ତକ କ୍ୱଚିତ୍ ପଢ଼ିବାକୁ ମିଳିଥାଏ । ରାଜ୍ୟର ରାଜଧାନୀଠାରୁ ଦୂରରେ ରହି ଅନେକ ଶିକ୍ଷକ, ସମାଜସେବୀ ସେମାନଙ୍କର ପରିସରରେ କାର୍ଯ୍ୟ କରୁଛନ୍ତି । ଶିକ୍ଷାୟତନରେ ଏପରି ଅନେକ ଶିକ୍ଷକ ଅଛନ୍ତି, ଯେଉଁମାନେ କାୟ ମନ ପ୍ରାଣରେ ନିଜକୁ ଉତ୍ସର୍ଗ କରିଛନ୍ତି – ଶିକ୍ଷାଦାନରେ; ବିଦ୍ୟାଳୟକୁ ଗଢ଼ି ତୋଳିଛନ୍ତି ଆକର୍ଷଣୀୟ ଭାବରେ, ପିଲାଙ୍କ ସହିତ ମିଶିଯାଇଛନ୍ତି ଏକାକାର ହୋଇ, ସେମାନଙ୍କ କଥା, ଜୀବନ କାହାଣୀ ଏଇ ବହିଟିରେ ଅଛି ।

ଅନୁରୂପ ଉଦ୍ୟମ ପ୍ରଗାଢ଼ତର ହେଉ । ଆମକୁ ଅଧିକରୁ ଅଧିକ "ମଣିଷ ପରି ମଣିଷ"ଙ୍କ ଅମୃତ ସନ୍ଧାନ ମିଳୁ ।

**ପ୍ରଫୁଲ୍ଲ ବେହେରା**

# ପୁସ୍ତକ ସମ୍ପର୍କରେ

ଗତ କିଛି ବର୍ଷ ଧରି ପ୍ରାଥମିକ ଶିକ୍ଷାର ଅବନତି ସମ୍ପର୍କରେ ଅନେକ ଲେଖା ଓ ସମ୍ବାଦ ସମ୍ବାଦପତ୍ରରେ ପ୍ରକାଶ ପାଉଛି । ପ୍ରକାଶିତ ହେଉଥିବା ଶିକ୍ଷା ସମ୍ବାଦ ମଧ୍ୟରୁ ପ୍ରାୟତଃ ଶତକଡ଼ା ପଞ୍ଚାନବେ ଭାଗ ପ୍ରାଥମିକ ଶିକ୍ଷାର ବିଫଳତା ସମ୍ପର୍କରେ ପ୍ରକାଶିତ ହେଉଛି । ଏହିଭଳି ପ୍ରାଥମିକ ଶିକ୍ଷାର ପରିସ୍ଥିତିରେ ଅନେକ ଶିକ୍ଷକ, ଶିକ୍ଷୟିତ୍ରୀ, ବ୍ୟକ୍ତିବିଶେଷ ଓ ଅନୁଷ୍ଠାନ ଅଛନ୍ତି, ଯେଉଁମାନେ ପ୍ରାଥମିକ ଶିକ୍ଷାର ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ଆଲୋକର ଦୀପ୍ତିଶିଖା ଭାବରେ ବାଟ ଦେଖାଇଛନ୍ତି । ପ୍ରାଥମିକ ଶିକ୍ଷାର ଉନ୍ନତି ଦିଗରେ କାର୍ଯ୍ୟକରୁଥିବା ଏହିଭଳି କିଛି ବ୍ୟକ୍ତିବିଶେଷଙ୍କ ସମ୍ପର୍କରେ, ସେମାନଙ୍କ ଜୀବନକାହାଣୀ, ବିଦ୍ୟାଳୟ, ଅନୁଭୂତି, କାର୍ଯ୍ୟକ୍ରମ ସମ୍ପର୍କରେ ଏହି ପୁସ୍ତିକାରେ ସ୍ଥାନ ପାଇଛି ।

ପୁସ୍ତକରେ ୧୫ଟି ଲେଖା ରହିଛି । ସନ୍ନିବେଶିତ ଲେଖାଗୁଡ଼ିକ ମଧ୍ୟରୁ ଅଧିକାଂଶ ଲେଖା ଆଦିବାସୀ ଅଞ୍ଚଳରେ ଯେଉଁ ଶିକ୍ଷକ ଶିକ୍ଷୟିତ୍ରୀ, ଶିକ୍ଷାଦିଗରେ କାମ କରିଥିବା ବ୍ୟକ୍ତିମାନଙ୍କ ସମ୍ପର୍କରେ ପ୍ରକାଶ ପାଇଛି, ଯେଉଁମାନେ ନିରବଚ୍ଛିନ୍ନ ଭାବରେ ଶିଶୁମାନଙ୍କର ଶିକ୍ଷାର ଉନ୍ନତି ଦିଗରେ କାର୍ଯ୍ୟ କରିଛନ୍ତି, ଏବଂ ସେମାନଙ୍କ ସମ୍ପୃକ୍ତି ଦ୍ୱାରା ବିଦ୍ୟାଳୟ ହେଉ କିମ୍ବା ସେହି ଅଞ୍ଚଳର ଶିକ୍ଷାର ଉନ୍ନତିରେ ଆକାଶଛୁଆଁ ପରିବର୍ତ୍ତନ ଆସିପାରିଛି, ମୁଖ୍ୟତଃ ଏହିଭଳି ବ୍ୟକ୍ତିବିଶେଷଙ୍କ ବିଷୟରେ ସେସବୁ ପ୍ରକାଶିତ ହୋଇଛି ।

ପ୍ରକାଶିତ ବିଷୟଗୁଡ଼ିକ ମଧ୍ୟରେ କିଛି ଆଦିବାସୀ ଶିକ୍ଷକ ଶିକ୍ଷୟିତ୍ରୀ ଅଛନ୍ତି ଏବଂ ଅଣ-ଆଦିବାସୀ ଶିକ୍ଷକ ମଧ୍ୟ ଅଛନ୍ତି । ମାଲକାନଗିରି ଜିଲ୍ଲାର ଗୌରାଙ୍ଗ ଚରଣ କର ହୁଅନ୍ତୁ ବା ଗଜପତି ଜିଲ୍ଲାର ଉମାକାନ୍ତ ପଣ୍ଡା ହୁଅନ୍ତୁ, ଏହିମାନେ ଯେଉଁ ଅଞ୍ଚଳକୁ ଯାଇଛନ୍ତି ସେହି ବିଦ୍ୟାଳୟର ଆକାଶଛୁଆଁ ପରିବର୍ତ୍ତନ ଆଣିଛନ୍ତି । ଲେଖାଗୁଡ଼ିକ ମଧ୍ୟରୁ କେତେକ ଆନୁଷ୍ଠାନିକ ଶିକ୍ଷକ ନୁହଁନ୍ତି, କିନ୍ତୁ ଶିକ୍ଷାର ଉନ୍ନତି ଦିଗରେ ଅନେକ କିଛି କରିଛନ୍ତି ସେମାନଙ୍କ ମଧ୍ୟରେ ମୟୂରଭଞ୍ଜ ଜିଲ୍ଲାର ବୃନ୍ଦାବନ ପଧୁରିଆ ଏବଂ ସୁରାଇ ହେମ୍ବ୍ରମ ଅନ୍ୟତମ । ସେମାନେ ଶିକ୍ଷକ ନହେଲେ ମଧ୍ୟ ନିଜ ଜାତି ଓ ନିଜ ମାତୃଭାଷାର ଉନ୍ନତି ପାଇଁ ବିଦ୍ୟାଳୟ ଖୋଲିଛନ୍ତି, ନିଜ ଅଞ୍ଚଳର ଶିକ୍ଷାର ପ୍ରସାର ପାଇଁ ଅନେକ କିଛି ଉଦ୍ୟମ କରିଛନ୍ତି ଏବଂ ନିଜର ସ୍ୱାର୍ଥକୁ ଏ ଦିଗରେ

ବାଜି ଲଗାଇଛନ୍ତି । ଏହିଦୁହେଁ ଅନେକ ଶିଶୁମାନଙ୍କର ପ୍ରେରଣାର ଉତ୍ସ ପାଲଟି ଯାଇଛନ୍ତି ।

ଏହି .ଲେଖାଗୁଡ଼ିକ ବିଭିନ୍ନ ସମୟରେ ସଂଗୃହିତ କରାଯାଇଛି ଏବଂ ଭିନ୍ନ ଭିନ୍ନ ଅଞ୍ଚଳରୁ ବିଭିନ୍ନ ବ୍ୟକ୍ତିବିଶେଷ ସାହାଯ୍ୟ କରିଛନ୍ତି । ସେମାନଙ୍କ ମଧ୍ୟରେ ଗୁଣୁପୁରର ମୀନକେତନ ସାହୁ ଏବଂ ରାଜେନ୍ଦ୍ର ନାଏକ, ପାରଳାଖେମୁଣ୍ଡିରୁ ଶାନ୍ତିଲତା ପାତ୍ର ଓ ଭଗବତ ପ୍ରସାଦ ପାଢ଼ୀ, କୁଡୁଗୁଲୁଗୁମ୍ମାର ଭଗବାନ ସେଠୀ ପ୍ରମୁଖ ଅନ୍ୟତମ । ଏହିମାନଙ୍କ ସହଯୋଗ ଓ ବିନା ସାହାଯ୍ୟରେ ଏହି ତଥ୍ୟ ସଂଗ୍ରହ ହୋଇପାରିନଥାନ୍ତା । ଏହି ପୁସ୍ତକରେ ସ୍ଥାନିତ ଲେଖାଗୁଡ଼ିକ ପୂର୍ବରୁ 'ଶିଖା' ପତ୍ରିକାରେ ପ୍ରକାଶିତ ହୋଇଯାଇଛି ।

ଶିକ୍ଷାସନ୍ଧାନର ସଦସ୍ୟ-ସମ୍ପାଦକ ଶ୍ରୀଯୁକ୍ତ ଅନୀଲ ପ୍ରଧାନ ଅନେକ ସମୟରେ କୃତି ଶିକ୍ଷକ, ଶିକ୍ଷାର ଉନ୍ନତି ଦିଗରେ କାର୍ଯ୍ୟକରୁଥିବା ବ୍ୟକ୍ତିବିଶେଷ, ଅନୁଷ୍ଠାନଙ୍କ ସମ୍ପର୍କରେ ଶିଖା ପାଇଁ ଲେଖା ପ୍ରସ୍ତୁତ କରିବା ପାଇଁ ସୂଚନା ଏବଂ ଦାୟିତ୍ୱ ଦେଇଛନ୍ତି । ଶ୍ରୀଯୁକ୍ତ ପ୍ରଫୁଲ୍ଲ ବେହେରା ଶିଖାର ପ୍ରତ୍ୟେକ ଇସ୍ୟୁ ପାଇଁ ଗୋଟିଏ ଲେଖା ପ୍ରସ୍ତୁତ କରିବା ପାଇଁ ତାଗିଦ୍ କରିଥାଆନ୍ତି । ଏହି ଦୁହିଁଙ୍କ ଉତ୍ସାହ ଓ ସାହାଯ୍ୟ ମୋତେ ଏହିଭଳି ବାଟ ଚାଲି ରାସ୍ତା ତିଆରି କରିବାରେ ବିଶ୍ୱାସ ରଖିଥିବା ବ୍ୟକ୍ତିବିଶେଷ, ଅନୁଷ୍ଠାନଙ୍କ ସମ୍ପର୍କରେ ଲେଖା ପ୍ରକାଶ କରିବା ପ୍ରେରଣା ଯୋଗାଇଛି ।

ପରିଶେଷରେ, ସମାଜରେ ଅନେକ ଶିକ୍ଷକ ଅଛନ୍ତି, ଯେଉଁମାନେ ନିଜ ନିଜର ବାଟ ନିଜେ ଚାଲି ତିଆରି କରିଛନ୍ତି । ସେମାନେ କେବେହେଲେ ପରର ଦୋଷତ୍ରୁଟି ଦେଖାଇ ନିଜ କର୍ମରୁ ଓହରି ଯାଇନାହାନ୍ତି । ସେମାନେ ଯେଉଁ ବିଦ୍ୟାଳୟକୁ ଯାଇଛନ୍ତି, ସେହି ଅଞ୍ଚଳରେ ଶିକ୍ଷାର ପରିବେଶଟିଏ ସୃଷ୍ଟି କରିପାରିଛନ୍ତି । ଏହି ପରିବର୍ତ୍ତନ କେବଳ ସ୍କୁଲର ଆସବାବପତ୍ର ବା ଘର ତିଆରିର ନୁହଁ, ସ୍କୁଲର ଉପସ୍ଥାନ ବୃଦ୍ଧି, ଗୁଣାତ୍ମକ ଶିକ୍ଷଣ, ଗୋଷ୍ଠୀର ବିଦ୍ୟାଳୟରେ ସଂପୃକ୍ତି, ଶିଶୁଙ୍କ ଶିକ୍ଷା ପ୍ରତି ଆଗ୍ରହ, ଏହିଭଳି ପରିବେଶଟିଏ ସୃଷ୍ଟି କରିପାରଥିବା ଏହିଭଳି ଶିକ୍ଷକ, ବିଦ୍ୟାଳୟ, ଶିକ୍ଷାପ୍ରେମୀଙ୍କୁ ବାଟ ଚାଲିବାରେ ଲେଖାଗୁଡ଼ିକ ପ୍ରେରଣା ଯୋଗାଇବ ବୋଲି ଆଶା କରୁଛି ।

ଲୋକନାଥ ପଣ୍ଡା

# ସୂଚୀପତ୍ର


| | ବିଷୟ | ପୃଷ୍ଠା |
|---|---|---|
| ୧) | ଅନୁକୁଣ୍ଡାଗୁଡ଼ା ଗାଆଁର ଆଲୋକର ଦୀପ୍ତିଶିଖା: ଶ୍ରୀଯୁକ୍ତା ସାବିତ୍ରୀ ଶବର | ୭ |
| ୨) | ବାଟ ଚାଲି ଚାଲି ରାସ୍ତା ତିଆରି କରିବାରେ ଯେ ବିଶ୍ୱାସ ରଖନ୍ତି: ଉମାକାନ୍ତ ପଣ୍ଡା | ୧୬ |
| ୩) | ଶିକ୍ଷକ ରାମଚନ୍ଦ୍ର ଶବରଙ୍କ ଅନୁଭୂତିରୁ... | ୨୪ |
| ୪) | ନିଆରା ଶିକ୍ଷକ ଭଜଗୋବିନ୍ଦ ପାତ୍ର | ୨୭ |
| ୫) | ମୟୂରଭଞ୍ଜ ଜିଲ୍ଲାର ଶରତ ଅଞ୍ଚଳର ସମାଜକର୍ମୀ ଶ୍ରୀଯୁକ୍ତ ସୁରାଇ ହେମ୍ବ୍ରମ | ୩୧ |
| ୬) | ଏକଦା ବାଜୀରାଉତ ଛାତ୍ରାବାସର ଛାତ୍ର - ବୃନ୍ଦାବନ ପଧୁରିଆଙ୍କ ଅନୁଭୂତିରୁ... .. | ୩୮ |
| ୭) | ଶିକ୍ଷକ ଗୌରାଙ୍ଗ ଚରଣ କରଙ୍କ ଅନୁଭୂତିରୁ... | ୪୨ |
| ୮) | ଅନାଥ ଶିଶୁଙ୍କ ନାଥ: ଶ୍ରୀଯୁକ୍ତ ବାଞ୍ଛାନିଧି ମହାନ୍ତି | ୪୯ |
| ୯) | ଆମ ସମୟର ଜଣେ ନିଆରା ଗଣିତଜ୍ଞ : ଚନ୍ଦ୍ରକିଶୋର ମହାପାତ୍ର | ୫୬ |
| ୧୦) | କୃତି ଶିକ୍ଷକ ଶ୍ରୀଯୁକ୍ତ କାଶୀନାଥ ନାୟକ | ୬୩ |
| ୧୧) | ଲାମ୍ଫାସିଂରେ ଶିକ୍ଷା ଜାଗରଣ | ୬୮ |
| ୧୨) | ମରାଠିଗୁଡ଼ା ଉନ୍ନୀତ ମଧ୍ୟ ଇଂରାଜୀ ବିଦ୍ୟାଳୟ : ଏକ ସଫଳ ରୂପାୟନ | ୭୨ |
| ୧୩) | ଶିକ୍ଷକ ଶ୍ରୀଯୁକ୍ତ ତ୍ରିନାଥ ତ୍ରିପାଠୀଙ୍କ ଅନୁଭୂତିରୁ.. | ୭୮ |
| ୧୪) | ଅପହଞ୍ଚଙ୍କ ନିକଟରେ ପହଞ୍ଚିଥିବା ଅନୁଷ୍ଠାନ : ରିଚିଂ ଦି ଅନ୍‌ରିଚିଡ଼୍ | ୮୧ |
| ୧୫) | ପ୍ରାଥମିକ ଶିକ୍ଷକ ସମାଜ ଆଜି ହତାସ ଓ ଉଦାସୀନ କାହିଁକି ? | ୮୮ |


• • •

# ଅନୁକୁଣ୍ଡାଗୁଡ଼ା ଗାଆଁର ଆଲୋକର ଦୀପ୍ତିଶିଖା : ଶ୍ରୀଯୁକ୍ତା ସାବିତ୍ରୀ ଶବର

ଆଦିବାସୀ ସୌରା ଜାତିରେ ଜନ୍ମିତ ସାବିତ୍ରୀଙ୍କ ଜନ୍ମ ୧୯୬୫ ମସିହାରେ ଗଜପତି ଜିଲ୍ଲା ଜିବା ପଞ୍ଚାୟତର ଅନୁକୁଣ୍ଡାଗୁଡ଼ା ଗ୍ରାମରେ । ନିଜ ଗାଆଁରୁ ବାହାରକୁ ଗୋଡ଼ କାଢ଼ି ଆଦିବାସୀ ସମାଜର ଘାତପ୍ରତିଘାତକୁ ପାର ହୋଇ ସେ ପାଠ ପଢ଼ିଛନ୍ତି । ଆଦିବାସୀ କୁନି କୁନି ପିଲାଙ୍କୁ ଅଙ୍ଗନବାଡ଼ୀ କେନ୍ଦ୍ରକୁ ଆଣିବାରେ ଏବଂ ଗାଆଁରେ ଶିକ୍ଷାର ଆଲୋକ ଦୀପ୍ତ କରିବାରେ କାର୍ଯ୍ୟ କରିଛନ୍ତି । ଗାଆଁର ଝିଅ ଭାବରେ ପାଠପଢ଼ି, ଶିକ୍ଷକ ତାଲିମ ନେଇ ଏବଂ ଶିକ୍ଷକତା କରି ଗାଆଁରେ ଏକ ଉଦାହରଣ ଭାବରେ ଠିଆ ହୋଇଛନ୍ତି ଏବଂ ଆଦିବାସୀ ଝିଅଙ୍କ ପାଇଁ ଶିକ୍ଷା କ୍ଷେତ୍ରରେ ପ୍ରେରଣାର ଉତ୍ସ ହୋଇପାରିଛନ୍ତି । ଏଥିସହିତ ଗାଆଁରେ ଚିରାଚରିତ ପ୍ରଥା ବିରୁଦ୍ଧରେ ଲଢ଼ି ସାମାଜିକ ପରିବର୍ତ୍ତନ ପାଇଁ ଜାଗରଣ ସୃଷ୍ଟି କରିଛନ୍ତି । ସାବିତ୍ରୀ ସୌରା ଭାଷାରେ ସଂଗୀତ, ନାଟକ, ନୃତ୍ୟ ଇତ୍ୟାଦିରେ ନୂତନ ସ୍ପର୍ଶ ଦେବାରେ ଲାଗିଛନ୍ତି । ନିଜ ଭାଷା ପ୍ରତି କିପରି ଆଗ୍ରହ ବଢ଼ିବ ଏବଂ ସୌରା ଜାତି ମଧ୍ୟରେ ହୀନମନ୍ୟତା ନରହି ଗୌରବରେ ଶିର ଟେକି ନିଜ ଭାଷାକୁ କହିବେ, ଗାଇବେ, ଏଥିପାଇଁ ବରାବର ନିଜର ପ୍ରଚେଷ୍ଟା ଜାରି ରଖିଛନ୍ତି ।

ଆଦିବାସୀ ସଂସ୍କୃତି, ଭାଷା, ସଂଗୀତ ଆଦି କ୍ଷେତ୍ରରେ ସାବିତ୍ରୀ ଶବର ଗଜପତି ଜିଲ୍ଲାରେ ଜଣେ ପରିଚିତ ନାମ । ଗଜପତି ଜିଲ୍ଲାର କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମ କିମ୍ବା ଆଦିବାସୀ ପରମ୍ପରା ନୃତ୍ୟ, ସଂଗୀତ ଇତ୍ୟାଦି ଦରକାର ପଡିଲେ, ସେହି ସମୟରେ ସାବିତ୍ରୀ ଶବରଙ୍କୁ ମନ ପଡ଼େ । ପାରମ୍ପରିକ ସୌରା ଭାଷାରେ ସଂଗୀତ ରଚନା କରିବା, କବିତା ଭାଙ୍ଗିବା, ଆଦିବାସୀ ସଂଗୀତକୁ ନୂତନ ଦିଗ ଦେବା, ପାରମ୍ପରିକ ନୃତ୍ୟରେ ସ୍ୱର ଦେବା ସହିତ ସଂଗୀତ କ୍ଷେତ୍ରରେ ତାଙ୍କର ଦକ୍ଷତା ରହିଛି, ଏହା ସ୍ପଷ୍ଟ ବାରିହୋଇ ପଡ଼େ । ଅନେକ ସମୟରେ ସାବିତ୍ରୀଙ୍କ ଠାରୁ ସୌରା ଭାଷା ଜ୍ଞାନ ପାଇଁ ଅନେକ ବାହାର ଅନୁଷ୍ଠାନ, କର୍ମକର୍ତ୍ତା ସାହାଯ୍ୟ ନେଇଥାନ୍ତି । ସାବିତ୍ରୀ ଏକଦା ସୌରା ଭାଷା ପ୍ରତି ତାଙ୍କର ନୈପୁଣ୍ୟତା ପାଇଁ ଏ.ଟି.ଡ଼ି.ସି.(ଆଦିବାସୀ ଭାଷା ଓ ସଂସ୍କୃତି ପ୍ରତିଷ୍ଠାନ), ଭୁବନେଶ୍ୱରଙ୍କ ତରଫରୁ ରାଜ୍ୟ ସ୍ତରରେ ପୁରସ୍କୃତ ହୋଇଛନ୍ତି । ଯେଉଁ ସମୟରେ ଅନୁକୁଣ୍ଡାଗୁଡ଼ା ଗ୍ରାମରୁ

କୌଣସି ଝିଅ ତୃତୀୟ ଶ୍ରେଣୀଠାରୁ ଅଧିକ ପାଠ ପଢ଼ିନଥିଲେ, ସେହି ସମୟରେ ଆଦିବାସୀ ଝିଅ ସାବିତ୍ରୀ ମ୍ୟାଟ୍ରିକ୍ ପାସ୍ କରିବା ସହିତ ପରବର୍ତ୍ତୀ ସମୟରେ ଶିକ୍ଷକ ତାଲିମ ନେଇ ଶିକ୍ଷକତା ଆରମ୍ଭ କରିଛନ୍ତି । ବର୍ତ୍ତମାନ ସେ କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ଆଶ୍ରମ ସ୍କୁଲରେ ଶିକ୍ଷୟିତ୍ରୀ ଭାବରେ କାର୍ଯ୍ୟରତ । ତାଙ୍କର ବାଲ୍ୟସ୍ମୃତି ଓ ଅନୁଭୂତିରୁ କିଛି ଏଥିରେ ଉପସ୍ଥାପିତ ହୋଇଛି ।

## ପ୍ରାଥମିକ ଶିକ୍ଷା

ସାବିତ୍ରୀ ପ୍ରାଥମିକ ଶିକ୍ଷା ଗାଆଁସ୍କୁଲରେ ପଢ଼ିଥିଲେ । ଗ୍ରାମରେ ସେ ସମୟରେ ପ୍ରଥମରୁ ତୃତୀୟ ପର୍ଯ୍ୟନ୍ତ ଏକ ନିମ୍ନ ପ୍ରାଥମିକ ବିଦ୍ୟାଳୟ ଥିଲା । ସେ ତୃତୀୟ ପର୍ଯ୍ୟନ୍ତ ସେହି ବିଦ୍ୟାଳୟରେ ପଢ଼ିଥିଲେ । ତୃତୀୟ ପାସ୍ କଲାପରେ ଉଚ୍ଚତର ଶିକ୍ଷା ପାଇଁ ସାବିତ୍ରୀଙ୍କୁ ଚନ୍ଦ୍ରଗିରି ଯିବାକୁ ପଡ଼ିଥିଲା ।

ସାବିତ୍ରୀ ଅନୁକୁଣ୍ଡାଗୁଡ଼ା ଗ୍ରାମର ପ୍ରଥମ ଝିଅ, ଯିଏ ତୃତୀୟ ପରେ ପ୍ରଥମ କରି ନିଜ ଗାଆଁରୁ ପାଠ ପଢ଼ିବା ପାଇଁ ଗାଆଁ ବାହାରକୁ ପାଦ ଦେଇଥିଲେ । ଏଥିପାଇଁ ବାପା ଯେତେବେଳେ ଝିଅକୁ ଅଧିକ ପାଠ ପଢ଼େଇବା ପାଇଁ ଚାହିଁଲେ, ସେତେବେଳେ ତାଙ୍କ ମାଆଙ୍କର ଘରର ବଡ଼ଝିଅକୁ ବାହାରକୁ ଛାଡ଼ିବାକୁ ଇଚ୍ଛା ନଥିଲା । ବିଦେଶରେ ରହି ପାଠ ପଢ଼ିବାକୁ ଗାଆଁର ଲୋକେ ଗ୍ରହଣ କରିପାରିନଥିଲେ । ଏଥିପାଇଁ ବାପା, ମାଆଙ୍କୁ ସମାଲୋଚନାର ଶରବ୍ୟ ହେବାକୁ ପଡ଼ିଥିଲା । ସାବିତ୍ରୀଙ୍କ ବାପା ଯେହେତୁ ଜଣେ ଗ୍ରାମର ସମ୍ମାନସ୍ପଦ ବ୍ୟକ୍ତିଥିଲେ, ୱାର୍ଡ଼ମେମ୍ବର ଥିଲେ, ଚେରମୂଳି ଆଦି ଔଷଧ ସମ୍ପର୍କରେ ତାଙ୍କର ଧାରଣା ଥିଲା, ସେହି ଦୃଷ୍ଟିରୁ ଅନେକ କିଛି ନକହି ବାଧ୍ୟ ହୋଇ ଚୁପ୍ ରହିଥିଲେ ।

ଏହି ସମୟରେ ଗଜପତି ଜିଲ୍ଲାରେ କଲ୍ୟାଣ ବିଭାଗର ଏକମାତ୍ର ଛାତ୍ରୀ ଆବାସିକ ଉଚ୍ଚବିଦ୍ୟାଳୟ ଚନ୍ଦ୍ରଗିରିଠାରେ ଥିଲା । ଏଥିରେ ଚତୁର୍ଥ ଶ୍ରେଣୀରୁ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ରହି ପଢ଼ିବାର ବ୍ୟବସ୍ଥା ଥିଲା । ଚନ୍ଦ୍ରଗିରି ଆବାସିକ ବିଦ୍ୟାଳୟରେ ୪ର୍ଥ ଓ ୫ମ ଶ୍ରେଣୀ ପଢ଼ିଲା ପରେ ପୁଣି ପାରଳାଖେମୁଣ୍ଡିସ୍ଥିତ କୃଷ୍ଣଚନ୍ଦ୍ର ଛାତ୍ରୀ ଉଚ୍ଚ ବିଦ୍ୟାଳୟରେ ଷଷ୍ଠ ଓ ସପ୍ତମ ପଢ଼ିଥିଲେ । ହଷ୍ଟେଲ୍‌ରେ ରହିବାରେ ସାବିତ୍ରୀ ଜଣେ ମାତ୍ର ଆଦିବାସୀ ଛାତ୍ରୀ ଥିଲେ ଏବଂ ତାଙ୍କୁ ସରକାରଙ୍କ ତରଫରୁ ମାସିକ ୭୫/- ଟଙ୍କା ଷ୍ଟାଇପେଣ୍ଡ ମିଳୁଥିଲା । ହଷ୍ଟେଲ୍‌ରେ ରହିବା ଓ ଅନ୍ୟାନ୍ୟ ଖର୍ଚ୍ଚ ୭୫ଟଙ୍କାରେ ମେଣ୍ଟେଇବା ସମ୍ଭବ ହେଲାନାହିଁ କିମ୍ବା ଅଧିକ ଖର୍ଚ୍ଚ କରିବା ପାଇଁ ସେ ସମୟରେ ବାପାଙ୍କ କ୍ଷମତା ନଥିଲା । ସାବିତ୍ରୀ ଘରର ବଡ଼

ଝିଅ ଥିଲେ । ଅନ୍ୟ ଭାଇଭଉଣୀ ମଧ୍ୟ ତଳ ଶ୍ରେଣୀରେ ପଢୁଥିଲେ । ଏହିଦୃଷ୍ଟିରୁ ପୁଣି ସାବିତ୍ରୀଙ୍କୁ ସପ୍ତମ ପାସ୍ କଲାପରେ ଅଷ୍ଟମ, ନବମ ଓ ଦଶମ ଶ୍ରେଣୀ ପଢ଼ିବା ପାଇଁ ଚନ୍ଦ୍ରଗିରି ଆଶ୍ରମ ସ୍କୁଲ ଯିବାକୁ ପଡ଼ିଥିଲା ଏବଂ ଚନ୍ଦ୍ରଗିରିରେ ରହି ପରବର୍ତ୍ତୀ ସମୟରେ ପାଠ ପଢ଼ିଥିଲେ ।

## ଶିକ୍ଷା କ୍ଷେତ୍ରରେ ବାପାଙ୍କ ଭୂମିକା

ସାବିତ୍ରୀଙ୍କ ବାପା କିମ୍ବା ମାଆ ସ୍କୁଲ ମାଡ଼ିନାହାଁନ୍ତି । ବାପା ନିଜର ପୁଅଝିଅଙ୍କୁ ପାଠ ପଢ଼ିବା କ୍ଷେତ୍ରରେ ଅନେକ ପ୍ରେରଣା ଦେଉଥିଲେ ଏବଂ ଭୟ ମଧ୍ୟ ଦେଖାଉଥିଲେ । ସାବିତ୍ରୀ ନିଜର ଜେଜେବାପାଙ୍କ ବିଷୟରେ କହନ୍ତି, " ଆମର ଜେଜେବାପା ଗୋଟିଏ ବେତ ଧରି ସଦାବେଳେ ସ୍କୁଲକୁ ଆମେ ଯାଇଛୁ କି ନାହିଁ ସ୍କୁଲକୁ ଯାଇ ତଦାରଖ କରୁଥିଲେ । ଯଦି ଆମେ କୌଣସି ଦିନ ସାଙ୍ଗସହ ବାହାରକୁ ବୁଲି ପଳେଇ ଯାଉଥିଲୁ, ସେଦିନ ଆମକୁ ବେତମାଡ଼ ଖାଇବାକୁ ପଡୁଥିଲା । ଏହି ଭୟରେ ଆମେ ବିଦ୍ୟାଳୟକୁ ସବୁବେଳେ ଯାଉଥିଲୁ ।''

ସାବ୍ରିତୀ ନିଜର ବାପାଙ୍କ ବିଷୟରେ କହନ୍ତି ଯେ, "ବାପା ଗାଆଁର ମୁଖିଆ ଲୋକ ଥିଲେ । ସେ ୱାର୍ଡ଼ମେମ୍ବର ମଧ୍ୟ ଥିଲେ । ବାପାଙ୍କୁ ଗାଆଁର ସମସ୍ତେ ମାନୁଥିଲେ । ସେ ନିୟମରେ ଚଳୁଥିଲେ, ଗାଆଁର ଭଲମନ୍ଦ ବୁଝୁଥିଲେ ଏବଂ ଗାଆଁର କୌଣସି ଅସୁବିଧା, ଗଣ୍ଡଗୋଳ ହେଲେ ସେ ସମାଧାନ କରୁଥିଲେ । ସେ ବିଦ୍ୟାଳୟ ମାଡ଼ିନଥିଲେ କିନ୍ତୁ ତାଙ୍କର ଅନେକ ବିଷୟରେ ଅସାଧାରଣ ଜ୍ଞାନ ଥିଲା । ସେ ଚେରମୁଳୀ ଔଷଧ ସମ୍ପର୍କରେ, ଜାତକ ସମ୍ପର୍କରେ ଅଧିକ ଜାଣିଥିଲେ ଏବଂ ଗାଆଁର ଓ ଆଖପାଖ ଗାଆଁର ଲୋକମାନେ ତାଙ୍କ ପାଖକୁ ବୁଝିବା ପାଇଁ ଆସୁଥିଲେ । ଏତଦ୍‌ବ୍ୟତୀତ ବାପା କୁକୁର କାମୁଡ଼ା, ସାପ କାମୁଡ଼ା, ବିଛା କାମୁଡ଼ା ଆଦି ଭଲ କରୁଥିଲେ ।

କେଉଁ ଜାଗାରେ ଖୋଳିଲେ ପାଣି ବାହାରିବ, ଏ ବିଷୟରେ ବାପାଙ୍କର ଜ୍ଞାନ ଭଲ ଥିଲା । ଏକଦା ବାପାଙ୍କୁ ପାରଳା ମହାରାଜ କୃଷ୍ଣଚନ୍ଦ୍ର ଗଜପତି ତାଙ୍କର ଦକ୍ଷତା ବିଷୟରେ ଶୁଣି ତାଙ୍କୁ ରାଜ ଦରବାରକୁ ଡକାଇଥିଲେ । ସେ ବାପାଙ୍କ ସହ ଅନ୍ୟ ଜଣେ ପଣ୍ଡିତଙ୍କୁ ମଧ୍ୟ ଡକାଇଥିଲେ । ସେ ଦୁହିଁଙ୍କୁ କେଉଁ ଜାଗାରେ ଗାତ ଖୋଳିଲେ ପାଣି ବାହାରିବ, ତାହା ଜଣାଇବା ପାଇଁ କହିଥିଲେ । ବାପା ଯେଉଁ ସ୍ଥାନ ବାଛିଥିଲେ, ସେହି ସ୍ଥାନରେ ପାଣି ବାହାରିଥିଲା ଏବଂ ଅନ୍ୟ ଯେଉଁ ପଣ୍ଡିତ ସ୍ଥାନ ଦେଖାଇଥିଲେ, ତାଙ୍କ ନିର୍ବାଚିତ ସ୍ଥାନରେ ପାଣି ବାହାରି ନଥିଲା । ଗଜପତି ମହାରାଜ ବାପାଙ୍କ ପ୍ରଶଂସା କରିବା ସହିତ ବାପାଙ୍କୁ ସମ୍ମାନର ସହ କିଛି ମୁଦ୍ରା

ଦେବା ସହିତ ନିଜ ମଟରଗାଡ଼ିରେ ଆଣି ଘରେ ଛାଡ଼ିବାର ବ୍ୟବସ୍ଥା କରିଥିଲେ ।''

## ସଂଗୀତ ଓ ନାଚ ପ୍ରତି ଆଗ୍ରହ

ସାବିତ୍ରୀଙ୍କ ପିଲାଟି ଦିନରୁ ସଂଗୀତ ଓ ନାଚ ପ୍ରତି ଆଗ୍ରହ ଥିଲା । ପାରଳାଖେମୁଣ୍ଡି ସ୍ଥିତ ମହିଳା ଉଚ୍ଚବିଦ୍ୟାଳୟରେ ଷଷ୍ଠ ଓ ସପ୍ତମ ପଢ଼ିବା ବେଳେ ହଷ୍ଟେଲରେ ରହିବାରେ ସାବିତ୍ରୀ ଜଣେମାତ୍ର ଆଦିବାସୀ ଝିଅ ହଷ୍ଟେଲ୍‌ରେ ରହି ପାଠପଢ଼ୁଥିଲେ । ପାରଳାଖେମୁଣ୍ଡିରେ ରହିବା ଦ୍ୱାରା ସାବିତ୍ରୀଙ୍କ ଜାଣିବାର ପରିସର ବୃଦ୍ଧି ପାଇଲା ଏବଂ ଅନେକ ବିଷୟରେ ସେ ଜାଣିବାକୁ ପାଇଲେ । ସେତେବେଳେ ଗଣେଶ ପୂଜା, ସରସ୍ୱତୀ ପୂଜା, ଦଶହରା, ବାହାଘର ସମୟରେ ରେକର୍ଡ଼ ବାଜୁଥାଏ । ସାବିତ୍ରୀ କହନ୍ତି, "ମୁଁ ଯେଉଁଠି ରେକର୍ଡ଼ ବାଜୁଥାଏ, ମନଧ୍ୟାନ ଦେଇ ଆଗ୍ରହରେ ଶୁଣୁଥିଲି ଏବଂ ନିରୋଳାରେ ଗୁଣୁଗୁଣୁ ହୋଇ ଗାଉଥାଏ ।''

ସାବିତ୍ରୀଙ୍କ ପ୍ରଥମ ସଂଗୀତ ପ୍ରତିଯୋଗିତାର ମୂଳଦୂଆ ସମ୍ପର୍କରେ କହନ୍ତି ଯେ, "ଏକଦା ଆମ ସ୍କୁଲରେ ସଂଗୀତ ଓ ନାଚ ପ୍ରତିଯୋଗିତା ହେଉଥାଏ । ମୁଁ ଅତ୍ୟନ୍ତ ଲାଜକୁଳା ଥିଲି । ମୁଁ ମୋର ନାମ ପ୍ରତିଯୋଗିତା ପାଇଁ ଦେଇନଥିଲି । ଅନ୍ୟ ସହପାଠୀମାନେ ମୋ ନାମ ଦେଇଥିଲେ । ଫଳରେ ମୁଁ ସଂଗୀତ ପ୍ରତିଯୋଗିତାରେ ଭାଗ ନେବାକୁ ବାଧ୍ୟ ହେଲି । ଏଥିରେ ମୁଁ ପ୍ରଥମ ହୋଇଥିଲି । ଏହା ପରଠାରୁ ମୋର ସଂଗୀତ ପ୍ରତି ଅହେତୁକ ଆଗ୍ରହ ସୃଷ୍ଟି ହେଲା । ଏଥିସହିତ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମଧ୍ୟ ଗୀତ ଓ ନାଚରେ ମୁଁ ପ୍ରଥମ ଏବଂ ବେଶ୍ ପ୍ରଶଂସିତ ହୋଇଥିଲି ।''

ସାବିତ୍ରୀଙ୍କ ସ୍କୁଲ ପଢ଼ିବା ସମୟରେ ପ୍ରତୀମା ସେନ୍‌ଗୁପ୍ତା ନାମକ ଜଣେ ବଙ୍ଗାଳୀ ପ୍ରଧାନ ଶିକ୍ଷୟିତ୍ରୀ ଥିଲେ । ସେ ସବୁ ସମୟରେ ସାବିତ୍ରୀଙ୍କ ପାଠପଢ଼ା ପ୍ରତି ତୀକ୍ଷ୍ଣ ନଜର ରଖୁଥିଲେ । ସେ ସବୁବେଳେ ସତର୍କ କରି ଦେଉଥିଲେ, ଭଲ ପାଠପଢ଼ିବୁ ତ ପଢ଼ିବୁ ନ ହେଲେ ତତେ ଷ୍ଟାଇପେଣ୍ଡ ଯେତେ ନେଇଛୁ, ସେତିକ ଫେରେଇବାକୁ ପଡ଼ିବ । ଏଥିରେ ସାବିତ୍ରୀ ବେଶ୍ ଚିନ୍ତିତ ଥିଲେ ଏବଂ ବାପାଙ୍କ ଆର୍ଥିକ ଅବସ୍ଥାକୁ ଦେଖି ବାଧ୍ୟବାଧକତାରେ ପ୍ରାଣପଣେ ପଢ଼ା କ୍ଷେତ୍ରରେ ଅଧିକ ନଜର ଦେଉଥିଲେ ।

ଥରେ ପାରଳାଖେମୁଣ୍ଡିର ଟାଉନ୍ ହଲ୍‌ଠାରେ ଏକ ଫ୍ୟାନ୍‌ସୀ ଡ୍ରେସ୍ ପ୍ରତିଯୋଗିତା ହେଉଥିଲା । ଏଥିରେ ସାବିତ୍ରୀଙ୍କୁ ଭାଗ ନେବାକୁ ପଡ଼ିଥିଲା । ନିଜ ଅନୁଭବ ସମ୍ପର୍କରେ କହନ୍ତି, "ଏହି ପ୍ରତିଯୋଗିତାରେ କିଏ ଡାକ୍ତର, କିଏ ଶିକ୍ଷକ,

କିଏ ପୋଲିସ, କିଏ କ'ଣ କେଉଁ ଭଳି ବେଶ ଏବଂ ଅଭିନୟ କରିଥିଲେ । ମୁଁ ଏଥିରେ ଜଣେ ଗାଆଁର ମଳିମୁଣ୍ଡିଆ ଆଦିବାସୀ ମହିଳା ଭାବରେ ଅଭିନୟ କରିଥିଲି ଏବଂ ମୋର ନିଜସ୍ୱ ସୌରା ଭାଷାରେ ଗୀତ ଭାଙ୍ଗି ଗୀତ ଗାଇଥିଲି ଏବଂ ଡାଇଲଗ୍ କହିଥିଲି । ଏହି ପ୍ରତିଯୋଗିତାରେ ମୁଁ ପ୍ରଥମ ହୋଇଥିଲି ଏବଂ ମୋର ଭୂମିକା, ଆକ୍ସନ୍ ଏବଂ ସଂଗୀତକୁ ବେଶ୍ ପ୍ରଶଂସା ମିଳିଥିଲା । ''

ସାବିତ୍ରୀଙ୍କ ନାଚ ଗୀତ ସହିତ ଅନ୍ୟାନ୍ୟ ବିଭାଗରେ ମଧ୍ୟ ଭାଗ ନେଉଥିଲେ । ଷଷ୍ଠ ଓ ସପ୍ତମ ପଢ଼ିଲାବେଳେ ରେଡ଼୍କ୍ରସ୍, ଏନ.ସି.ସି.ରେ ମିଶିଥିଲେ । ସ୍କୁଲର ନିର୍ମଳା ଦିଦିଙ୍କର ସାବିତ୍ରୀ ଜଣେ ଆଦିବାସୀ ହୋଇଥିବାରୁ ଅନୁକମ୍ପା ରହୁଥିଲା । ଷଷ୍ଠରେ ରେଡ଼୍କ୍ରସ୍‌ରେ ମିଶିଥିବା ବେଳେ ସପ୍ତମରେ ଏନ୍.ସି.ସି.ରେ ମିଶିଥିଲେ ଏବଂ ଏନ୍.ସି.ସି.ର କମାଣ୍ଡର ହୋଇଥିଲେ । ପୁରୀରେ ଏକ ରାଜ୍ୟସ୍ତରୀୟ ଏନ୍.ସି.ସି. ଶିବିରରେ ଭାଗ ନେଇ ନାଚ, ଅଭିନୟ ଆଦିରେ ପ୍ରଶଂସିତ ହୋଇଥିବା ବେଳେ ଫାୟାରିଂରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ ।

ଏହାପରେ ଆର୍ଥିକ ସ୍ୱଚ୍ଛଳତା ନଥିବାରୁ ସାବିତ୍ରୀଙ୍କୁ ପୁଣି ଚନ୍ଦ୍ରଗିରି ଆଶ୍ରମ ସ୍କୁଲକୁ ଫେରିବାକୁ ପଡ଼ିଲା । ଅଷ୍ଟମ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସେଠାରେ ଆଶ୍ରମ ସ୍କୁଲରେ ରହି ପଢ଼ିଲେ । ସେ ସମୟରେ ଚନ୍ଦ୍ରଗିରି ଆଶ୍ରମ ସ୍କୁଲର କ୍ଲାସିକାଲ୍ ଶିକ୍ଷୟିତ୍ରୀ ମୋଳ ନାୟକଙ୍କ ସଂସ୍ପର୍ଶରେ ଆସି ସଂଗୀତ ଏବଂ ନାଚ ଦିଗରେ ଅଧିକ ପାରଦର୍ଶିତା ଲାଭ କଲେ ।

ଏକଦା 'ସନ୍ଧ୍ୟାତାରା' ବୋଲି ଏକ ଅପେରା ପାର୍ଟି ତରଫରୁ ଅପେରା ହେଉଥିଲା । ଏହି ଅପେରାରେ ଯିଏ ଗୀତ ଗାଉଥିଲେ, ତାଙ୍କର ଦେହଖରାପ ହୋଇଗଲା । ଏହି ସମୟରେ ଅପେରା ପାର୍ଟି ତରଫରୁ କିଏ ଭଲ ସଂଗୀତ ଗାଉଛନ୍ତି, ଖୋଜା ପଡ଼ିଲା । ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସାବ୍ରିତୀଙ୍କ ନାମ ପ୍ରସ୍ତାବ ଦେଲେ ଏବଂ ସେ ଅପେରା ନିର୍ଦ୍ଦେଶକଙ୍କ ପାଖରେ ଟ୍ରାଏଲ୍ ଦେଲେ । ଏହି ଅପେରାରେ କେଉଁଠି କ'ଣ ଗୀତ ଗାଇବାର ଥିଲା, ସେହି କାର୍ଯ୍ୟଟିକୁ ଠିକ୍ ଭାବରେ ସାବିତ୍ରୀ କରିଥିବାରୁ ଅପେରା ପାର୍ଟି ତରଫରୁ ଆଶ୍ଚର୍ଯ୍ୟ ହୋଇଥିଲେ ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଅପେରା ଦେଖିବା ପାଇଁ ଆସିଥିଲେ, ଏବଂ ସାବିତ୍ରୀଙ୍କୁ ବହୁତ ପ୍ରଶଂସା କରିଥିଲେ ।

## ଅଙ୍ଗନବାଡ଼ୀ କେନ୍ଦ୍ରରେ ପିଲାଙ୍କ ସହ କିଛିଦିନ

ସାବିତ୍ରୀ ୧୯୮୩ ମସିହାରେ ମାଟ୍ରିକ୍ ପାସ୍ କରିଥିଲେ । ଏହି ସମୟରେ ସି.ଡ଼ି.ପି.ଓ ଥରେ ଅନୁକୁଣ୍ଡାଗୁଡ଼ାକୁ ଆସିଥିଲେ । ସେ ଅନୁସନ୍ଧାନ କରି ଜାଣିବାକୁ ପାଇଲେ ଯେ ଗ୍ରାମରେ ଜଣେ ମାଟ୍ରିକ ପର୍ଯ୍ୟନ୍ତ ପଢ଼ିଥିବା ଝିଅ ଅଛି । ସେ ତାଙ୍କ ବାପାଙ୍କୁ ଭେଟି ତାଙ୍କ ଗ୍ରାମରେ ଅଙ୍ଗନବାଡ଼ୀ କେନ୍ଦ୍ରଟିଏ ଖୋଲିବା ଏବଂ ଅଙ୍ଗନବାଡ଼ୀ କର୍ମୀ ଭାବରେ ନିଯୁକ୍ତି ଦେବା ପାଇଁ ପ୍ରସ୍ତାବ ଦେଲେ । ଏହି ସମୟରେ ମାଟ୍ରିକ୍ ପରୀକ୍ଷାର ଫଳ ବାହାରିନଥିଲା । ଅଙ୍ଗନବାଡ଼ୀ କର୍ମୀ ହିସାବରେ ନିଯୁକ୍ତି ପାଇବାର ଏକମାସ ମଧ୍ୟରେ ସମ୍ବଲପୁରର ବରପାଲିଠାରେ ୪ମାସ ପାଇଁ ତାଲିମ ନେବାପାଇଁ ସାବିତ୍ରୀଙ୍କୁ ଯିବାକୁ ପଡ଼ିଥିଲା ।

ତାଲିମ ନେଇ ଆସିବା ପରେ ନିଜ ଦାଣ୍ଡଦ୍ୱାରରେ ଅଙ୍ଗନବାଡ଼ି କେନ୍ଦ୍ର ଆରମ୍ଭ କଲେ । ପ୍ରଥମେ ଗ୍ରାମର ସମସ୍ତଙ୍କ ଘରକୁ ଯାଇ ପିଲାମାନଙ୍କୁ ଅଙ୍ଗନବାଡ଼ୀ କେନ୍ଦ୍ରକୁ ପଠେଇବା ପାଇଁ ବୁଝାଇଲେ । ଅଙ୍ଗନବାଡ଼ୀ କେନ୍ଦ୍ରରେ ସକାଳ ୭ରୁ ୯ଟା ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଚାଲେ । ପ୍ରଥମେ ପ୍ରଥମେ ସେ ସମୟରେ କମ୍ ପିଲା ଆସିଲେ, ଏବଂ ଏକ ମାସ ମଧ୍ୟରେ ଗ୍ରାମର ୩ରୁ ୬ ବର୍ଷର ସବୁପିଲା ଅଙ୍ଗନବାଡ଼ୀ କେନ୍ଦ୍ରକୁ ଆସିଲେ । ଏଥିପାଇଁ ସାବିତ୍ରୀଙ୍କୁ ଘର ଘର ବୁଲି ବୁଝେଇବା ସହ ସକାଳୁ ପ୍ରଥମେ ଯେଉଁ ପିଲାମାନେ କେନ୍ଦ୍ରକୁ ଆସୁଥିଲେ, ସେମାନଙ୍କୁ ସାଥୀରେ ଧରି ଯେଉଁ ପରିବାରରେ ଛୋଟ ଶିଶୁ ଅଛନ୍ତି, ସେମାନଙ୍କୁ ଡାକିବା ପାଇଁ ଯାଉଥିଲେ । ଅନ୍ୟ ସାଙ୍ଗ ପିଲାମାନଙ୍କୁ ଦେଖି ଉତ୍ସାହର ସହ ଗ୍ରାମର ପ୍ରାୟ ସମସ୍ତ ଶିଶୁ ଅଙ୍ଗନବାଡ଼ୀ କେନ୍ଦ୍ରକୁ ଆସିଲେ । ସଙ୍ଗୀତ, ନାଚରେ ଦକ୍ଷତା ଥିବାରୁ ସେ ପିଲାଙ୍କୁ ବିଭିନ୍ନ ଖେଳ ମାଧ୍ୟମରେ ଖେଳେଇବା ସହିତ ଅନ୍ୟାନ୍ୟ କାର୍ଯ୍ୟକ୍ରମ କରାଇଲେ । ଏହାଦ୍ୱାର ପିଲାଙ୍କ ମନରେ ଅଙ୍ଗନବାଡ଼ୀ କେନ୍ଦ୍ର ପ୍ରତି ଆକର୍ଷଣ ବଢ଼ିବା ସହ ଗାଆଁର ପାଠୁଆ ଝିଅ ପାଖକୁ ଗ୍ରାମବାସୀମାନେ ନିଜନିଜର ପିଲାମାନଙ୍କୁ ପଠାଇଲେ । ଗାଆଁରେ ଶିକ୍ଷା କ୍ଷେତ୍ରରେ ଏକ ନୂତନ ପରିବର୍ତ୍ତନ ଆସିଲା ।

## ଶିକ୍ଷକ ତାଲିମ

ଇତି ମଧ୍ୟରେ ସାବିତ୍ରୀ ଶିକ୍ଷକ ତାଲିମ ପାଇଁ ଦରଖାସ୍ତ କରିଥିଲେ । ସାବିତ୍ରୀଙ୍କର ଇଚ୍ଛା ଥିଲା, କଲେଜରେ ପଢ଼ିବା ପାଇଁ । କିନ୍ତୁ ସେ ସମୟରେ ପରିବାରର ଆର୍ଥିକ ପରିସ୍ଥିତି ତାଙ୍କ ପାଇଁ ଏହି କ୍ଷେତ୍ରରେ ଅନ୍ତରାୟ ହୋଇଥିଲା । ସାବିତ୍ରୀଙ୍କୁ ଜଣେ ଶିକ୍ଷୟିତ୍ରୀ ଭାବରେ ଦେଖିବା ବାପାଙ୍କ ଇଚ୍ଛା ଥିଲା । ଗ୍ରାମକୁ

ଯେଉଁ ବାହାର ସରକାରୀ କିମ୍ବା ଅନ୍ୟ ଭଦ୍ର ବ୍ୟକ୍ତି ଆସୁଥିଲେ, ସେମାନେ ବାପାଙ୍କୁ ଝିଅକୁ ପାଠ ପଢ଼େଇ ସି.ଟି. ଟ୍ରେନିଂ ନେବା ପାଇଁ କହୁଥିଲେ । ଫଳରେ ବାପାଙ୍କ ମନରେ ସାବିତ୍ରୀଙ୍କୁ ଶିକ୍ଷକ ତାଲିମ ପାଇଁ ପଠାଇବାର ଇଚ୍ଛା ଥିଲା । ସାବିତ୍ରୀଙ୍କ ବାପା ପ୍ରସ୍ତାବ ଦେଲେ, "ଝିଅ ତୁ ପ୍ରଥମେ କିଛି ରୋଜଗାର କରିବା ପାଇଁ ପଢ଼ । ତା'ପରେ ତୁ କିଛି ରୋଜଗାର କରିବା ପରେ ଚାହିଁଲେ ଅଧିକ ପାଠ ପଢ଼ିପାରିବୁ ।''

ଶିକ୍ଷକ ତାଲିମ ପାଇଁ ସିଲେକ୍‌ସନ ହୋଇ ତାଲିମରେ ଯୋଗ ଦେବା ସହ, ଅଙ୍ଗନବାଡ଼ୀ କର୍ମୀ ଭାବରେ ମଧ୍ୟ ସାବିତ୍ରୀଙ୍କୁ କାମ କରିବାକୁ ପଡ଼ିଲା । ସାବିତ୍ରୀ ସେ ପରିସ୍ଥିତି ସମ୍ପର୍କରେ କହନ୍ତି ଯେ, "ମୁଁ ଯେତେବେଳେ ଶିକ୍ଷକ ତାଲିମ ପାଇଁ ଚିଠି ପାଇଲି, ସେତେବେଳେ ସି.ଡ଼ି.ପି.ଓଙ୍କୁ ଅଙ୍ଗନବାଡ଼ୀ କର୍ମୀ ଭାବରେ କାର୍ଯ୍ୟ କରିବା ସମ୍ଭବପର ନୁହେଁ ବୋଲି କହିଥିଲି । ସି.ଡ଼ି.ପି.ଓ କହିଥିଲେ, " ସାବିତ୍ରୀ, ତୋ' ପାଇଁ ଯେଉଁ ଗାଆଁରେ ପରିବର୍ତ୍ତନ ଆସିଛି, ତାହା ମୁଁ ଦେଖି ବେଶ୍ ଆନନ୍ଦିତ । ଏହିଦୃଷ୍ଟିରୁ ତୁ ଅଙ୍ଗନବାଡ଼ୀ କେନ୍ଦ୍ର ଚଳେଇବା ସହ ଶିକ୍ଷକ ତାଲିମ ନେବୁ, ତୋତେ ଅଙ୍ଗନବାଡ଼ୀ କର୍ମୀରୁ ମୁଁ ଛାଡ଼ିପାରିବି ନାହିଁ ।'' ଏହିଦୃଷ୍ଟିରୁ ମୋତେ ଶିକ୍ଷକ ତାଲିମ ସହ ଅଙ୍ଗନବାଡ଼ୀ କର୍ମୀ ଭାବରେ କାର୍ଯ୍ୟ କରିବାକୁ ପଡ଼ିଲା । ଏଥିପାଇଁ ସକାଳ ୭ ରୁ ୯ ପର୍ଯ୍ୟନ୍ତ ଅଙ୍ଗନବାଡ଼ୀ କେନ୍ଦ୍ର ପରିଚାଳନା କରିବା ସହିତ ସଙ୍ଗେ ସଙ୍ଗେ ଅନୁକୁଣ୍ଡାଗୁଡ଼ାରୁ ପାରଳାଖେମୁଣ୍ଡି ଯିବାକୁ ପଡୁଥିଲା । ଶିକ୍ଷକ ତାଲିମ କେନ୍ଦ୍ରରେ ସି.ଟି. ତାଲିମ ଗ୍ରହଣ କରିବା ବେଳେ ମଧ୍ୟ ମୁଁ ଜଣେ ମାତ୍ର ଆଦିବାସୀ ଝିଅ ଶିକ୍ଷକ ତାଲିମ ନେଉଥିଲି । ଅନୁକୁଣ୍ଡାଗୁଡ଼ାରୁ ପାରଳାଖେମୁଣ୍ଡି ଯିବା ପାଇଁ ଠିକ୍ ଭାବରେ ଗାଡ଼ିପତ୍ରର ଯୋଗାଯୋଗ ନଥିବାରୁ ଅଧିକାଂଶ ସମୟରେ ପ୍ରାୟ ୭ ରୁ ୮ କି.ମି. ଚାଲିଚାଲି କିମ୍ବା ପରିବାରର ଛୋଟଭାଇ ଭଉଣୀଙ୍କ ସାଇକଲ୍‌ରେ କିଛି ବାଟ ଯିବା ପରେ ପୁଣି ଚାଲି ଯିବାକୁ ପଡୁଥିଲା ଏବଂ ପ୍ରଥମେ ପ୍ରଥମେ ବିଳମ୍ବ ହେଉଥିବାରୁ ଗୁରୁକେନ୍ଦ୍ରର ଶିକ୍ଷକଙ୍କଠୁ ମଧ୍ୟ ତାଗିଦ୍ ଶୁଣିବାକୁ ପଡୁଥିଲା । କିଛି ମାସ ଅସୁବିଧା ପରେ ମୁଁ ଠିକ୍ ସମୟରେ ସ୍କୁଲରେ ପହଞ୍ଚିଲି । ଗୁରୁତାଲିମର ଦ୍ୱିତୀୟ ବର୍ଷ ବେଳକୁ ମୁଁ ଅଙ୍ଗନବାଡ଼ୀ କେନ୍ଦ୍ର ଛାଡ଼ି ପାରଳାଖେମୁଣ୍ଡିଠାରେ ରହି ପାଠପଢ଼ିଲି ଏବଂ କୃତିତ୍ୱର ସହିତ ତାଲିମ ଶେଷ କଲି ।''

## ଗାଆଁ ଲୋକଙ୍କ ସହ ସହଭାଗିତା

ସାବିତ୍ରୀ ୧୯୯୨ରୁ ମସିହାରୁ ୨୦୦୦ ମସିହା ପର୍ଯ୍ୟନ୍ତ ନିଜ ଗାଆଁସ୍କୁଲରେ ଶିକ୍ଷକତା କରୁଥିଲେ । ସେହି ସମ୍ପର୍କରେ କହନ୍ତି ଯେ, "ଗାଆଁରେ ମୁଁ ତୃତୀୟ

ପଢ଼ିଲା ପରେ ଆଉ ମୋତେ ବେଶି ସମୟ ଗାଆଁରେ ପୂର୍ବରୁ ରହିବାକୁ ମିଳୁନଥିଲା । ଯେତେବେଳେ ଗାଆଁ ସ୍କୁଲକୁ ବଦଳି ହୋଇ ଆସିଲି, ସେତେବେଳେ ମୁଁ ଅନେକ ବିଦ୍ୟାଳୟରେ ପାଠପଢ଼ା ସହ ଗାଆଁର ଲୋକଙ୍କ ସୁବିଧା ଅସୁବିଧାରେ ଭାଗ ନେଲି ।''

ସାବିତ୍ରୀ କିଛିଦିନ ଅଙ୍ଗନବାଡ଼ୀ କର୍ମୀ ଭାବରେ ପିଲାଙ୍କ ସ୍ୱାସ୍ଥ୍ୟର ଯତ୍ନ ନେବା, ସଫାସୁତୁରା ରଖିବା, ପିଲାଙ୍କୁ ନେଇ ଗୀତ ଗାଇବା, ଖେଳାଇବା, ନାଚ ଶିଖାଇବା ଆଦି କାର୍ଯ୍ୟ କରୁଥିଲେ । ଯେତେବେଳେ ଗାଆଁରେ ଶିକ୍ଷକତା କଲେ, ସେହି ସମୟରେ ଗାଆଁରେ ଥିବା ଅନେକ ଅନ୍ଧବିଶ୍ୱାସ, ଗୁଣିଗାରେଡ଼ୀ ଉପରେ ବିଶ୍ୱାସ ଚଳିଆସୁଥିବା ବିଷୟଗୁଡ଼ିକକୁ ସେ ଅନୁଭବ କଲେ । ଏଥିସହିତ ପୁଚୁଣା (ଦେବତା ଲାଗିବା) ଆଦି ଉପରେ ଗ୍ରାମବାସୀ ବିଶ୍ୱାସ ରଖୁଥିଲେ । ଏଥିପାଇଁ କୁକୁଡ଼ା, ଘୁଷୁରୀ, ଛେଳି, ଆଦି ବଳି ଦେଲେ ସବୁ ଠିକ୍ ହୋଇଯିବ ବୋଲି ବିଶ୍ୱାସ ରହୁଥିଲା । ଏହାଦ୍ୱାରା ବେଳେ ବେଳେ ଅନେକ ଛୋଟ ଛୋଟ ଶିଶୁ ମଧ୍ୟ ମୁର୍ମୂଷୁ ଅବସ୍ଥାରେ ରହୁଥିଲେ, ଏବଂ ମରିଯାଉଥିଲେ । ସାବିତ୍ରୀ କେତେଥର ଛୋଟ ଛୁଆଙ୍କୁ ମୁର୍ମୂଷ ଅବସ୍ଥାରେ ନିଜେ ଧରି ପାରଳାଖେମୁଣ୍ଡି ନେଇ ଭଲ କରି ନେଇ ଆସିଛନ୍ତି। ଏଥିସହିତ ଅନେକ ସମୟରେ ଛୁଆ ଜନ୍ମ କରିବା ସମୟରେ ମାଆମାନେ ଅନେକ ଅସୁବିଧା ଭୋଗ କରୁଥିଲେ ଏବଂ ସାବିତ୍ରୀ ଜବରଦସ୍ତ ସେମାନଙ୍କୁ ପାରଳାଖେମୁଣ୍ଡି ସ୍ଥିତ ଡାକ୍ତରଖାନା ନେଇ ଯାଇଛି ଏବଂ ଠିକ୍ ଭାବରେ ପ୍ରସବ କରେଇ ଆଣିଛନ୍ତି । ପ୍ରଥମେ ପ୍ରଥମେ ନେବା ବେଳେ ସେମାନଙ୍କ ଘର ଲୋକଠାରୁ ଠାରୁ ପ୍ରତିରୋଧ ହୋଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଭଲ ହୋଇ ଆସିବା ପରେ ସାବିତ୍ରୀଙ୍କୁ ଗାଆଁ ଲୋକେ ବେଶ୍ ପ୍ରଶଂସା କରିଛନ୍ତି । ଏଥିସହିତ ସାବିତ୍ରୀଙ୍କୁ କହିଛନ୍ତି, "ତୁ ସିନା ପାଠପଢ଼ିଛୁ, ବିଦେଶ ଯାଇଛୁ, ସବୁ ବିଷୟ ଜାଣିଛୁ ବୋଲି ଏତିକି ଆମକୁ ସାହାଯ୍ୟ କରିପାରିଛୁ । ଆମେ ତ ପାଠ ପଢ଼ିନୁ, ଭୟ ରହୁଛି, କେଉଁଠି କ'ଣ ହେଉଛି, ଜାଣିପାରିନୁ, ସେଥିପାଇଁ ଡାକ୍ତରଖାନା ନେଇପାରୁନୁ ।'' ବର୍ତ୍ତମାନ ଗାଆଁଲୋକେ ଅସୁବିଧା ପଡ଼ିଲାବେଳେ ବେଳେ ଡାକ୍ତରଖାନା ଯାଉଛନ୍ତି ।

ସାବିତ୍ରୀ ଗାଆଁରେ ମଦ ବନ୍ଦ ପାଇଁ ମଧ୍ୟ ଚେଷ୍ଟା କରିଛନ୍ତି । ଗାଆଁରେ ରହୁଥିବା ବେଳେ ମହିଳାମାନଙ୍କୁ ନେଇ ଏକଜୁଟ କରି ମଦ ବିରୋଧରେ କାମ କରିଥିଲେ । ଏଥିପାଇଁ ସେ ସମୟରେ ମହିଳାମାନଙ୍କ ତରଫରୁ ମଦବିକ୍ରୀ ପାଇଁ ସୁଣ୍ଡିମାନଙ୍କୁ ଗାଆଁକୁ ଆସିବାକୁ ବାରଣ କରାଯାଇଥିଲା । ଗାଆଁଲୋକଙ୍କୁ ଏକତ୍ରିତ

କରି ମଦ ଦ୍ୱାରା କ'ଣ କ'ଣ ଅସୁବିଧା ସୃଷ୍ଟି ହେଉଛି, ବୁଝାଉଥିଲେ । ସେହି ସମୟରେ କେତେକ କ୍ଷେତ୍ରରେ ମହିଳା ସଂଗଠିତ ହୋଇ ମଦ ପୋଚ ଭଙ୍ଗା ଯାଇଛି । ମଦ ପିଇବା ଲୋକଙ୍କୁ ଶାସ୍ତି ମଧ୍ୟ ଦିଆଯାଇଥିଲା । କିନ୍ତ ସାବିତ୍ରୀ ଗୁମ୍ମା ସ୍କୁଲକୁ ବଦଳି ହୋଇଯିବା ପରେ ଏହା ଆସ୍ତେ ଆସ୍ତେ ଥମି ଗଲା । "ବର୍ତ୍ତମାନ ଗାଆଁରେ ମଦ ପିଇ କେତେକ ଗଡୁଛନ୍ତି, ଦେଖିଲେ ଦୁଃଖ ଲାଗୁଛି ! ଗାଆଁରେ ସଚେତନତା, ନେତୃତ୍ୱର ଅଭାବରୁ ଏପରି ହେଉଥିବା ଅନୁଭବ କରୁଛି '' ବୋଲି ସାବିତ୍ରୀ ଦୁଃଖରେ କହନ୍ତି ।

ସାବିତ୍ରୀଙ୍କୁ ଅନୁଗୁଣ୍ଡାଗୁଡ଼ାର ଆଲୋକବର୍ତ୍ତିକା କହିଲେ ଅତ୍ୟୁକ୍ତି ହେବ ନାହିଁ । ଜଣେ ଆଦିବାସୀ ଝିଅ, ଯେଉଁଠି ଏ ପର୍ଯ୍ୟନ୍ତ କୌଣସି ଝିଅ ସପ୍ତମରୁ ଅଧିକ ପାଠ ପଢ଼ିନାହାନ୍ତି, ଅଶୀ ଦଶକରେ ଗ୍ରାମ ବାହାରକୁ ଯାଇ ହାଇସ୍କୁଲ ପର୍ଯ୍ୟନ୍ତ ପଢ଼ି ବର୍ତ୍ତମାନ ଶିକ୍ଷକତା କରିବା କମ୍ ପାରିବାର ପଣିଆ ନୁହେଁ ।

*ଜାନୁୟାରୀ, ୨୦୦୬*

□□□

## ବାଟ ଚାଲି ରାସ୍ତା ତିଆରି କରିବାରେ ଯେ ବିଶ୍ୱାସ ରଖନ୍ତି :

# ଶିକ୍ଷକ ଶ୍ରୀଯୁକ୍ତ ଉମାକାନ୍ତ ପଣ୍ଡାଙ୍କ ଜୀବନରୁ କିଛି...

ପ୍ରାଥମିକ ଶିକ୍ଷା ଉପରେ ଅନେକ ଆଲୋଚନା ହେଉଛି । ନାଗରିକ ସମାଜ, ରାଜନୀତିଜ୍ଞ, ଅମଲାତନ୍ତ୍ର ଏବଂ ସାଧାରଣ ଜନତା ସମସ୍ତେ ସ୍ୱୀକାର କରୁଛନ୍ତି ସରକାରଙ୍କ ପରିଚାଳିତ ପ୍ରାଥମିକ ଶିକ୍ଷାକେନ୍ଦ୍ରଗୁଡ଼ିକର ଦିନକୁଦିନ ଅଧୋଗତି ହେଉଛି । ଅନେକ ପ୍ରାଥମିକ ଶିକ୍ଷାର ଅଧୋଗତି ପାଇଁ ଶିକ୍ଷକ ସମାଜକୁ ହିଁ ଦାୟୀ କରୁଛନ୍ତି । ସରହାଞ୍ଚଳରେ ଅଧିକାଂଶ ଜନସାଧାରଣ ସରକାରୀ ବିଦ୍ୟାଳୟଗୁଡ଼ିକୁ ଛାଡ଼ି ବେସରକାରୀ ବିଦ୍ୟାଳୟରେ ନିଜ ନିଜର ଶିଶୁମାନଙ୍କର ଶିକ୍ଷାର ଦାୟିତ୍ୱ ଦେଉଛନ୍ତି । ଏହିଭଳି ପ୍ରତିକୂଳ ପରିସ୍ଥିତିରେ ଅନେକ ଗୁଣୀ ଶିକ୍ଷକ ଶିକ୍ଷୟିତ୍ରୀ ଅଛନ୍ତି, ଯେଉଁମାନଙ୍କ ଦ୍ୱାରା କେବଳ ଶିଶୁମାନେ ଶିକ୍ଷା ଲାଭ କରିନାହାନ୍ତି, ଶିଶୁମାନଙ୍କର ଆଦର୍ଶ ଶିକ୍ଷକ ହୋଇନାହାନ୍ତି, ସମାଜ ପରିବର୍ତ୍ତନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି, ଅନେକ ରାସ୍ତାକଡ଼ର ଶିଶୁଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ସ୍ୱପ୍ନ ଦେଖିଛନ୍ତି ଏବଂ ସାକାର କରିଛନ୍ତି, ପାଠାଗାର ଆନ୍ଦୋଳନରେ ଭୂମିକା ନିଭାଇଛନ୍ତି, ବିଦ୍ୟାଳୟଗୁଡ଼ିକ ଆକର୍ଷଣ କରିବା ପାଇଁ ଯତ୍ନବାନ ହୋଇଛନ୍ତି ଏବଂ ପ୍ରାଥମିକ ଶିକ୍ଷାୟତନଗୁଡ଼ିକର ଏକ ଆମୂଳଚୂଳ ପରିବର୍ତ୍ତନ ଆଣିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି । ଏହିଭଳି ଅନେକ ସରକାରୀ ସ୍ତରର ଶିକ୍ଷକ ଅଛନ୍ତି, ଯେଉଁମାନେ ଏହି ପରିବର୍ତ୍ତନ ପାଇଁ ଦାୟୀ ଅଟନ୍ତି, କିନ୍ତୁ ନିଜକୁ ପ୍ରକାଶ ନକରି ନିଜ ନିଜର କର୍ମଦ୍ୱାରା ନିଜର ପରିବେଶକୁ ସଂକ୍ରମିତ କରନ୍ତି, ଗ୍ରାମ୍ୟ ଶିକ୍ଷା କମିଟିର ମନୋବୃତ୍ତି ପରିବର୍ତ୍ତନ କରିଛନ୍ତି, ନିଜେ କର୍ମ କରି ପରିବେଶଟିକୁ ଆମୂଳଚୂଳ ପରିବର୍ତ୍ତନ ଆଣିଛନ୍ତି । ଏଥିସହିତ ଜନସହଯୋଗୀତା ସୃଷ୍ଟି କରିଛନ୍ତି ଏବଂ ବିଦ୍ୟାଳୟଗୁଡ଼ିକୁ ଏକ ପବିତ୍ରସ୍ଥଳ ଭାବରେ ପରିବେଶ ସୃଷ୍ଟି କରିବା ସହିତ ଶିଶୁମାନଙ୍କର ଆକର୍ଷିତ କରିବାରେ ଏହିଭଳି ପଦକ୍ଷେପ ନେଇଛନ୍ତି, ଯାହାକି ପରବର୍ତ୍ତୀ ସମୟରେ ବିଦ୍ୟାଳୟଗୁଡ଼ିକ ଏକ ଆଦର୍ଶ ବିଦ୍ୟାଳୟ ଭାବରେ ପରିଗଣିତ ହୋଇଛି । ଏହିଭଳି କାର୍ଯ୍ୟଗୁଡ଼ିକୁ ଆଦରି ନେଇଥିବା ଏବଂ ଏଥିରେ ସଫଳ ହୋଇଥିବା ଶିକ୍ଷକ ହେଉଛନ୍ତି ଗଜପତି ଜିଲ୍ଲାର ପାରଳାଖେମୁଣ୍ଡି ସହର ନିକଟସ୍ଥ ଯାଜପୁର ଗ୍ରାମର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ଉମାକାନ୍ତ ପଣ୍ଡା । ଶ୍ରୀଯୁକ୍ତ ଉମାକାନ୍ତ ପଣ୍ଡାଙ୍କ ସମ୍ପର୍କରେ ଏକ ସ୍ୱତନ୍ତ୍ର ପ୍ରତିବେଦନ ....

୧୯୭୪ ମସିହାର ଘଟଣା । ଜଣେ ବାର ବର୍ଷରୁ ୧୪ ବର୍ଷ ହେବ ଶିଶୁଟିଏ ହୋଟେଲ୍‌ରେ କାମ କରିବା ଅବସରରେ ତା'ର ମାଲିକ କୌଣସି କାରଣରୁ ଉକ୍ତ ଶିଶୁଟିକୁ ଗାଳିଗୁଲଜ କରିବା ସହ ମାଡ଼ମାରିବା ପର୍ଯ୍ୟନ୍ତ ଯାଇଥିଲା । ଏହି ସମୟରେ ଶିକ୍ଷକ ଜଣକ ଉକ୍ତ ହୋଟେଲରେ ଜଳଖିଆ ଖାଉଥିଲେ । ତାଙ୍କ ଦୃଷ୍ଟିରେ ଏହା ପଡ଼ିଲା । ଏହି ବିଷୟକୁ ନେଇ ତାଙ୍କର ମନ ଆନ୍ଦୋଳିତ ହେଲା । ସେ ଏହି ବିଷୟକୁ ନେଇ ନିଜର ଗୁରୁପ୍ରତିମ ପଦ୍ମଶ୍ରୀ ତଥା ବିଶିଷ୍ଟ ପ୍ରନ୍ନତତ୍ତ୍ୱବିତ୍ ଡ଼କ୍ଟର ସତ୍ୟନାରାୟଣ ରାଜଗୁରୁଙ୍କ ସହ ଆଲୋଚନା କଲେ । ସତ୍ୟନାରାୟଣ ରାଜଗୁରୁ ସେହି ସମୟରେ ଉକ୍ତ ଶିକ୍ଷକଙ୍କୁ କହିଥିଲେ, ଯଦି ଏହିଭଳି ଶିଶୁମାନଙ୍କୁ ପ୍ରକୃତରେ ଆମେ ବିକଶିତ କରିବା ପାଇଁ ଚାହିଁବା, ତେବେ ଆମେ ଶିଶୁମାନଙ୍କୁ ଏହିଭଳି ଶିକ୍ଷା ଦେବା, ଯାହାକି ସେମାନଙ୍କୁ ନିଜ ଜୀବନରେ ଆତ୍ମନିର୍ଭରଶୀଳ ହେବା ଦିଗରେ ସାହାଯ୍ୟ କରିବ ଏବଂ ସେମାନେ ସମାଜରେ ଜଣେ ଜଣେ ଭଲ ମଣିଷ ଭାବରେ ଗଢ଼ି ଉଠିବେ । ଏହି ଚିନ୍ତା ଶିକ୍ଷକଙ୍କ ମୁଣ୍ଡରେ ପଶିଲା । ସେ ଏହି ଶିଶୁମାନଙ୍କର ବିକାଶ ନିମନ୍ତେ ଆଗଭର ହୋଇ ବାହାରିଲେ । ପାରଳା ସହରର ଗାନ୍ଧୀଛକ ନିକଟସ୍ଥ କୁକୁଲ ମଠର ଏକ କୋଠରୀରେ ଏହିଭଳି ଅବହେଳିତ ଶିଶୁମାନଙ୍କର ଶିକ୍ଷା ପାଇଁ ଏକ ରାତ୍ରି ବିଦ୍ୟାଳୟ ଖୋଲାଗଲା । ଏହାର ନାମ ରହିଲା ନିରକ୍ଷର ଦୂରୀକରଣ ଶିକ୍ଷାକେନ୍ଦ୍ର । ଏହାର ନେତୃତ୍ୱ ଶିକ୍ଷକ ନେଲେ ଏବଂ ଏଥିସହିତ ଅନେକ ଯୁବ ଶିକ୍ଷକଙ୍କ ସହଯୋଗ ରହିଲା । ପାରଳାଖେମୁଣ୍ଡି ସହରର ହୋଟେଲ, ଗ୍ୟାରେଜ, ଚା'ଦୋକାନ, କିରାଣୀ ଦୋକାନ ଏହିଭଳି ବିଭିନ୍ନ ସ୍ଥିତିରେ ରହି କାମକରୁଥିବା ଶିଶୁମାନଙ୍କୁ ନେଇ ଏହି ବିଦ୍ୟାଳୟ ଚାଲିଲା ପ୍ରଥମରୁ ଅତିକମ୍‌ରେ ଆରମ୍ଭ ହୋଇ ଆସ୍ତେ ଆସ୍ତେ ଏହାର ସଂଖ୍ୟା ମଧ୍ୟ ବଢ଼ିଲା । ଏହି ଶିଶୁମାନେ ଦିନଯାକ ନିଜ ନିଜର କାମ କରିବା ସହିତ ରାତି ୮.୩୦ ରୁ ୯.୦୦ ମଧ୍ୟରେ ଆସୁଥିଲେ ଏବଂ ରାତି ୧୧.୦୦ ରୁ ୧୧.୩୦ପର୍ଯ୍ୟନ୍ତ ପାଠପଢ଼ି ଘରକୁ ଫେରୁଥିଲେ । ଏହି ଗାନ୍ଧୀଛକ ନିକଟସ୍ଥ ରାତ୍ରୀ ବିଦ୍ୟାଳୟକୁ ଦେଖି ପାରଳା ସହରର ଅବହେଳିତ ଓ ଦଳିତ ବସବାସ କରୁଥିବା ଅଞ୍ଚଳରେ ମଧ୍ୟ କେତେକ ଆଗ୍ରହୀ ଯୁବ ଶିକ୍ଷକ ଓ ସମାଜକର୍ମୀ ସହଯୋଗରେ ଅନ୍ୟ ଦୁଇଟି କେନ୍ଦ୍ର ଖୋଲିଲା । ଏହି କାର୍ଯ୍ୟକ୍ରମର ମୁଖ୍ୟ ପୁରୋଧା ଥିଲେ ଶିକ୍ଷକ ଶ୍ରୀଯୁକ୍ତ ଉମାକାନ୍ତ ପଣ୍ଡା ଏବଂ ଏଥିରେ ଅନେକ ଶିକ୍ଷକ, ଶିକ୍ଷାବିତ୍, ସମାଜକର୍ମୀଙ୍କ ମଧ୍ୟ ସହଯୋଗ ରହିଲା । ଅନେକ ଶିକ୍ଷକ ସ୍ୱେଚ୍ଛାରେ ପଢ଼େଇବା ପାଇଁ ବିଦ୍ୟାଳୟକୁ ରାତ୍ରିରେ ଆସୁଥିଲେ । ଯେଉଁ ଶ୍ରମଜୀବୀ ଶିଶୁ ଶିକ୍ଷକଙ୍କ ଦୃଷ୍ଟିରେ ପରିବର୍ତ୍ତନ ଆଣିଥିଲେ, ସେହି ବ୍ୟକ୍ତିଜଣକ ମଧ୍ୟ ବର୍ତ୍ତମାନ

ପାରଳାସହରରେ ବ୍ୟବସାୟ କରି ନିଜର ଜୀବିକା ନିର୍ବାହ କରୁଛନ୍ତି, ସେ ହେଉଛନ୍ତି ଫତୁଲୁ ସାହୁ ଓରଫ ପଦ୍ମଚରଣ ସାହୁ । ଶ୍ରୀଯୁକ୍ତ ପଦ୍ମଚରଣ ସାହୁଙ୍କ ସହ ଲେଖକ ଆଲୋଚନା କଲାବେଳେ ସେ ଉକ୍ତ ବିଦ୍ୟାଳୟ ସମ୍ପର୍କରେ, ନିଜର ଅନୁଭୁତିରୁ ପ୍ରକାଶ କରିଥିଲେ ।

ଏହି ବିଦ୍ୟାଳୟରେ ମୁଖ୍ୟତଃ ସେମାନଙ୍କ ଜୀବନରେ ଚଳିବା ପାଇଁ, ସାମାଜିକ ଶିକ୍ଷା, ସ୍ୱାସ୍ଥ୍ୟ ସମ୍ପର୍କରେ ଶିକ୍ଷା ଦିଆଯାଉଥିଲା । ଏହି ଶିକ୍ଷା କାର୍ଯ୍ୟକ୍ରମରେ ମୁଖ୍ୟତଃ ସାମାଜିକ ଶିକ୍ଷାରେ ସେମାନେ କିପରି ନିଜ ସାମାଜିକ ଜୀବନରେ ଠିକ୍ ବାଟରେ ଚାଲିବେ, ତାହା ଶିକ୍ଷା ଦିଆଯାଉଥିଲା । ଏହିସହିତ ନିଜ ନିଜ ବ୍ୟବସାୟରେ କିପରି ହିସାବ କିତାବ କରିବ, ଲୋକଙ୍କ ସହିତ କିପରି ସମ୍ପର୍କ ସ୍ଥାପନ କରିବା, ଭାଷାଗତ ଆଚରଣ, ବିଭିନ୍ନ କର୍ମନିଯୁକ୍ତି ସମ୍ପର୍କରେ ଧାରଣା ଆଦି ଦିଆଗଲା ଏବଂ ଏହି ବାଳକମାନେ ପରବର୍ତ୍ତୀ ସମୟରେ ନିଜେ ନିଜେ ନିଜ ଗୋଡ଼ରେ ଠିଆ ହୋଇ ପରବର୍ତ୍ତୀ ସମୟରେ ଜଣେ ଜଣେ ଆଦର୍ଶ ଜୀବନ ବଞ୍ଚିଲେ । ଏହି ବିଷୟ ଉକ୍ତ ବ୍ୟକ୍ତିଙ୍କ ଠାରୁ ଶୁଣିବା ବେଳେ ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କର ଜଣେ ଶିଶୁଙ୍କୁ ଟଙ୍କାଏ ଦେବା ବିଷୟ, ଏବଂ ପରବର୍ତ୍ତୀ ସମୟରେ ଉକ୍ତ ଯୁବକ ଏକ ବଡ଼ ବ୍ୟବସାୟ କରିଥିବା ବିଷୟ ମନକୁ ଆସୁଥିଲା ।

୨୦୦୩ ମସିହା ବେଳକୁ ପାରଳାଖେମୁଣ୍ଡି ନିକଟସ୍ଥ ଯାଜପୁର ପ୍ରାଥମିକ ବିଦ୍ୟାଳୟକୁ ଗାଇଗୁହାଳ, ଭଳି ଦିଶୁଥିଲା, ଜଣେ କେହି ଦେଖିଲେ ବିଦ୍ୟାଳୟ ବୋଲି ବିଶ୍ୱାସ କରିବ ନାହିଁ । ଏହି ବିଦ୍ୟାଳୟ ପରିସର ଗାଇଗୁହାଳ, ପାଳଗଦା, ଖତଗଦା ସହିତ ସ୍କୁଲ ପରିସର ଭିତରେ ଏବଂ ବାହାରେ ଗ୍ରାମବାସୀଙ୍କ ଜବର୍‌ଦଖଲରେ ରହିଥିଲା । ପୂର୍ବରୁ ସ୍ଥାନୀୟ ତହସିଲ୍‌ଦାର, ବିଧାନସଭା ସଦସ୍ୟ ଏହିଭଳି ଅନେକ ସ୍ଥାନୀୟ ପ୍ରମୁଖ ବ୍ୟକ୍ତି ଏହି ବିଦ୍ୟାଳୟରୁ ଜବରଦଖଲ ଉଠାଇବା, ଗାଈ ଗୁହାଳ ଉଠାଇବା ପାଇଁ ବଳପ୍ରୟୋଗ ତଥା ବିଭିନ୍ନ ଉପାୟ ଅବଲମ୍ବନ କରିଥିଲେ, କିନ୍ତୁ ସଫଳ ହୋଇ ପାରିନଥିଲେ । ଶ୍ରୀଯୁକ୍ତ ପଣ୍ଡା ଏହି ବିଦ୍ୟାଳୟର ଦାୟିତ୍ୱ ନେବା ପରେ ଏହି ଗ୍ରାମବାସୀଙ୍କର ହୃଦୟକୁ ଏହିଭଳି ଜିତିନେଲେ ଯେ, ଆଜି ସେହି ପାରଳାଖେମୁଣ୍ଡି ନିକଟସ୍ଥ ଯାଜପୁର ଗ୍ରାମର ପ୍ରାଥମିକ ବିଦ୍ୟାଳୟ ପରିସରରେ ଅଙ୍ଗନବାଡ଼ୀ କେନ୍ଦ୍ର, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ହେବା ସହିତ ଏହି ବିଦ୍ୟାଳୟ ପରିସରରେ ଗ୍ରାମଲୋକଙ୍କ ସହଯୋଗରେ ଏକ ହାଇସ୍କୁଲ ଖୋଲିଛି । ଗ୍ରାମବାସୀଙ୍କ ଶିକ୍ଷା ପ୍ରତି ଅନେକ ଆଗ୍ରହ ବଢ଼ିଯାଇଛି ଏବଂ ବିଦ୍ୟାଳୟର ବିକାଶରେ ଗ୍ରାମବାସୀ ହିଁ ପ୍ରମୁଖ ଭୂମିକା ନିଭାଉଛନ୍ତି । ଏହି ତିନିରୁ ଚାରି ବର୍ଷ ମଧ୍ୟରେ ଏହି ବିଦ୍ୟାଳୟଟି

ଏକ ସୁନ୍ଦର Educational Complex ଭାବରେ ଗଢ଼ି ଉଠିଛି ! ଏହି ବିଦ୍ୟାଳୟର ଶ୍ରେଣୀଗୃହ, ମୁକ୍ତଆକାଶ ତଳେ ଶ୍ରେଣୀଗୃହ ବ୍ୟବସ୍ଥା, ଦଳ ମାଧ୍ୟମରେ ଶିକ୍ଷାଦାନ ପ୍ରଣାଳୀ ପାଇଁ ବ୍ୟବସ୍ଥା, ଶିଶୁଟିଏ ଯେଉଁଠି ଭାବିବ ସେହିଠି ପଢ଼ିପାରିବା ଭଳି ପରିବେଶ ଏବଂ ଶ୍ରେଣୀଗୃହ କିଭଳି ଅଧିକ ଆକର୍ଷଣୀୟ ହୋଇପାରିବ, ପ୍ରତ୍ୟେକ ସ୍ତରରେ ଯତ୍ନ ନିଆଯାଉଛି । ଏହି ବିଦ୍ୟାଳୟ ପରିସରରେ ପ୍ରଥମରୁ ହିଁ ଶିଶୁମାନଙ୍କୁ ସୁନ୍ଦର ଭାବରେ ଅଙ୍ଗନବାଡ଼ୀ କେନ୍ଦ୍ରରେ ଯତ୍ନ ନେବା ସହିତ ହାଇସ୍କୁଲ ପର୍ଯ୍ୟନ୍ତ କିପରି ଶିଶୁଟିଏ ଶିକ୍ଷା ପାଇବା ପାଇଁ ଯେଉଁ ପରିବେଶଟିଏ ସୃଷ୍ଟି କରାଯାଇଛି, ତାହା ଦେଖିଲେ ହିଁ ଜଣେ ଅନୁଭବ କରିବ । ୨୦୦୩ ପୂର୍ବରୁ ଏହି ବିଦ୍ୟାଳୟକୁ ଯିଏ ପରିଦର୍ଶନ କରିଛନ୍ତି, ଏବଂ ବର୍ତ୍ତମାନ ଦେଖୁଛନ୍ତି, ସିଏ ତାଜୁବ୍ ହୋଇଯାଆନ୍ତି । ଶ୍ରୀଯୁକ୍ତ ପଣ୍ଡା କେବଳ ଏହି ବିଦ୍ୟାଳୟ ନୁହେଁ, ନିଜ ଚାକିରୀ ଅବଧିରେ ସେ ଯେଉଁ ବିଦ୍ୟାଳୟର ଦାୟିତ୍ୱ ନେଇଛନ୍ତି, ସେହି ବିଦ୍ୟାଳୟର ଆମୂଳଚୂଳ ପରିବର୍ତ୍ତନ ଆଣିଛନ୍ତି ।

ଦରଦଭରା ଶିକ୍ଷକ ଶ୍ରୀଯୁକ୍ତ ଉମାକାନ୍ତ ପଣ୍ଡାଙ୍କୁ ପ୍ରକୃତରେ ବିଶ୍ୱାସ କରିହୁଏନି, ସତରେ ସେ ଏହିଭଳି ଜଣେ ନିଆରା ଶିକ୍ଷକ । ଯେଉଁ ବିଦ୍ୟାଳୟ ଅତି ଅବହେଳିତ ହୋଇଯାଏ କିମ୍ବା ଏହାର ମାନ୍ୟତା ଅନ୍ୟ ବିଦ୍ୟାଳୟ ଅପେକ୍ଷା ତଳକୁ ଖସିପଡିଥାଏ, ସେତେବେଳେ ଶ୍ରୀଯୁକ୍ତ ପଣ୍ଡାକୁ ସେହି ବିଦ୍ୟାଳୟକୁ ପଠାଯାଏ । ଅନେକ ଭାବନ୍ତି ଏହି ଶିକ୍ଷକଙ୍କୁ ଦଣ୍ଡ ଦେବା ଉଦ୍ଦେଶ୍ୟରେ ବଦଳି କରାଯାଇଛି ! କିନ୍ତୁ ଶ୍ରୀଯୁକ୍ତ ପଣ୍ଡା ଏହାକୁ ସୁଯୋଗ ସଦ୍‌ବ୍ୟବହାର କରି ଅଳ୍ପ ଅବଧି ମଧ୍ୟରେ ବିଦ୍ୟାଳୟଟିର ଏହିଭଳି ପରିବର୍ତ୍ତନ ଆଣନ୍ତି, ଯାହାକି ପରବର୍ତ୍ତୀ ସମୟରେ ଏକ ଆଦର୍ଶ ବିଦ୍ୟାଳୟ ଭାବରେ ପରିଗଣିତ ହୋଇଛି ।

ଶ୍ରୀଯୁକ୍ତ ପଣ୍ଡା କେବଳ ଜଣେ ଶିକ୍ଷକ ନୁହଁନ୍ତି, ଜଣେ ଶିଶୁ ସାହିତ୍ୟିକ କହିଲେ ଅତ୍ୟୁକ୍ତି ହେବ ନାହିଁ । ଅବଶ୍ୟ ସେ କେବେ ଶିଶୁ ସାହିତ୍ୟିକ ଭାବରେ ସ୍ୱୀକୃତି ଲୋଡ଼ି ନାହାନ୍ତି କିମ୍ବା ଅନୁଭବ କରିନାହାନ୍ତି । କିନ୍ତୁ "୮୦ ଦଶକରେ 'ଆଇ ମା' ଭଳି ଏକ ଶିଶୁପତ୍ରିକାର ପ୍ରକାଶନର ଦାୟିତ୍ୱ ନେଇ ସାରା ଓଡ଼ିଶାରେ ଚହଳ ପକାଇଥିଲେ । ଉକ୍ତ ପତ୍ରିକାରେ ଡଃ. ସତ୍ୟ ନାରାୟଣ ରାଜଗୁରୁ, ବେଣୁମାଧବ ପାଢ଼ୀଙ୍କ ଭଳି ବ୍ୟକ୍ତିତ୍ୱ ଲେଖିବା ସହିତ ଅନେକ ଶିଶୁମାନଙ୍କର ଲେଖା ପତ୍ରିକାରେ ପ୍ରକାଶିତ ହେଉଥିଲା । ଅବଶ୍ୟ ଏହାର କେତୋଟି ସଂଖ୍ୟା ପ୍ରକାଶିତ ହେବା ପରେ ଆର୍ଥିକ ଅଭାବ ହେତୁ ବେଶୀଦିନ ତିଷ୍ଠି ପାରିଲା ନାହିଁ । 'ଆଇ ମା' ପଢ଼ି ବିଶିଷ୍ଟ ସଂଗ୍ରାହକ ସ୍ୱର୍ଗତଃ ଦାଶରଥି ପଟ୍ଟନାୟକ ନିଜେ ଶ୍ରୀ ଉମାକାନ୍ତ ପଣ୍ଡାଙ୍କୁ ଭେଟିବାକୁ ପାରଳାଖେମୁଣ୍ଡି ଆସିଥିଲେ ।

ଶିକ୍ଷକ ଜଣକ ଶିଶୁମାନଙ୍କୁ ଶିକ୍ଷା ପ୍ରତି ଆକୃଷ୍ଟ କରିବା ପାଇଁ ବିଭିନ୍ନ ଶିକ୍ଷଣୀୟ ସାମଗ୍ରୀ ପ୍ରସ୍ତୁତିରେ ସବୁବେଳେ ନିମଗ୍ନ ରହିଛନ୍ତି । ସେ ଅନେକ ବାର ନିଜର ପ୍ରାଥମିକ ଏବଂ ପ୍ରାକ୍-ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷଣୀୟ ସାମଗ୍ରୀ ପ୍ରସ୍ତୁତି ପ୍ରତିଯୋଗିତାରେ ରାଜ୍ୟ ସ୍ତରରେ ପ୍ରଥମ ହୋଇ ସମ୍ମାନିତ ହୋଇଛନ୍ତି । ଏତଦ୍ ବ୍ୟତୀତ ଜାତୀୟ ସ୍ତରରେ ନିଜ ପ୍ରସ୍ତୁତିରେ ହୋଇଥିବା ଶିଶୁ ଶିକ୍ଷଣୀୟ ସାମଗ୍ରୀର ଜାତୀୟ ସ୍ତରରେ ଉପସ୍ଥାପନା କରିବା ପାଇଁ ରାଜ୍ୟ ସ୍ତରରେ ପ୍ରତିନିଧିତ୍ୱ କରିଛନ୍ତି ଏବଂ ଏନ୍.ସି.ଇ.ଆର୍.ଟି. ଦ୍ୱାରା ସମ୍ମାନିତ ହୋଇଛନ୍ତି । ସବୁବେଳେ ଶିଶୁମାନଙ୍କର ଭାବନାକୁ ନେଇ କିପରି ବିଭିନ୍ନ ଶିକ୍ଷଣୀୟ ସାମଗ୍ରୀ ପ୍ରସ୍ତୁତି କରାଯାଇପାରିବ, ଶିଶୁମାନଙ୍କୁ ନେଇ ପର୍ଯ୍ୟବେକ୍ଷଣ କରିଛନ୍ତି ଏବଂ ପରବର୍ତ୍ତୀ ସମୟରେ ଶିକ୍ଷଣୀୟ ସାମଗ୍ରୀ ପ୍ରସ୍ତୁତ କରି ଅନ୍ୟମାନଙ୍କୁ ପାଇଁ ମଧ୍ୟ ପ୍ରେରଣାର ଉତ୍ସ ବନିଛନ୍ତି । ଅନେକ ଶିକ୍ଷଣୀୟ ସାମଗ୍ରୀ ମୁଖ୍ୟତଃ ବିଭିନ୍ନ ବର୍ଜନୀୟ ବସ୍ତୁ, ଅଲୋଡ଼ା ବସ୍ତୁ କିମ୍ବା ସ୍ୱଳ୍ପ ଖର୍ଚ୍ଚରେ ତିଆରି ହୋଇଥାଏ । ବିଦ୍ୟାଳୟର ଶ୍ରେଣୀଗୃହ ମଧ୍ୟରେ ଏତେ ସଂଖ୍ୟକ ଶିକ୍ଷଣୀୟ ସାମଗ୍ରୀ, ଶ୍ରେଣୀଗୃହ ସଜର ଏପରି କରିଥାଆନ୍ତି, ଯାହାଦ୍ୱାରା କି ଛାତ୍ରଛାତ୍ରୀଙ୍କୁ ଶ୍ରେଣୀଗୃହଟି ବେଶ୍ ଆକର୍ଷିତ କରିଥାଏ । ବିଦ୍ୟାଳୟର ପରିବେଶ, ଶିକ୍ଷଣୀୟ ସାମଗ୍ରୀ ଇତ୍ୟାଦି ପ୍ରସ୍ତୁତିରେ ସମୟ ବିନିଯୋଗ କରିବା, ପ୍ରଧାନ ଶିକ୍ଷକ ଦାୟିତ୍ୱ ନେବା ଇତ୍ୟାଦି ସହିତ ମଧ୍ୟ କୌଣସି ସମୟରେ ଶିଶୁମାନଙ୍କୁ ୧୦ ରୁ ୪ ମଧ୍ୟରେ ଶିକ୍ଷାଦାନ ଦେବାରେ ଅବହେଳା କରନ୍ତି ନାହିଁ ।

ଶ୍ରୀଯୁକ୍ତ ପଣ୍ଡା ନିଜର ପ୍ରଥମ ନିଯୁକ୍ତି ପାଇଥିବା 'ବିଦ୍ୟାଳୟ କବିଭୂଷଣ ରଘୁନାଥ ପାତ୍ର ବିଦ୍ୟାଳୟ' ପରିସରରେ ବିଭିନ୍ନ ପଶୁପକ୍ଷୀ, ସେମାନଙ୍କର ପର, ହାଡ଼, ଶାମୁକା, ମଞ୍ଜି, କଉଡ଼ି, ଇତ୍ୟାଦିକୁ ନେଇ ଏକ ଯାଦୁଘର ସୃଷ୍ଟି କରିଥିଲେ । ଶ୍ରୀଯୁକ୍ତ ପଣ୍ଡା ଏହି ବିଦ୍ୟାଳୟରେ ଥିବା ବେଳେ ଏକ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା । ଏହି ପ୍ରଦର୍ଶନୀ ପ୍ରାଥମିକ ବିଦ୍ୟାଳୟ ସମୂହ ଏବଂ ସ୍ଥାନୀୟ କୃଷ୍ଣଚନ୍ଦ୍ର ଗଜପତି ମହାବିଦ୍ୟାଳୟର ସହଯୋଗରେ ଅନୁଷ୍ଠିତ ହୋଇଥିଲା । ଏହାକୁ ବିଶିଷ୍ଟ ଶିକ୍ଷାବିତ୍ ଶ୍ରୀଯୁକ୍ତ ବିଧୁଭୂଷଣ ଦାସ ଉଦଘାଟନ କରିଥିଲେ । ଉକ୍ତ ବିଦ୍ୟାଳୟକୁ ଆସିବା ଅବସରରେ ବିଦ୍ୟାଳୟ ପରିସର, ସାଜସଜା ଇତ୍ୟାଦିକୁ ଦେଖି ଶିକ୍ଷକଙ୍କୁ ବେଶ୍ ପ୍ରଶଂସା କରିଥିଲେ ଏବଂ ପରବର୍ତ୍ତୀ ସମୟରେ ଅବହେଳିତ ହୋଇ ରହିଥିବା ଗୌରଚନ୍ଦ୍ର ଗଜପତି ପ୍ରାଥମିକ ବିଦ୍ୟାଳୟର ଦାୟିତ୍ୱ ଏହି ଶିକ୍ଷକଙ୍କୁ ଦେବା ପାଇଁ ମ୍ୟୁନିସିପାଲିଟି କର୍ମକର୍ତ୍ତାଙ୍କୁ ପ୍ରସ୍ତାବ ଦେଇଥିଲେ । ପୁଣି ୩ରୁ ୪ ବର୍ଷ ପୁନର୍ବାର ଶ୍ରୀଯୁକ୍ତ ଦାସ ଏହି ବିଦ୍ୟାଳୟରେ ପାଦ ଦେବା ଅବସରରେ ବିଦ୍ୟାଳୟର ପରିବେଶ

ପରିବର୍ତ୍ତନ, ଶିଶୁସଂଖ୍ୟା ବୃଦ୍ଧି ପରି ଆଖିଦୃଶିଆ ପରିବର୍ତ୍ତନରେ ଶ୍ରୀଯୁକ୍ତ ପଣ୍ଡାଙ୍କୁ ବେଶ୍ ପ୍ରଶଂସା କରିଥିଲେ । ଏହି ଶିକ୍ଷକଜଣକ ବିଦ୍ୟାଳୟଗୁଡ଼ିକରେ ଏକ ସଞ୍ଚୟିକା ଦଳ ସୃଷ୍ଟି କରିଥାଆନ୍ତି । ଶିଶୁମାନଙ୍କ ମଧ୍ୟରେ ଗଣିତ ଜ୍ଞାନ ବୃଦ୍ଧି କରିବା ପାଇଁ ଶିଶୁମାନଙ୍କୁ ନେଇ ସଞ୍ଚୟିକା ଦଳ ଗଠନ ହୋଇଥାଏ । ଏହାର ଦାୟିତ୍ୱ ପଞ୍ଚମ ଶ୍ରେଣୀର ଶିଶୁମାନଙ୍କୁ ଦାୟିତ୍ୱ ଦିଆଯାଇଥାଏ । ଯେଉଁ ଶିଶୁ ବେଶୀ ସଞ୍ଚୟ କରିଥାଏ, ସେଥିରୁ ଜଣଙ୍କୁ ବାର୍ଷିକ ଉତ୍ସବ ସମୟରେ ସମ୍ମାନିତ କରାଯାଇଥାଏ । ଏହି ସଞ୍ଚୟିକା ଦଳର ପିଲାମାନେ ଯେତେବେଳେ ପଇସା ଉଠାଉଥାନ୍ତି, ଦାୟିତ୍ୱରେ ଥିବା ଶିଶୁଟିକୁ ଦରଖାସ୍ତ ମାଧ୍ୟମରେ ନିବେଦନ କରିଥାଆନ୍ତି । ଏହାଦ୍ୱାରା ଶିଶୁମାନଙ୍କ ମଧ୍ୟରେ ଦରଖାସ୍ତ ଲେଖିବାର ଜ୍ଞାନଲାଭ କରିଥାଏ । ଏହି ସଞ୍ଚୟିକାର ଦାୟିତ୍ୱ କେତେ ଟଙ୍କାର ଖାତାପତ୍ର, କଲମ ଇତ୍ୟାଦି କିଣାହେଲା, କେତେ ଟଙ୍କାରେ ବିକ୍ରୀ ହେଲା, କେତେ ଟଙ୍କାରେ ବିକ୍ରୀ ହେଲେ କେତେ ଲାଭ ରହିବ, ଦୈନିକ କେତେ ଲାଭ ରହିଲା, ମାସିକ କେତେ ଲାଭ ରହିଲା, ଇତ୍ୟାଦି ଶିଶୁମାନେ ହିଁ ପ୍ରସ୍ତୁତି କରିଥାଆନ୍ତି । ଏହାଦ୍ୱାରା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗଣିତ ଜ୍ଞାନ ବୃଦ୍ଧି ପାଇଥାଏ । ସାମାଜିକ କାର୍ଯ୍ୟକ୍ରମ ମଧ୍ୟ ସ୍କୁଲ ପରିସରରେ ଏବଂ ବାହାରେ ନିଆଯାଇଥାଏ । ପିଲାଏ ବିଦ୍ୟାଳୟ ପରିସରରେ ଥିବା ବଗିଚାରେ ଗଛ ପତ୍ରର ଯତ୍ନ ନେବା ସହିତ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ଭାଗ ନେବା, ଯାହାଦ୍ୱାରା କି ଶିଶୁମାନଙ୍କର ସାମାଜିକ ଜ୍ଞାନବୋଧ, ସମାଜ ପ୍ରତି ଦାୟିତ୍ୱ ବୋଧର ଜ୍ଞାନ ଆସିଥାଏ । ଏହି କାର୍ଯ୍ୟକ୍ରମ ମୁଖ୍ୟତଃ କବିଭୂଷଣ ରଘୁନାଥ ପାତ୍ର ବିଦ୍ୟାଳୟରେ ଆରମ୍ଭ କରିଥିଲେ । ପ୍ରକୃତରେ ସେ ଯେଉଁ ବିଦ୍ୟାଳୟରେ କିଛି ବର୍ଷ ରହିଛନ୍ତି, ସେହି ସମୟରେ ଏହି ବିଦ୍ୟାଳୟର ସବୁ କ୍ଷେତ୍ରରେ ସ୍ୱର୍ଣ୍ଣଯୁଗ ଭାବରେ ପରିଗଣିତ ହୋଇଛି କହିଲେ ଅତ୍ୟୁକ୍ତି ହେବନାହିଁ । ଶିକ୍ଷକଜଣକ ଯେଉଁ ବିଦ୍ୟାଳୟରେ ରହିଛନ୍ତି, ସେହି ବିଦ୍ୟାଳୟର ଅଳ୍ପ ଅବଧି ମଧ୍ୟରେ ପରିବେଶ ପରିବର୍ତ୍ତନ ହୋଇଯାଇଛି, ଶିଶୁମାନଙ୍କର ଉପସ୍ଥାନ ବୃଦ୍ଧି ହୋଇଛି, ଶିଶୁମାନଙ୍କ ଗୁଣାତ୍ମକ ପାଠପଢ଼ା ହୋଇଛି, ଅଭିଭାବକଙ୍କ ଦାୟିତ୍ୱ ବଢ଼ିଛି ଏବଂ ବିଦ୍ୟାଳୟର ଉନ୍ନତି ଦିଗରେ ଶିକ୍ଷା କମିଟିର ମଧ୍ୟ ନିଜ ନିଜର ଦାୟିତ୍ୱ ପାଳନ କରିଛନ୍ତି ।

ଶ୍ରୀଯୁକ୍ତ ପଣ୍ଡା ଜଣେ କେବଳ ଶିକ୍ଷକ ଭାବରେ ପାରଳା ସହରରେ ପ୍ରିୟ ହୋଇନାହାନ୍ତି, ସେ ଏକାଧାରରେ ଜଣେ ଗବେଷକ, ସୁବକ୍ତା, ବହୁମୁଖୀ ପ୍ରତିଭାଧାରୀ ବ୍ୟକ୍ତିତ୍ୱ କହିଲେ ଅତ୍ୟୁକ୍ତି ହେବ ନାହିଁ । ତାଙ୍କର ବହୁମୁଖୀ ପ୍ରତିଭାର ସହାୟତା ଅନେକ ପ୍ରାଥମିକ ପୁସ୍ତକ, ଯଥା ସମ୍ଭାର, ବିଭିନ୍ନ ମଡ୍ୟୁଲ୍ ପ୍ରସ୍ତୁତ କରିବା, ପ୍ରାଥମିକ ଶ୍ରେଣୀର ପୁସ୍ତକ ପ୍ରସ୍ତୁତି ସମୟରେ ଶିକ୍ଷା ବିଭାଗ ତରଫରୁ ନିଆଯାଉଛି ।



Study
୧୪୪୨୪୨

ଶ୍ରୀଯୁକ୍ତ ଉମାକାନ୍ତ ପଣ୍ଡା ଗଜପତି ଜିଲ୍ଲାର କାଶୀନଗର ବ୍ଲକ୍‌ରେ 'କାନ୍ଥ ଶିକ୍ଷଣ କାର୍ଯ୍ୟ' କରି ବେଶ୍ ପ୍ରଶଂସାର ପାତ୍ର ହୋଇଛନ୍ତି । ଗୌରହରି ପ୍ରତିଭା ସମ୍ମାନ, ୨୦୦୪, ଗଜପତି ଜିଲ୍ଲା ପ୍ରତିଭା ଉତ୍ସବରେ ନିଜର କାର୍ଯ୍ୟ ପାଇଁ ଏହି ଶିକ୍ଷକଙ୍କୁ ଜିଲ୍ଲା ସ୍ତରରେ ସମ୍ମାନିତ କରାଯାଇଛି । 'ଗୁଣ ଚିହ୍ନେ ଗୁଣିଆ ଭଳି', ଡ଼କ୍ଟର ମୋହିତ ମୋହନ ମହାନ୍ତି ଏହି ଶିକ୍ଷକଙ୍କୁ ପ୍ରାଥମିକ ଛାତ୍ରଛାତ୍ରୀଙ୍କ ପାଇଁ ପୁସ୍ତକ ପ୍ରକାଶନ, ମଡ୍ୟୁଲ୍ ପ୍ରସ୍ତୁତି, କିମ୍ବା ଅନ୍ୟ କୌଣସି ପ୍ରାଥମିକ ଶିକ୍ଷାର ବିକାଶ କାର୍ଯ୍ୟକ୍ରମରେ ସବୁବେଳେ ସଂପୃକ୍ତ କରିବା ପାଇଁ ଯତ୍ନ ନେଇଛନ୍ତି ।। ଶ୍ରୀଯୁକ୍ତ ମହାନ୍ତି ଏହିଭଳି ବ୍ୟକ୍ତିଙ୍କୁ ଆବିଷ୍କାର କରିବା, ପ୍ରେରଣା ଦେବା ଏବଂ ସମାଜରେ ଜଣେ ମଡ଼େଲ ଶିକ୍ଷକ ଭାବରେ ଉପସ୍ଥାପନା କରିବାରେ ପ୍ରମୁଖ ଭୂମିକା ନେଇଛନ୍ତି ବୋଲି ଶ୍ରୀଯୁକ୍ତ ପଣ୍ଡା ସ୍ୱୀକାର କରନ୍ତି ।

ଶିକ୍ଷକ ଜଣକ ଶିଶୁମାନଙ୍କର ଲାଇବ୍ରେରୀ ବ୍ୟବହାର ପାଇଁ ଶିଶୁମାନଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିବା ଉଦ୍ଦେଶ୍ୟରେ ବେଶ୍ କିଛି କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ଶିଶୁମାନଙ୍କୁ ଲାଇବ୍ରେରୀ ପୁସ୍ତକ ନେବା ପାଇଁ ଅଭିନବ ଉପାୟରେ ଆଗ୍ରହ ସୃଷ୍ଟି କରିଛନ୍ତି । ଶିଶୁମାନେ ବିଦ୍ୟାଳୟ ଗୃହରେ କିପରି ଲାଇବ୍ରେରୀ ପୁସ୍ତକ ନେଇ ପାଠପଢ଼ିବେ ଏବଂ ଏହାର ମଜା ପାଇବେ, ତାହା ପାଇଁ ମଧ୍ୟ ଶ୍ରେଣୀଗୃହରେ ବ୍ୟବସ୍ଥା କରିଛନ୍ତି । ଏତଦ୍‌ବ୍ୟତୀତ ପାରଳାଖେମୁଣ୍ଡିର ବିଭିନ୍ନ ପାଠାଗାରର ଦାୟିତ୍ୱ ନେଇ ଏହାର ବିକାଶ କରିବାରେ ସହାୟକ ହୋଇଛନ୍ତି ।

ୟୁନିସେଫ ତରଫରୁ ଗଜପତି ଜିଲ୍ଲାର ଡକୁମେଣ୍ଟରୀ ଫିଲ୍ମ Going to School in India ପ୍ରସ୍ତୁତିରେ ମଧ୍ୟ ଶ୍ରୀ ଉମାକାନ୍ତ ପଣ୍ଡାଙ୍କ ସହଯୋଗ ନିଆଯାଇଛି । ଏହିଭଳି ଏନ୍.ସି.ଇ.ଆର୍.ଟି ତରଫରୁ ଗୁଣାତ୍ମକ ଶିକ୍ଷାକୁ ନେଇ ବର୍ତ୍ତମାନର କାର୍ଯ୍ୟକ୍ଷେତ୍ର ଯାଜପୁର ବିଦ୍ୟାଳୟର ମଧ୍ୟ ଏକ ଡ଼କୁମେଣ୍ଟରୀ ଫିଲ୍ମ ପ୍ରସ୍ତୁତ କରିବା ପାଇଁ ଏହି ସ୍କୁଲକୁ ଆସି ଦେଖିଥିଲେ ଏବଂ ଡକୁମେଣ୍ଟରୀ ପ୍ରସ୍ତୁତ କରିଛନ୍ତି । ଶ୍ରୀଯୁକ୍ତ ପଣ୍ଡାଙ୍କୁ ପ୍ରାଥମିକ ଶିକ୍ଷା ସମ୍ବନ୍ଧୀୟ ଯେକୌଣସି କାର୍ଯ୍ୟକ୍ରମରେ ସାହାଯ୍ୟ ମାଗିଲେ କୌଣସି ଅସୁବିଧାକୁ ଭ୍ରୂକ୍ଷେପ ନକରି ସହଯୋଗର ହାତ ବଢ଼ାଇ ଦିଅନ୍ତି ।

ଶ୍ରୀଯୁକ୍ତ ପଣ୍ଡାଙ୍କର ପିତା ଜଣେ ମନ୍ଦିରର ପୁଜାରୀ ଥିଲେ । ଏହାଙ୍କର ଆୟ ପ୍ରତ୍ୟେକ ଦିନ ୨ ଅଡ଼ା ( ପ୍ରାୟ ଏକ କିଲୋ ପାଚଁଶହ ଗ୍ରାମ) ଚାଉଳର ଭାତ ଏବଂ ଅନ୍ୟାନ୍ୟ କିଛି ତରକାରୀ, ଡ଼ାଲି ମିଳିଥାଏ । ବାର୍ଷିକ କିଛି ଧାନ କିମ୍ବା ଅଳ୍ପ ଅର୍ଥ ମିଳିଥାଏ । ପରିବାରରେ ଶ୍ରୀଯୁକ୍ତ ପଣ୍ଡାଙ୍କର ସାତ ଭାଇ । ଏହିଭଳି ସ୍ଥିତିରେ ଶ୍ରୀଯୁକ୍ତ ପଣ୍ଡାଙ୍କ ପିଲାଟି ଦିନରୁ ଡାକ୍ତରୀ ପାଠ ପଢ଼ିବା ପାଇଁ ଇଚ୍ଛାଟିଏ ଥିଲେ ପ୍ରି ୟୁନିଭର୍ସିଟି

ସାଇନ୍‌ସ ପଢ଼ିବା ବେଳେ ସେ ଅନୁଭବ କଲେ ଯେ ତାଙ୍କର ବାପାଙ୍କ ଆର୍ଥିକ ସ୍ଥିତି ଯେଭଳି ରହିଛି, ସେଥିରେ ଡାକ୍ତରୀ ପାଠ ପଢ଼ିବା ଚିନ୍ତା କରିବା କାଠିକର ପାଠ । ପରବର୍ତ୍ତୀ ସମୟରେ ସେ କେବଳ ଶିକ୍ଷକଟିଏ ହେବା ପାଇଁ ମନ ବଳାଇଲେ । ଏହି ଦୃଷ୍ଟିରୁ ପି.ୟୁ.ସି. ପଢ଼ିବା ପରେ ନିଜେ ଦୁଇ ବର୍ଷ ଟାଗୋର ମେମୋରିୟାଲ୍ ହାଇସ୍କୁଲ, ଉପଲଡ଼ା ଏବଂ ଗୁମ୍ମା ହାଇସ୍କୁଲରେ ଶିକ୍ଷାଦାନ କରିଥିଲେ । ଏହି ସମୟରେ ସେ ଗୁମ୍ମା ଅଞ୍ଚଳରେ ପ୍ରତ୍ୟେକ ରବିବାର ଗୋଟିଏ ଗୋଟିଏ ଗ୍ରାମକୁ ଯାଇ, ସେହି ଗ୍ରାମର ପଢୁଥିବା ଛାତ୍ରଛାତ୍ରୀଙ୍କ ପିତାମାତାଙ୍କ ସହିତ ଆଲୋଚନା କରିବା ସହିତ ଛାତ୍ରଛାତ୍ରୀଙ୍କ ସହ ମଧ୍ୟ ଆଲୋଚନା କରୁଥିଲେ ।

ପଦ୍ମଶ୍ରୀ ଡଃ. ସତ୍ୟନାରାୟଣ ରାଜଗୁରୁ ଏହି ଶିକ୍ଷକଙ୍କୁ ବାଟ ଚାଲିବାରେ ପ୍ରେରଣାର ଉତ୍ସ ହେବା ସହିତ ଦିଗ୍‌ଦର୍ଶନ ଦେଇଛନ୍ତି । ଅନେକ ସମୟରେ ରାତ୍ରି ବିଦ୍ୟାଳୟ ଚାଲିବା, କର୍ମଜୀବୀମାନଙ୍କ ଶିକ୍ଷାର ଏବଂ କର୍ମଶୈଳୀର ଉନ୍ନତି ପାଇଁ, ଗୋଷ୍ଠୀ ସହିତ ସମ୍ପର୍କ ସୃଷ୍ଟି କରିବା ଏବଂ ଏଥିସହିତ 'ଆଇ ମା' ପତ୍ରିକାରେ ନିଜର ଲେଖା ଦେବା ସହିତ ପତ୍ରିକାର ପ୍ରକାଶନ କରିବା ପାଇଁ ପ୍ରେରଣା ଯୋଗାଇ ଆସିଥିଲେ ବୋଲି ଶିକ୍ଷକଜଣକ କହନ୍ତି ।

ଶ୍ରୀଯୁକ୍ତ ପଣ୍ଡା ଶିକ୍ଷା କହିଲେ 'ସୁସ୍ଥ ମନରେ ସୁସ୍ଥ ଚେତନାର ସୃଷ୍ଟି ହିଁ ଶିକ୍ଷା' ବୋଲି ବୁଝନ୍ତି । ଏହି ଉକ୍ତିକୁ ସେ ଜୀବନରେ ବିଶ୍ୱାସ କରିଛନ୍ତି ଏବଂ ନିଜେ ଚଲା ରାସ୍ତାରେ ଯେତେ ବାଧାବିଘ୍ନ ଆସିଲେ ମଧ୍ୟ ସେଗୁଡ଼ିକ ପ୍ରତି ଭ୍ରୂକ୍ଷେପ କରିନାହାନ୍ତି ଏବଂ ସେ ଏହାକୁ ସକାରାତ୍ମକ ଭାବରେ ହିଁ ନେଇଛନ୍ତି । ନିଜର ମନରେ କେବଳ ଶିଶୁ ଏବଂ ଶିକ୍ଷାଳୟ ପାଇଁ ହିଁ ଚିନ୍ତା କରିଛନ୍ତି । ଏହି ଶିକ୍ଷକଙ୍କୁ ଦେଖିଲେ ବିଶିଷ୍ଟ ଶିକ୍ଷାବିତ୍ ପାଉଲୋ ଫ୍ରାୟରେଙ୍କ ପ୍ରକାଶିତ ପୁସ୍ତକ ମନେପଡ଼େ, We make the road by walking, 'ଆମେ ଚାଲି ଚାଲି ରାସ୍ତା ତିଆରି କରୁ' । ଶ୍ରୀଯୁକ୍ତ ପଣ୍ଡା ଏହି ବିଶ୍ୱାସରେ ହିଁ ନିଜର ଚଲାପଥ ବାଟରେ ଆଗେଇ ଚାଲିଛନ୍ତି । ନିଜେ ପ୍ରସ୍ଫୁଟିତ ହୋଇ ଅନ୍ୟମାନଙ୍କୁ ମଧ୍ୟ ପ୍ରସ୍ଫୁଟିତ ହେବା ପାଇଁ ପ୍ରେରଣାର ଉତ୍ସ ବନାଇଛନ୍ତି ।

ଅପ୍ରେଲ୍, ୨୦୦୭

□□□

# ଶିକ୍ଷକ ରାମଚନ୍ଦ୍ର ଶବରଙ୍କ ଅନୁଭୂତିରୁ କିଛି....

ଗଜପତି ଜିଲ୍ଲାର ପାତ୍ରଡ଼ା ପଞ୍ଚାୟତ ଶିକ୍ଷା ଦିଗରେ ଏକ ଅନଗ୍ରସର ପଞ୍ଚାୟତ ଭାବରେ ଗଣା ହୁଏ । ରାମଚନ୍ଦ୍ର ଶବର ଗତ ଅପ୍ରେଲ୍, ୨୦୦୬ ରିଖରୁ ଗଜପତି ଜିଲ୍ଲାର ଗୁମ୍ମା ବ୍ଲକ୍‌ର ପାତ୍ରଡ଼ା ପଞ୍ଚାୟତର ଉପର ବୁଗୁଡ଼ି ଗ୍ରାମରେ ଏକ ସଂଯୋଗୀ ବିଦ୍ୟାଳୟରେ ପାଠ ପଢ଼ାଉଛନ୍ତି । ଏହି ବିଦ୍ୟାଳୟ ଓଡ଼ିଶା ଶିକ୍ଷା ଅଭିଯାନ ତରଫରୁ ସି.ସି.ଡ଼ି, ପାରଳାଖେମୁଣ୍ଡିଙ୍କ ସହଯୋଗରେ ପରିଚାଳିତ ହେଉଛି । ବିଦ୍ୟାଳୟକୁ ୨୫ ଜଣ ଶିଶୁ ଆସୁଛନ୍ତି । ସେଥିମଧ୍ୟରୁ ୧୬ ଜଣ ଝିଅ ଏବଂ ପୁଅ ୯ ଜଣ । ବିଦ୍ୟାଳୟ ପ୍ରତ୍ୟେକ ଦିନ ୪ ଘଣ୍ଟା ଧରି ଚାଲେ । ଏଥିରେ ଦୁଇଘଣ୍ଟା ପ୍ରାୟ ନାଚଗୀତ ମଧ୍ୟ ହୁଏ ।

ଗାଆଁରେ ପ୍ରଥମ ଅନୁଭୂତି ସମ୍ପର୍କରେ କହନ୍ତି ଯେ, ମୁଁ ପ୍ରଥମେ ଯେତେବେଳେ ଗାଁକୁ ରବିବାର ଦିନ ଯାଇଥିଲି, ଏବଂ ଗୀର୍ଜାରେ ଯାଇ ବସିଲି, ଗୀତ ଗାଇଲି ଏବଂ ଲୋକଙ୍କ ସହିତ କଥାବାର୍ତ୍ତା ହେଲି, ଗାଁ ଲୋକେ ପ୍ରଥମେ ସନ୍ଦେହ ଚକ୍ଷୁରେ ଦେଖିଲେ । କାରଣ ପୂର୍ବରୁ ଇ.ଜି.ଏସ୍ ତରଫରୁ ଏକ ସ୍କୁଲ ହୋଇଥିଲା, ଚାରିମାସ ଚାଲି ବନ୍ଦ ହୋଇଯାଇଛି । ଏହି ଦୃଷ୍ଟିରୁ ପ୍ରକୃତରେ ପାଠ ପଢ଼େଇବା ପାଇଁ ଆସିଛନ୍ତି ନା ଅନ୍ୟ କୌଣସି ଉଦ୍ଦେଶ୍ୟରେ ଆସିଛନ୍ତି, ସେଥିଲାଗି ତାଙ୍କୁ ଗ୍ରାମବାସୀ ସନ୍ଦେହ କରୁଥିଲେ ବୋଲି ରାମଚନ୍ଦ୍ର କହନ୍ତି ।

କିନ୍ତୁ ମୋ ସହିତ ଯେତେବେଳେ ମିଶି ଗ୍ରାମବାସୀ କଥାବର୍ତ୍ତା ହେଲେ, ଦିନେ ଦୁଇଦିନରେ ମିଶିଗଲେ, ଗାଆଁ ଲୋକ ବହୁତ ଖୁସୀ ହେଲେ, ସେମାନେ କହିଲେ, ତୁମେ ରହିବା ଏବଂ ଖାଇବା ପାଇଁ ଚିନ୍ତା କର ନାହିଁ, ମଣ୍ଡଳି (ଗୀର୍ଜାଘର) ତରଫରୁ ଖାଦ୍ୟ ରାନ୍ଧି ଦିଆଯିବ । ତୁ କେବଳ ପିଲାଙ୍କ ଶିକ୍ଷା କଥା ଭାବ । ଆମେ ତୁମକୁ ସବୁ କ୍ଷେତ୍ରରେ ସାହାଯ୍ୟ କରିବୁ । ବର୍ତ୍ତମାନ ଗ୍ରାମ୍ୟ ଶିକ୍ଷା କମିଟିର ସଭାପତି ଶ୍ରୀ କାଲେବ ରଇତଙ୍କ ଘରେ ରହୁଛି ଏବଂ ତାଙ୍କ ଘରେ ହିଁ ଖାଉଛି ।

ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ପୁସ୍ତକ ଦରକାର ନାହିଁ ବୋଲି କହନ୍ତି ରାମଚନ୍ଦ୍ର । ସେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ଶିଶୁମାନଙ୍କୁ ପାଠ ପଢ଼ାଇଲା ବେଳେ ପୁସ୍ତକ ବ୍ୟବହାର କରନ୍ତି ନାହିଁ । ସେ ଶିଶୁମାନଙ୍କୁ ବାହାର ପରିବେଶ, ପଶୁ ପକ୍ଷୀଙ୍କୁ ନେଇ ବିଜ୍ଞାନ, ମୌଖୀକ ଭାବରେ ଗଣିତ, ଗପ, ଗୀତ ଛଳରେ ପାଠ ପଢ଼ାଇଥାଆନ୍ତି । ସଂଯୁକ୍ତ ୩ ଓ ୪ର ପୁସ୍ତକଗୁଡ଼ିକୁ ସଂଗ୍ରହ ମଧ୍ୟ କରିଛନ୍ତି । ତୃତୀୟ ଓ ଚତୁର୍ଥ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ପାଠ ପଢ଼ାଇଲା ବେଳେ ପୁସ୍ତକ ବ୍ୟବହାର କରିବା ସହିତ ବାହାର

ଦୁନିଆର ଜ୍ଞାନ, ନିଜ ଗ୍ରାମ ପରିବେଶକୁ ନେଇ ମଧ୍ୟ ପଢ଼ାଇଥାଆନ୍ତି । ଉଦାହରଣ ଦେଇ କହନ୍ତି ଯେ, ଗଣିତରେ କୋଣ ପଢ଼ାଇବା ବେଳେ ମୁଁ ପିଲାମାନଙ୍କୁ ନେଇ କରେ । ପିଲାମାନଙ୍କର ମଧ୍ୟର ଜଣେ ସିଧା ଠିଆହେବାକୁ ୯୦ ଡ଼ିଗ୍ରୀ, ଅଣେଇ ହେଲେ ୬୦ ଡିଗ୍ରୀ, ଶୋଇରହିଲେ ୧୮୦ ଡ଼ିଗ୍ରୀ ଏହି ଭଳି ଜ୍ୟାମିତି ପଢ଼ାଇବା ବେଳେ ପିଲାଙ୍କୁ ନେଇ ବୁଝାଏ । ଏହାଦ୍ୱାରା ପିଲାଏ ଶୀଘ୍ର ବୁଝି ଯାହାନ୍ତି ବୋଲି କହନ୍ତି ରାମଚନ୍ଦ୍ର । ଗଣିତ ଭଳି ସବୁ ବିଷୟରେ ସେ ଛାତ୍ରଛାତ୍ରୀମାନଙ୍କୁ ଜୀବନ୍ତ କରି ପଢ଼ାନ୍ତି ।

ଏହି ଗାଁରେ ୨୪ଟି ପରିବାର ବାସ କରନ୍ତି । ଲୋକସଂଖ୍ୟା ୧୩୧ ହେବ । ଅଧିକାଂଶ ପରିବାର କୁଲିନାଲି କରି କିମ୍ବା ବଗଡ଼ କରି ଚଳନ୍ତି । ଗାଁରେ ବିଦ୍ୟାଳୟ ନାହିଁ । ବାପା, ମା ପିଲାମାନଙ୍କର ଶିକ୍ଷା ପାଇଁ ଆଗ୍ରହୀ ଅଛନ୍ତି । ଅର୍ଥ ମଧ୍ୟ ଖର୍ଚ୍ଚ କରିବା ପାଇଁ ପ୍ରସ୍ତୁତ ଅଛନ୍ତି ଏବଂ ଏବେ ନିଜ ପୁଅଝିଅଙ୍କ ପାଇଁ ଦରକାର ବେଳେ ଅର୍ଥ ଖର୍ଚ୍ଚ କରୁଛନ୍ତି ।

ମୁଁ ଏହି ଗ୍ରାମରେ ଶିକ୍ଷକତା କରିବା ମଧ୍ୟରେ ନିକଟସ୍ଥ ଘାଟିରେ ଥିବା କୁଲୁରସିଂ ଗ୍ରାମର ଗ୍ରାମବାସୀ ମୋ' ନିକଟକୁ ଆସିଥିଲେ । କୁଲୁରସିଂ ଗାଁରେ ମୋତେ ପାଠ ପଢ଼ାଇବା ପାଇଁ ନିବେଦନ କରିଥିଲେ ଏବଂ ଆମେ ପ୍ରତ୍ୟେକ ପିଲା ପିଛା କିଛି ଅର୍ଥ ଯୋଗାଡ଼ କରି ଦେବୁ ବୋଲି କହିଥିଲେ । କିନ୍ତୁ ମୁଁ ଉପର ବୁଗୁଡ଼ି ଗ୍ରାମ ସହିତ ଏବଂ ଲୋକଙ୍କ ସହିତ ମିଶିଯାଇଥିବାରୁ ତାଙ୍କ ନିବେଦନକୁ ଗ୍ରହଣ କରିପାରିନଥିଲି ।

ମୋର ମା' ଜଣେ ଅଙ୍ଗନବାଡ଼ୀ କର୍ମୀ । ମୁଁ ମା'ଙ୍କ ଠାରୁ ଶିଶୁଗୀତ ଗୁଡ଼ିକ ପୂର୍ବରୁ ଶିଖିଥିଲି ଏବଂ ସଂଗ୍ରହ କରିଥିଲି । ଏଥିସହିତ ଗତ ତାଲିମରେ ଶିକ୍ଷାସନ୍ଧାନ ତରଫରୁ 'ହାତୀର ଗଣିତ ଶିକ୍ଷା' ପରି ଅନେକ କୌତୁହଳ ପୂର୍ଣ୍ଣ ଗୀତଗୁଡ଼ିକ ଶିଶୁମାନଙ୍କୁ ଶିଖାଇବାରେ ଏବଂ ପାଠପଢ଼ିବାରେ ସହାୟତା କରୁଛି । ଗତ ତାଲିମ ମୋତେ ବହୁତ କିଛି ଶିକ୍ଷା ଦେଇଛି ବୋଲି କହନ୍ତି ରାମଚନ୍ଦ୍ର ।

ପିଲାଙ୍କୁ ଗୀତ,ନାଚ ଏବଂ ଗପ ମୁଁ ବିଭିନ୍ନ ପତ୍ରପତ୍ରିକା, ପୁସ୍ତକ, ସମ୍ବାଦପତ୍ରରୁ ସଂଗ୍ରହ କରିଥାଏ । ଏହିଗୁଡ଼ିକ ମୋତେ ପିଲାଙ୍କୁ ଶିକ୍ଷା ଦେବାରେ ବେଶ୍ ସହାୟକ ହୋଇଥାଏ ।

ରାମଚନ୍ଦ୍ର ଜଣେ କେବଳ ଆଦର୍ଶ ଶିକ୍ଷକ ଭାବରେ ପରିଚିତ ନୁହନ୍ତି, ସେ ଜଣେ ମଧ୍ୟ ଚେରମୂଳ, ଆୟୁର୍ବେଦ ସମ୍ପର୍କରେ କିଛି ଧାରଣା ରହିଛି । ହାଇସ୍କୁଲ ସ୍ତରରେ ପଢ଼ିଲା ବେଳେ ଅବିଭକ୍ତ ଗଞ୍ଜାମ ଜିଲ୍ଲାର ଏକ ଚେରମୂଳି ଔଷଧ

ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଲାଭ କରିଥିଲେ । ଏଥିପ୍ରତି ମଧ୍ୟ ତାଙ୍କର ବେଶ୍ ଆଗ୍ରହ ଅଛନ୍ତି । ଗ୍ରାମରେ ଦରକାର ସମୟରେ ସେ ଗ୍ରାମବାସୀ, ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ଚେରମୂଳୀ, ପତ୍ରର ଉପକାର ଦ୍ୱାରା ରୋଗ ନିରାକରଣ କରିଥାଆନ୍ତି । ଏତଦ୍ ବ୍ୟତୀତ ସେ ନିକଟରେ ମ୍ୟାଲେରିଆ ପାଇଁ ଔଷଧ ତଥା ଅନ୍ୟାନ୍ୟ ସାଧାରଣ ଉପଚାର ପାଇଁ ଔଷଧପତ୍ର ରଖିଥାଆନ୍ତି, ଗ୍ରାମବାସୀଙ୍କୁ ଦରକାର ବେଳେ ଦେଇଥାଆନ୍ତି ।

ଉପର ବୁରୁଡ଼ି ଗ୍ରାମରେ ଏହି ଅଧାରୁ ପାଠ ଛାଡ଼ିଥିବା ଏବଂ ପୂର୍ବରୁ ବିଦ୍ୟାଳୟ ମାଡ଼ିନଥିବା ପିଲାମାନଙ୍କ ପାଇଁ ସଂଯୁକ୍ତା ବିଦ୍ୟାଳୟ ଖୋଲିବା ପରେ ରାମଚନ୍ଦ୍ର କେତେକ ଶିଶୁଙ୍କୁ ନେଇ ନିକଟସ୍ଥ ଅଣ୍ଡର ସିଂ ପ୍ରାଥମିକ ବିଦ୍ୟାଳୟ ଓ ମେରିଗୁଡ଼ା ପ୍ରାଥମିକ ବିଦ୍ୟାଳୟରେ ନାମ ଲେଖାଇଛନ୍ତି ।

ପ୍ରତ୍ୟେକ ଦିନ ରାମଚନ୍ଦ୍ର ୩ରୁ ୪ ଜଣ ଶିଶୁମାନଙ୍କୁ ମଧ୍ୟ ନିଜ ନିକଟରେ ରଖନ୍ତି । ସେମାନଙ୍କ ସହିତ ସେହି ସମୟରେ ପାଠପଢ଼ା ଓ ଅନ୍ୟାନ୍ୟ ବିଷୟ ଆଲୋଚନା କରନ୍ତି ।

ଗୋଷ୍ଠୀ ସମ୍ପୃକ୍ତି ଓ ଲୋକଙ୍କ ସହଭାଗିତା ସମ୍ପର୍କରେ କହନ୍ତି ଯେ, ସ୍କୁଲ ଘର ମରାମତି କରିବାକୁ ପଡ଼ିଲା ଏବଂ ଏଥିପାଇଁ ଅର୍ଥ ଦରକାର ପଡ଼ିଲା । ଗାଁ ଲୋକେ, ବିଦ୍ୟାଳୟର ଛାତ୍ରଛାତ୍ରୀ, ରାମଚନ୍ଦ୍ର ନିଜେ ମିଶି ଦୁଇଦିନ ଗେଟି (ପଥର / ଚିପ୍) ବାଡ଼େଇଲୁ । ଦୁଇଦିନରେ ୪ ଟ୍ରାକ୍ଟର ଗେଟି ତିଆରି ହେଲା ଏବଂ ଏହା ଟ. ୨୦୦୦/- ବିକ୍ରୀ ହେଲା । ଏହି ଅର୍ଥ ସ୍କୁଲ ଘର ମରାମତିରେ ସାହାଯ୍ୟ କଲା ।

ଏହି ଶିକ୍ଷକଙ୍କ ଆଲୋଚନା କଲାବେଳେ ବାରିହୁଏ ଅଧିକାଂଶଙ୍କ ଲୋକଙ୍କ ଧାରଣା, ବିଦ୍ୟାଳୟକୁ ଶିଶୁମାନଙ୍କୁ ବାପାମାଆ ମାନେ ପଠାଉନାହାନ୍ତି । କିନ୍ତୁ ପ୍ରକୃତରେ ସେମାନଙ୍କ ନିକଟରେ ବିଦ୍ୟାଳୟ ଶିକ୍ଷା ପହଞ୍ଚିପାରୁଛି କି ? ଅନେକଙ୍କ ଧାରଣା ମଧ୍ୟାହ୍ନ ଭୋଜନ ଦେଇଦେଲେ, ପୋଷାକ ଦେଇଦେଲେ, ସ୍କୁଲ ଘର କରିଦେଲେ ଶିକ୍ଷା ହୋଇଯିବ,କିନ୍ତୁ ସବୁ ଥାଇ ଯଦି ଜଣେ ଶିକ୍ଷକ ନଥିବେ, ଯଦି ଥିବେ ତାଙ୍କର ଶିଶୁମାନଙ୍କ ଶିକ୍ଷା ପ୍ରତି ଆନ୍ତରିକତା ନଥିବ, ତେବେ ସବୁ ଥାଇ ମଧ୍ୟ ମୂଲ୍ୟହୀନ ।

*(ଶ୍ରୀଯୁକ୍ତ ରାମଚନ୍ଦ୍ର ଶବର, ଜଣେ ଆଦିବାସୀ ଯୁବକ, ସି.ସି.ଡ଼ି ଅନୁଷ୍ଠାନ ତରଫରୁ ୨୦୦୬ ମସିହାରେ ଗଜପତି ଜିଲ୍ଲାର ଗୁମ୍ମା ବ୍ଲକ୍‌ର ପାତ୍ରଡ଼ା ପଞ୍ଚାୟତର ଉପରବୁରୁଡ଼ି ସଂଯୁକ୍ତା ବିଦ୍ୟାଳୟରେ ଶିକ୍ଷକତା କରୁଥିବା ସମୟରେ ଉକ୍ତ ଲେଖାଟିକୁ ପ୍ରସ୍ତୁତ କରାଯାଇଥିଲା )*

□□□

# ନିଆରା ଶିକ୍ଷକ ଭଜଗୋବିନ୍ଦ ପାତ୍ର

ଗଜପତି ଜିଲ୍ଲାର ପାରଳାଖେମୁଣ୍ଡି ସହରର ଭଜଗୋବିନ୍ଦ ପାତ୍ର ଜଣେ ଏକାଧାରରେ ସଂଗୀତ ଶିକ୍ଷକ ଏବଂ ଶିଶୁ ସାହିତ୍ୟିକ । ଭଜଗୋବିନ୍ଦ ପାତ୍ର ଓରଫ ଭଜଭାଇ ଭାବରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ବିଦ୍ୟାଳୟର ନର୍ସରୀ ଠାରୁ ଆରମ୍ଭ କରି ୧୦ମ ଶ୍ରେଣୀ ଛାତ୍ରଛାତ୍ରୀ ପର୍ଯ୍ୟନ୍ତ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ, ପାରଳାର ସଂଗୀତ ପ୍ରେମୀ , ଏବଂ ପାରଳାଖେମୁଣ୍ଡି ସହରର ଯେକୌଣସି ବ୍ୟକ୍ତିବିଶେଷଙ୍କ ନିକଟରେ ବେଶ୍ ପରିଚିତ । ପାରଳା ସହରର ଜନସାଧାରଣ ତାଙ୍କୁ ଭଜଗୋବିନ୍ଦ ଭାବରେ କମ୍ ଚିହ୍ନନ୍ତି କିନ୍ତୁ "ବାପଧନ'' ଭାବରେ ବେଶ୍ ଜଣାଶୁଣା । ସମୟ ଥିଲା, ପାରଳା ସହରରେ ଯେଉଁଠି ଭକ୍ତି ସଂଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ, ସେତେବେଳେ ଭଜଭାଇଙ୍କ ଡାକରା ହୁଏ । ସେ କେବଳ ସଂଗୀତରେ ପରିପକ୍ୱ ନୁହଁନ୍ତି, ଏଥିସହିତ ହାରୋମନିୟମ୍, ଡୁବି ତାବଲା, ବେହେଲା ତଥା ଅନ୍ୟାନ୍ୟ ସଂଗୀତ ଯନ୍ତ୍ରପାତିରେ ଓସ୍ତାଦ୍ ସହଯୋଗୀ ଭାବରେ ଭାଗ ନେଇଥାଆନ୍ତି ।

୧୯୮୧ ମସିହାରୁ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ପାରଳାଖେମୁଣ୍ଡିରେ ଶିକ୍ଷକତା ଆରମ୍ଭ କରିଥିବା ଭଜଭାଇ ବର୍ତ୍ତମାନ ପର୍ଯ୍ୟନ୍ତ କୋମଳମତି ଶିଶୁମାନଙ୍କୁ ସଂଗୀତ ଶିକ୍ଷାଦାନ ଜାରି ରଖିଛନ୍ତି । ଏଥିସହିତ ଶ୍ରୀଅରବିନ୍ଦ ଏବଂ ଶ୍ରୀମାଙ୍କ'ର ଦର୍ଶନକୁ ହୃଦୟଙ୍ଗମ କରିବା, ପୂର୍ଣ୍ଣାଙ୍ଗ ଶିକ୍ଷାର ମୂଳ ଉଦ୍ଦେଶ୍ୟକୁ ବୁଝିବା ସହିତ ନିଜ ଜୀବନରେ ଏବଂ ପିଲାଙ୍କ ଜୀବନରେ ବିକାଶ ଫୁଟାଇବା ପାଇଁ ଚେଷ୍ଟା ଜାରି ରଖିଛନ୍ତି ।

ନିଜର ପ୍ରଥମ ବିଦ୍ୟାଳୟ ଆସିବା ସମୟକୁ ମନେ ପକାଇ କହନ୍ତି ଯେ, 'ମୁଁ ୧୯୮୧ ମସିହାରେ ସଂଗୀତ ଶିକ୍ଷକ ଭାବରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଯୋଗ ଦେଲି । ଯେତେବେଳେ ଯୋଗ ଦେଲି, ପ୍ରଥମ ଛଅମାସ ମତେ ଶିଶୁମାନଙ୍କର ମନକୁ ବୁଝିବାକୁ ଲାଗିଗଲା । ଏହାପୂର୍ବରୁ ମୁଁ ଅନେକ ଷ୍ଟେଜ୍‌ରେ ଗୀତ ଗାଇଥିଲି, ସଂଗୀତ ରଚନା କରିଥିଲି, କିନ୍ତୁ ଶିଶୁମାନଙ୍କର ହୃଦୟକୁ ଜୟ କରିବା ଭଳି ସଂଗୀତ ରଚନା କରିନଥିଲି । ମୁଁ ଶିଶୁମାନଙ୍କୁ ବୁଝିବା ପାଇଁ, ଶିଶୁମାନେ କ'ଣ କ'ଣ ଭଲ ପାଆନ୍ତି, ସେମାନଙ୍କୁ କେଉଁ ଭାଷାରେ ସଂଗୀତ ଶିକ୍ଷାଦାନ କଲେ ମୁଁ ସେମାନଙ୍କ ମନ ଜିଣିବି, ଇତ୍ୟାଦି ବିଷୟରେ ମୁଁ ସବୁ ସମୟରେ ଚିନ୍ତାମଗ୍ନ ରହିଲି ଏବଂ ଶିଶୁମାନଙ୍କର ହୃଦୟକୁ ବୁଝିବାକୁ ଚେଷ୍ଟା କଲି । ପ୍ରାୟ ଛଅମାସ ପରେ ମୁଁ ଆସ୍ତେ

ଆସ୍ତେ ଶିଶୁମାନଙ୍କ ପାଇଁ ବୋଧଗମ୍ୟ, ସରଳ ସଙ୍ଗୀତ ରଚନା ଆରମ୍ଭ କଲି । ମୁଁ ଶିକ୍ଷାଦାନ ସମୟରେ ଅନୁଭବ କଲି ଯେ, ଶିଶୁମାନେ ପଶୁପକ୍ଷୀ, ପ୍ରକୃତି, କୌତିକିଆ ଗପ ଇତ୍ୟାଦିକୁ ନେଇ ଆଗ୍ରହ ପ୍ରକାଶ କରିଥାଆନ୍ତି । ମୁଁ ପ୍ରଥମେ ବିଭିନ୍ନ ପତ୍ରପତ୍ରିକା, ଶିଶୁ ପତ୍ରିକା, ଦୈନିକ ସମ୍ବାଦପତ୍ରରୁ ଲେଖା ସଂଗ୍ରହ କରିବା ସହିତ ନିଜେ ସଂଗୀତ ପ୍ରସ୍ତୁତି କରିବା ଆରମ୍ଭ କରିଦେଲି । ପୂର୍ବରୁ ବଡ଼ମାନଙ୍କ ପାଇଁ ଅନେକ ସଂଗୀତ ରଚନା କରିଥିଲି, ଗୀତ ସ୍ୱର ଦେଇଥିଲି, କିନ୍ତୁ ଯେତେବେଳେ ଶିଶୁମାନଙ୍କ ସହିତ ମିଶିଲି, ସେହିଦିନ ଠାରୁ ଶିଶୁମାନଙ୍କ ପାଇଁ ସଂଗୀତ ରଚନା କରିବା ପାଇଁ ଅଧିକ ମନୋନିବେଶ କଲି । ଏହି ଦୃଷ୍ଟିରୁ ପ୍ରତ୍ୟେକ ସମୟରେ ମୁଁ ଶିଶୁମାନଙ୍କ ପାଇଁ କ'ଣ କରିବି, ଶିଶୁମାନଙ୍କ ପାଇଁ ସଂଗୀତ ଭାଷା କ'ଣ ରହିବ, ଏହା ଆସ୍ତେ ଆସ୍ତେ ଶିଶୁମାନଙ୍କ ସହିତ ସଂଗୀତ ଶିକ୍ଷା ଦେବାପାଇଁ ସେମାନଙ୍କର ଆବଶ୍ୟକତା କ'ଣ ରହିଛି, ଏହାକୁ ଦେଖି ମୁଁ ଶିଶୁମାନଙ୍କର ମନଛୁଆଁ ହେଲା ଭଳି ପ୍ରକୃତି, ପଶୁ, ପକ୍ଷୀ, କୌତୁକିଆ ସଂଗୀତ ରଚନା କଲି । ଏହାଦ୍ୱାରା ଶିଶୁମାନଙ୍କର ସଂଗୀତ ପ୍ରତି ଆଗ୍ରହ ଆସ୍ତେ ଆସ୍ତେ ବଢ଼ିଲା ।

ଶିକ୍ଷକତ୍ୱ ମାଧ୍ୟମରେ ହିଁ ଶିକ୍ଷଣୀୟ ବ୍ୟବସ୍ଥା ମିଳିଛି ବୋଲି ମୁଁ ଅନୁଭବ କରିଛି । ଶିକ୍ଷା ଦେବା ମାଧମରେ ଶିକ୍ଷକ ଶିଖେ । ଶିକ୍ଷକ ଶିଶୁକୁ କମ୍ ଦିଏ, ଅଧିକ ଶିଶୁଠାରୁ ଶିଖେ ବୋଲି ନିଜର ଅନୁଭବରୁ ଭଜଭାଇ କହନ୍ତି । ଜୀବନରେ ଶିକ୍ଷକତାକୁ ଆଦରି ନେଇଥିବା ନିଆରା ଭଜଭାଇ ସବୁକ୍ଷେତ୍ରରେ ନିଆରା । ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ତଥା ଆଶ୍ରମ ହିଁ ତାଙ୍କୁ ନିଜ ଭାଷାକୁ ପ୍ରକାଶ କରିବାରେ ସହାୟକ ହୋଇଛି ବୋଲି ସେ ସ୍ୱୀକାର କରନ୍ତି । ତାଙ୍କର ଅଧିକାଂଶ ଶିଶୁଗୀତ ରଚନା, ବୈଜ୍ଞାନିକ ଦୃଷ୍ଟିକୋଣ, ଭଗବାନ ଓ ବିଜ୍ଞାନ ଏହିପରି ଅନେକ ଚିନ୍ତାଧାରା ଏହି ଆଶ୍ରମ ପରିସରରେ ହିଁ ମନରେ ଆନ୍ଦୋଳିତ ହୋଇଥାଏ ବୋଲି ସେ ମତ ଦିଅନ୍ତି ।'

ଭଜଭାଇଙ୍କ ଦ୍ୱାରା ଦୁଇଟି ଶିଶୁଗୀତ ପୁସ୍ତକ ପ୍ରକାଶିତ ହୋଇଛି । ଏହି ଦୁଇଟି ଶିଶୁଗୀତ ପୁସ୍ତକ ବେଶ୍ ମନଛୁଆଁ ହୋଇଛି ଏବଂ ଶିଶୁମାନଙ୍କ ହୃଦୟକୁ ଜୟ କରିବା ଭଳି ଗୀତଗୁଡ଼ିକ ସ୍ଥାନ ପାଇଛି । ଏହି ଦୁଇଟି ପୁସ୍ତକ 'ଆମ ମନର ଗୀତ', ଏବଂ 'ଶିଶୁ ମନର ଗୀତ' ମୁଖ୍ୟତଃ ଶିଶୁମାନଙ୍କୁ ପର୍ଯ୍ୟବେକ୍ଷଣ କରି, ନିଜେ ଶିଶୁମାନଙ୍କୁ ସଂଗୀତ ଶିକ୍ଷାଦାନ କଲାବେଳେ, ଯେଉଁ ଗୀତଗୁଡ଼ିକ ଶିଶୁମାନଙ୍କ ମନକୁ ଛୁଇଁଛି, ସେହି ଗୀତଗୁଡ଼ିକୁ ନେଇ ଏହି ଦୁଇଟି ବହି ପ୍ରକାଶିତ ହୋଇଛି ।

ଏହିଦୁଇଟି ପୁସ୍ତକ ଶିଶୁମାନଙ୍କ ଆକର୍ଷଣୀୟ ହେବା ଭଳି ବେଶ୍ ମନଛୁଆଁ ହୋଇଛି । ସଂଗୀତଗୁଡ଼ିକ ଅତି ସରଳ ଭାଷାରେ ପ୍ରସ୍ତୁତ ହୋଇଛି । ଦୁଃଖର ବିଷୟ, ୨୦୦୫-୨୦୦୬ ମସିହାରେ ଏଥିରୁ ଗୋଟିଏ ପୁସ୍ତକ ରାଜା ରାମମୋହନ ରାୟ ଲାଇବ୍ରେରୀ ଫାଉଣ୍ଡେସନ୍ ଦ୍ୱାରା ନିର୍ବାଚିତ ହୋଇଥିଲେ ମଧ୍ୟ ନିଜର ପ୍ରକାଶନ ପ୍ରେସ୍ ଦ୍ୱାରା ଠିକ୍ ସମୟରେ ଦେଇନପାରିବାରୁ ଏହି ପୁସ୍ତକକୁ ରାଜା ରାମମୋହନ ରାୟ ଲାଇବ୍ରେରୀ ଫାଉଣ୍ଡେସନ୍ ନିକଟରେ ଠିକ୍ ସମୟରେ ପୁସ୍ତକ ଯୋଗାଇବାରେ ବିଫଳ ହୋଇଥିଲେ । ସେ ଏ ପର୍ଯ୍ୟନ୍ତ ତିନୋଟି ପୁସ୍ତକ ରଚନା କରିଛନ୍ତି ଏବଂ ନିଜର ଶିକ୍ଷକତାର ଆୟରୁ ହିଁ ଏହି ପୁସ୍ତକଗୁଡ଼ିକ ପ୍ରକାଶନ ଦିଗରେ ଖର୍ଚ୍ଚ କରିଛନ୍ତି ।

ଶିଶୁମାନଙ୍କୁ ସଂଗୀତ ଶିକ୍ଷା ଦେବା ସମ୍ପର୍କରେ କହନ୍ତି ଯେ, ସେମାନଙ୍କ ସ୍ଥିତିକୁ ଆସିବାକୁ ପଡ଼ିବ । ସେମାନଙ୍କର ଆଗ୍ରହ କ'ଣ, ସେମାନଙ୍କୁ ଫଳ, ଫୁଲ, ବାଘ ଇତ୍ୟାଦି ସମ୍ପର୍କରେ ସଂଗୀତ ହେବା ଦରକାର । ଦୀର୍ଘ ୨୭ ବର୍ଷ ହେଲା ସେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ପାରଳାଖେମୁଣ୍ଡିକୁ ହିଁ ନିଜର କର୍ମକ୍ଷେତ୍ର ରୂପେ ବାଛି ନେଇଛନ୍ତି । ସବୁ ସମୟରେ ସହ ଶିକ୍ଷକ, ବିଦ୍ୟାଳୟ ତଥା ବିଦ୍ୟାଳୟ କାର୍ଯ୍ୟକାରୀ କମିଟି ତଥା ଅନ୍ୟ ସ୍କୁଲ ସହିତ ସମ୍ପର୍କୀତ ବ୍ୟକ୍ତି ଭଜ ଭାଇକୁ ଏକ ସ୍ୱତନ୍ତ୍ର ଦୃଷ୍ଟିରେ ଦେଖିଛନ୍ତି । ସବୁ ସମୟରେ ଏହି ବ୍ୟକ୍ତିଙ୍କୁ ସବୁ କ୍ଷେତ୍ରରେ ସ୍ୱାଧୀନତା ଦିଆଯାଇଛି ବୋଲି ଏହି ଶିକ୍ଷକଜଣକ ସ୍ୱୀକାର କରନ୍ତି । ଏହି ସ୍ୱାଧୀନତା ଦେବା ଯୋଗୁଁ ହିଁ ମୁଁ ଏହି ବିଦ୍ୟାଳୟରେ, ନିଜର କର୍ମକ୍ଷେତ୍ରରେ ଆଗକୁ ଆଗକୁ ଯିବା ସହିତ ଶିଶୁମାନଙ୍କ ସହିତ ନିଜର ଅନେକ ସମୟ କଟେଇଛି ଏବଂ ଶିଶୁମାନଙ୍କ ସହ ମଧ୍ୟ ସଂଗୀ ହୋଇପାରିଛି । ସଂଗୀତ ଶିକ୍ଷା ଦେବା ବେଳେ ଜଣେ ଦେଖିଲେ ହିଁ ଅନୁଭବ କରିବ ସେ କିଭଳି ଶିଶୁମାନଙ୍କ ସହିତ ମିଶିଯାଆନ୍ତି । ନିଜେ ସେ ହାରମୋନିୟମ ବଜାଇବା ବେଳେ କେହି କାନ୍ଧ ଉପରେ ଚଢ଼ିଯାଆନ୍ତି ତ କିଏ ଆଉ କ'ଣ କରନ୍ତି । ଶିଶୁମାନଙ୍କ ସହିତ ପ୍ରକୃତରେ ସେ ଶିଶୁ ହିଁ ପାଲିଟି ଯାଇଥାଆନ୍ତି ।

ଭଜଭାଇଙ୍କୁ ୫୫ ଛୁଇଁଲାଣି । ସ୍ୱାସ୍ଥ୍ୟଗତ ଦୃଷ୍ଟିରୁ ଦୁର୍ବଳ ଜଣାପଡ଼ିଲେ ମଧ୍ୟ ନିଜ ମନୋବଳ ଦୃଢ଼ ଏବଂ ଯୁବସୁଲଭ ଭରି ରହିଛି । ପାରିବାରିକ ଜଞ୍ଜାଳରୁ ମୁକ୍ତ ଅଛନ୍ତି, ବାହା ହୋଇନାହାନ୍ତି । ଶ୍ରୀଯୁକ୍ତ ଭଜଭାଇଙ୍କ ବାପା ପାରଳା ଅଞ୍ଚଳର ଜଣେ ବିଶିଷ୍ଟ ବୈଦ୍ୟରାଜ ଥିଲେ । ଏଥିସହିତ ସାପ କାମୁଡ଼ିବା କିମ୍ବା କୌଣସି ବିଷାକ୍ତ କୀଟ କାମୁଡ଼ିଲେ ଅଧିକାଂଶ ଲୋକ ଏହି ବୈଦ୍ୟ ଘରକୁ ଆସନ୍ତି ଏବଂ

ଚିକିତ୍ସା ହୋଇ ଫେରନ୍ତି । ଭଜ ଭାଇଙ୍କ ପିତା ଭକ୍ତ ବତ୍ସଳ ପାତ୍ର ଏକାଧାରରେ ଜଣେ ସଂସ୍କୃତ ପଣ୍ଡିତ, ବୈଦ୍ୟରାଜ ଏବଂ ସଙ୍ଗୀତଜ୍ଞ ଥିଲେ । ଭଜଭାଇଙ୍କ ଅଜା ହେଉଛନ୍ତି ପ୍ରସିଦ୍ଧ ଭକ୍ତକବି ଗୋପାଳକୃଷ୍ଣ ପଟ୍ଟନାୟକ । ଶିଶୁ ଅବସ୍ଥାରେ ମୋ ମାଆଙ୍କର ଦେଶାତ୍ମକ, ଆଧ୍ୟାତ୍ମିକ ଓ ଭକ୍ତିଭାବର ପ୍ରଭାବ ମୋ ଉପରେ ପଡ଼ିଛି ଏବଂ ସର୍ବୋତ୍ତ ଭାବରେ ସମାଜର ଅଧିକାଂଶ ବନ୍ଧୁଙ୍କ ପ୍ରେରଣା, ଉତ୍ସାହ, ସ୍ନେହ ଓ ମମତା ହିଁ ମୋ କଳାର ବିକାଶ ପଥରେ ପ୍ରେରଣା ଯୋଗାଇ ଦେଇଛି ବୋଲି କରନ୍ତି ଭଜ ଭାଇ ।

ଜିଲ୍ଲା ସ୍ତରରେ ଶ୍ରୀଯୁକ୍ତ ଭଜଭାଇଙ୍କୁ ସଂଗୀତଜ୍ଞ ଭାବରେ ସମ୍ମାନୀତ କରାଯାଇଛି, କିନ୍ତୁ ଶିଶୁ ସାହିତ୍ୟିକ ଭାବରେ ଏ ପର୍ଯ୍ୟନ୍ତ ସ୍ୱୀକୃତି ପାଇନାହାନ୍ତି । ଶିଶୁମାନଙ୍କ ମନପସନ୍ଦ ଅନେକ ଗୀତ ରଚନା କରିଛନ୍ତି, କିନ୍ତୁ ନିଜକୁ ଶିଶୁ ସାହିତ୍ୟିକ ଭାବରେ ନିଜର ପରିଚୟ ସୃଷ୍ଟି କରିବା ପାଇଁ ମନୋନିବେଶ କରିନାହାନ୍ତି କିମ୍ବା ସେପରି ଅନୁଭବ କରିନାହାନ୍ତି । ନିଜର ସମ୍ବଳରେ ତିନୋଟି ପୁସ୍ତକ ପ୍ରକାଶିତ ହୋଇଥିଲେ ମଧ୍ୟ ଶିଶୁମାନଙ୍କ ପାଇଁ ଆହୁରି କିଛି ପ୍ରକାଶିତ ହେବାର ବାକି ରହିଛି ବୋଲି ମତ ଦିଅନ୍ତି ।

ଏହିପରି ସମାଜରେ ଅନେକ ଶିକ୍ଷକ ଅଛନ୍ତି, ଯେଉଁମାନେ ନିଜକୁ ଉତ୍ସର୍ଗୀକୃତ କରି ଶିଶୁମାନଙ୍କର ଶିକ୍ଷା ତଥା ବିକାଶ ଦିଗରେ ଅହରହ ଲାଗିରହିଛନ୍ତି । ସେମାନେ ନିଜର ଉନ୍ନତି ଆର୍ଥିକ ଦୃଷ୍ଟିକୋଣରୁ ଦେଖିନାହାନ୍ତି, କିନ୍ତୁ ଶିଶୁମାନଙ୍କର ଶିକ୍ଷା ପ୍ରତି ଆଗ୍ରହ ବୃଦ୍ଧି କରିବା, ଶିକ୍ଷା ସହିତ ସାମାଜିକ ଦାୟିତ୍ୱବୋଧ, ଭ୍ରାତୃଚାରାଭାବ ଇତ୍ୟାଦିକୁ ଶିଶୁମାନଙ୍କ ମଧ୍ୟରେ ଅଙ୍କୁରିତ କରିବାପାଇଁ ଯଥାସାଧ୍ୟ ଉଦ୍ୟମ ଜାରି ରଖିଛନ୍ତି ।

ଜୁନ, ୨୦୦୭

□□□

# ମୟୂରଭଞ୍ଜ ଜିଲ୍ଲାର ଶରତ ଅଞ୍ଚଳର

# ସମାଜକର୍ମୀ ଶ୍ରୀଯୁକ୍ତ ସୁରାଇ ହେମ୍ବ୍ରମ......

ଶ୍ରୀଯୁକ୍ତ ସୁରାଇ ହେମ୍ବ୍ରମ୍ ମୟୂରଭଞ୍ଜ ଜିଲ୍ଲାରେ ବେଶ୍ ପରିଚିତ ନାମ । ମୟୂରଭଞ୍ଜ ଜିଲ୍ଲାର ନିପଟ ଅଞ୍ଚଳରେ ଆଦିବାସୀ ସଂସ୍କୃତି , ଭାଷା, ଶିକ୍ଷାର ପ୍ରସାର ଓ ବିକାଶ ଦିଗରେ ଜୀବନର ମୁଖ୍ୟ ସମୟଟିକୁ ଏହି ଦିଗରେ ବିନିଯୋଗ କରିଛନ୍ତି । ଅଲ୍‌ଚିକି ଭାଷାର ପ୍ରଣେତା ପଣ୍ଡିତ ରଘୁନାଥ ମୁର୍ମୁଙ୍କୁ ନିଜର ଗୁରୁ ଭାବରେ ମାନିନେଇଥିବା ଶ୍ରୀଯୁକ୍ତ ହେମ୍ବ୍ରମ ରଘୁନାଥ ମୁର୍ମୁଙ୍କ ଅଧିନରେ ଛଅମାସ କାଳ ତାଲିମ ନେବା ପରେ ସାନ୍ତାଳୀ ଭାଷା, ସଂସ୍କୃତି, ଅଲ୍‌ଚିକି ଭାଷା ଆଦିର ପୁନରୁତ୍ଥାନ ପାଇଁ ବିଭିନ୍ନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିବା ଆରମ୍ଭ କରିଥିଲେ । ଶରତ୍ ଅଞ୍ଚଳକୁ ନିଜର କାର୍ଯ୍ୟକ୍ଷେତ୍ର ରୂପେ ବାଛି ନେଇଥିବା ସୁରାଇ ବାବୁ ପ୍ରଥମେ ସେହି ଅଞ୍ଚଳରେ ଅଲ୍‌ଚିକି ଭାଷାରେ ସ୍କୁଲ ଖୋଲିବା ଆରମ୍ଭ କଲେ । ପ୍ରାଥମିକ ସ୍ତରର ଆଦିବାସୀ ଶିଶୁମାନଙ୍କ ଠାରୁ ଆରମ୍ଭ କରି ଗାଆଁର ବଡ଼ ବଡ଼ିଆ ମଧ୍ୟ ନିଜର ମାତୃଭାଷା ଜାଣିବା ପାଇଁ ଆଗ୍ରହ ବଢ଼ିବା ଆରମ୍ଭ ହେଲା । ପରବର୍ତ୍ତୀ ସମୟରେ ଶରତ୍ ଅଞ୍ଚଳ ବ୍ୟତୀତ ଉଦଳା ଓ ଠାକୁରମୁଣ୍ଡା ଅଞ୍ଚଳରେ ଅଲ୍‌ଚିକି ଭାଷା ଶିକ୍ଷା ପାଇଁ ବିଦ୍ୟାଳୟ ଖୋଲା ହେଲା । ଆଦିବାସୀ ସଂସ୍କୃତି, ଶିକ୍ଷା ଓ ଭାଷାର ବିକାଶରେ ନିଜର ଜୀବନକୁ ଉତ୍ସର୍ଗୀକୃତ କରିଥିବା ଶ୍ରୀଯୁକ୍ତ ହେମ୍ବ୍ରମଙ୍କ ସହ ଅନ୍ତରଙ୍ଗ ଆଳାପ ଆଲୋଚନା ଏବଂ ତାଙ୍କ ଜୀବନର ଅନୁଭୂତିରୁ କିଛି.....।

## ବିଦ୍ୟାଳୟ ଶିକ୍ଷା

ସୁରାଇ ହେମ୍ବ୍ରମ ୧୯୫୨ ମସିହା ଅପ୍ରେଲ ୪ ରିଖରେ ଖଇରପାଳ ଗ୍ରାମରେ ଆଦିବାସୀ ସାନ୍ତାଳୀ ପରିବାରରେ ଜନ୍ମଗ୍ରହଣ କରିଥିଲେ । ନିଜର ପ୍ରାଥମିକ ଶିକ୍ଷା ଗ୍ରାମଠାରୁ ପାଞ୍ଚ କିଲୋମିଟର ଦୂର ଜଟାପାଣିରେ କଟିଥିଲା । ସେ ସମୟର ଜଟାପାଣି ବିଦ୍ୟାଳୟର ହେଡ୍‌ପଣ୍ଡିତ କାଳୀ ଚରଣ ଟୁଡୁ ହେଉଛନ୍ତି ଶ୍ରୀଯୁକ୍ତ ହେମ୍ବ୍ରମଙ୍କର ପ୍ରଥମ ଶିକ୍ଷକ । ବିଦ୍ୟାଳୟରେ ଦୁଇଜଣ ସାନ୍ତାଳୀ ଜାତିର ଶିକ୍ଷକ ଥିବା ବେଳେ ଜଣେ ହୋ ସଂପ୍ରଦାୟର ଶିକ୍ଷକ ଥିଲେ । ପାଠପଢ଼ା ଓଡ଼ିଆ ଭାଷା ମାଧମରେ ହେଉଥିଲା । ପ୍ରାଥମିକ ବିଦ୍ୟାଳୟକୁ ଯିବା ବେଳେ ସୁରାଇ ମାଆଙ୍କ

ସାଙ୍ଗରେ ଯାଉଥିଲେ । ଏମ୍.ଇ. ସ୍କୁଲ ହାଟବାଗୁଡ଼ା ଗ୍ରାମରେ ଓ ହାଇସ୍କୁଲ ପାଠପଢ଼ା ଖୁଣ୍ଟା ଉଚ୍ଚ ବିଦ୍ୟାଳୟରେ କଟିଥିଲା । ପ୍ରାଥମିକ ସ୍କୁଲ ଶେଷ ଆଡ଼କୁ ହଷ୍ଟେଲରେ ରହିବା ବେଳେ ସୁରାଇଙ୍କ ପିତାଙ୍କୁ ସପ୍ତାହକୁ ୧ ଟଙ୍କା ଏବଂ ୪ ରୁ ୫ କି.ଲୋ. ଚାଉଳ ଦେବାକୁ ପଡୁଥିଲା । ମଧ୍ୟ ଇଂରାଜୀ ପଢ଼ିବା ବେଳେ ମାସିକ ୪ ଟଙ୍କା ଏବଂ ୧୫ କି.ଲୋ. ଚାଉଳ ଏବଂ ହାଇସ୍କୁଲ ପଢ଼ିବା ବେଳେ ୫ ଟଙ୍କା ଏବଂ ୧୫ କି.ଲୋ. ଚାଉଳ ମାସିକ ଦେବାକୁ ପଡୁଥିଲା । ସେ ସମୟରେ ହାତଗଣତି ଝିଅ ପଢୁଥିଲେ । ୫ମ ଶ୍ରେଣୀ ପଢ଼ିବା ବେଳେ ଓଡ଼ିଆ ଘରର ଝିଅ ଜଣେ ଏବଂ ତିନିଜଣ ଆଦିବାସୀ ସଂପ୍ରଦାୟର ଝିଅ ଥିଲେ ।

## ଯୁବାବସ୍ଥାରେ ସମାଜସେବା

୧୯୬୮ ମସିହାରେ ସୁରାଇ ବାବୁ କପ୍ତିପଦା ବ୍ଲକ୍‌ର ଶରତ ଆସିଲେ । ସେତେବେଳକୁ ସେ ମ୍ୟାଟ୍ରିକ ପାସ କରିସାରିଥିଲେ । ଶରତରେ ବାପା ପୋଲିସ ବିଭାଗରେ କାର୍ଯ୍ୟ କରୁଥିଲେ । ପାଠ ପଢ଼ିବା ସମୟରେ ଅଲ୍‌ଚିକି ଲିପିର ପ୍ରଣେତା ତଥା ସାନ୍ତାଳୀ ଭାଷାଭାଷୀର ସ୍ୱନାମଧନ୍ୟ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ସହ ତାଙ୍କର ସାକ୍ଷାତ ହୁଏ । ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ସୁରାଇ ବାବୁଙ୍କର ଆଦିବାସୀ ଭାଷା ଓ ସଂସ୍କୃତି, ଅଲ୍‌ଚିକି ଭାଷା ଇତ୍ୟାଦି ସମ୍ପର୍କରେ ଅଧିକ ଭାବରେ ଜାଣିବା ପାଇଁ ଆଗ୍ରହ ଜନ୍ମିଲା ଏବଂ ଏହି ବିଷୟରେ ଅଧିକ ଅଧ୍ୟୟନ କଲେ । ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଦ୍ୱାରା ପରିଚାଳିତ ଶିକ୍ଷାକେନ୍ଦ୍ରରେ ୬ ମାସ ଅଧ୍ୟୟନ ଏବଂ ତାଲିମ ଗ୍ରହଣ କଲେ । ଏହି ସମୟରେ ସେ ଅଲ୍‌ଚିକି ଲିଖିତ ଭାଷା, ଆଦିବାସୀ ସଂସ୍କୃତି, ପୃଥିବୀ ସୃଷ୍ଟିର ରହସ୍ୟ ସମ୍ପର୍କରେ ଯଥେଷ୍ଟ ଅଧ୍ୟୟନ ଓ ଜ୍ଞାନ ଆହରଣ କଲେ । ସୁରାଇ ହେମ୍ବ୍ରମ କହନ୍ତି, ପଣ୍ଡିତ ରଘୁନାଥ ମୁର୍ମୁଙ୍କ କେତୋଟି କଥା ମୋତେ ବେଶ୍ ପ୍ରଭାବିତ କରିଥିଲା ଯଥା: "ଯଦି ତୁମେ ମାଷ୍ଟର ହେବ, ଅ,ଆ, ପାଠ ପଢ଼େଇଲେ କେବଳ ହେବ ନାହିଁ, ନିଜର ସଂସ୍କୃତିକୁ ଅଧିକ ଭାବରେ ଜାଣିବାକୁ ପଡ଼ିବ, ଏବଂ ନିଜ ଭାଷା ଜ୍ଞାନ ସମ୍ପର୍କରେ ଜ୍ଞାନ ଆହରଣ କରିବାକୁ ପଡ଼ିବ ଏବଂ ଏହା ଛାତ୍ରଛାତ୍ରୀମାନଙ୍କୁ କହିବାକୁ ପଡ଼ିବ । ଏହାଦ୍ୱାରା ଶିଶୁମାନଙ୍କ ମଧ୍ୟରେ ପାଠପଢ଼ିବା ପାଇଁ ଆଗ୍ରହ ଜନ୍ମିବା ସହିତ, ଜାତିର ସଂସ୍କୃତି ପ୍ରତି ଆଗ୍ରହ ଜନ୍ମାଇ ପାରିବ, ଏବଂ ତୁମେ ସେତେବେଳେ ପ୍ରକୃତ ଶିକ୍ଷକଟିଏ ହୋଇପାରିବ ।"

## ଶିକ୍ଷା ଓ ସଂସ୍କୃତିର ବିକାଶ ଦିଗରେ ଭୂମିକା

ଶିକ୍ଷାର ଉନ୍ନତି, ଭାଷା ଓ ସଂସ୍କୃତିର ବିକାଶ ପାଇଁ ସୁରାଇ ବାବୁଙ୍କୁ ଶରତ୍ ଅଞ୍ଚଳର ଜନସାଧାରଣ ମନେ ରଖିବେ । ସୁରାଇବାବୁ କହନ୍ତି, "ପ୍ରଥମେ ମୁଁ ଶରତ ଅଞ୍ଚଳରେ ଅଲଚିକି ଭାଷା ଶିକ୍ଷା ଦେବା ପାଇଁ ତିନି ଚାରିଟା ସ୍କୁଲ ଖୋଲିଲି ଏବଂ ସେଥିରେ ପାଠ ପଢ଼ାଇଲି । ସେଠାରେ ଅଲ୍‌ଚିକି ଭାଷାରେ ପାଠପଢ଼ା ଆରମ୍ଭ ହେଲା । ଏହି କେନ୍ଦ୍ରରେ ଆଦିବାସୀ ଶିଶୁମାନେ କେବଳ ଆସିଲେ ନାହିଁ, ଗାଆଁର ବୁଢ଼ାବୁଢ଼ୀ ମଧ୍ୟ ଏହି କେନ୍ଦ୍ରରେ ଆସି ଆସ୍ତେ ଆସ୍ତେ ଯୋଗ ଦେଲେ । ପଢ଼େଇବା ବେଳେ ସକାରାତ୍ମକ ଭାବରେ ଆଲୋଚନା ଆରମ୍ଭ କଲି । ଆଦିବାସୀଙ୍କ ସଂସ୍କୃତି, ସଂସ୍କୃତିର ଇତିହାସ ସମ୍ପର୍କରେ ଆଲୋଚନା କଲି । ଲୋକଙ୍କ ନିକଟରେ ସାଂସ୍କୃତିକ ପରମ୍ପରା ସମ୍ପର୍କରେ ଆଲୋଚନା ଆରମ୍ଭ କଲି : ଯଥା ହଳଲଙ୍ଗଳ ସ୍ତ୍ରୀ ଲୋକମାନେ ଛୁଅନ୍ତି ନାହିଁ କାହିଁକି ? ଆମେ ପୃଥିବୀକୁ ମା' ବୋଲି ସମ୍ବୋଧନ କରୁ । ଲଙ୍ଗଳ ପୃଥିବୀକୁ ତାଡ଼ି ଥାଏ । କେବଳ ଗହ୍ମାପୂର୍ଣ୍ଣିମା ଦିନ ସ୍ତ୍ରୀମାନେ ହଳ ଲଙ୍ଗଳକୁ ଛୁଇଁବାର ବିଧି ରହିଛି । ତଥାପି ହଳ ଲଙ୍ଗଳକୁ ସେ ଦିନ କାଠ ଗଣ୍ଡି ଉପରେ ରଖାଯାଇଥାଏ । ମହିଳାମାନେ ହଳଲଙ୍ଗଳରେ ସିନ୍ଦୂର ଚନ୍ଦନ ଟୋପା ଦିଅନ୍ତି ଏବଂ ପୂଜା କରନ୍ତି । ଆଦିବାସୀ ପରମ୍ପରାରେ ଅନ୍ୟ ଦିନରେ ସ୍ତ୍ରୀ ଲୋକ ହଳଲଙ୍ଗଳ ଛୁଅଁନ୍ତି ନାହିଁ । ଆଦିବାସୀ ସମାଜରେ ପୃଥିବୀ, ବୃକ୍ଷ, ଇତ୍ୟାଦି ସୃଷ୍ଟିର ରହସ୍ୟ ସମ୍ପର୍କରେ ବର୍ଣ୍ଣନା ରହିଛି । ଆଦିବାସୀ ସଂସ୍କୃତି କିପରି ପ୍ରକୃତି, ପରିବେଶ ସହ ନିବିଡ଼ ଭାବରେ ସମ୍ପର୍କିତ ରହିଛି, ତାହା ବୁଝେଇଲି । ପ୍ରଥମେ ଲୋକଙ୍କୁ ବୁଝାଇଲି ଏବଂ ପରବର୍ତ୍ତୀ ସମୟରେ ଶିଶୁମାନଙ୍କ ମଧ୍ୟ କହିଲି । ଏହିପରି ବୁଝାଇବା ଫଳରେ ବିଦ୍ୟାଳୟଗୁଡ଼ିକରେ କେବଳ ଶିଶୁମାନେ ଆସିଲେ ନାହିଁ, ଗ୍ରାମର ବୁଢ଼ାବୁଢ଼ୀ ମଧ୍ୟ ଏହି କେନ୍ଦ୍ରକୁ ଆସି ଆଗ୍ରହର ସହ ଯୋଗ ଦେଲେ । ଏହି କେନ୍ଦ୍ରରେ ଅଲ୍‌ଚିକି ଭାଷା ଏବଂ ଆଦିବାସୀ ସଂସ୍କୃତି ସମ୍ପର୍କରେ ଶିକ୍ଷାଦାନ ହେଲା । ଏହି ଶିକ୍ଷାକେନ୍ଦ୍ରଗୁଡ଼ିକ ପ୍ରଥମେ ଶରତ ଅଞ୍ଚଳରେ ଖୋଲିବା ପରେ ଠାକୁରମୁଣ୍ଡା ଓ ଉଦଳାରେ ପରବର୍ତ୍ତୀ ସମୟରେ ଖୋଲିଲା ।

ଶରତରେ ଥିବା 'ପଣ୍ଡିତ ରଘୁନାଥ ମୁର୍ମୁ ମହାବିଦ୍ୟାଳୟ' ସୁରାଇ ବାବୁଙ୍କ ଦ୍ୱାରା ପ୍ରତିଷ୍ଠିତ ମହାବିଦ୍ୟାଳୟ । କଲେଜ ପ୍ରତିଷ୍ଠା କରିବା ହେଉ, କିମ୍ବା ପରବର୍ତ୍ତୀ ସମୟରେ ପରିଚାଳନା କ୍ଷେତ୍ରରେ ହେଉ, ସେ ବର୍ତ୍ତମାନ ପର୍ଯ୍ୟନ୍ତ ମୁଖ୍ୟ ଭୂମିକା ନିଭାଉଛନ୍ତି । କଲେଜ ପ୍ରତିଷ୍ଠା ପାଇଁ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ବିଜୁ ପଟ୍ଟନାୟକଙ୍କ ସହ ଆଲୋଚନା କରିବା ହେଉ କିମ୍ବା ଶିକ୍ଷାମନ୍ତ୍ରୀ ଚୈତନ୍ୟ ମାଝୀଙ୍କ

ସହ ଆଲୋଚନା କରିବା ହେଉ, କଲେଜ ପାଇଁ ଆବଶ୍ୟକ ଜମିଡ଼ିହ, ଅର୍ଥ ଆଦି କ୍ଷେତ୍ରରେ ସେ ନିଜ ତରଫରୁ ଯଥାସାଧ୍ୟ ଅର୍ଥ ଖର୍ଚ୍ଚ କରିବା ସହିତ କାହାକୁ ମାଗି ଯାଚି ଏହି କଲେଜକୁ ଆରମ୍ଭରୁ ଚଳାଇ ଆସିଛନ୍ତି । ପଣ୍ଡିତ ରଘୁନାଥ ମୁର୍ମୁ ମହାବିଦ୍ୟାଳୟକୁ ବର୍ତ୍ତମାନ ୧୭ ପୂରି ୧୮ ବର୍ଷ ହେଲାଣି । ଏହି କଲେଜରେ ଯୁକ୍ତ ଦୁଇ କଳା ପଢ଼ାଉଥିବା ବେଳେ ଆଦିବାସୀ ଭାଷା, ସଂସ୍କୃତିର ବିକାଶ ପାଇଁ ରବିବାର ଦିନ ହୋ ଏବଂ ସାନ୍ତାଳୀ ଭାଷା ଉପରେ ଶିକ୍ଷା ଦିଆଯାଉଛି । ଏଥିସହିତ କଲେଜ ତରଫରୁ ଆଦିବାସୀ ସଂସ୍କୃତିର ଗୀତ, ଡ୍ରାମା, ସଂଗୀତ ଆଦି ପାଇଁ ଉତ୍ସାହିତ କରାଯାଉଛି ଏବଂ ତାଲିମ ଦିଆଯାଉଛି ।

## ଆଞ୍ଚଳିକ ଭାଷାରେ ନାଟକ, ଡ୍ରାମା, ସଂଗୀତ

ସୁରାଇ ବାବୁଙ୍କର ଆଞ୍ଚଳିକ ଭାଷାରେ ଡ୍ରାମା, ନାଟକ, ସଂଗୀତ ପ୍ରତି ଆଗ୍ରହ ରହିଛି ଏବଂ ସେ ମଧ୍ୟ ହାଇସ୍କୁଲ ଓ କଲେଜ ସ୍ତରର ବାଳକ ବାଳିକାମାନଙ୍କୁ ଅନେକ ଡ୍ରାମା, ନାଟକ, ସଂଗୀତ ଶିଖାଇଛନ୍ତି । ଏହା ଦର୍ଶକଙ୍କ ଦ୍ୱାରା ବେଶ୍ ପ୍ରଶଂସିତ ହୋଇଛି । ଅଲ୍‌ଚିକି ଭାଷାରେ ଅନେକ ପ୍ରକୃତି, ପରିବେଶ ଓ ଆଦିବାସୀ ସଂସ୍କୃତିକୁ ନେଇ କବିତା ରଚନା କରିଛନ୍ତି । ଅନେକ ବିଷୟ ତାଙ୍କ କଥନିକାରେ ରହିଯାଇଛି । ଉଦଳାରେ ଅଲ୍‌ଚିକି ଭାଷାରେ ବିଦ୍ୟାଳୟ ଖୋଲିବା ସହିତ ଆଦିବାସୀ ସାମାଜିକ-ଅର୍ଥନୈତିକ ସାଂସ୍କୃତିକ ଅନୁଷ୍ଠାନ (Adibasi Socio-Educational Cultural Association) ତରଫରୁ ଏକ ନାଟକ ସ୍କୁଲ ଉଦଳାରେ ସତୁରୀ ଦଶକରେ ଖୋଲା ଯାଇଥିଲା , ଏହି ନାଟକ ସ୍କୁଲ ଖୋଲିବା ସହିତ ଏହାର ଦାୟିତ୍ୱ ସୁରାଇ ବାବୁଙ୍କ ଯୋଗୁଁ ସମ୍ଭବପର ହୋଇଥିଲା ।

ଅଲଚିକି ଭାଷାରେ ଶ୍ରୀଯୁକ୍ତ ହେମ୍ବ୍ରମଙ୍କର ଅନେକ ଲେଖା ପ୍ରକାଶିତ ହୋଇଛି । ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ, ଭୁବନେଶ୍ୱରଙ୍କ ଦ୍ୱାରା ପ୍ରକାଶିତ ପତ୍ର ପତ୍ରିକାରେ ସ୍ଥାନିତ ହୋଇଛି । ଏ.ଟି.ଡ଼ି.ସି. ତରଫରୁ ଅନେକ ସମୟରେ ସୁରାଇ ବାବୁଙ୍କ ସହାୟତା ଲୋଡ଼ା ଯାଇଛି । ସୁରାଇ ବାବୁଙ୍କର ଆଦିବାସୀ ଭାଷା ଓ ସଂସ୍କୃତି ସମ୍ପର୍କରେ ଗଭୀର ଜ୍ଞାନ ରହିଛି, ଏହି କଥା ସେ ଅଞ୍ଚଳର ସମସ୍ତେ ସ୍ୱୀକାର କରନ୍ତି । ଏହିପରି ନିଜର ଭାଷା, ସଂସ୍କୃତି, ସମାଜସେବାରେ ନିଜର କାର୍ଯ୍ୟ ପାଇଁ ତାଙ୍କୁ ବିଭିନ୍ନ ସମୟରେ ସମ୍ମାନିତ କରାଯାଇଛି ଏବଂ ଫଳକ ପ୍ରଦାନ କରାଯାଇଛି । ସେଥିମଧ୍ୟରୁ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ତରଫରୁ ୨୦୦୫ ମସିହାରେ ଲେଖକ ଭାବରେ ତାଙ୍କୁ ସମ୍ମାନିତ କରାଯାଇଛି । ଭାରତ ସାନ୍ତାଳୀ

ଲେଖକ ସଂଘ (All India Santali Writers Association )ତରଫରୁ ୨୦୦୪ ମସିହାରେ ସମାଜସେବା ଓ ଭାଷାର ବିକାଶ କରିବା ପାଇଁ ଫେଲୋସିପ୍ ମଧ୍ୟ ପ୍ରଦାନ କରାଯାଇଛି । All India Adibasi Socio-Educational and Cultural Association ତରଫରୁ ତାଙ୍କୁ ୨୦୦୫ ମସିହାରେ ଅଲ୍‌ଚିକି ଭାଷାର ବିକାଶ ପାଇଁ ଏବଂ ସାମାଜିକ କାର୍ଯ୍ୟ ପାଇଁ ସମ୍ମାନିତ କରାଯାଇଛି । ଏଥିସହିତ ମୟୂରଭଞ୍ଜ ଜିଲ୍ଲାର ଅନେକ ସାଂସ୍କୃତିକ କେନ୍ଦ୍ର ଦ୍ୱାରା ବିଭିନ୍ନ ସମୟରେ ସମ୍ମାନ ଏବଂ ଫଳକ ପ୍ରଦାନ କରାଯାଇଛି । ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀର ପୂର୍ବତନ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଖଗେଶ୍ୱର ମହାପାତ୍ରଙ୍କ ଦ୍ୱାରା ଅନେକ ସମୟରେ ଉତ୍ସାହ ଓ ପ୍ରେରଣା ପାଇଛନ୍ତି ବୋଲି ସେ ସ୍ୱୀକାର କରନ୍ତି ।

## ପରିବେଶ ସୁରକ୍ଷାରେ ସୁରାଇ ବାବୁ

ସୁରାଇ ବାବୁ ଶରତ ଅଞ୍ଚଳରେ କେବଳ ନୁହେଁ, ମୟୂରଭଞ୍ଜ ଜିଲ୍ଲାରେ ଜଣେ ବେଶ୍ ସମ୍ମାନସ୍ପଦ ବ୍ୟକ୍ତି । ଶରତ ଅଞ୍ଚଳର ଆଦିବାସୀ ସମାଜରେ ଯଦି କୌଣସି ବିବାଦ ଉପୁଜେ, ଅନେକ ସମୟରେ ସମାଧାନ ପାଇଁ ତାଙ୍କର ସାହାଯ୍ୟ ନିଆଯାଇଥାଏ । ଅନ୍ଧବିଶ୍ୱାସ ଜନିତ ଗଣ୍ଡଗୋଳ ହେଉ, କିମ୍ବା ଅନ୍ୟ କୌଣସି ଗଣ୍ଡଗୋଳର ସମାଧାନ ପାଇଁ ଅନେକ ସମୟରେ ସୁରାଇ ବାବୁଙ୍କୁ ଡକାଯାଇଥାଏ ।

ଗତ କିଛି ବର୍ଷ ଧରି ସେ ବିଶ୍ୱ ଜାହିରା କାର୍ଯ୍ୟକ୍ରମରେ ଅଧିକ ସଂପୃକ୍ତ ଅଛନ୍ତି । ଜାହିରା ଅର୍ଥ ଜଙ୍ଗଲ । ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଗଛକୁ ସମ୍ମାନ ଦେବା ଏବଂ ଜଙ୍ଗଲକୁ ପୂଜା କରିବା । ଗଛ ଓ ଜଙ୍ଗଲ ରହିଛି ବୋଲି ଆଦିବାସୀ ରହିଛି ଓ ଏହାର ସଂସ୍କୃତି ବଞ୍ଚିଛି । ଜଙ୍ଗଲ ମଣିଷ ସମାଜକୁ ବଞ୍ଚିବାର ରାହା ଦେଉଛି । ଫଳ, ପୁଷ୍ପ ସବୁ ଦେଉଛି । ମାଘ ମାସରେ ମୟୂରଭଞ୍ଜରେ ନୂଆ ବର୍ଷ ପାଳନ କରାଯାଏ । ନୂଆ ବର୍ଷ ପାଳନ ହେବା ପରେ ଆମେ ମାଘ ମାସରେ ପୂଜା ହେବା ପରେ ଜଙ୍ଗଲକୁ ପ୍ରବେଶ କରୁ । ଏହା ପୂର୍ବରୁ ଜଙ୍ଗଲ ପ୍ରବେଶ ମନା ରହିଛି । ବିଶ୍ୱ ଜାହିରା କାର୍ଯ୍ୟକ୍ରମରେ ଜଙ୍ଗଲ ପ୍ରତି ସ୍ନେହ, ଶ୍ରଦ୍ଧା, ଭକ୍ତି ଓ ଲୋକଙ୍କ ମନରେ ସୃଷ୍ଟି କରାଯାଉଛି । ତାଙ୍କ ମତରେ : ଜଙ୍ଗଲ ସମସ୍ତଙ୍କ ପାଇଁ ଆବଶ୍ୟକ । ଆମର ଗଛ ହେଉଛି ପ୍ରଭୁ । ଆମର ଜଙ୍ଗଲ ହେଉଛି ମନ୍ଦିର । ଆମର ଦେବତା ହେଲା ଦାରୁବ୍ରହ୍ମ । ପୁରୀରେ ଖାଲି ଗଣ୍ଡିଟାକୁ ପୂଜା କରୁଛନ୍ତି । ଜୀବିତ ଗଛକୁ ପୂଜା କଲେ ଆମର ଉନ୍ନତି ହେବ । ଗଛ ହେଉଛି ଦେବତା, ଜଙ୍ଗଲ ହେଉଛି ମନ୍ଦିର । ଈଶ୍ୱର ଦତ୍ତ ହେଉଛି ଜଙ୍ଗଲ । ଭଗବାନଙ୍କ ଦାନ ଜଳ, ଜମି, ଜଙ୍ଗଲ, ପୃଥିବୀ । ତାହାକୁ

ଗୁରୁତ୍ୱ ଦେଲେ ଆମର ଉନ୍ନତି ହେବ ବୋଲି ସୁରାଇ ଜନସାଧାରଣଙ୍କୁ ବୁଝାଇବାରେ ନିୟୋଜିତ ଅଛନ୍ତି ।

## ସରପଞ୍ଚ ସୁରାଇ ବାବୁ

ସୁରାଇ ବାବୁ ଅଶୀ ଦଶକରେ ସରପଞ୍ଚ ଭାବରେ ଶରତରେ ଥିଲେ । ସରପଞ୍ଚ ଥିବା ମଧ୍ୟରେ ଶରତ ଅଞ୍ଚଳର ପ୍ରାଥମିକ ଶିକ୍ଷାର ଉନ୍ନତି, ସମସ୍ତ ଗ୍ରାମକୁ ପଞ୍ଚାୟତ ସହ ମାଟି ରାସ୍ତା ଯୋଡ଼ିବା, ଏବଂ ପିଇବା ପାଣି ବ୍ୟବସ୍ଥାକୁ ଅଧିକ ପ୍ରାଧାନ୍ୟ ଦେଇଥିଲେ । ସେହି ସମୟରେ ପଞ୍ଚାୟତର ବଜେଟ୍ ଅଟକଳ ୩୫,୦୦୦ ଟଙ୍କା କେବଳ ଥିଲା । ସରପଞ୍ଚ ଥିବା ବେଳେ ମାଲିମକଦ୍ଦମା, ଗଣ୍ଡଗୋଳ ଥାନାକୁ ମଧ୍ୟ ଯାଉନଥିଲା । ସେ ସମୟର ତତ୍କାଳୀନ ଥାନା ବାବୁ କହିଥିଲେ, “ଆପଣ ସବୁ କଳିଝଗଡ଼ା ପଞ୍ଚାୟତ ଦ୍ୱାରା ସମାଧାନ କରି ଦେଉଛନ୍ତି । ଏଥିପାଇଁ ଆପଣ ପୋଲିସ ଥାନା ଉଠାଇ ଦେବେ ନା କ’ଣ ବୋଲି ପ୍ରଶ୍ନ କରିଥିଲେ!” ଏଥିସହିତ ସ୍ଥାନୀୟ ଉପ-ଜିଲ୍ଲାପାଳ ମଧ୍ୟ ଅନେକ କଳିଝଗଡ଼ାକୁ ସୁରାଇ ବାବଙ୍କ ନିକଟକୁ ସମାଧାନ ପାଇଁ ପଠାଇ ଦେଉଥିଲେ ବୋଲି ଆଲୋଚନା ବେଳେ ସେ ପ୍ରକାଶ କରିଥିଲେ ।

## ଶରତ ଅଞ୍ଚଳର ବିକାଶରେ ଭୂମିକା

ଏହି ଅଞ୍ଚଳରେ ରାସ୍ତାଘାଟର ଉନ୍ନତି ପାଇଁ କିମ୍ୱା ଶରତ୍‌କୁ ପ୍ରଥମ ବସ୍ ଚଳାଇବା ପାଇଁ ସରକାରଙ୍କ ଠାରେ ଦାବୀ କରିବା ଆଦି ବିଭିନ୍ନ ଉନ୍ନତିମୂଳକ କାମ ପାଇଁ ବିଭିନ୍ନ ସମୟରେ ସେ ରାଜନୀତିଜ୍ଞ ମାନଙ୍କୁ କିମ୍ୱା ଜିଲ୍ଲାପାଳଙ୍କ ନିକଟରେ ହେଉ ଦାବୀ ଉପସ୍ଥାପନା କରିଛନ୍ତି ଏବଂ ଅନେକ କ୍ଷେତ୍ରରେ ସଫଳ ହୋଇଛନ୍ତି । କୌଣସି ରାଜନୈତିକ ଦଳର ସହ ସଂପୃକ୍ତି ନଥିବାରୁ ସେ ଭାଷା ଆନ୍ଦୋଳନ ହେଉ, କିମ୍ୱା ଆଦିବାସୀ ସମାଜର ଜଣେ ସମ୍ମାନସ୍ପଦ ବ୍ୟକ୍ତି ଭାବରେ ସମସ୍ତେ ତାଙ୍କୁ ସମ୍ମାନ ଦିଅନ୍ତି ।

୧୯୬୮ ମସିହାରେ ମାଟ୍ରିକ ପାସ୍ କରିଥିବା ଏହି ଆଦିବାସୀ ବ୍ୟକ୍ତି ଯଦି ଚାହିଁଥାଆନ୍ତେ, ତେବେ ସରକାରୀ ଉଚ୍ଚ ପଦପଦବୀରେ ରହି ମୋଟା ଅଙ୍କର ଦରମା ପାଇ ଥାଆନ୍ତେ ଏବଂ ଅନେକ ସୁବିଧା ସୁଯୋଗ ମଧ୍ୟ ହାସଲ କରିଥାନ୍ତେ । ସୁରାଇଙ୍କ ସହ କେତେକ ସାଥୀ ଏହି କାର୍ଯ୍ୟକ୍ଷେତ୍ରରେ ନିଜକୁ ସାମିଲ କରିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ସରକାରୀ ଚାକିରୀ ହେଉ, କିମ୍ୱା ରାଜନୀତି ବା ବ୍ୟବସାୟିକ କ୍ଷେତ୍ର ପାଇଁ ନିଜର ପଟ୍ଟ ପରିବର୍ତ୍ତନ କରିଛନ୍ତି, କିନ୍ତୁ ସୁରାଇ ବାବୁ ପାଠପଢ଼ା ସମୟରୁ ଯେଉଁ ବାଟ ବାଛି ପାଦ ଦେଇଥିଲେ, ସେହି ବାଟରେ ଆଗେଇଛନ୍ତି ।

ତାଙ୍କ ପିତାଙ୍କର ମଧ୍ୟ ଗୋଟିଏ କଥା ତାଙ୍କୁ ଏହି ବାଟରେ ଚାଲିବା ପାଇଁ ପ୍ରେରଣା ଦେଇଥିଲା । ଯେତେବେଳେ ସୁରାଇ ବାବୁ ବିନୋବା ଭାବେଙ୍କ ଭୂଦାନ ଆନ୍ଦୋଳନ ହେଉ କିମ୍ବା ଗାନ୍ଧୀଜୀଙ୍କ ସର୍ବୋଦୟ ଆନ୍ଦୋଳନରେ ସଂପୃକ୍ତ ହେବାପାଇଁ ଆଗ୍ରହ ଦେଖାଇଥିଲେ, ସେତେବେଳେ ତାଙ୍କ ପିତା କହିଥିଲେ, "ଯେଉଁ କାମରେ ପାଦ ଦେଇଛୁ, ତାହାକୁ ପୂର୍ଣ୍ଣାଙ୍ଗ କରିବା ଉଚିତ । ଅଧା କରି ଛାଡ଼ିଦେବା ଠିକ୍ ନୁହେଁ ।'' ଏହାପରଠାରୁ ସେ ଅନ୍ୟ ଦିଗ ପ୍ରତି ଦୃଷ୍ଟି ଦେଇନାହାନ୍ତି । ନିଜର ଜାତି, ନିଜର ସମାଜ, ନିଜର ଭାଷା ଏବଂ ନିଜର ସଂସ୍କୃତିର ବିକାଶ ପାଇଁ ନିଜକୁ ସମର୍ପିତ କରିଛନ୍ତି । ଯୁବଗୋଷ୍ଠୀ ପାଇଁ ମଧ୍ୟ ପ୍ରେରଣାର ସେ ଉତ୍ସ ବନିଛନ୍ତି । ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଗୋଟିଏ କଥା " ଉଚ୍ଚ ହେବାପାଇଁ ଯଦି ଆଶା ଅଛି, ତୁମର ଭାଷାକୁ ଉନ୍ନତ କର, ତୁମର ଜାତିକୁ ଉନ୍ନତ କର । ତେବେ ତୁମେ ବଡ଼ ହୋଇପାରିବ'' । ଏହି ମନ୍ତ୍ର ହିଁ ମୋତେ ମୋ ଜାତି, ଭାଷା, ସଂସ୍କୃତିକୁ ଭଲ ପାଇବା ପାଇଁ ଶିକ୍ଷା ଦେଇଥିଲା । "ଯୁବାବସ୍ଥାରୁ ଏହି ବାଟକୁ ବାଛି ନେଇଛି, ଏହି ବାଟ ହିଁ ମୋର ଆଦର୍ଶ ବୋଲି ଭାବିଛି ଓ ଏହି ବାଟରେ ଆଗେଇ ଚାଲିଛି ଏବଂ ଏଥିନେଇ ମୁଁ ବେଶ୍ ଆତ୍ମସନ୍ତୋଷ ପାଉଛି ।'' ଗତ ଚାରି ଦଶନ୍ଧି ଧରି ତାଙ୍କର କାର୍ଯ୍ୟଧାରାର ଆକଳନ କଲାବେଳେ ଏ ଉକ୍ତିର ସତ୍ୟତା ସ୍ପଷ୍ଟହୋଇ ବାରି ହେଉଥିଲା ।

କଲେଜ ପ୍ରତିଷ୍ଠା ହେଉ, କିମ୍ବା ତାଙ୍କର ଯୁବାବସ୍ଥାରେ ସାନ୍ତାଳୀ ଭାଷାର ଶିକ୍ଷାକେନ୍ଦ୍ର ଖୋଲିବାରେ ହେଉ, ଯେଉଁଥିରେ ସମାଜର ଉନ୍ନତି ପାଇଁ ଚେଷ୍ଟା କରିଛନ୍ତି, କିନ୍ତୁ ଫଳ ପ୍ରତି ସୁରାଇ ବାବୁ ଆଶା ରଖିନାହାନ୍ତି । ନିଜେ ମଧ୍ୟ ବିରାଟ ସ୍ୱପ୍ନ ଦେଖିନାହାନ୍ତି । ତାଙ୍କ ମତରେ "ମୁଁ ସମାଜର ଉନ୍ନତି ପାଇଁ ସହଯୋଗ କରୁଛି । ମୁଁ ଏହାର ଫଳ ଖାଇବି, ତାହାର ଆଶା ରଖିନି । ମୁଁ ଏହାର ଫଳ ଜାଣିପାରିବି ନାହିଁ କିମ୍ବା ପାଇବି ନାହିଁ, କିନ୍ତୁ ଏହା ଅନ୍ୟମାନଙ୍କର ଉପକାରରେ ଲାଗିବ ।'' ଏହି ବିଶ୍ୱାସ ନେଇ ସେ ନିଜ ଜୀବନକୁ ସମର୍ପିଛନ୍ତି ଏବଂ ବାଟ ଚାଲିଛନ୍ତି ।

ମାର୍ଚ୍ଚ, ୨୦୦୮

# ଏକଦା ବାଜୀରାଉତ ଛାତ୍ରାବାସର ଛାତ୍ର - ବୃନ୍ଦାବନ ପଧୁରିଆଙ୍କ ଅନୁଭୂତିରୁ ...

ମୋ ନାମ ବୃନ୍ଦାବନ ପଧୁରିଆ । ପିତା : ମଥୁରି ପଧୁରିଆ, ମାତା : ଫୁଲମଣି ପଧୁରିଆ । ମୋର ଜନ୍ମ ୧୯୫୦ ମସିହାରେ । ମୋ ପିତା ଜଣେ ସ୍ୱାଧୀନତା ସଂଗ୍ରାମୀ ଥିଲେ । ସ୍ୱାଧୀନତା ସଂଗ୍ରାମରେ ଏବଂ ପ୍ରଜା ଆନ୍ଦୋଳନରେ ସେ ଜଣେ ସକ୍ରିୟ ସଭ୍ୟ ଥିଲେ । ପ୍ରଜା ଆନ୍ଦୋଳନରେ ଗିରୀଶ୍ ଚନ୍ଦ୍ର ରାୟ, ଘନଶ୍ୟାମ ଜେନା, ଉଦଲା-ଜୟପୁର, ଠକ୍‌ରା ବିଶ୍ୱାଳ ଏହିମାନେ ଏ ଅଞ୍ଚଳରେ ସ୍ୱାଧୀନତା ସଂଗ୍ରାମ ଏବଂ ପ୍ରଜା ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ପ୍ରଜା ଆନ୍ଦୋଳନ ସମୟରେ ଯେଉଁଠି ମିଟିଂ ହେଉଥିଲା, ବାପା ଯାଉଥିଲେ ଏବଂ ମୋତେ ସାଙ୍ଗରେ କାଖେଇ ନେଇ ଯାଉଥିଲେ । ୧୯୫୬ ମସିହାରେ ଆମ ଗ୍ରାମରେ ଏକ ଏଲ୍.ପି. ସ୍କୁଲ ଖୋଲିଲା । ମୋ ସହିତ ୨୧ ଜଣ ପିଲା ସ୍କୁଲରେ ପ୍ରଥମ ଶ୍ରେଣୀରେ ନାମ ଲେଖାଇଥିଲେ । ସେତେବେଳେ ରାଉତ ରାୟ ସିଂ ନାମରେ କୋହ୍ଲ ସମ୍ପ୍ରଦାୟର ଜଣେ ଶିକ୍ଷକ ନିଯୁକ୍ତ ହୋଇଥିଲେ । ଏହାପରେ ନଟବର ଦଳେଇ, ଗଡ଼ପୋଖରୀ ଗ୍ରାମର ଆସି ଏହି ବିଦ୍ୟାଳୟରେ କିଛିଦିନ ଶିକ୍ଷକତା କରିଥିଲେ । ଏହାର ବର୍ଷକ ପରେ ଶ୍ରୀ ଶତୃଘ୍ନ ବିଶ୍ୱାଳ, ବାଥୁଡ଼ି ସମ୍ପ୍ରଦାୟର ଲୋକ, କଳମଗାଡ଼ିଆ ବିଦ୍ୟାଳୟରେ ଶିକ୍ଷକତା କରିଥିଲେ । ସେ ଗାଆଁରେ ଘର ଘର ବୁଲି ପିଲାମାନଙ୍କୁ ସ୍କୁଲକୁ ଆଣୁଥିଲେ । ଯେଉଁ ପିଲା ବିଦ୍ୟାଳୟକୁ ଆସୁନଥିଲେ, ଶିକ୍ଷକ ଏବଂ ପିଲାଏ ମିଶି ଘର ଘର ବୁଲି ପିଲାଙ୍କୁ ଡାକି ଆଣୁଥିଲୁ ।

ଆମ ସମୟରେ ମାଡ଼ର ବ୍ୟବସ୍ଥା ଜୋର୍ ଥିଲା । ହାତକୁ ଭୂଇଁ ଉପରେ ରଖି ଆଙ୍ଗୁଠି ଗଣ୍ଠିରେ, ଗୋଡ଼ର ଆଣ୍ଠୁରେ ପିଲାଙ୍କୁ ମାଡ଼ ଦିଆଯାଉଥିଲା । ଏହି ହେତୁ ପିଲାଏ ଭୟରେ ବିଦ୍ୟାଳୟକୁ ଆସୁଥିଲେ ।

ମୁଁ କଳମଗାଡ଼ିଆରେ ତୃତୀୟ ପର୍ଯ୍ୟନ୍ତ ପଢ଼ିବା ପରେ ଶରତ ଆଶ୍ରମ ସ୍କୁଲରେ ୧୯୬୧ ମସିହାରେ ନାମ ଲେଖାଇଲି ଏବଂ ୬୪ ମସିହା ପର୍ଯ୍ୟନ୍ତ ପାଠ ପଢ଼ିଲି । ସେଠାରେ ଚତୁର୍ଥ ଶ୍ରେଣୀରୁ ରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଲି । ବାପା ମୋତେ କଳମଗାଡ଼ିଆରୁ ୧୪ କି.ମି. ଦୂର ବଣଜଙ୍ଗଲ ରାସ୍ତାରେ ନେଇ ଶରତ ଆଶ୍ରମ ସ୍କୁଲରେ ନାମ ଲେଖାଇଥିଲେ । ସେହି ସ୍କୁଲରେ ନନୀଗୋପାଳ ପାଲିତ୍

ଶିକ୍ଷକତା କରୁଥିଲେ । ସେ ଆମକୁ ପାଠପଢ଼ିବା ସମୟରେ ସବୁ କଥାରେ ଉତ୍ସାହିତ କରୁଥିଲେ । ସେ ପାଠ ପଢ଼େଇବା ସମୟରେ ଭାରତର ଇତିହାସ, ସ୍ୱାଧୀନତା ସଂଗ୍ରାମ ସମୟର ବିଭିନ୍ନ ଘଟଣାଗୁଡ଼ିକୁ ଆମକୁ କହୁଥିଲେ । ଏଥିସହିତ ସେ ସମୟରେ ଚାଲିଥିବା ଭୂଦାନ ଆନ୍ଦୋଳନ ଏବଂ ସାଂପ୍ରତିକ ଘଟଣାବଳୀ ଉପରେ ଆଲୋଚନା କରୁଥିଲେ । ଆମେ ଶରତରେ ଥିଲେ ମଧ୍ୟ ଅନ୍ୟାନ୍ୟ ଅଞ୍ଚଳର ବିଷୟଗୁଡ଼ିକ ଏହି ଶିକ୍ଷକଙ୍କ ଦ୍ୱାରା ଜାଣିପାରୁଥିଲୁ ।

ସପ୍ତମ ଶ୍ରେଣୀ ପାସ୍ କରିବା ପରେ ଶ୍ରୀ ନନୀଗୋପାଳ ପାଲିତ ଆମକୁ ପ୍ରେରଣା ଦେଲେ ବାଜୀରାଉତ ଛାତ୍ରାବାସରେ ପଢ଼ିବାକୁ । ମୁଁ ଏବଂ ଆମ ଗ୍ରାମର ସମ୍ପର୍କୀୟ ଭାଇ ବାଜୀରାଉତ ଛାତ୍ରାବାସରେ ରହି ପାଠପଢ଼ିବା ଉଦ୍ଦେଶ୍ୟରେ ବାହାରିଲୁ । ଆମକୁ କଳମଗାଡ଼ିଆରୁ କୁପାରୀ ପର୍ଯ୍ୟନ୍ତ ଯିବାକୁ ପଡ଼ିଲା ଏବଂ କୁପାରୀରୁ ସୋର । ଏବଂ ସୋରରୁ ସେଭେନ୍ ଅପ୍ ଟ୍ରେନ୍ ଧରି ନିରୁଗାଡ଼ି ଏବଂ ନିରୁଗାଡ଼ିରୁ ମେରାମଣ୍ଡଳୀ ପର୍ଯ୍ୟନ୍ତ ଟ୍ରେନ୍‌ରେ ଗଲୁ । ମେରାମଣ୍ଡଳୀରୁ ସରକାରୀ ବସ୍‌ରେ ଅନୁଗୁଳ ଗଲୁ । ଏଥିପାଇଁ ଆମକୁ ନନୀଗୋପାଳ ପାଲିତ କିପରି ଭାବରେ ଯିବାକୁ ହେବ, ସେ ବିଷୟରେ ବୁଝେଇ ଦେଇଥିଲେ । କଳମଗାଡ଼ିଆରୁ ଅନୁଗୁଳରେ ପହଞ୍ଚିବାକୁ ଆମକୁ ୨ ଦିନ ଲାଗିଥିଲା ।

ବାଜୀରାଉତ ଛାତ୍ରାବାସକୁ ଗଲାବେଳେ ପ୍ରଥମେ ସେଠାକାର ଗୋଲକ ସାର୍‌ଙ୍କୁ ଦେଖା ହୋଇଥିଲା । ବୈକୁଣ୍ଠ ଭାଇ ହଷ୍ଟେଲ୍‌ରେ ରହିବା ବିଷୟ ବୁଝୁଥିବାରୁ ତାଙ୍କ ପାଖକୁ ନେଇ ଆମକୁ ଗୋଲକ ସାର୍ ପହଞ୍ଚାଇଦେଲେ । ବୈକୁଣ୍ଠ ଭାଇ କହିଥିଲେ ଜଣକ ପାଇଁ ସିଟ୍ ଅଛି, ଅନ୍ୟଜଣଙ୍କ ପାଇଁ ନାହିଁ । ସେ ନୁମାଙ୍କୁ ପଚାରିକି କହିବି ବୋଲି କହିଥିଲେ । ନୁମାଙ୍କ ବିଷୟରେ ଜାଣିନଥିଲି । ପରେ ଜାଣିଲି ସେ ମାଳତୀ ଚୌଧୁରୀ । ସେ ସମୟରେ ମୟୁରଭଞ୍ଜର ଦୀନବନ୍ଧୁ ସୋରେନ୍ ନାମକ ଏକ ଛାତ୍ର ଛାତ୍ରାବାସ ଛାଡ଼ିଦେଇଥିବାରୁ ଆମ ଦୁହିଁଙ୍କୁ ସିଟ୍ ମିଳିଗଲା । ଗାମୁଛା, ସାର୍ଟ ପିନ୍ଧି ଅନୁଗୁଳ ଯାଇଥିଲୁ । ସେଠାରେ ନବକୃଷ୍ଣ ଚୌଧୁରୀଙ୍କ ଠାରୁ ପ୍ୟାଣ୍ଟ ପିନ୍ଧିବା ଶିଖିଲୁ ।

ପ୍ରଥମ ଦିନ ସନ୍ଧ୍ୟାରେ ଆମେ ଲାଇବ୍ରେରୀକୁ ଅନ୍ୟ ଭାଇମାନଙ୍କ ସହ ଗଲୁ । ଲାଇବ୍ରେରୀକୁ ଯିବା ସମୟରେ ଲାଇବ୍ରେରୀ ସମ୍ମୁଖରେ ଝାଉଁଗଛ ଥିଲା । ତାହାର ଶବ୍ଦଶୁଣି ଆମେ ଦୁହେଁ ବର୍ଷା ଆସିଲା ଭାବି ଧାଇଁଲୁ । ଏହା ପୂର୍ବରୁ ଆମେ ଝାଉଁଗଛ ପବନ ଦ୍ୱାରା ଶବ୍ଦ ଶୁଣିନଥିଲୁ । ଅନ୍ୟଭାଇମାନେ ଆମକୁ ପରେ ବୁଝାଇଦେଲେ ।

ଏହାପର ଦିନ ଆମର ପାଇଖାନା ସଫା କରିବାର ଦାୟିତ୍ୱ ଥିଲା । ଆମ ଦୁହିଁଙ୍କୁ ବେଶୀ ଘୃଣା ଲାଗିଲା ଆମେ ପାଇଖାନା ସଫା କରିବୁ ନାହିଁ ବୋଲି ମନା କରିଦେଲୁ । ଏହି ବିଷୟ ତତ୍‌କ୍ଷଣାତ୍ ମାଳତୀ ଚୌଧୁରୀଙ୍କ କାନକୁ ଗଲା ଏବଂ ସେ ସଙ୍ଗେ ସଙ୍ଗେ ଆସି ବେଲ୍‌ଚା ଧରି ନିଜେ ଆମ ଆଗରେ ସଫା କଲେ । ସେ ମଧ୍ୟ ମହାତ୍ମାଗାନ୍ଧୀଙ୍କ ଦକ୍ଷିଣ ଆଫ୍ରିକାରେ ଛେପା ସଫାକରିବାର ଉଦାହରଣ ଏବଂ ଅନ୍ୟାନ୍ୟ କିଛି ଉଦାହରଣ ଦେଲେ । ଆମ ମଧ୍ୟରେ ପରିବର୍ତ୍ତନ ଆସିଲା ଏବଂ ଏହାପରେ ଆମର ଆଉ କୌଣସି କାମ ପ୍ରତି ଘୃଣା ରହିଲା ନାହିଁ ।ବାଜିରାଉତ ଛାତ୍ରାବାସରେ ପ୍ରତିଦିନ ସନ୍ଧ୍ୟାରେ ପ୍ରାର୍ଥନା ହୁଏ । ଏଥିରେ ନୁମା ଏବଂ ବାପି ଭାଗ ନିଅନ୍ତି । ପ୍ରାର୍ଥନା ଶେଷରେ ନୁମା ଏବଂ ବାପି ବିଭିନ୍ନ ପ୍ରକାର ହିତୋପଦେଶ ଆମମାନଙ୍କୁ ଦେଉଥିଲେ ।

ପ୍ରତି ରବିବାର ଦିନ ଆମେ ପାଖ ଗ୍ରାମକୁ ଯାଉଥିଲୁ ଓ ସେ ଗ୍ରାମ୍ୟ ପରିବେଶକୁ ସଫା କରୁଥିଲୁ । ଆମ ସହିତ ନୁମା ଏବଂ ବାପି ମଧ୍ୟ ଯାଉଥିଲେ । ଏଥି ସହିତ ଆମେ ଏହି ଗ୍ରାମରେ ଗାନ୍ଧୀଙ୍କ କଥା, ଗ୍ରାମ୍ୟ ପରିମଳ ବ୍ୟବସ୍ଥା ଇତ୍ୟାଦି ବିଷୟରେ ଗାଁ ଲୋକଙ୍କୁ ସଚେତନ କରୁଥିଲୁ । ବାଜିରାଉତ ଛାତ୍ରାବାସରେ ରହୁଥିବା ବେଳେ ଆମେ ସୂତା କାଟିବା, ଲୁଗା ବୁଣିବା ଶିଖିବା ସହିତ ଗହମ ଚାଷ, ଧାନ ଚାଷ ଇତ୍ୟାଦି ବିଷୟରେ ଧାରଣା ପାଉଥିଲୁ । ଏଥିସହିତ ଲାଇବ୍ରେରୀ ବହି ମାଧ୍ୟମରେ ମଧ୍ୟ ବହୁତ କଥା ଶିଖୁଥିଲୁ ।

ଆମେ ବାଜୀରାଉତ ଛାତ୍ରାବାସରେ ରହି ଅଷ୍ଟମ ଶ୍ରେଣୀରେ ପାଠପଢ଼ିଥିଲୁ ଖିଲାରୀ ହାଇସ୍କୁଲରେ । ଆମେ ଶରତରେ ପଢୁଥିବା ସମୟରେ ଥିବା ପ୍ରଧାନ ଶିକ୍ଷକ ମାନଗୋବିନ୍ଦ ବାରିକ ଅନୁଗୁଳର ବେସିକ୍ ବି.ଏଡ୍.କଲେଜରେ ତାଲିମ ନେଉଥିଲେ । ସେ କହିଲେ ତାଙ୍କର ତାଲିମ ଶେଷ ହେବାପରେ ଚଣ୍ଡିଖୋଲ ହାଇସ୍କୁଲରେ ସେ ଜଏନ୍ କରିବେ । ସେହିଦୃଷ୍ଟିରୁ ତୁମେ ଏହି ବିଦ୍ୟାଳୟରେ ପଢ଼ । ଅଷ୍ଟମ ଶ୍ରେଣୀ ଶେଷ ହେବା ପରେ ନବମ ଶ୍ରେଣୀରେ ଚଣ୍ଡିଖୋଲରେ ଆସି ଆମେ ଦୁହେଁ ନାମ ଲେଖାଇଲୁ ।

ଚଣ୍ଡିଖୋଲରେ ଦଶମ ଶ୍ରେଣୀରେ ପଢ଼ିବା ସମୟରେ ମୁଁ ଅନୁଭବ କଲି ଛାତ୍ରମାନଙ୍କୁ ହିଁ ରୋଷେଇ କାମ କରିବାକୁ ପଡ଼ିବା ଦ୍ୱାରା ପଢ଼ିବା କ୍ଷେତ୍ରରେ ବାଧା ଉପୁଜୁଛି । । ଏହିଦୃଷ୍ଟିରୁ ମୁଁ ବିଦ୍ୟାଳୟର ଅନ୍ୟଛାତ୍ରମାନଙ୍କ ସହିତ ଆଲୋଚନା କରିବା ସହିତ ରାଜ୍ୟର ବିଭିନ୍ନ ଆଶ୍ରମ ସ୍କୁଲର ପିଲାମାନଙ୍କୁ ଏ ବିଷୟରେ ଚିଠି ଲେଖିଲି । ଠିକ୍ ହେଲା ଭୁବନେଶ୍ୱରରେ ଯାଇ ଅନଶନ କରିବାକୁ । ଏଥିପାଇଁ

ବିଶିନାହାକାଣୀ ଆଶ୍ରମ ସ୍କୁଲ, ମୋହନା ଆଶ୍ରମ ସ୍କୁଲ ସହିତ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ୧୪ ଜଣ ଛାତ୍ର ଭୁବନେଶ୍ୱର ଆସିଥିଲେ ଏବଂ ତିନିଦିନ ଅନଶନ କରିଥିଲୁ । ସେ ସମୟର ଆଦିବାସୀ ଓ ହରିଜନ ବିଭାଗ ମନ୍ତ୍ରୀ ଶ୍ରୀ ଟି. ସାଙ୍ଗାମା ଭୁବନେଶ୍ୱରରେ ନଥିଲେ । ମୁଖ୍ୟମନ୍ତ୍ରୀ ସଦାଶିବ ତ୍ରିପାଠୀଙ୍କୁ ଦେଖା କଲୁ ଏବଂ ସେ ଆମକୁ ଖାଇବାକୁ ଦେବା ସହିତ ପଚିଶି ପଇସା ଲେଖାଏ ଦେଇ ଜିଲ୍ଲା ମଙ୍ଗଳ ଅଧିକାରୀ, କଟକଙ୍କ ପାଖକୁ ପଠାଇଦେଲେ । ସେଠାରୁ ଜିଲ୍ଲା ମଙ୍ଗଳ ଅଧିକାରୀ ଆମକୁ ବିଦ୍ୟାଳୟରେ ଆଣି ଛାଡ଼ିଲେ । ଏଥି ସହିତ ଅନ୍ୟ ଅଞ୍ଚଳରୁ ଆସିଥିବା ଛାତ୍ରମାନଙ୍କୁ ମଧ୍ୟ ଏହିପରି ପଠାଯାଇଥିଲା । ଏହାର ଦୁଇଦିନ ପରେ ଓଡ଼ିଶାର ସମସ୍ତ ଆଶ୍ରମ ବିଦ୍ୟାଳୟରେ ରୋଷେୟା ନିଯୁକ୍ତି କରାଯାଇଥିଲା ।

ଏହିଭଳି ଆନ୍ଦୋଳନର ନେତୃତ୍ୱ ନେଉଥିବାରୁ ଆଶ୍ରମର ପ୍ରଧାନ ଶିକ୍ଷକଙ୍କ ଚକ୍ଷୁଶୂଳ ହେଲି । ସେ ମୋତେ ହଠାତ୍ ଦିନେ କହିଲେ, ତୁମେ ନେତାଗିରି କଲଣି, ସେହି ଦୃଷ୍ଟିରୁ ତୁମକୁ ସ୍କୁଲରୁ ଟି.ସି. ଦେଇ ବାହାର କରିଦିଆଯିବ । ସେ ତହିଁ ପରଦିନ ଟି.ସି.ରେ ନିଜର ଦସ୍ତଖତ କରି ଜଣେ କିରାଣୀଙ୍କୁ ମୋ ଟି.ସି. ଦେଇ ଚାଲିଯାଇଥିଲେ । ସେ ଟି.ସି.ରେ ମୋ conduct fair ବୋଲି ଲେଖି ଦେଇଥିଲେ । ଏହାପରେ ବିଦ୍ୟାଳୟର ସମସ୍ତ ଛାତ୍ର ଆନ୍ଦୋଳନ କରିଥିଲେ । ଏହାପରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମୋର ଟି.ସି.ରେ conduct good ଲେଖି ଦେବାରୁ ଆନ୍ଦୋଳନ ଥମିଲା ଏବଂ ମୁଁ ମଧ୍ୟ ଘରକୁ ଫେରିଲି । ଏହା ପରେ ମୁଁ ଘରକୁ ଆସିବାରୁ ମୋତେ ଘରେ ଏହିପରି ଆନ୍ଦୋଳନର ନେତୃତ୍ୱ ନ ନେବାକୁ ବୁଝାଇଲେ ।

ଏହିସମୟରେ କପ୍ତିପଦାର ବଡ଼ଖିଲାଡ଼ିରେ ଏକ ହାଇସ୍କୁଲ ଖୋଲାଯାଇଥିଲା । ସେଠାରେ ମୁଁ ନାମ ଲେଖାଇଲି ଏବଂ ୧୯୬୮ ମସିହାରେ ମ୍ୟାଟ୍ରିକ୍ ଦ୍ୱିତୀୟ ଶ୍ରେଣୀରେ ପାସ୍ କଲି । ଆମର ପରୀକ୍ଷା ଫଳ ସମ୍ବାଦପତ୍ରରେ ବାହାରୁଥିଲା ଏବଂ ଆମେ ସେଥିରୁ ଜାଣୁଥିଲୁ । ସେଠାରୁ ମୋର ପାଠପଢ଼ା ଶେଷ ହେଲା ।

ସେ ସମୟରେ ଠାକୁରମୁଣ୍ଡା ନିକଟସ୍ଥ ନିହାଣିଗଣ୍ଡିଠାରେ ଏକ ମଧ୍ୟଇଂରାଜୀ ବିଦ୍ୟାଳୟ ଖୋଲା ଯାଇଥିଲା । ମୋତେ ଏଥିରେ ହେଡ୍‌ମାଷ୍ଟର ଭାବରେ ଜଏନ୍ କରିବା ପାଇଁ ପ୍ରସ୍ତାବ ଆସିଥିଲା । ସେ ସମୟରେ ମୋତେ ନୁମାଙ୍କ କଥା ମନେପଡ଼ିଯାଉଥିଲା, ଲୋକଙ୍କ ସେବା କରିବା ପାଇଁ । ବାଜିରାଉତ ଆଶ୍ରମରେ ରହିବା ବେଳେ ମୋର ଗୋଟିଏ ଲକ୍ଷ୍ୟ ଥିଲା କିପରି ଲୋକଙ୍କ ସେବା କରିବି । ସ୍କୁଲରେ ଜଏନ୍ କଲେ ଏ କାର୍ଯ୍ୟରୁ ବଞ୍ଚିତ ହେବି ବୋଲି ଭାବି ବିଦ୍ୟାଳୟରେ ଜଏନ୍ କରିନଥିଲି । ଏହା

ପରେ ପରେ ମୟୁରଭଞ୍ଜର ତତ୍କାଳୀନ ଜିଲ୍ଲା ମଙ୍ଗଳ ଅଧିକାରୀ ନିଜେ କନିଷ୍ଠ ମଙ୍ଗଳ ଅଧିକାରୀ ( Junior Welfare Extention Officer )ଭାବରେ ଜଏନ୍ କରିବା ପାଇଁ ମୋତେ ନିଯୁକ୍ତି ପତ୍ର ଘରେ ଆଣି ଦେଇଥିଲେ । ମୁଁ କିଛିଦିନ ପରେ ନିଯୁକ୍ତି ପତ୍ରଟିକୁ ନେଇ ଫେରାଇ ଦେଇଥିଲି ।

ଏ ଅଞ୍ଚଳରେ ଆଖପାଖରେ କୌଣସି ହାଇସ୍କୁଲଟିଏ ନଥିଲା । ଏଥିପାଇଁ ମୋ ମନରେ ସବୁବେଳେ ଇଚ୍ଛା ଥାଏ ହାଇସ୍କୁଲଟିଏ କିପରି ଏ ଅଞ୍ଚଳରେ ଠିଆ କରାଇବି । ମୁଁ ସିନା କୌଣସି ଚାକିରିରେ ଯୋଗ ଦେଇ ନଥିଲି, କିନ୍ତୁ ଆମ ସମୟରେ ଯେଉଁମାନେ ପାଠପଢୁଥିଲେ, ସେମାନେ ଚାକରି କରୁଥିଲେ । ମୋର ହାଇସ୍କୁଲଟିଏ ଏ ଅଞ୍ଚଳରେ କରିବା ପାଇଁ ୧୯୭୯ରୁ ଚିନ୍ତା କରୁଥିବା ବେଳେ ୧୯୮୪ରେ ଏହା ସାକାର ହେଲା । ୧୯୮୪ ମସିହାରେ ଚୌରାଶି ଗ୍ରାମ ପଞ୍ଚାୟତ ହାଇସ୍କୁଲ ନାମରେ ଏକ ହାଇସ୍କୁଲ କଳମଗାଡ଼ିଆରେ ଖୋଲା ହେଲା ।

ହାଇସ୍କୁଲ ଆରମ୍ଭ ହେବା ବେଳେ ମୁଁ ନିଜେ ଖର୍ଚ୍ଚ ତୁଲାଇ ୪ ବଖରା ବିଶିଷ୍ଟ ଘର ତିଆରି କରିଥିଲି । ଏଥିସହିତ ସେ ସମୟରେ ଯେଉଁମାନେ ଶିକ୍ଷକ ଭାବରେ ଯୋଗ ଦେଲେ, ସେମାନଙ୍କ ପାଇଁ ମୋର ଘରେ ଖାଇବା ପିଇବା ବ୍ୟବସ୍ଥା କରୁଥିଲି । ସେମାନେ ନିଜର ଘରର ଲୋକ ପରି ରହିଥିଲେ । ଏହାପରେ ସେମାନେ କିଛି କିଛି ଟଙ୍କା ଦେବାରୁ ହାଇସ୍କୁଲର ଘର ମଧ୍ୟ ତିଆରି ହେଲା । ଏହାପରେ ପରେ recognition, permission ଆଦି ମିଳିଥିଲା । ହାଇସ୍କୁଲ ଆରମ୍ଭ ହେବା ସମୟରେ ୬ ରୁ ୧୦ ଜଣ ପିଲା ନାମ ଲେଖାଇଥିଲେ । ବର୍ତ୍ତମାନ ଏହି ବିଦ୍ୟାଳୟରେ ୧୪୦ ଜଣ ପାଠ ପଢୁଛନ୍ତି ଏବଂ ହଷ୍ଟେଲ୍‌ରେ ୮୫ ଜଣ ରହୁଛନ୍ତି । ଏଥିସହିତ ଏହି ବିଦ୍ୟାଳୟରୁ ଶତକଡ଼ା ପାଖାପାଖି ୮୦ ଭାଗ ପିଲାଏ ମ୍ୟାଟ୍ରିକ୍‌ରେ ପାସ୍ କରୁଛନ୍ତି ।

ମୋର ମନରେ ଗୋଟିଏ ପରିକଳ୍ପନା ରହିଛି କିପରି ଗୋଟିଏ ଛାତ୍ରାବାସ ତିଆରି କରିବି ଯେଉଁଠି ପ୍ରଥମରୁ କଲେଜ ପଢ଼ିବା ପର୍ଯ୍ୟନ୍ତ ସମସ୍ତ ପିଲା ଏକାଠି ରହିବେ ଏବଂ ସେମାନେ ହଷ୍ଟେଲ୍‌ରୁ ବିଦ୍ୟାଳୟକୁ ପାଠ ପଢ଼ିବାକୁ ଯିବେ । ଏଥିସହିତ ପିଲାଏ ନିଜକୁ ଭବିଷ୍ୟତରେ ଗଢ଼ିବା ଏବଂ ଭଲ ମଣିଷ ହେବାପାଇଁ ପାଇଁ ବିଭିନ୍ନ ବିଷୟରେ ଦକ୍ଷତା ବୃଦ୍ଧି ତାଲିମ ପାଇବେ । ଏହା ମାଳତୀ ଚୌଧୁରୀଙ୍କ ଦ୍ୱାରା ସ୍ଥାପିତ ବାଜିରାଉତ ଛାତ୍ରବାସ ପରି ହେବ । ଏଥିରେ nursery ଶ୍ରେଣୀ ମଧ୍ୟ ସ୍ଥାନ ପାଇବ ।

ଡ଼ିସେମ୍ବର, ୨୦୦୪

# ଶିକ୍ଷକ ଗୌରାଙ୍ଗ ଚରଣ କରଙ୍କ ଅନୁଭୂତିରୁ....

ବାଲେଶ୍ୱର ଜିଲ୍ଲାରେ ଜନ୍ମଗ୍ରହଣ କରି ଶିକ୍ଷକ ହେବା ନିଶାରେ ସୁଦୁର ମାଲକାନଗିରି ଜିଲ୍ଲାର ଡ଼ରଲାବେଡ଼ା ଘାଟି ଅଞ୍ଚଳରେ ନିଜର ଯୁବବସ୍ଥାରେ ସମୟରେ ଅନେକ ଲୋଭନୀୟ ଚାକିରିକୁ ଗ୍ରହଣ ନକରି ଡ଼ରଲାବେଡ଼ା ଭଳି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳକୁ ନିଜର ପବିତ୍ର କର୍ମଭୂମି ଭାବରେ ବାଛି ନେଇଥିବା ଶିକ୍ଷକ ହେଉଛନ୍ତି ଶ୍ରୀଯୁକ୍ତ ଗୌରାଙ୍ଗ ଚରଣ କର ।

ଶିକ୍ଷକ ଶ୍ରୀ ଗୌରାଙ୍ଗ ଚରଣ କରଙ୍କ ଜନ୍ମସ୍ଥାନ ବାଲେଶ୍ୱର ଜିଲ୍ଲାର ବାଲିଆପାଳ ଅଞ୍ଚଳରେ । ବାପା ଶ୍ରୀ ରାଧାନାଥ କର ଏବଂ ମାତା ଶ୍ରୀମତୀ ସାରଦାମଣି ଔରସରୁ ଶ୍ରୀ କର ଜନ୍ମଗ୍ରହଣ କରନ୍ତି ୧୯୫୧ ମସୀହାରେ ଏକ ଚାଷୀ ପରିବାରରେ । ସେ ପାଠପଢ଼ା ସରିବା ସହ ଶିକ୍ଷକତାକୁ ଏକ ପବିତ୍ର କାର୍ଯ୍ୟ ଭାବରେ ଆଦରି ନେଇଥିଲେ । ପିଲାଙ୍କ ସହ ମିଶିବା, ପିଲାଙ୍କ ସହ ଖେଳିବା, ପିଲାଙ୍କୁ ସେବା କରିବା ଏକ ଧର୍ମ ଭାବରେ ନିଜେ ଗ୍ରହଣ କରିଥିଲେ । ବି.ଏ. ପାସ୍ କରିବା ପରେ ବ୍ୟାଙ୍କ, କୃଷି ବିଭାଗ, ଶିକ୍ଷକତା ଏକା ସମୟରେ ତିନୋଟି ଚାକିରି ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ, କିନ୍ତୁ ଶିକ୍ଷକତାକୁ ବାଛି ନେଇଥିଲେ ।

ଶ୍ରୀ କର ମ୍ୟାଟ୍ରିକ ପାସ୍ କରିବା ପରେ କଲେଜରେ ନାମ ଲେଖାନ୍ତି । ଏଥିପାଇଁ ପିତାମାତାଙ୍କ ନିଜର ପୁଅଙ୍କୁ ଅଧିକ ପାଠପଢ଼େଇବାକୁ ଇଛା ଥିଲେ ମଧ୍ୟ ଆର୍ଥିକ ପରିସ୍ଥିତି ଭଲ ନଥିଲା । ସେ ନିଜେ ଟ୍ୟୁସନ୍ କରି କଲେଜ ପଢ଼ିବା ସମୟରେ ନିଜର ପାଠପଢ଼ା ପାଇଁ ଅଧିକାଂଶ ଖର୍ଚ୍ଚ ତୁଲାଉଥିଲେ ।

ବି.ଏ. ପାସ୍ କରିବା ପରେ ପାଞ୍ଚବର୍ଷ ବାଲେଶ୍ୱର ଅଞ୍ଚଳର ଗୋଟିଏ ହାଇସ୍କୁଲରେ ଶିକ୍ଷକତା କଲେ । ଏହା ପରେପରେ ବ୍ରହ୍ମପୁର ଠାରେ ବି.ଇଡ଼ି. ପଢ଼ିଲେ । ବି.ଇଡ଼ି କୃତିତ୍ୱର ସହ ଉତ୍ତୀର୍ଣ୍ଣ ହେବା ପରେ ଏମ୍.ଇଡ଼ି କରିବା ପାଇଁ ଇଛା ଥିଲା । କିନ୍ତୁ ଘରର ଆର୍ଥିକ ଅବସ୍ଥାକୁ ଦେଖି ଯଥାଶୀଘ୍ର ଶିକ୍ଷକତା କରିବା ପାଇଁ ସିଦ୍ଧାନ୍ତ ନେଲେ । ସେ ସମୟରେ ରାଜ୍ୟଭିତ୍ତିକ ନିଯୁକ୍ତି କାର୍ଯ୍ୟକ୍ରମରେ ତାଙ୍କୁ ମାଲକାନଗିରି ଜିଲ୍ଲାରେ ନିଯୁକ୍ତି ମିଳିଲା ।

ପ୍ରଥମେ ସେ ଯେତେବେଳେ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ, ମାଲକାନଗିରି ଗଲେ, ସେତେବେଳେ କାର୍ଯ୍ୟାଳୟର କର୍ମକର୍ତ୍ତାମାନେ ଉକ୍ତ ସ୍କୁଲ କେଉଁଠି

ଅବସ୍ଥିତ, ତାହା ଠିକ୍ ଭାବରେ କହିପାରିନଥିଲେ । ଏଥିପାଇଁ ତାଙ୍କୁ ପ୍ରଥମେ ମାଛକୁଣ୍ଡ ଯିବାକୁ ପଡ଼ିଥିଲା । ପୁଣି ସେ ଠିକ୍ ସ୍ଥାନ ବୁଝାବୁଝି କରି ପ୍ରାୟ ୩୫ କି.ମି. ଘାଟି ରାସ୍ତା ଚାଲି ଚାଲି ଡରଲାବେଡ଼ାରେ ପହଞ୍ଚିଥିଲେ । ଯେତେବେଳେ ସେ ଡରଲାବେଡ଼ା ଗଲେ, ସେହି ସ୍କୁଲଟି ଠିକ୍ ଭାବରେ ଚାଲୁନଥିଲା । ସେ ସମୟର ଶିକ୍ଷା ଜିଲ୍ଲା ଅଧିକାରୀ ତାଙ୍କୁ ଉକ୍ତ ସ୍ଥାନରେ ଯୋଗଦାନ କରିବାକୁ କହିଲା ବେଳେ କହିଥିଲେ, ମୁଁ ତୁମ ଉପରେ ବିଶ୍ୱାସ ରଖୁଛି, ତୁମେ ସେ ଅଞ୍ଚଳର ଶିକ୍ଷାର ଜ୍ୟୋତି ଉଜ୍ଜୀବିତ କରିବାରେ ସାହାଯ୍ୟ କରିବ ବୋଲି ମୋର ହୃଦ୍‌ବୋଧ ହେଉଛି । ମୁଁ ତାଙ୍କ କଥା ପ୍ରତି ନିଶ୍ଚୟ ଧ୍ୟାନ ଦେବି ବୋଲି ମୋର ସମ୍ମତି ଜଣାଇଥିଲି ।

ଶ୍ରୀ କର କହନ୍ତି ଯେ, ମୁଁ ଯେତେବେଳେ ଡରଲାବେଡ଼ା ଗଲି, ସେତେବେଳେ ଉକ୍ତ ମ.ଇ. ସ୍କୁଲଟି ନିୟମିତ ଭାବରେ ଚାଲୁନଥିଲା । ଏଥିସହିତ କେବଳ ଗୋଟିଏ ଶ୍ରେଣୀଗୃହ ଥିଲା । ୪୦ ଜଣ ଛାତ୍ରଛାତ୍ରୀ ବିଦ୍ୟାଳୟରେ ନାମ ଲେଖାଇଥିଲେ, କିନ୍ତୁ ଠିକ୍ ଭାବରେ ଆସୁନଥିଲେ । ମୁଁ ପ୍ରଥମେ ଡରଲାବେଡ଼ାରେ ରହିଲି । ପ୍ରତିଦିନ ସ୍କୁଲ ସରିବା ପରେ ଗ୍ରାମବାସୀଙ୍କ ସହ ମିଶିଲି, ସେମାନଙ୍କ ଭାଷା ସହିତ ପରିଚିତ ହେଲି ଏବଂ ଶିଖିଲି । ସେମାନଙ୍କ ସହ ଆତ୍ମୀୟତା ବଢ଼େଇଲି । ଏହିପରି କିଛିଦିନ ଗଲା ପରେ ଗ୍ରାମବାସୀ ସେମାନଙ୍କ ପିଲାଙ୍କୁ ବିଦ୍ୟାଳୟକୁ ଛାଡ଼ିଲେ । ଏବଂ ବିଦ୍ୟାଳୟଟି ନିୟମିତ ଚାଲିଲା ଏବଂ ଏହାର ପରିଣାମ ସ୍ୱରୂପ ଛାତ୍ରଛାତ୍ରୀଙ୍କ ସଂଖ୍ୟା ୧୦୦ ପର୍ଯ୍ୟନ୍ତ ବୃଦ୍ଧି ପାଇଲା ।

କିଛିଦିନ ପରେ ଗ୍ରାମବାସୀମାନେ ମୋ ପାଇଁ ଏକ ରହିବା ପାଇଁ ଘରଟିଏ ତିଆରି କରିଦେଲେ । ଏଥିସହିତ ଗ୍ରାମବାସୀ ଗୋଟିଏ ଶ୍ରେଣୀଗୃହରେ ସ୍କୁଲ ଚାଲୁଥିବାରୁ ସେମାନଙ୍କ ଶ୍ରମ ଓ ସମ୍ବଳରେ ଅନ୍ୟ ଏକ ଶ୍ରେଣୀଗୃହ ତିଆରି କରିଦେଲେ । ଗ୍ରାମବାସୀ ଯେତେବେଳେ ହାଟପାଳିକୁ ଯାଆନ୍ତି, ସେତେବେଳେ ଶିକ୍ଷକଙ୍କର ଯାହା ଆବଶ୍ୟକ ଥାଏ, ତାହା ହାଟରୁ ଆଣିଦିଅନ୍ତି । ସେମାନଙ୍କ ଉଦାରତା, ଆତିଥ୍ୟରେ ମୁଁ ପ୍ରକୃତରେ ଅଭିଭୂତ ହୋଇପଡ଼ିଥିଲି । ଏହିଠାରେ ଆମେ ବିଚାର କରିବା ଆଦିବାସୀମାନେ ଶିକ୍ଷା ପ୍ରତି କେତେ ଆଗ୍ରହୀ ଅଟନ୍ତି ....?

ଏଥିସହିତ ମୁଁ ଏହି ବିଦ୍ୟାଳୟରେ ଶିକ୍ଷକତା କଲାବେଳେ ଜଣେ ଅଭିଭାବକ ନିଜର ପିଲାକୁ ଧରି ବିଦ୍ୟାଳୟକୁ ଆସିଥିଲେ । ସେ ପିଲାଟିକୁ ପ୍ରାୟ ୧୧ ବର୍ଷ ହେବ । ସେ କୌଣସି ଆନୁଷ୍ଠାନିକ ଶିକ୍ଷାକେନ୍ଦ୍ରରେ ପାଠ ପଢ଼ିନଥିଲା । ମୋ ବିଦ୍ୟାଳୟକୁ ଆସିବା ପୂର୍ବରୁ ସେ ଅନେକ ବିଦ୍ୟାଳୟକୁ ପୂର୍ବରୁ ଯାଇଥିଲା,

କିନ୍ତୁ କୌଣସି ବିଦ୍ୟାଳୟରେ ତାକୁ ନାମ ଲେଖାଇବା ପାଇଁ ମନା କରିଦେଇଥିଲେ । ମୁଁ ଏହି ପିଲାଟିକୁ ଖୁସିରେ ଆମ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ନାମ ଲେଖାଇଲି । ମୁଁ ଏ ବିଷୟ ସେ ସମୟର ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ କେ. ସୁବା ରାଓଙ୍କୁ କହିଲି । ମୁଁ ଏହିପରି ଆଗ୍ରହୀ ପିଲାଙ୍କୁ ପଢ଼ିବା ପାଇଁ ସୁବିଧା ଓ ସୁଯୋଗ ଦେଇଥିବାରୁ ସେ ଶୁଣି ଖୁସୀ ହେଲେ । ସେ ପିଲାଟି ପରବର୍ତ୍ତୀ ସମୟରେ ଭଲ ପଢ଼ିଲା । ମୋର ଏହିପରି କେତେକ କାର୍ଯ୍ୟରେ ଜିଲ୍ଲା ଶିକ୍ଷାଧୀକାରୀ ଏବଂ ପ୍ରଶାସନ ତରଫରୁ ମଧ୍ୟ ମୋତେ ପ୍ରୋତ୍ସାହିତ କରାଯାଉଥିଲା । ’’

ଶ୍ରୀ କର ବର୍ତ୍ତମାନ କୁଡୁମୁଲୁଗୁମ୍ମା ୟୁ.ଜି.ଏମ୍.ଇ. ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବରେ କାର୍ଯ୍ୟରତ । ଆଦିବାସୀମାନଙ୍କ ଶିକ୍ଷା ପ୍ରତି ଆଗ୍ରହ ସମ୍ପର୍କରେ ସେ କହନ୍ତି ଯେ, ବର୍ତ୍ତମାନ ତାଙ୍କ ବିଦ୍ୟାଳୟକୁ ପ୍ରତିବର୍ଷ ଅଧିକ ସଂଖ୍ୟାରେ ନାମ ଲେଖାଇବା ପାଇଁ ବିଭିନ୍ନ ଅଞ୍ଚଳରୁ ଆସୁଛନ୍ତି । ତାଙ୍କ ବିଦ୍ୟାଳୟରେ ପ୍ରାୟ ୬୦୦ ଛାତ୍ରଛାତ୍ରୀ ପଢୁଛନ୍ତି । ୪୦ ଜଣ ପୁଅ ଏବଂ ୪୦ ଜଣ ଝିଅ ରହିବାର ବ୍ୟବସ୍ଥା ରହିଛି । ଏଥିସହିତ ଅନେକ ବାପାମାଆ ସେମାନଙ୍କ ପିଲାଙ୍କୁ ଧରି ପ୍ରତିବର୍ଷ ଆସିଥାଆନ୍ତି, କିନ୍ତୁ ବାଧ୍ୟ ହୋଇ ସେମାନଙ୍କୁ ଫେରାଇବାକୁ ପଡ଼ିଥାଏ ବୋଲି ଶ୍ରୀ କର କହନ୍ତି ।

ଶ୍ରୀ କର ସବୁସମୟରେ ଜ୍ଞାନ ଅନ୍ୱେଷଣରେ ରହିଛନ୍ତି । ସବୁ ସମୟରେ ସେ ଛାତ୍ରଭାବରେ ଅଧ୍ୟୟନ ଜାରି ରଖିଛନ୍ତି । ଡରଲାବେଡ଼ାରେ ଶିକ୍ଷକତା ଆରମ୍ଭ କରିବା ପରେ ପରବର୍ତ୍ତୀ ସମୟରେ ଶ୍ରୀଯୁକ୍ତ କର ଇତିହାସ, ଓଡ଼ିଆ,ଶିକ୍ଷା, ଇଂରାଜୀରେ କୃତିତ୍ୱର ସହ ସ୍ନାତକତ୍ତୋର ଶିକ୍ଷା ଶେଷ କରିଛନ୍ତି । ଏଥିସହିତ ଅନେକ ବିଷୟରେ ମଧ୍ୟ ଅଧ୍ୟୟନ ଜାରି ରଖିଛନ୍ତି ।

ନିଜ ପିଲାଦିନ ସମ୍ପର୍କରେ ଶ୍ରୀ କର କହନ୍ତି ଯେ, ବାପା ବହୁତ କର୍ମଠ ଏବଂ ନୀତିବାନ୍ ଥିଲେ । କାମ ପ୍ରତି ଏବଂ ଭଗବତ୍ ପ୍ରତି ନିଷ୍ଠା ଗଭୀର ଥିଲା । ବାପା ଚାଷ କାମ କରି ପରିବାରକୁ ବଞ୍ଚାଉଥିଲେ । ବିଦ୍ୟାଳୟକୁ ୧୦ ରୁ ୪ ଗଲାବେଳେ ଅନ୍ୟ ସମୟରେ ବାପାଙ୍କୁ ଚାଷ କାମରେ ସାହାଯ୍ୟ କରୁଥିଲି । ନିଜ ମା’ କିନ୍ତୁ ଆଦୌ ପାଠ ପଢ଼ିନାହାଁନ୍ତି । କିନ୍ତୁ ତାଙ୍କର ପାଠପଢ଼ା ପ୍ରତି ଅବଦାନ ଯଥେଷ୍ଟ ଥିଲା । ମା’ଙ୍କ ବିଭିନ୍ନ ପୌରାଣିକ ଗପଗୁଡ଼ିକ ଆମକୁ ପାଠପଢ଼ିବା ସହିତ ନିଷ୍ଠାରେ ବଞ୍ଚିବା ପ୍ରତି ଯଥେଷ୍ଟ ପ୍ରେରଣା ଦେଇଥିଲା ।’’

ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ଶ୍ରୀ କର ମତ ଦିଅନ୍ତି ଯେ, "ସରକାରଙ୍କ ତରଫରୁ ଶିକ୍ଷାର ଉନ୍ନତି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ନିଆଯାଉଛି । ଏହାର ପ୍ରଭାବ ଆସ୍ତେ ଆସ୍ତେ ଲୋକଙ୍କ ଉପରେ ପଡୁଛି । ଲୋକମାନେ ଅନେକ ବିଷୟରେ ସଚେତନ ହେଲେଣି । ଜିଲ୍ଲା ପ୍ରାଥମିକ ଶିକ୍ଷା ପ୍ରକଳ୍ପ, ସର୍ବଶିକ୍ଷା ଅଭିଯାନ ଇତ୍ୟାଦି ମାଧ୍ୟମରେ ମଧ୍ୟ ବାରମ୍ବାର ତାଲିମ ଯୋଗୁଁ ଶିକ୍ଷାରେ ନିଶ୍ଚୟ ଉନ୍ନତି ହୋଇଛି । ଯଦି ଏହି ତାଲିମ କାର୍ଯ୍ୟକ୍ରମକୁ ଶିକ୍ଷକମାନେ ସକାରାତ୍ମକ ଭାବରେ ଗ୍ରହଣ କରିବେ ଏବଂ ଏହାର ପ୍ରୟୋଗ କରିବେ, ତେବେ ନିଶ୍ଚୟ ମାଲକାନଗିରି ଜିଲ୍ଲାରେ ଏହାର ସୁପ୍ରଭାବ ପକେଇବ ।''

ମାଲକାନଗିରି ଜିଲ୍ଲାରେ ଅଧାରୁ ପାଠ ଛାଡୁଥିବା ସମସ୍ୟା ମଧ୍ୟ ଅଧିକ । ଶ୍ରୀଯୁକ୍ତ କର ମତରେ ଶିକ୍ଷକଙ୍କୁ ଏଥିରେ ପ୍ରମୁଖ ଭୂମିକା ନିଭାଇବାକୁ ପଡ଼ିବ । ଶିକ୍ଷକଙ୍କୁ ବିଦ୍ୟାଳୟଟିକୁ ଏକ ପରିବାର ଭାବରେ ଗଠନ କରିବାକୁ ପଡ଼ିବ, ପିଲାଟି ଯେପରି ପରିବାରରେ ଖେଳେ, ବୁଲେ, ପଢ଼େ, ସେହିପରି ପରିବେଶ ପିଲାଟିକୁ ଯୋଗାଇ ଦେବାକୁ ପଡ଼ିବ । ଏଥିପାଇଁ ପିଲାଙ୍କ ସହ କଥାବାର୍ତ୍ତା ହେବ, ସାଙ୍ଗ ହେବ । ପିଲାଟି ଯେପରି ଭାବିବ, ସ୍କୁଲଟି ଯେପରି ଘରଠାରୁ ଭିନ୍ନ ନୁହେଁ । ଏଥିପାଇଁ ଶିକ୍ଷକ ଅଭିଭାବକ, ପିଲାଟିର ପରିବାର ସହ ଯୋଗାଯୋଗ ରଖିବାକୁ ପଡ଼ିବ । ଏଥିପାଇଁ ଅଭିଭାବକଙ୍କ ମଧ୍ୟ ଭୂମିକା ରହିଛି । ଅଭିଭାବକଙ୍କୁ ମଧ୍ୟ ଏକ ପରିବେଶ ତିଆରି କରିବାରେ ସାହାଯ୍ୟ କରିବାକୁ ପଡ଼ିବ । ପିଲାଟି ଯେପରି ଆଦର୍ଶବାନ ଓ ଚରିତ୍ରବାନ୍ ହେବ, ସେଥିପ୍ରତି ବାପା, ମଧ୍ୟ ଧ୍ୟାନ ଦେବା ଜରୁରୀ ।

ଶ୍ରୀ କର ବିଦ୍ୟାଳୟ ସମୟରେ ଶିକ୍ଷାଦାନ କରନ୍ତି ଏବଂ ଅନ୍ୟ ସମୟରେ ବିଦ୍ୟାଳୟର ଅଣ-ଶିକ୍ଷାଦାନ କାର୍ଯ୍ୟ ଯଥା ବାଡ଼ିବଗିଚା, ପିଲାଙ୍କୁ ନାଟକ ଶିଖାଇବା, ଅନ୍ୟାନ୍ୟ କାଗଜପତ୍ର କାମ ପ୍ରତି ସମୟ ଦିଅନ୍ତି । ତାଙ୍କ ମତରେ ବିଦ୍ୟାଳୟରେ ପାଠପଢ଼ା ସହିତ ଶିକ୍ଷାବିଭାଗରେ ତ ଅନ୍ୟ କାମ କରିବାକୁ ପଡ଼ିଥାଏ । ଏହିଦୃଷ୍ଟିରୁ ଶିକ୍ଷକଙ୍କୁ ସବୁବେଳେ ଦୃଷ୍ଟି ରଖିବାକୁ ପଡ଼ିବ, ବିଦ୍ୟାଳୟରେ ଶିକ୍ଷାଦାନ ଆଗରେ ରହିବ । ପାଠପଢ଼ା ବ୍ୟତୀତ ସକାଳେ ଓ ସନ୍ଧ୍ୟାରେ ସ୍କୁଲ ତଥା ଅନ୍ୟ ଅଣଶିକ୍ଷାଦାନ କାର୍ଯ୍ୟକ୍ରମରେ ଶିକ୍ଷକ ନିଜକୁ ନିୟୋଜିତ କରିବେ । ଏହାଦ୍ୱାରା ପିଲାଙ୍କ ଶିକ୍ଷାର ଉନ୍ନତିରେ ବାଧା ଉପୁଜିବ ନାହିଁ ।

ଶ୍ରୀ କର କେବଳ ଜଣେ ଆଦର୍ଶ ଶିକ୍ଷକ ନୁହଁନ୍ତି, ସେ ଏକାଧାରରେ ନାଟ୍ୟକାର, ଗାଳ୍ପିକ, କବି, ପ୍ରାବନ୍ଧିକ । ସେ ପିଲା ଦିନରୁ ବହୁତ ଲାଜକୁଳା

ଥିଲେ । କିନ୍ତୁ ଯେତେବେଳେ ସେ ନାଟକରେ ମିଶି ଅଭିନୟ କଲେ, ତାଙ୍କର ଆସ୍ତେ ଆସ୍ତେ ଲାଜକୁଳା ସ୍ୱଭାବ ଛାଡ଼ିଲା ।

ସେ ନିଜେ ଅନେକ ନାଟକ ରଚନା କରିଛନ୍ତି ଏବଂ ପିଲାମାନଙ୍କୁ ନେଇ ଅଭିନୀତ କରାଇଛନ୍ତି । ଏହାଦ୍ୱାରା ଆଦିବାସୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ଗୁଣକୁ ଜାଗ୍ରତ ହେବାରେ ସାହାଯ୍ୟ ହୋଇଛି । ସବୁ ସମୟରେ ଛାତ୍ରଛାତ୍ରୀଙ୍କୁ ବନ୍ଧୁ, ସତୀର୍ଥ ଭାବରେ ଦେଖିଛନ୍ତି । ବିଦ୍ୟାଳୟରେ ପ୍ରତ୍ୟେକ ବୁଧବାର ଛାତ୍ରଛାତ୍ରୀଙ୍କ ସଙ୍ଗୀତ ଶିକ୍ଷା ଓ ଶନିବାର ଦିନ ତର୍କସଭା ଓ କୁଇଜର ଆୟୋଜନ କରାଯାଇଥାଏ । ଆକାଶବାଣୀ ଜୟପୁର କେନ୍ଦ୍ରରୁ 'ଫୁଲଚାଙ୍ଗୁଡ଼ି' ଓ 'ଟିକି ରାଇଜ' ଭଳି ଶିଶୁ ଭିତ୍ତିକ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଅଭିନୀତ ସ୍ୱରଚିତ ନାଟକ, 'ବନମଲ୍ଲୀ', 'ଅ,ଆ,ଇ', 'ମାଟି ମାଆ ଡ଼ାକେ ଆ', 'ଚକ୍ରଧାରୀଙ୍କ ଜଙ୍ଗଲ ବିଜେ', 'ଶହୀଦ୍ ଲକ୍ଷ୍ମଣ ନାଏକ', ଇତ୍ୟାଦି ବେଶ୍ ଉଚ୍ଚ ପ୍ରଶଂସିତ ହୋଇଛି । ଏଦତ୍ ବ୍ୟତୀତ ତାଙ୍କ ସ୍କୁଲର ପିଲାମାନେ ବିଭିନ୍ନ ସମୟରେ ଆକାଶବାଣୀର ବିଭିନ୍ନ କାର୍ଯ୍ୟକ୍ରମରେ ଭାଗ ନେଇ ଉଚ୍ଚ ପ୍ରଶଂସିତ ହୋଇଛନ୍ତି । ଏଥିସହିତ ଶ୍ରୀଯୁକ୍ତ କରଙ୍କର ଲିଖିତ ଓ ନିର୍ଦ୍ଦେଶିତ ନାଟକ ଜୟପୁର ଆକାଶବାଣୀ ତରଫରୁ ବହୁବାର ପ୍ରସାରିତ ହୋଇଛି ଏବଂ ପ୍ରଶଂସା ଲାଭ କରିଛି ।

ଶ୍ରୀ କର ଅନେକ ପୁସ୍ତକ ରଚନା କରିଛନ୍ତି । ଅନେକ ଲେଖାରେ ସାମାଜିକ ବ୍ୟବସ୍ଥାକୁ ନେଇ ଲେଖିଛନ୍ତି । ଏଥିସହିତ ଆଦିବାସୀ ସମ୍ପ୍ରଦାୟ ଉପରେ ଓ ଆଞ୍ଚଳିକ ଭାଷାରେ ମଧ୍ୟ ଲେଖିଛନ୍ତି । ତାଙ୍କର ଡ଼ିଡ଼ାୟୀ ସଂସ୍କୃତି, ଲୋକ କାହାଣୀ, ଗୀତ, ଢ଼ଗ ଇତ୍ୟାଦିକୁ ନେଇ 'ଆଦିମାନବ ଡ଼ିଡ଼ାୟୀ' ଏବଂ 'ଶହୀଦ୍ ଲକ୍ଷ୍ମଣ ନାୟକ' ପୁସ୍ତକ ଦୁଇଟି ବେଶ୍ ପ୍ରଶଂସିତ ହୋଇଛି । ଏଥିସହିତ ଶିଶୁମାନଙ୍କ ପାଇଁ ନାଟକ ଓ କବିତା ମଧ୍ୟ ଅନେକ ଲେଖିଛନ୍ତି । ତାଙ୍କର ପ୍ରାୟ ଛୋଟ ଛୋଟ ୩୦ ଖଣ୍ଡ ପୁସ୍ତିକା ଆକାରରେ ବାହାରିଛି ଏବଂ ୩୫ ଖଣ୍ଡ ଲେଖା ପ୍ରକାଶନ ଅପେକ୍ଷାରେ ରହିଛି ।

ଶ୍ରୀ କର ପ୍ରଧାନ ଶିକ୍ଷକ ଥିବା ଉନ୍ନୀତ ମଧ୍ୟ ଇଂରାଜୀ ବିଦ୍ୟାଳୟ, କୁଡୁମୁଲୁଗୁମା ତରଫରୁ ପ୍ରତିବର୍ଷ ଉକ୍ତ ବିଦ୍ୟାଳୟର ମୁଖପତ୍ର 'ତୃପ୍ତିସ୍ରୋତା' ପ୍ରକାଶିତ ହେଉଛି । ଶ୍ରୀ କର ମଧ୍ୟ ଜୁଭେନାଇଲ କୋର୍ଟ ପାଇଁ ମାଲକାନଗିରି ଜିଲ୍ଲା ତରଫରୁ ପ୍ରତିନିଧିତ୍ୱ କରୁଛନ୍ତି ।

ଶ୍ରୀ କର ନିଜର  କାର୍ଯ୍ୟ ପାଇଁ  ୧୯୯୪ ମସିହାରେ  ରାଜ୍ୟପାଳଙ୍କ ତରଫରୁ 'କୃତି ଶିକ୍ଷକ' ଭାବରେ ସମ୍ମାନିତ ହୋଇଛନ୍ତି ।  ଏଥିସହିତ ୨୦୦୪ ମସିହାରେ ରାଷ୍ଟ୍ରପତିଙ୍କ ଦ୍ୱାରା 'କୃତି ଶିକ୍ଷକ' ଭାବରେ ମଧ୍ୟ ସମ୍ମାନିତ ହୋଇଛନ୍ତି । ଏଥିସହିତ ବିଭିନ୍ନ ସମୟରେ ମାଲ୍ୟବନ୍ତ ସମ୍ମାନ, ପ୍ରତିଭା ସମ୍ମାନ, ସୁବର୍ଣ୍ଣରେଖା ସମ୍ମାନ, ଭାରତ ଶିକ୍ଷା ସ୍ୱର୍ଣ୍ଣ ପଦକ, ଏହିପରି ଅନେକ ସମ୍ମାନ ବିଭିନ୍ନ ପ୍ରତିଷ୍ଠାନ ଓ ସରକାରଙ୍କ ତରଫରୁ ଶ୍ରୀଯୁକ୍ତ କରଙ୍କୁ ସମ୍ମାନିତ କରାଯାଇଛି ।

ଆଶା କରାଯାଉଛି, ଏହିଭଳି ଶିକ୍ଷକ ମାଲକାନଗିରି ଜିଲ୍ଲା ଭଳି  ଶିକ୍ଷା କ୍ଷେତ୍ରରେ ଅନଗ୍ରସର ଥିବା ଅଞ୍ଚଳରେ ଯେଉଁଭଳି ଭାବରେ ଶିକ୍ଷାର ଆଲୋକଦୀପ୍ତ କରିବାରେ ପ୍ରଚେଷ୍ଟା ଜାରି ରଖିଛନ୍ତି, ଅନ୍ୟ ଶିକ୍ଷକ ଏବଂ ନାଗରିକମାନଙ୍କ ପାଇଁ ଏହିଭଳି ବ୍ୟକ୍ତିତ୍ୱ ନିଶ୍ଚୟ ଶିକ୍ଷା ବିକାଶରେ ଉତ୍ସାହିତ କରିବାରେ ସହାୟକ ହେବ, ଏଥିରେ ସନ୍ଦେହ ନାହିଁ ।

ଏହିଭଳି ଶିକ୍ଷକଙ୍କୁ ଦେଖିଲା ବେଳେ ଗାନ୍ଧିଜୀଙ୍କ ଗୋଟିଏ ବାକ୍ୟ ମନକୁ ଆସେ :  "ମୁଷ୍ଟିମେୟ କେତେଜଣ ସଂକଳ୍ପବଦ୍ଧ ସାଧକ ଯଦି  ସେମାନଙ୍କର ଆଦର୍ଶରେ ଅବିଚଳିତ ବିଶ୍ୱାସ  ରଖନ୍ତି,  ତା'ହେଲେ ସେମାନେ ଇତିହାସର ମୋଡ଼ ବଦଳାଇ ଦେଇପାରିବେ ।'' ଶ୍ରୀ କରଙ୍କୁ ଦେଖି ବିଶ୍ୱାସ କରିହୁଏ, ଏହିପରି କିଛି ଶିଶୁବତ୍ସଳ ଶିକ୍ଷକ ଯଦି ବାହାରିବେ, ତେବେ ନିଶ୍ଚୟ ଶିକ୍ଷାରେ କ୍ରାନ୍ତିକାରୀ ପରବର୍ତ୍ତନ ଆସିବ !

ଡ଼ିସେମ୍ବର, ୨୦୦୫

□□□

# ଅନାଥ ଶିଶୁଙ୍କ ନାଥ :
# ଶ୍ରୀଯୁକ୍ତ ବାଞ୍ଛାନିଧି ମହାନ୍ତି ...

ଡମ୍ବରୁଧର ଶବର, ରୂପାପଦର ଗ୍ରାମ । ସପ୍ତମ ଶ୍ରେଣୀରେ ପଢୁଛନ୍ତି । ପାଞ୍ଚବର୍ଷ ବେଳୁ ସେ ବାପା, ମା'ଙ୍କୁ ହରାଇଛନ୍ତି । ନିଜର ବଡ଼ବାପାଙ୍କ ସହିତ ବାଳନିକେତନ ଆସିଥିଲେ । ସ୍ୱପ୍ନ ରହିଛି ଭବିଷ୍ୟତରେ ଶିକ୍ଷକ ଟିଏ ହେବ ଏବଂ ପିଲାଙ୍କୁ ପାଠ ପଢ଼େଇବ । ଅର୍ଜ୍ଜୁନ ଶବରକୁ ବୟସ ୧୧ ହେବ । ପଞ୍ଚମ ଶ୍ରେଣୀରେ ପଢୁଛନ୍ତି । ମାଆ କୁଲିନାଲି କରି ପେଟ ପୋଷନ୍ତି । ବାପା ନାହାଁନ୍ତି । ପାଞ୍ଚବର୍ଷ ହେଲା ବାଳନିକେତନରେ ରହୁଛନ୍ତି । ମାଆ ବେଳେ ବେଳେ ପୁଅକୁ ଦେଖିବାକୁ ଆସନ୍ତି । ଗଣେଶ କଣ୍ଡାଗିରି, ବୟସ ୬ ବର୍ଷ ହେବ, ଗ୍ରାମ ନାଲପଣ୍ଡା, ମା' କୁଲିନାଲି କରି ଚଳନ୍ତି, କନ୍ଧ ଜନଜାତିର ଶିଶୁ, ଏ ପର୍ଯ୍ୟନ୍ତ ଓଡ଼ିଆ ଭାଷା ସହିତ ଭଲ ଭାବରେ ପରିଚିତ ହୋଇପାରିନାହିଁ । ଓଡ଼ିଆ ଭାଷା ବୁଝିପାରୁଛି, କହିପାରୁନାହିଁ । କିନ୍ତୁ ନିର୍ଭୟ ହେବାର ଶିଖିଛି । ଖୁସିରେ ଆସି ପାଖରେ ବସିପାରୁଛି । କେଉଁ ଶିଶୁଟିର ବାପା ନାହାନ୍ତି ତ, କାହାର ମାଆ ନାହାନ୍ତି, କାହାର କେହି ମଧ୍ୟ ନାହାନ୍ତି ଏହିଭଳି ୨୫ଟି ଶିଶୁକୁ ନେଇ ଚଳଚଞ୍ଚଳ ହେଉଛି ଗୁଣୁପୁର ନିକଟସ୍ଥ ଚାଲକମ୍ପା ପଞ୍ଚାୟତର ଲିମାବେଡ଼ା ଗ୍ରାମ । ଏହି ଶିଶୁମାନଙ୍କୁ ଦେଖିଲେ ଖୁସୀ ଲାଗେ ଯେ, ଯେକୌଣସି ବ୍ୟକ୍ତି ଆସିଲେ ନିର୍ଭୟରେ କଥା ହୋଇପାରୁଛନ୍ତି, ନିଜକୁ କେବେ ଅନାଥ ବୋଲି ଅନୁଭବ କରୁନାହାନ୍ତି, ଦେଖିଲେ ଏହା ଜଳ ଜଳ ହୋଇ ବାରି ହୋଇପଡ଼େ । ଏହି ଅନାଥ ଶିଶୁମାନଙ୍କ ନିକଟରେ ବାପା ଭାବରେ ପରିଚିତ । ଶିଶୁମାନଙ୍କର ପିତାମାତା ଭାବରେ ଦାୟିତ୍ୱ ନିଭେଇ ଆସୁଛନ୍ତି, ଏହା ଯେ କେହି ଦେଖିଲେ ହିଁ ଅନୁଭବ କରିବ । ସେହି ବ୍ୟକ୍ତି, ଅନୁଷ୍ଠାନ ସମ୍ପର୍କରେ ଏକ ସ୍ୱତନ୍ତ୍ର ଆଲେଖ୍ୟ .....

ଗୁଣୁପୁର ସହର ନିକଟରେ ଚାଲକମ୍ପା ପଞ୍ଚାୟତର ଲିମାବେଡ଼ା ଗ୍ରାମଠାରେ ଅନାଥଶିଶୁମାନଙ୍କୁ ନେଇ 'ବାଳନିକେତନ' ଆଶ୍ରମ ଗଢ଼ିଉଠିଛି । ଏହି ଅନାଥ ଆଶ୍ରମରେ ପ୍ରାୟତଃ ରାୟଗଡ଼ା ଜିଲ୍ଲାର ଅନାଥ ଶିଶୁମାନେ ରହିଥାଆନ୍ତି ଏବଂ ନିକଟସ୍ଥ ବିଦ୍ୟାଳୟ ମାନଙ୍କରେ ପାଠ ପଢ଼ିଥାଆନ୍ତି । ଏହି ଆଶ୍ରମରେ ସ୍ଥାନ ପାଇବାରେ କୌଣସି ଜାତି, ବର୍ଣ୍ଣବୈଷମ୍ୟ ଭେଦଭାବ ନଥିଲେ ମଧ୍ୟ ବର୍ତ୍ତମାନ ପ୍ରାୟ ସମସ୍ତ ଶିଶୁ ଆଦିବାସୀ ସୌରା ସମ୍ପ୍ରଦାୟର ରହିଛନ୍ତି । ପ୍ରଥମରୁ ୨୫ଟି ଶିଶୁକୁ ନେଇ ଆରମ୍ଭ ହୋଇଥିଲେ

ମଧ୍ୟ ଏବେ ଏହି ଆଶ୍ରମରେ ୨୫ଟି ଅନାଥ ଶିଶୁ ରହିବାର ବ୍ୟବସ୍ଥା ରହିଛି । ଏହି ଶିଶୁମାନଙ୍କର ବୟସ ପାଞ୍ଚ ବର୍ଷରୁ ପ୍ରାୟତଃ ୧୫ ରୁ ୧୬ ବର୍ଷ ମଧ୍ୟରେ । ଅଧିକାଂଶ ଶିଶୁ ପ୍ରଥମରୁ ସପ୍ତମ ଶ୍ରେଣୀ ମଧ୍ୟରେ ପଢୁଛନ୍ତି । ଏହାର ଦାୟିତ୍ୱ ନେଇଛନ୍ତି ଭୂଦାନ କର୍ମୀ ତଥା ସମାଜ କର୍ମୀ ଶ୍ରୀଯୁକ୍ତ ବାଞ୍ଛାନିଧି ମହାନ୍ତି ।

ଶ୍ରୀଯୁକ୍ତ ମହାନ୍ତି ନିଜର ପିଲା ଦିନ ସମ୍ପର୍କରେ ସେ କିଭଳି ଅନାଥ ଶିଶୁମାନଙ୍କ ସେବା କରିବା ନିଜ ମନରେ ଜନ୍ମ ହୋଇଥିଲା କହନ୍ତି ଯେ, "ମୁଁ ପିଲାଟି ଦିନରୁ ଅନାଥ । ବାପା ଜଣେ ଶିକ୍ଷକ ଥିଲେ । ମୁଁ ସାତ ବର୍ଷ ସମୟରେ ବାପାଙ୍କୁ ହରାଇଥିଲି । ବାପା ମରିଯିବାର ଛଅମାସ ପୂର୍ବରୁ ତାଙ୍କର ଜଣେ ପୂର୍ବତନ ଛାତ୍ରୀଙ୍କ ନିକଟରେ ପାଠ ପଢ଼ିବା ଓ ଦେଖାରଖା ପାଇଁ ମୋତେ ଛାଡ଼ି ଦେଇଥିଲେ । ଛାତ୍ରୀଙ୍କର ସ୍ୱାମୀଙ୍କ ନାମ ଥିଲା ଜଗବନ୍ଧୁ ସାହୁ । ବାପା ମରିଯିବା ପରେ ମୁଁ ଏହି ପରିବାର ଦ୍ୱାରା ଲାଳିତ ପାଳିତ ହେଲି । ଅଷ୍ଟମ ଯାଏ ପଢ଼ିଲି । ପରବର୍ତ୍ତୀ ସମୟରେ ଉକ୍ତ ପରିବାର ଜମିଦାର ପରିବାର ହୋଇଥିବାରୁ ଥିବାରୁ ମୋତେ ପାଠ ନପଢ଼ି ତାଙ୍କର ଜମିଦାରୀ ଦେଖିବା ପାଇଁ ଅଧିକ ଉତ୍ସାହ କରାଗଲା ଏବଂ ମୁଁ ସେଥିରେ ସମ୍ପୃକ୍ତ ହେଲି । ମୋର ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିବା ପରେ ପଢ଼ା ବନ୍ଦ ହୋଇଗଲା । ଅନେକ ବର୍ଷ ଏହି ପରିବାରର ସଦସ୍ୟ ଭାବରେ ରହିଲି, ଜମିଦାରୀ ବୁଝିଲି ଏବଂ ଏହି ପରିବାରରେ ମୋତେ ସଦସ୍ୟ ଭାଗରେ ଗ୍ରହଣ କରିଥିଲେ । ଏବଂ ପରବର୍ତ୍ତୀ ସମୟରେ ସେହି ପରିବାରର ଜଣେ ସଦସ୍ୟାଙ୍କ ସହିତ ମନମାଳିନ୍ୟ ହେବାରୁ ଏହି ପରିବାରରୁ ବାହାରି ଆସିଲି ।

"ଏହି ପରିବାର ସହିତ ମୁଁ ସଭ୍ୟ ଭାବରେ ନ ରହିବା ପରୋକ୍ଷରେ ମୋ ପାଇଁ ଭଗବାନଙ୍କ ଆଶୀର୍ବାଦ ଥିଲା । ଏହା ପରେ ମୁଁ ମାମୁଁ କୀର୍ତ୍ତନ ବିହାରୀ ମହାନ୍ତିଙ୍କ ସହ କେଉଁଝର ଜିଲ୍ଲାର ଆନନ୍ଦପୁରଠାରେ ରହିଥିଲି । ଏହି ସମୟରେ ବିନୋବାଙ୍କ ନେତୃତ୍ୱରେ ଭୂଦାନ କାର୍ଯ୍ୟକ୍ରମ ଚାଲିଥାଏ । ମୁଁ ମାମୁଁଙ୍କ ସହ ବୁଲି ଭୂଦାନ କାର୍ଯ୍ୟକ୍ରମ ବିଷୟରେ ଜାଣିଲି ଏବଂ ନିଜକୁ ମଧ୍ୟ ସେଥିରେ ସଂପୃକ୍ତ କଲି । ୧୯୬୧ ମସିହାର ଭୂଦାନ ସମିତିରେ ସହକାରୀ ଭାବରେ କାର୍ଯ୍ୟ କଲି । ସେ ସମୟରେ ଭୁବନେଶ୍ୱରରେ ରହି ଓଡ଼ିଶାର ବିଭିନ୍ନ ଅଞ୍ଚଳକୁ ଗସ୍ତ କଲି ଏବଂ ଭୂଦାନ କାର୍ଯ୍ୟକ୍ରମରେ ଲିପ୍ତ ଥିବା ଶରତ୍ ମହାରଣା, ଗୋପବନ୍ଧୁ ଚୌଧୁରୀ, ଅନ୍ନପୂର୍ଣ୍ଣା ମହାରଣା, ମାଳତୀ ଚୌଧୁରୀ, ନବକୃଷ୍ଣ ଚୌଧୁରୀ, ରମା ଦେବୀ, ଏହିପରି ଅନେକ ବିଶିଷ୍ଟ ବ୍ୟକ୍ତିଙ୍କ ସହ କାମ କରିବାର ସୌଭାଗ୍ୟ ମିଳିଥିଲା ଏବଂ ବିନୋବା ଭାବେ ତଥା ଅନ୍ୟାନ୍ୟ ମହାପୁରୁଷଙ୍କ ସାହିତ୍ୟ ପଢ଼ିବାର ସୁଯୋଗ ପାଇଥିଲି ।

"ଭୂଦାନ ଆନ୍ଦୋଳନରେ ରହିଥିବା ବେଳେ ମୋତେ ବିଭିନ୍ନ ଅଞ୍ଚଳ

ବୁଲିବାକୁ ପଡ଼ିଥିଲା ଏବଂ ବିଭିନ୍ନ ଅଞ୍ଚଳରେ କାମ କରିଥିଲି । ପୂର୍ବରୁ ଶ୍ରୀଯୁକ୍ତ ଶାନ୍ତିଦେବୀ ଓ ରତନ ଦାସ ଭୂଦାନ ଆନ୍ଦୋଳନରେ ସଂପୃକ୍ତ ହୋଇଥିଲେ । ପରବର୍ତ୍ତୀ ସମୟରେ ମାଆଙ୍କ ଦେହାନ୍ତ ପରେ ମୁଁ ମୋର ପରିବାର ଧରି ସେବା ସମାଜର ଶାନ୍ତିଦେବୀଙ୍କ ଅନୁରୋଧ କ୍ରମେ ରାୟଗଡ଼ା ଆସିଲି ଏବଂ ରାୟଗଡ଼ାରେ ରହି ସେବା ସମାଜରେ ଶାନ୍ତି ଦେବୀ ଓ ରତନ ଦାସଙ୍କ ସହିତ ୧୯୭୪-୭୫ରୁ ୧୯୮୦ ପର୍ଯ୍ୟନ୍ତ କାର୍ଯ୍ୟ କଲି ।

୧୯୮୦ ମସିହାର ଘଟଣା । ରାଜ୍ୟପାଳଙ୍କ ତରଫରୁ ରେଡ଼୍‌କ୍ରସ ସଂସ୍ଥା ଦ୍ୱାରା ଅବିଭକ୍ତ କୋରାପୁଟ ଜିଲ୍ଲାରେ ୬ଟି ଅନାଥାଶ୍ରମ ଖୋଲିବା ପାଇଁ ତତ୍‌କାଳୀନ ରାଜ୍ୟପାଳ ଚାହିଁଲେ । ଶ୍ରୀଯୁକ୍ତ ଚିନ୍ମୟ ବସୁ ଗୁଣୁପୁରରେ ଏସ୍.ଡ଼ି.ଓ ଥାଆନ୍ତି । ଗୁଣୁପୁରର ସତ୍ୟପ୍ରକାଶ ପଣ୍ଡା, ଆର.ରାମବାବୁ ହଠାତ୍ ଦିନେ ମୁଁ ଚାଲକମ୍ବା ପଞ୍ଚାୟତର ଜବରଗୁଡ଼ାଠାରେ କାମ ବୁଝୁଥିବା ସମୟରେ ଏ ଦୁହେଁ ପହଞ୍ଚିଲେ, କହିଲେ ଏସ୍.ଡ଼ି.ଓ ଆପଣଙ୍କୁ ଡ଼କାଇଛନ୍ତି । କିଛିଦିନ ପୂର୍ବରୁ କୌଣସି କାର୍ଯ୍ୟରେ ପଦ୍ମପୁର ବି.ଡ଼ି.ଓଙ୍କ ସହିତ ମୋର ପାଟିତୁଣ୍ଡ ହୋଇଥିଲା, ମୁଁ ପ୍ରମାଦ ଗଣିଲି । କିନ୍ତୁ ମୁଁ ଯେତେବେଳେ ତତ୍‌କାଳୀନ ଏସ୍.ଡ଼ି.ଓ ଶ୍ରୀଯୁକ୍ତ ଚିନ୍ମୟ ବସୁଙ୍କ ସହ ଭେଟ କଲି, ପ୍ରସ୍ତୁତ ହୋଇ ଆସିଛନ୍ତି କି ବୋଲି ସେ ପ୍ରଶ୍ନ କଲେ । ମୁଁ ହତବାକ୍ ହେଲି । ପୂର୍ବରୁ ମୋତେ ଏହାର ଦାୟିତ୍ୱ ନେବାପାଇଁ ସେ ଖବର ପଠେଇଥିଲେ, କିନ୍ତୁ କୌଣସି କାରଣରୁ ଖବର ମୋ ନିକଟରେ ପହଞ୍ଚି ପାରିନଥିଲା । ମୋତେ ସେ ଅନାଥାଶ୍ରମର ଖୋଲିବା ବିଷୟ ଏବଂ ମୋତେ ଏହାର ଗୁରୁ ଦାୟିତ୍ୱ ନେବାପାଇଁ କହିଲେ । ମୁଁ ପ୍ରଥମେ ଏତେବଡ଼ ଦାୟିତ୍ୱ ନେବା ପାଇଁ ପଛଘୁଞ୍ଚା ଦେଉଥିଲି । ମୁଁ କର୍ମୀ ଭାବରେ କାମ କରିଛି, କିନ୍ତୁ ଏହିଭଳି କାର୍ଯ୍ୟକୁ ମୁଣ୍ଡେଇ ନେବା ପାଇଁ ଯୋଗ୍ୟ ନାହିଁ ବୋଲି କହିଥିଲି । ଶ୍ରୀଯୁକ୍ତ ବସୁ କହିଥିଲେ ଯେ, ମୁଁ ଏହି କମିଟିର ସଭାପତି ରହିବି, ବି.ଡ଼ି.ଓ ସଂପାଦକ ରହିବେ, କିନ୍ତୁ ପିଲାଙ୍କର ଦାୟିତ୍ୱରେ ଆପଣ ରହିବେ । ସେ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଲେ ।''

ଅନାଥାଶ୍ରମ ପ୍ରଥମେ କତାଲୁଗୁଡ଼ାଠାରେ ଥିବା କଲେଜ୍ ହଷ୍ଟେଲର ପୁରୁଣା ଘରେ ୧୯୮୦ ମସିହା ମଇ ୧୩, ଠାରେ ଆରମ୍ଭ ହେଲା । ଏଥିପାଇଁ ରାଜ୍ୟପାଳଙ୍କ କାର୍ଯ୍ୟାଳୟ ତରଫରୁ ୧୦,୦୦୦ ଟଙ୍କା ଆର୍ଥିକ ସାହାଯ୍ୟ ଦିଆଯାଇଥିଲା । ଏହି ଅର୍ଥ ପ୍ରାୟ ବାଳନିକେତନ ଆରମ୍ଭ ହେବା ପୂର୍ବରୁ ଯେଉଁ ଯେଉଁ ଭିତ୍ତିଭୂମି ଦରକାର, ସେଥି ପାଇଁ ଅର୍ଥ ବିନିଯୋଗ ହୋଇଯାଇଥିଲା । ଆରମ୍ଭରୁ ୨୫ ଅନାଥ ଶିଶୁ ଆସି ରହିଥିଲେ । ସମସ୍ତ ଭିତ୍ତିଭୂମି ଶ୍ରୀଯୁକ୍ତ ଚିନ୍ମୟ ବସୁଙ୍କ ନେତୃତ୍ୱରେ ସମ୍ପାଦିତ

ହୋଇଥିଲା । ଶ୍ରୀଯୁକ୍ତ ମହାନ୍ତି ଅନାଥ ଶିଶୁମାନଙ୍କ ଦାୟିତ୍ୱ ନେଲେ ।

ସେ କହନ୍ତି, - ମୁଁ ପିଲାଟି ଦିନରୁ ଅନାଥ । ୭ ବର୍ଷରେ ପିତାଙ୍କୁ ହରାଇଥିଲି । ପିଲାଟି ଦିନରୁ ମୋର ମନରେ ଥିଲା, କିପରି ଅନାଥ ପିଲାଙ୍କ ସେବା କରିବି । ମୁଁ ଦାୟିତ୍ୱ ନେବା ପରେ ଭଗବାନଙ୍କ ଏହା ପରୋକ୍ଷରେ ମୋତେ ଏହିଭଳି ଗୁରୁଦାୟିତ୍ୱ ଦେଇଥିବାରୁ କୃତଜ୍ଞତା ଜଣାଇ ଏହି ଅନାଥ ଶିଶୁମାନଙ୍କ ଦାୟିତ୍ୱ ହିଁ ମୋ ପାଇଁ ଗୁରୁଦାୟିତ୍ୱ ଭାବି କାର୍ଯ୍ୟ ଆରମ୍ଭ କଲି ।

"୧୯୮୦ମସିହା ସେପ୍ଟେମ୍ବର ମାସରେ ବଂଶଧାରା ନଦୀରେ ପ୍ରବଳ ବନ୍ୟା ଜଳ ପ୍ରବାହିତ ହୋଇଥିଲା ଏବଂ ଗୁଣୁପୁର ସହର ପୁରା ଜଳମଗ୍ନ ହୋଇଥିଲା । ବନ୍ୟାପରେ ଚାଲକମ୍ବା ପଞ୍ଚାୟତର ଲିମାବେଡ଼ା ଗ୍ରାମ ସମ୍ପୂର୍ଣ୍ଣ ଧୋଇ ଯାଇଥିବାରୁ ଏହି ଗ୍ରାମର ସଉରା ସମ୍ପ୍ରଦାୟର ଆଦିବାସୀ ଲୋକମାନଙ୍କ ଥଇଥାନ ନିମନ୍ତେ ସରକାରଙ୍କ ତରଫରୁ ୮୦ ଘର ତିଆରି କରାଗଲା । ଏହାର ଦାୟିତ୍ୱ ଇଡ଼୍‌କଲ୍ ନେଇଥିଲା । ଅନାଥାଶ୍ରମ ପାଇଁ ୪ଟି ଘରର ଖର୍ଚ୍ଚକୁ ନେଇ ଆଶ୍ରମ ତିଆରି ହୋଇଥିଲା ।

ବାଳନିକେତନର ଆରମ୍ଭରୁ ଦୁଇବର୍ଷ ପର୍ଯ୍ୟନ୍ତ କୌଣସି ଆର୍ଥିକ ଅନୁଦାନ ମିଳୁନଥିଲା । କେବଳ ମାସକୁ ୨ ବସ୍ତା ଚାଉଳ ମିଳୁଥିଲା । ଆଶ୍ରମ ଚଳେଇବା ପାଇଁ ମୁଁ ଗୁଣୁପୁରରେ ଘରକୁ ଘର ବୁଲି ଭିକ ମାଗିବା ଭଳି ମାଗିଛି । କିଏ ଖୁସୀରେ ପିଲାଙ୍କ ପିନ୍ଧିବା ପାଇଁ ଲୁଗାପଟା, ଚାଉଳ, ଧାନ, ଯିଏ ଯାହାର ଯାହା ସକ୍ଷମ ହେଉଥିଲା, ତାହା ଦେଉଥିଲେ । ଲୋକେ ମଧ୍ୟ ଅନୁଭବ କରୁଥିଲେ ଯେ, ମୁଁ ଏକ ମହତ୍ କାର୍ଯ୍ୟରେ ସଂପୃକ୍ତି ରହିଛି । ସେହି ଦୃଷ୍ଟିରୁ ଲୋକେ ଖୁସୀରେ ଯାହାକିଛି ସେମାନଙ୍କ ଦ୍ୱାରା ହୋଇପାରୁଥିଲା, ଦେଉଥିଲେ । ପୂର୍ବରୁ ଭୂଦାନ ଆନ୍ଦୋଳନରେ ସାମିଲ ଥିବା ବେଳେ ଗ୍ରାମ ଗ୍ରାମ ବୁଲି ଯେକୌଣସି ଘରେ ଖାଇବା, ରହିବା ଏବଂ ଭୂଦାନ ପାଇଁ ଦାନ ମାଗିବା କାର୍ଯ୍ୟରେ ବ୍ରତୀ ଥିବାରୁ ମଗାଯଚାରେ କୌଣସି ଲଜ୍ୟାବୋଧ କରିନଥିଲି । ମୁଁ ନିଜ ପାଇଁ ନମାଗି ଅନାଥ ଶିଶୁମାନଙ୍କ ପାଇଁ ମାଗୁଥିବାରୁ କୌଣସି ସମୟରେ ସଂଙ୍କୋଚ କରୁନଥିଲି ।

ଏହି ଅନାଥ ଆଶ୍ରମକୁ ଓଡ଼ିଶା ସରକାରଙ୍କ ଶିଶୁ ଓ ମହିଳା କଲ୍ୟାଣ ବିଭାଗ ତରଫରୁ ସହାୟତା ଯୋଗାଇ ଦିଆଯାଇ ଆସୁଅଛି । ବେଳେ ବେଳେ ଅର୍ଥ ଆସିବା ବିଳମ୍ବ ହେଲେ ଅନାଥ ଆଶ୍ରମ ଶିଶୁମାନଙ୍କର ବିଶେଷ ଅସୁବିଧା ହୋଇନଥାଏ । ଆଶ୍ରମକୁ ସରକାରଙ୍କ ତରଫରୁ ଆସୁଥିବା ଅନୁଦାନର ବିଳମ୍ବ ହେଲେ ବିଭିନ୍ନ ଦୋକାନ ବଜାରରୁ ବାକୀ ଅଣାଯାଇଥାଏ ଏବଂ ସରକାରଙ୍କ ଅନୁଦାନ ମିଳିଲେ

ଫେରସ୍ତ କରି ଦିଆଯାଇଥାଏ ଏବଂ କମିଟିରେ ଥିବା ସଦସ୍ୟଙ୍କ ପାଖରୁ ଓ ଅନ୍ୟାନ୍ୟ କେତେକ ସହୃଦୟ ବ୍ୟକ୍ତିଙ୍କ ଠାରୁ ଧାର ଆଣିଥାଏ, ଏବଂ ଅନୁଦାନ ପାଇବା ପରେ ତାହା ଫେରସ୍ତ କରି ଦିଆଯାଇଥାଏ । ପରିଚାଳନାରେ ସେହିଭଳି କୌଣସି ବିଶେଷ ଅସୁବିଧା ହୁଏ ନାହିଁ। ଉଦାହରଣ ଛଳରେ ନିଜର ଅନୁଭୂତିରୁ ଶ୍ରୀଯୁକ୍ତ ମହାନ୍ତି କହନ୍ତି, "ଏକଦା ପ୍ରାୟ ନଅମାସ ଧରି ସରକାରଙ୍କ ତରଫରୁ ଆର୍ଥିକ ଅନୁଦାନ ଆସିନଥାଏ। ଗୁଣୁପୁର ସହରରୁ ଅନେକ ଲୋକଙ୍କଠାରୁ ବାକୀ ଆଣି ଆଶ୍ରମର ଖର୍ଚ୍ଚ ତୁଲାଯାଉଥାଏ। ଏହି ସମୟରେ ନଅମାସ ହେଲା ବିଦ୍ୟୁତ୍ ଦେୟ ବାନ୍ଧିନଥିବାରୁ ବିଦ୍ୟୁତ୍ ବିଭାଗ ତରଫରୁ ବିଦ୍ୟୁତ୍ ସଂଯୋଗ କାଟି ଦେବାପାଇଁ ନୋଟିସ୍ ଆସିଲା। ମୁଁ ସେହି ସମୟରେ ଅନେକଙ୍କ ଠାରୁ ବାକି ଆଣି ଭାରାକ୍ରାନ୍ତ ହୋଇଥାଏ। ମୋତେ ଏକଦା ଏହି ଆଶ୍ରମର ଦାୟିତ୍ୱ ନେବା ପାଇଁ ପ୍ରେରଣା ଦେଇଥିବା ଶ୍ରୀଯୁକ୍ତ ସତ୍ୟପ୍ରକାଶ ପଣ୍ଡାଙ୍କ ପାଖକୁ ଗଲି। ମୁଁ କହିଲି, "ବିଦ୍ୟୁତ୍ ବିଲ୍ ନଅ ମାସ ହେଲା ବନ୍ଧା ହୋଇନି । ଏବଂ ପିଲାଏ ଆସନ୍ତା କାଲିଠାରୁ ଅନ୍ଧାରରେ ରହିବେ। ଶ୍ରୀଯୁକ୍ତ ପଣ୍ଡା ସଙ୍ଗେ ସଙ୍ଗେ କେତେ ଅର୍ଥ ଦରକାର ବୋଲି ପଚାରିଲେ। ମୁଁ ବିଦ୍ୟୁତ୍ ବିଲ୍ ଟ. ୫୦୦୦/- ଆସିଥିବା ବିଷୟ ଅବଗତ କଲି । ସେ ସଙ୍ଗେ ସଙ୍ଗେ ତାଙ୍କ ସ୍ତ୍ରୀଙ୍କୁ ଡାକି କହିଲେ, ମୁଁ ଏହି ବ୍ୟକ୍ତିକୁ ଗତ ୩୦ ବର୍ଷ ହେଲା ଦେଖି ଆସୁଛି । ତାଙ୍କ ଦ୍ୱାରା ଅନୁଷ୍ଠାନଠି ବଢ଼ିଛି, ଅନେକ ଅନାଥ ଶିଶୁଙ୍କର ସାହାଭରସା ପାଲଟିଛି । କିନ୍ତୁ ଏହି ବ୍ୟକ୍ତିବିଶେଷଙ୍କୁ ମୁଁ ଯେଉଁ ଭଳି ଦେଖିଆସୁଥିଲି, ଏବେ ମଧ୍ୟ ସେହିଭଳି ଦେଖୁଛି, ତାଙ୍କର କୌଣସି ପରିବର୍ତ୍ତନ ହୋଇନି । ସେ ସଙ୍ଗେ ସଙ୍ଗେ ଟ. ୫୦୦୦/- ଦେଲେ। ମୁଁ ସରକାରଙ୍କର ତରଫରୁ ଅର୍ଥ ଆସିବା ପରେ ଧାର ଆଣିଥିବା ଅର୍ଥ ଫେରାଇବାକୁ ଗଲି। ସେ ଅର୍ଥ ଫେରାଇବାକୁ ମନା କଲେ। ସେ ଅସୁବିଧା ସମୟରେ ଅର୍ଥ ଦେଇଥିବାରୁ କୃତଜ୍ଞତା ଜଣାଇଲି, ଏବଂ ଫେରସ୍ତ ଟଙ୍କା ତାଙ୍କ ଟେବୁଲ୍ ଉପରେ ଥୋଇ ଆସିଲି ।''

ଏହି ଅନାଥାଶ୍ରମ ଆରମ୍ଭ ହେବାଠାରୁ ଏବେ ପର୍ଯ୍ୟନ୍ତ ଶ୍ରୀଯୁକ୍ତ ଚିନ୍ମୟ ବସୁ ଶ୍ରୀଯୁକ୍ତ ମହାନ୍ତିଙ୍କୁ ଅନେକ ପ୍ରେରଣା ଓ ସହଯୋଗ ଦେଇ ଆସିଛନ୍ତି। ଆଶ୍ରମ ଆରମ୍ଭ ହେବା ସମୟରେ ସେ ସବୁବେଳେ ଦୁଇଓଳି ଆସି ବାଳନିକେତନରେ କିଛି ସମୟ ପିଲାଙ୍କ ସହିତ କଟେଇ ଯାଉଥିଲେ । ପିଲାମାନଙ୍କ ସୁବିଧା ଅସୁବିଧା ବୁଝୁଥିଲେ, ଏବେ ମଧ୍ୟ କୌଣସି କାର୍ଯ୍ୟରେ ଯଦି ଏହି ଅଞ୍ଚଳକୁ ଆସିଥାନ୍ତି, ତେବେ ବାଳନିକେତନରେ ପାଦ ଦିଅନ୍ତି ବୋଲି ସେ କହନ୍ତି। ଏଥି ସହିତ ପ୍ରାୟ ସମସ୍ତ ଉପ-ଜିଲ୍ଲାପାଳଙ୍କ ତରଫରୁ ସ୍ୱତନ୍ତ୍ର ଦୃଷ୍ଟି ଦେଇଥାଆନ୍ତି ବୋଲି ଶ୍ରୀଯୁକ୍ତ ମହାନ୍ତି କହନ୍ତି ।

ଆଶ୍ରମର ପିଲାଙ୍କର ପରିଚାଳନା ସମ୍ପର୍କରେ  ସେ କହନ୍ତି , " ଛୋଟ ପିଲାର ଦାୟିତ୍ୱ ବଡ଼ ପିଲାଙ୍କୁ ଦିଆଯାଇଥାଏ । ଛୋଟରୁ ବଡ଼କ୍ରମେ ଏକରୁ ପଚିଶି ପର୍ଯ୍ୟନ୍ତ କ୍ରମାନ୍ୱୟରେ ସଜାଇ ଦିଆଯାଇଥାଏ । ସବୁଠାରୁ ଛୋଟ ପିଲାଟିର ଦାୟିତ୍ୱ ସବୁଠାରୁ ବଡ଼ ପିଲାଙ୍କୁ ଦାୟିତ୍ୱ ଦିଆଯାଇଥାଏ । ଛୋଟ ପିଲାଟିର ସମସ୍ତ ଦାୟିତ୍ୱ, ସହାୟତା ଯଥା ଖାଇବା ବେଳେ, ଗାଧୋଇବା ବେଳେ, ଲୁଗାସଫା କରିବା ବେଳେ, ପିଲାଟିକୁ ନିଜ କାର୍ଯ୍ୟରେ ଆତ୍ମନିର୍ଭରଶୀଳ କରିବାରେ ବଡ଼ପିଲାଟି ସାହାଯ୍ୟ କରିଥାଏ । ଏହିପରି ଦ୍ୱିତୀୟରେ ଥିବା ପିଲାଟିକୁ ଚବିଶି ନମ୍ବରରେ ଥିବା ପିଲା ସାହାଯ୍ୟ କରିଥାଏ ।  ଏହିପରି ପିଲାଙ୍କ ଠାରୁ ବଡ଼ଙ୍କ ମଧ୍ୟରେ ସହଯୋଗ ଓ ଭାତୃସମ୍ପର୍କ ରହିଥାଏ । ପିଲାଏ ସକାଳୁ  ଆଶ୍ରମ ପରିସର ସଫାଇ କରୁଛନ୍ତି ଏବଂ କୃଷି କାର୍ଯ୍ୟ କରିବା ଛଳରେ ଶିଖୁଛନ୍ତି । ଆଶ୍ରମ ପରିସରରେ ଯାହା ଉତ୍ପାଦନ ହୁଏ, ପିଲାଙ୍କ ପାଇଁ ଚାଲୁଥିବା ମେସ୍‌ରେ ବ୍ୟବହାର କରାଯାଏ ।

ପିଲାଙ୍କ ଦେହପା ଦେଖା କରିବା ପାଇଁ ବେଳେ ବେଳେ ବାଳନିକେତନ ପରିଚାଳନା କମିଟିର ସଦସ୍ୟ ଡାକ୍ତର ରାମ ନାରାୟଣ ମହାନ୍ତି ଆସନ୍ତି ।  ଅନ୍ୟ ସବୁବେଳେ ପିଲାଏ ଗୁଣୁପୁର ସଦର-ମହକୁମାରେ ଅବସ୍ଥିତ ସବ୍-ଡ଼ିଭିଜନାଲ୍ ହସ୍‌ପିଟାଲକୁ ଯାଆନ୍ତି ।  ପ୍ରତ୍ୟେକ ରବିବାର ଦିନ ଅଧିକାଂଶ ପିଲା ଡାକ୍ତରଖାନା କିମ୍ବା ଅନ୍ୟାନ୍ୟ କୌଣସି କାର୍ଯ୍ୟ ପାଇଁ ଗୁଣୁପୁର ସହରକୁ ବଡ଼ ଛାତ୍ରମାନଙ୍କ ସହିତ ଯାଆନ୍ତି ।

ଏହି ଆଶ୍ରମରେ ଶିଶୁମାନେ ଶ୍ରୀଯୁକ୍ତ ମହାନ୍ତିଙ୍କୁ ବାପା ବୋଲି ସମ୍ବୋଧନ କରନ୍ତି । ଆଶ୍ରମ ଆରମ୍ଭ ସମୟରେ ଶିଶୁମାନେ ସାର୍, ଆଜ୍ଞା, ସମ୍ବୋଧନ କରୁଥିଲେ, କିନ୍ତୁ ପରବର୍ତ୍ତୀ ସମୟରେ ବାପା ସମ୍ବୋଧନ କରିବାରେ ଲାଗିଲେ ।  ସେ ମଧ୍ୟ ଶିଶୁମାନଙ୍କୁ ନିଜର ପୁତ୍ର ପରି ସ୍ନେହ ଦିଅନ୍ତି, ଏହା ଦେଖିଲେ ଅନୁଭବ କରିହୁଏ । ଶିଶୁମାନେ ନିଜ ନିଜର ଘରକୁ ଯିବା ପାଇଁ ମଧ୍ୟ ମନ କରନ୍ତି ନାହିଁ ।  ଆଶ୍ରମ ପରିସର ମଧ୍ୟ ବେଶ୍ ସଫା, ଶିଶୁମାନେ ମଧ୍ୟ ବେଶ୍ ପରିଚ୍ଛନ୍ନ, ଆଶ୍ରମଟିକୁ ଦେଖିଲେ ନିଜ ଭିତରେ ମଧ୍ୟ ଏକ ଶିହରଣ ଖେଳିଯାଏ । । ଏହି ଆଶ୍ରମକୁ ବିଶ୍ୱମ୍ଭର ନାଥ ପାଣ୍ଡେ, ନୀଲମ ସଞ୍ଜୀବ ରେଡ଼ୀ  ଓଡ଼ିଶାର ରାଜ୍ୟପାଳ ଦାୟିତ୍ୱ ତୁଲାଇବା ବେଳେ ବାଳନିକେତନକୁ ଆସି ପାଦ ପକାଇଛନ୍ତି  ।  ।

ଅନୁଶାସନ ଏବଂ ଭିନ୍ନ ଜୀବନୀଶୈଳୀରେ ବଞ୍ଚୁଥିବା ଓ ବିତାଉଥିବା ଶିଶୁମାନଙ୍କ ବିଷୟରେ ଶ୍ରୀ ମହାନ୍ତି ନିଜର ଅନୁଭବରୁ କହିଥିଲେ  ଯେ," ଥରେ ଆଶ୍ରମର ଜଣେ ଶିଶୁ ୫୦୦ ଟଙ୍କା ନୋଟଟିଏ ଧରି ଆସିଲା ଏବଂ ମୋତେ

ଦେଲା । ମୁଁ କାଳେ ଚୋରି କରି ଆଣିଥିବ କିମ୍ବା ଅନ୍ୟ କାହାର ବୋଲି ଯାହାଇଚ୍ଛା ମନକୁ ଆସିଲା ଗାଳିଦେଲି । କିନ୍ତୁ ସେ ନିର୍ଭୀକ ଭାବରେ କହିଲା, ମୁଁ ବିଦ୍ୟାଳୟରୁ ପାଇଛି । ମୁଁ ତାକୁ କହିଲି, ଆସନ୍ତା କାଲି ବିଦ୍ୟାଳୟକୁ ଯାଇ ପାଠପଢ଼ା ବନ୍ଦ କରି ପ୍ରତ୍ୟେକ ଶିକ୍ଷକଙ୍କୁ ବ୍ୟକ୍ତିଗତ ଭାବରେ ଭେଟିବୁ ଏବଂ ଅନୁସନ୍ଧାନ କରିବାକୁ କାହାର ଟଙ୍କା ହଜିଛି କି ? ପରଦିନ ପ୍ରାର୍ଥନା ଶେଷରେ ବିଦ୍ୟାଳୟର ପ୍ରଧାନଶିକ୍ଷକ କୌଣସି ଶିକ୍ଷକଙ୍କର ଅର୍ଥ ହଜିଥିବା ବିଷୟରେ ପ୍ରାର୍ଥନା ପରେ ଛାତ୍ରମାନଙ୍କୁ ସୂଚନା ଦେଇଥିଲେ । ଛାତ୍ରଟି ସଙ୍ଗେ ସଙ୍ଗେ ନିଜେ ପାଇଥିବା ବିଷୟ କହିଲା ଏବଂ ଶିକ୍ଷକ ତାଙ୍କୁ ଅର୍ଥ ବିଷୟରେ ପଚାରିବାରୁ ସେ ବାପା (ବାଞ୍ଛାନିଧି ମହାନ୍ତି)ଙ୍କ ନିକଟରେ ଦେଇଛି ଏବଂ ବାପା ଯାହା କହିଥିଲେ, ତାହା କହିଥିଲା । ଖାଇବା ଛୁଟିରେ ସେ ଆସି ବାପାଙ୍କୁ ଏ ବିଷୟ କହିଲା ଏବଂ ନୋଟଟି ନେଇଗଲା । ମୁଁ ଏହି ସମୟରେ କୌଣସି କାମରେ ବ୍ୟସ୍ତ ଥିଲି ଏବଂ ଦେଇ ଦେଇଥିଲି ଏବଂ ସଙ୍ଗେ ସଙ୍ଗେ ଏକ ନୋଟ୍ ଲେଖି ସେ ପିଲାଟି ପାଖକୁ ଅନ୍ୟ ପିଲାଟିଏ ହାତରେ ପଠାଇଥିଲି । ନୋଟ୍‌ଟିରେ ଥିଲା, ତୁ ଏ ଅର୍ଥ ଫେରାଇବା ଅର୍ଥ ତୁ ତୋର କର୍ତ୍ତବ୍ୟ କରିଛୁ, ଏଥି ପାଇଁ ତୋହର ଏଥିରେ କିଛି ବାହାଦୁରୀ ନେବାର ନାହିଁ । ଏହି ଦୃଷ୍ଟିରୁ ତୁ ପୁରସ୍କାର ପାଇବା ପାଇଁ ଯୋଗ୍ୟ ନୋହୁଁ ଏବଂ ସାର୍‌ଙ୍କ ଠାରୁ ଡ୍ରେସ୍ ଆଣିବୁ ନାହିଁ । ଏହି ନୋଟ୍ ଖଣ୍ଡିକ ଉକ୍ତ ଛାତ୍ର ପାଖକୁ ଯିବା ପୂର୍ବରୁ ଏକ ଶିକ୍ଷକଙ୍କ ହାତରେ ପଡ଼ିଥିଲା । ଏହି ବିଷୟ ପଢ଼ି ପରବର୍ତ୍ତୀ ସମୟରେ ଛାତ୍ରଟିକୁ ଆଶ୍ରମ ପରିସରକୁ ଆସି ପ୍ରଶଂସା କରି ମାନପତ୍ର ଦେଇଥିଲେ । ମୁଁ ଏଥିରୁ ଅନୁଭବ କରୁଥିଲି, ଆଶ୍ରମର ଶିଶୁମାନେ ପ୍ରକୃତରେ ଠିକ୍ ଭାବରେ ବଢୁଛନ୍ତି ।''

ଶ୍ରୀଯୁକ୍ତ ମହାନ୍ତିଙ୍କ ଜନ୍ମ ଧର୍ମଶାଳା ନିକଟସ୍ଥ ବାହାଦଲାପୁର , ୧୯୩୪ ମସିହା ମାର୍ଚ୍ଚ ୧୪ରିଖ, ଦୋଳ ପୂର୍ଣ୍ଣିମାରେ । ପ୍ରାୟ ୭୦ ବର୍ଷ ଛୁଇଁଲାଣି, କିନ୍ତୁ ତାଙ୍କର ଯୁବ ସୁଲଭ ମନୋଭାବ ଓ କାର୍ଯ୍ୟ ଦେଖିଲେ ଜଣାପଡ଼େ, ପିଲାମାନଙ୍କ ଓ ସମସ୍ତଙ୍କ ଆଗରେ ସେ ଜଣେ ୭୦ ବର୍ଷର ଯୁବକ । ଏହିଭଳି ବ୍ୟକ୍ତି ଏବେ ମଧ୍ୟ ନିଜ କର୍ମକ୍ଷେତ୍ରରେ ନିରବଚ୍ଛିନ୍ନ ଭାବରେ ଲାଗିଛନ୍ତି । ଅନାଥ ଶିଶୁମାନଙ୍କ ସେବା କରିବା ପାଇଁ ସେ ଆହୁରି ଅଧିକ ପ୍ରେରଣା ପାଆନ୍ତୁ, ଏହାହିଁ ଆମର ପ୍ରାର୍ଥନା ।

ନଭେମ୍ବର ୨୦୦୬

❑❑❑

# ଆମ ସମୟରେ ଜଣେ ନିଆରା ଗଣିତଜ୍ଞ
# ଚନ୍ଦ୍ରକିଶୋର ମହାପାତ୍ର

ଡ଼ଃ. ଚନ୍ଦ୍ରକିଶୋର ମହାପାତ୍ର ଜଣେ ନିଆରା ଗଣିତଜ୍ଞ । ନିଜ ଅଧ୍ୟାପନା ଜୀବନର ଆରମ୍ଭରୁ ଆଜି ପର୍ଯ୍ୟନ୍ତ ଗଣିତକୁ ଛାତ୍ରଛାତ୍ରୀଙ୍କ ହୃଦୟରେ ପ୍ରିୟ କରିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି । ଅଧ୍ୟାପନା ସମୟର ପ୍ରାରମ୍ଭ କାଳରେ ଓଡ଼ିଶା ଗଣିତ ସଂସଦ ସହ ସଂପୃକ୍ତି ହୋଇ ପଶ୍ଚିମାଞ୍ଚଳ ତଥା ସମ୍ବଲପୁର ଅଞ୍ଚଳର ଦାୟିତ୍ୱ ନେବା ସହିତ ଏହି ବ୍ୟକ୍ତିଙ୍କ ଉଦ୍ୟମରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗଣିତକୁ ଲୋକପ୍ରିୟ କରିପାରିଛନ୍ତି । ପରବର୍ତ୍ତୀ ସମୟରେ କେବଳ ସହର କ୍ଷେତ୍ରରେ ନୁହେଁ, ଗ୍ରାମାଞ୍ଚଳରେ ମଧ୍ୟ କିଭଳି ଶିଶୁମାନଙ୍କର ମଧ୍ୟରେ ଗଣିତ ପ୍ରତି ଆଗ୍ରହ ଜନ୍ମିବ ଏବଂ ଗଣିତକୁ କେବଳ ପାଠ୍ୟପୁସ୍ତକ ଭାବରେ ନନେଇ, କୌତୂହଳ ଓ ଆମୋଦ ପ୍ରମୋଦ ସୃଷ୍ଟି କରିହେବ, ଜୀବନର ବିଭିନ୍ନ କ୍ଷେତ୍ରରେ ଗଣିତକୁ କିଭଳି ପ୍ରୟୋଗ କରାଯାଇପାରିବ ଓ ଏହାକୁ ଲୋକପ୍ରିୟ କରିବା ଦିଗରେ ଅହରହ ଉଦ୍ୟମ ଜାରି ରଖିଛନ୍ତି । ଏହି ବ୍ୟକ୍ତି ଓ ଅନ୍ୟ କେତେକ ସହଯୋଗୀଙ୍କ ସହଯୋଗରେ ଅନେକ ଗଣିତ ସମ୍ବନ୍ଧୀୟ ପୁସ୍ତକ ଲେଖା ଏବଂ ପ୍ରକାଶିତ ହୋଇଛି । ଏହି ନିଆରା ମଣିଷଙ୍କ ସମ୍ପର୍କରେ ଏକ ସ୍ୱତନ୍ତ୍ର ଉପସ୍ଥାପନା ..... ।

ଡ଼ଃ. ମହାପାତ୍ରଙ୍କ ଦୃଷ୍ଟିଭଙ୍ଗୀ ଦେଖିଲେ ବିଚିତ୍ର ଲାଗେ, ସରକାରୀ ଚାକିରୀରୁ ଅବସର ନେବା ପରେ ପ୍ଲାନେଟୋରିୟମ୍ ପରିସରରେ ବୁକ୍ ପଏଣ୍ଟ ନାମରେ ଏକ ବହି ଦୋକାନ ଖୋଲିବା । ଏହି ପୁସ୍ତକ ଷ୍ଟଲ୍‌ରେ ଅଭିନବ ଗଣିତ ପୁସ୍ତକ, ଗଣିତ ଅଲମ୍ପିଆଡ଼୍ ପାଇଁ ପୁସ୍ତକ, ଶିଶୁମାନଙ୍କ ପାଇଁ ବିଜ୍ଞାନଭିତ୍ତିକ ପୁସ୍ତକ, ଶିକ୍ଷାରେ ଅଭିନବ ପ୍ରୟୋଗ କରୁଥିବା କେତେକ ଅନୁଷ୍ଠାନର ପୁସ୍ତକ, ଏନ୍.ବି.ଟିର କେତେକ ଉପାଦେୟ ପୁସ୍ତକ ଏବଂ ଅନେକ ପୁସ୍ତକ ରହିଛି । ଯେଉଁ ପୁସ୍ତକଗୁଡ଼ିକ ଶିଶୁମାନଙ୍କ ମସ୍ତିଷ୍କରେ ଚିନ୍ତା ଉଦ୍ରେକ କରାଇବା ଏବଂ ଗଭୀର ଭାବରେ ଯାଇ ବୁଝିବାରେ ସାହାଯ୍ୟ କରିପାରୁଥିବା ପୁସ୍ତକ ଗୁଡ଼ିକୁ ସଂଗ୍ରହ କରି ଆଗ୍ରହୀ ଶିକ୍ଷକ, ଛାତ୍ରଛାତ୍ରୀ ଏବଂ ଆଗ୍ରହୀ ବ୍ୟକ୍ତିଙ୍କ ନିକଟରେ ପହଞ୍ଚେଇବା ପାଇଁ ଏହି ବ୍ୟକ୍ତି ଲକ୍ଷ୍ୟ ରଖିଛନ୍ତି । ଏଥିସହିତ ପରିସର ଆଗରେ ପୁସ୍ତକ ଅଧ୍ୟୟନ କରିବା ପାଇଁ ମଧ୍ୟ ସୁନ୍ଦର ପରିବେଶଟିଏ

ରହିଛି । ଯେକୌଣସି ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକ ଯଦି ଆସନ୍ତି, ତେବେ ସେ ନିଜେ ସୁନ୍ଦର ଭାବରେ ବିଭିନ୍ନ ପୁସ୍ତକ ସମ୍ପର୍କରେ, ନିକଟ ସମ୍ପର୍କୀୟ ପରି ଆଲୋଚନା କରନ୍ତି ଓ ପୁସ୍ତକ ସମ୍ପର୍କରେ ବଖାଣନ୍ତି । ଏହି ପୁସ୍ତକ ଦୋକାନ ମାଧ୍ୟମରେ ସେ ଶିକ୍ଷକ, ଛାତ୍ରଛାତ୍ରୀ, ଗଣିତ ପ୍ରେମୀ ତଥା ଆଗ୍ରହୀ ବ୍ୟକ୍ତିଙ୍କ ସହ ଯୋଗାଯୋଗର ସମ୍ପର୍କ ସ୍ଥାପନ କରିବାର ଏକ ସୁନ୍ଦର ପରିବେଶଟିଏ ସୃଷ୍ଟି କରିଛନ୍ତି, ଏହା ଯେକୌଣସି ଲୋକ ଅନୁଭବ କରିପାରିବ ।

ବୁକ୍ ପଏଣ୍ଟ ଏବଂ ପଠାଣି ସାମନ୍ତ ପ୍ଲାନେଟୋରିୟମଙ୍କ ସହଯୋଗରେ ପ୍ରତ୍ୟେକ ରବିବାର ଦିନ ଶିଶୁମାନଙ୍କୁ ନେଇ ସକାଳ ୮.୩୦ ରୁ ୧୦.୩୦ ଦୁଇଘଣ୍ଟା ଧରି ଏକ ଗଣିତ ପରୀକ୍ଷା ତଥା ଶିକ୍ଷଣୀୟ କର୍ମଶାଳା ହେଉଛି । ଏଥିରେ ଚତୁର୍ଥରୁ ଷଷ୍ଠ ଶ୍ରେଣୀ ମଧ୍ୟରେ ପଢୁଥିବା ଶିଶୁମାନେ ପ୍ରାୟତଃ ଯୋଗ ଦେଇଥାଆନ୍ତିଫ । ଏଥିରେ ଶିଶୁମାନଙ୍କୁ ନେଇ ଗଣିତ ପରୀକ୍ଷା ହେଉଛି ଏବଂ ପରବର୍ତ୍ତୀ ସମୟରେ ଗଣିତ ସମ୍ପର୍କରେ ବିଭିନ୍ନ ଅଭିଜ୍ଞ ବ୍ୟକ୍ତି ଶିଶୁମାନଙ୍କ ସହ ଆଲୋଚନା କରୁଛନ୍ତି । ଏହି ଶିକ୍ଷାଦାନ କାର୍ଯ୍ୟକ୍ରମରେ ସମସ୍ତ ଶିଶୁଙ୍କ ପାଇଁ ମୁକ୍ତ ରହିଛି । କେବଳ ଭୁବନେଶ୍ୱରରୁ ନୁହେଁ, ଭୁବନେଶ୍ୱର ବାହାରୁ ମଧ୍ୟ ଶିଶୁମାନେ ଏହି ପରୀକ୍ଷା ଭିତ୍ତିକ କର୍ମଶାଳାକୁ ଆସୁଛନ୍ତି । ପରମାନନ୍ଦ ରାୟ, ନିଜ ପୁଅର ଗଣିତ ବିକାଶ କରିବା ପାଇଁ ଏରସମାରୁ ଭୁବନେଶ୍ୱର ଧାଇଁ ଆସୁଛନ୍ତି ପ୍ଲାନେଟୋରିୟମ୍ ପରିସରର ଏହି ଶିଶୁମାନଙ୍କୁ ନେଇ ହେଉଥିବା ଗଣିତ ଶିବିରକୁ । ପୂର୍ବରୁ ୯.୩୦ରେ ହେଉଥିବାରୁ ସିଧା ଏରସମାରୁ ଆସୁଥିବା ବେଳେ ବର୍ତ୍ତମାନ ସକାଳ ୮.୩୦ରେ ହେଉଥିବାରୁ ସେ ପୂର୍ବଦିନ କଟକରେ ଆସି ରହି ସକାଳେ ଭୁବନେଶ୍ୱରରେ ପହଞ୍ଚୁଛନ୍ତି ବୋଲି ଆଲୋଚନା ବେଳେ ମତ ଦେଇଥିଲେ ।

୧୯୯୯ ମସିହାରେ "ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନ"ର ଭୁବନେଶ୍ୱରସ୍ଥିତ ପ୍ଲାନେଟୋରିଅମ୍ ପରିସର ମଧ୍ୟରେ କାର୍ଯ୍ୟାରମ୍ଭ ହୋଇଥିଲା । ପୂର୍ବରୁ Institute of Physics, Institute of Material Science, Institute of Life Science ପରି ବିଭିନ୍ନ ବିଷୟକୁ ନେଇ ଅନୁଷ୍ଠାନ ଥିଲେ ମଧ୍ୟ ଗଣିତକୁ ନେଇ କୌଣସି ପ୍ରୟୋଗଭିତ୍ତିକ ଅନୁଷ୍ଠାନ ନଥିଲା । ଏଥିପାଇଁ ବହୁ ବର୍ଷ ପୂର୍ବରୁ ଓଡ଼ିଶା ଗଣିତ ସଂସଦ ତରଫରୁ ବିଶିଷ୍ଟ ଗଣିତଜ୍ଞ ଯଥା ଗୋକୁଳାନନ୍ଦ ଦାସ, ତ୍ରିବିକ୍ରମ ପତି, ଶିବପ୍ରସାଦ ମିଶ୍ର ପ୍ରମୁଖ ଓ ଅନ୍ୟ କେତେକଙ୍କ ଆନ୍ତରିକ ଉଦ୍ୟମ କରିଥିଲେ ମଧ୍ୟ ଏହାର ୧୯୯୯ ମସିହାରେ ସଫଳ ରୂପାୟନ ହୋଇପାରିଥିଲା । ଅନୁଷ୍ଠାନ ଆରମ୍ଭ ହେବା ସମୟ ଏବଂ ପରବର୍ତ୍ତୀ ସମୟର ବିକାଶରେ ମଧ୍ୟ ଗଣିତ ପ୍ରୟୋଗ

ଅନୁଷ୍ଠାନ ସହ ସଂପୃକ୍ତ ରହିଛନ୍ତି ଏବଂ ଏହି ଅନୁଷ୍ଠାନର ବିକାଶରେ ଯଥେଷ୍ଟ ଅବଦାନ ରହିଛି । ପ୍ରଥମରୁ ଗଣିତକୁ ଅଧିକ ଲୋକପ୍ରିୟ କରିବା ପାଇଁ ଗ୍ରାମାଞ୍ଚଳର ଶିଶୁମାନଙ୍କୁ ଗଣିତ ମେଧା ପରୀକ୍ଷା, ହାଇସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ଗଣିତ ଅଲମ୍ପିଆଡ୍ ପରୀକ୍ଷା ଓ ତାଲିମ, ବିଶ୍ୱବିଦ୍ୟାଳୟର ଗଣିତ ଛାତ୍ରଛାତ୍ରୀଙ୍କ ପାଇଁ କାର୍ଯ୍ୟକ୍ରମ ଗଣିତ ଓ ପ୍ରୟୋଗ ଅନୁଷ୍ଠାନ ତରଫରୁ ନିଆଯାଉଛି । ଏହି ଅନୁଷ୍ଠାନର ଆରମ୍ଭରୁ ଅବସର ନେବା ପର୍ଯ୍ୟନ୍ତ ସେ ନୀରବ ସାଧକ ଭାବରେ କାର୍ଯ୍ୟ କରିଆସିଛନ୍ତି । ଅନୁଷ୍ଠାନ ଆରମ୍ଭ ହେବା ପୂର୍ବରୁ ଯୋଗ ଦେଇ ଅଗଷ୍ଟ ୨୦୦୬ରୁ ସରକାରୀ ଚାକିରିରୁ ଅବସର ମଧ୍ୟ ନେଇଛନ୍ତି ।

ଅଗଷ୍ଟ ୧, ୧୯୪୬ମସିହାରେ ବର୍ତ୍ତମାନର ସମ୍ବଲପୁର ଜିଲ୍ଲାର କୁଚିଣ୍ଡା ନିକଟସ୍ଥ ଲସା ଗ୍ରାମରେ ଜନ୍ମଗ୍ରହଣ କରିଥିବା ଏହି ବ୍ୟକ୍ତିଙ୍କର ପ୍ରାଥମିକ ଶିକ୍ଷା ମଧ୍ୟ ନିପଟ ଓ ଅନୁନ୍ନତ ଅଞ୍ଚଳ ଲସାରେ ଆରମ୍ଭ ହୋଇଥିଲା । ପରବର୍ତ୍ତୀ ସମୟରେ ସେ କୁଚିଣ୍ଡାରେ ଶିକ୍ଷାଦୀକ୍ଷା ପାଇଥିଲେ । ବିଦ୍ୟାଳୟରେ ବିଭିନ୍ନ ଜାତି ଏବଂ ମୁଖ୍ୟତଃ ଅନୁନ୍ନତ ବର୍ଗଙ୍କର ଛୁଆ ଏବଂ ଭିନ୍ନ ଭିନ୍ନ ଜାତି, ଶ୍ରମଜୀବୀଙ୍କର ଶିଶୁମାନେ ପଢୁଥିଲେ । ଏହି ବିଦ୍ୟାଳୟର ବିଭିନ୍ନତା ମଧ୍ୟରେ ଏକତା ରହିଛି ବୋଲି ଏହି ଗଣିତପ୍ରେମୀଙ୍କ ଅଜାଣତରେ ଭାବନା ସୃଷ୍ଟି ହୋଇଥିଲା ।

ନିଜର ପାଠପଢ଼ା ସମୟରେ ଗଣିତ ବିଷୟ ପ୍ରତି ଆଗ୍ରହ କଥା ମନେ ପକାଇ ଶ୍ରୀ ମହାପାତ୍ର କହନ୍ତି, "ଆମ ଗାଁ ନିକଟସ୍ଥ ଛୋଟ ସହର ହେଉଛି କୁଚିଣ୍ଡା ଲୋକେ ପ୍ରାୟ ପ୍ରତିଦିନ ଆମ ଗ୍ରାମ ଦେଇ କୋର୍ଟ କଚେରୀ ଠାରୁ ଆରମ୍ଭ କରି ଯେକୌଣସି କାର୍ଯ୍ୟରେ କୁଚିଣ୍ଡା ଯାଆନ୍ତି । ପ୍ରତ୍ୟେକ ଦିନ ନଈ ପାର ହୋଇ ଏବଂ ପାଖାପାଖି ଚାରି କି.ମି. ରାସ୍ତା ଚାଲିବାକୁ ପଡୁଥିଲା । ନଈ ପାର ହେବା ଓ ଦଳ ଦଳ ହୋଇଯିବା ସମୟରେ ବିଭିନ୍ନ ବିଷୟ ଆଲୋଚନାକୁ ଆସେ । ଅନେକ ମଜା ଗଣିତ, ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ବାଟ ଚାଲିବା ସମୟରେ ଆଲୋଚନା ହେଉଥିଲା । ମୋର ଏହା ଶୁଣିବା ଏବଂ ଏଥିରେ ଭାଗ ନେବା ପାଇଁ ଉତ୍ସୁକତା ଥିଲା ଏବଂ ଏଥିରେ ଅଂଶଗ୍ରହଣ କରୁଥିଲି ଏବଂ ସେହି ପିଲାଟି ଦିନରୁ ମଜା ଓ କୌତୁକିଆ ଗଣିତ ପ୍ରତି ଆଗ୍ରହ ବଢ଼ିଥିଲା ।

"ମୁଁ ଯେତେବେଳେ ବିଶ୍ୱବିଦ୍ୟାଳୟରେ ପଢ଼ିଲି, ମୁଁ ଗଣିତ ବିଷୟକୁ ନେବା ପାଇଁ ସଂକୋଚ କରିଥିଲି । ପୂର୍ବରୁ ମୋର ଇତିହାସ ପ୍ରତି ଆଗ୍ରହ ରହିଥିଲା । ଆମ ପୂର୍ବରୁ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ କୌଣସି ଛାତ୍ର ଗଣିତରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇନଥିଲେ । ମୁଁ ପରୀକ୍ଷା ଦେଇଥିବା ବର୍ଷ ମୋ ସହ

୩ ଜଣ ଏମ୍.ଏସ୍.ସି.(ଗଣିତ)ରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲୁ । ଆମ ପଢ଼ିବା ସମୟରେ ଗଣିତ ଓ ଇଂରାଜୀ ଶିକ୍ଷାଦାନ ପାଇଁ ଅନେକ ବେସରକାରୀ ମହାବିଦ୍ୟାଳୟ ତରଫରୁ ଆମକୁ ଅଧ୍ୟାପନା କରିବା ପାଇଁ ପ୍ରସ୍ତାବ ଆସୁଥିଲା । ମୋର ଏମ୍.ଏସ୍.ସି (ଗଣିତ) ସରିବା ପରେ ମୁଁ ରେଢ଼ାଖୋଲ କଲେଜରେ ଅଧ୍ୟାପନା ପାଇଁ ଯୋଗ ଦେଇଥିଲି ।''

୧୯୭୯ ମସିହାରେ ଡ଼ଃ. ମହାପାତ୍ର ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଯୋଗ ଦିଅନ୍ତି । ସେହି ସମୟରୁ ଓଡ଼ିଶା ଗଣିତ ସଂସଦ ସହିତ ସଂପର୍କରେ ଆସିଥିଲେ । ସମ୍ବଲପୁର ଅଞ୍ଚଳରେ ମୁଖ୍ୟତଃ ହାଇସ୍କୁଲ ଛାତ୍ରଛାତ୍ରୀ ଅଧିକ ଭାବରେ କିପରି ଗଣିତ ମେଧା ପରୀକ୍ଷାରେ ଯୋଗ ଦେବେ ସେଥିପ୍ରତି ଦୃଷ୍ଟି ଦେଇଛନ୍ତି ଏବଂ ତାଙ୍କ ସମୟରେ ସମ୍ବଲପୁର ଅଞ୍ଚଳରେ ଅନେକ ଛାତ୍ରଛାତ୍ରୀ ହୃଦୟରେ ଗଣିତ ପ୍ରତି ଆଗ୍ରହ ସୃଷ୍ଟି କରାଇବାରେ ସଫଳ ହୋଇଛନ୍ତି । ପରବର୍ତ୍ତୀ ସମୟରେ ସମ୍ବଲପୁର ଅଞ୍ଚଳରେ ଓଡ଼ିଶା ଗଣିତ ସଂସଦ ସହଯୋଗରେ ଅନେକ ଗଣିତ ଶିକ୍ଷଣ ଶିବିର ଆୟୋଜନ ହୋଇଛି ଏବଂ ଛାତ୍ରଛାତ୍ରୀଙ୍କ ଗଣିତ ବିଷୟକୁ ନେଇ ଅନେକ ଥର ତାଲିମ ଦିଆଯାଇଛି । ଏହାଦ୍ୱାରା ଓଡ଼ିଶାର ଅନେକ ଛାତ୍ରଛାତ୍ରୀ ଜାତୀୟ ସ୍ତରର ଗଣିତ ମେଧା ପରୀକ୍ଷାରେ କୃତିତ୍ୱ ଲାଭ କରିଛନ୍ତି ।

ଶ୍ରୀଯୁକ୍ତ ଚନ୍ଦ୍ର କିଶୋର ମହାପାତ୍ର କୌତୁହଳ ଗଣିତ, ଶିଶୁମାନଙ୍କର ଗଭୀର ଚିନ୍ତା କରିବା ଭଳି ଗଣିତ ଇତ୍ୟାଦି ସମ୍ପର୍କରେ ଅନେକ ଗଣିତ ସମ୍ବନ୍ଧୀୟ ପୁସ୍ତକ ଲେଖିଛନ୍ତି । ଓଡ଼ିଶା ଗଣିତ ସଂସଦ ତରଫରୁ ପ୍ରକାଶିତ "ଅଭିନବ ଗଣିତ ବିଚିତ୍ରା'' ପତ୍ରିକାର ସଂପାଦନା ଦାୟିତ୍ୱ ମଧ୍ୟ ନିଭାଉଛନ୍ତି । ଶିଶୁମାନଙ୍କ ମଧ୍ୟରେ ଅଭିସନ୍ଧିତ୍ସୁ ମନୋଭାବ, ଗଣିତକୁ ଆମୋଦଦାୟକ କରିବା ଏବଂ ଗଣିତ ଅଲମ୍ପିଆଡ୍ ପ୍ରସ୍ତୁତି, ଇତ୍ୟାଦି ତାଙ୍କର ଗଣିତ ପୁସ୍ତକର ପର୍ଯ୍ୟବେସିତ । ଗଣିତକୁ ଆମୋଦ ଦାୟକ, ମଜାକିଆ ଘଟଣା ବର୍ଣ୍ଣନା କରିବା, ଏବଂ ଗଣିତ ପ୍ରତି ଭୟ ବଦଳରେ ଆଗ୍ରହ ସୃଷ୍ଟି କରିବା କରିବା ପାଇଁ ପ୍ରକାଶିତ ପୁସ୍ତକଗୁଡ଼ିକ ଯଥା "ଅବସର ବିନୋଦିନୀ, ଗଣିତର ଏ ପାଖ-ସେ ପାଖ'' ପଢ଼ିଲେ ଅନୁଭବ କରିହୁଏ ।

ଶ୍ରୀ ମହାପାତ୍ରଙ୍କ ଅନେକ ଗଣିତ ଭିତ୍ତିକ ପୁସ୍ତକ ମଧ୍ୟରୁ 'ବିଷର୍ଣ୍ଣ ସନ୍ଧ୍ୟା' ଏକ ଭିନ୍ନ ରକମର ପୁସ୍ତକ । ଏଥିରେ ପୃଥିବୀର ବିଶିଷ୍ଟ ମହିଳା ଗଣିତଜ୍ଞଙ୍କ ସମ୍ପର୍କରେ ବର୍ଣ୍ଣିତ ହୋଇଛି । ଏହି ପୁସ୍ତକ ଲେଖିବାର ଝୁଙ୍କ ସମ୍ପର୍କରେ କହନ୍ତି ଯେ, ମୁଁ ଇତିହାସ, ସାହିତ୍ୟ, ବିଜ୍ଞାନ, ସବୁକ୍ଷେତ୍ରରେ ମହିଳାଙ୍କ ଅବଦାନ ଦେଖିଥିଲି କିନ୍ତୁ ଗଣିତରେ କୌଣସି ମହିଳାଙ୍କ ନାମ ଗଣିତଜ୍ଞ ଭାବରେ ଆସୁନଥିଲା । ଆମେ

ପଢ଼ିବା ବେଳେ ଏମ୍.ଫିଲ୍‌ରେ "ଗଣିତ ଇତିହାସ'' ପାଠ୍ୟକ୍ରମର ଅଂଶ ବିଶେଷ ଥିଲା । ଏହି ପୁସ୍ତକର ଦୁଇ ଲେଖକ ଅନୁଭବ କଲୁ ଏଥିରେ ଅଧିକ ଅଧ୍ୟୟନ କରିବୁ, ମୁଁ ଭାରତ ଓ ଭାରତ ବାହାରୁ ଅନେକ ପୁସ୍ତକ ମଗାଇଲି ଏବଂ ସେହି ପୁସ୍ତକ ସାହାଯ୍ୟରେ ବିଶିଷ୍ଟ ମହିଳାଙ୍କ ଗଣିତ ପ୍ରତି ଅବାଦନ ରହିଛି ସଂଗ୍ରହ କରି ଏହି ସମ୍ପର୍କରେ ପୁସ୍ତକରେ ମୁଁ ଓ ସନ୍ଧ୍ୟାରାଣୀ ମାହାପାତ୍ରଙ୍କ ଦ୍ୱାରା ଲେଖା ହୋଇଥିଲା ଏବଂ ଏହାର ବହୁବର୍ଷ ପରେ ପ୍ରକାଶିତ ହେଲା ।

ଶ୍ରୀଯୁକ୍ତ ମହାପାତ୍ର ଅବସର ନେବା ପରେ ନିଜର ସାମର୍ଥ୍ୟ ଓ ଶିଶୁମାନଙ୍କ ମଧ୍ୟରେ ଗଣିତର ପ୍ରସାର ଓ ଆଗ୍ରହ ବୃଦ୍ଧି ନିମନ୍ତେ ଅନେକ ଅଭିନବ ଚିନ୍ତା କରୁଛନ୍ତି । ଅନେକ ଅଭିନବ ଗଣିତ ପୁସ୍ତକ, ଗବେଷଣାତ୍ମକ ଗଣିତ, ମଜା ଗଣିତ, ବିଭିନ୍ନ କ୍ଷେତ୍ରରେ ଗଣିତ ପ୍ରୟୋଗ ଆଦି ସମ୍ପର୍କରେ ଅନେକ ପୁସ୍ତକ ଲେଖିବାରେ ନିୟୋଜିତ ଅଛନ୍ତି । ଏଥିସହିତ ଏହି ପୁସ୍ତକଗୁଡ଼ିକୁ କିପରି ବହୁଳ ପ୍ରସାରିତ ହୋଇପାରିବ ଏବଂ ଗଣିତ ଲୋକପ୍ରିୟ ହୋଇପାରିବ ସେଥିପାଇଁ ଅନେକ ଅଭିନବ କାର୍ଯ୍ୟ କରିବା ପାଇଁ ନିଜକୁ ପ୍ରସ୍ତୁତ କରୁଛନ୍ତି । ଶ୍ରୀ ମହାପାତ୍ର ଓ ଏହାଙ୍କ ସହଯୋଗୀ ବୁକ୍ ପଏଣ୍ଟ ଦ୍ୱାରା ପ୍ରକାଶିତ କେତେକ ପୁସ୍ତକ ଯଥା : ଓଡ଼ିଆରେ (୧) ବିଷର୍ଣ୍ଣ ସନ୍ଧ୍ୟା (୨) ଅବସର ବିନୋଦିନୀ (୩) ଗଣିତ ସାପ୍ତାହିକୀ (ଚତୁର୍ଥ ଠାରୁ ଅଷ୍ଟମ ଶ୍ରେଣୀ ପାଇଁ) (୪) ଗଣିତର ଏପାଖ ସେପାଖ । ଏଥି ମଧ୍ୟରୁ ଅନ୍ୟତମ । ଇଂରାଜୀ ପୁସ୍ତକ ମଧ୍ୟରେ Mathematics Olympaid Problem Book, Mathematics Olympaid Series Volume I and II, Mathematics Calender Volume 1 and II ପ୍ରକାଶିତ ହୋଇଛି । ଏଥିସହିତ ଅନେକ ପୁସ୍ତକ ପ୍ରକାଶିତ ହେବାକୁ ଅଛି ଯଥା : ଗଣିତର ବର୍ଣ୍ଣବୋଧ, ଗଣିତ କ'ଣ ଓ କାହିଁକି, ଗଣିତ କ୍ୟାଲେଣ୍ଡର (ଭାଗ ପ୍ରଥମ ଓ ଦ୍ୱିତୀୟ, ସଂଖ୍ୟା ବିଚିତ୍ରା, ଗଣିତର ଏପାଖ, ସେପାଖ । ଶ୍ରୀ ମହାପାତ୍ର ଓ ଅନ୍ୟ ସହଯୋଗୀଙ୍କ ସହାୟତାରେ ଗଣିତକୁ ଲୋକପ୍ରିୟ କରିବା ପାଇଁ ବିଶିଷ୍ଟ ଗଣିତଜ୍ଞ ଓ ବୈଜ୍ଞାନିକଙ୍କ କେତେକ ପୁସ୍ତକ ପ୍ରକାଶିତ ହୋଇଛି । ଯଥା (୧) ଗୋକୁଳାନନ୍ଦ ଦାସଙ୍କ ଦ୍ୱାରା ଲିଖିତ 'ଶୂନ' (୨) ଗଣିତର ସ୍ୱାଦ (୩) ବିଜ୍ଞାନର କଳ୍ପତରୁ (୪) ସମୟର ସଂକ୍ଷିପ୍ତ ଇତିହାସ ଅନ୍ୟତମ । ନିକଟ ଭବିଷ୍ୟତରେ ମଧ୍ୟ ଅନେକ ପୁସ୍ତକ ପ୍ରକାଶନ ହେବାର ଯୋଜନା ରହିଛି ବୋଲି ଆଲୋଚନା ଛଳରେ କହିଥିଲେ । ଏଥିସହିତ ଓଡ଼ିଶା ଗଣିତ ଅଲମ୍ପିଆଡ୍ ପ୍ରସ୍ତୁତି ପାଇଁ ପୁସ୍ତକ, ପୂର୍ବରୁ ହୋଇଯାଇଥିବା ପରୀକ୍ଷାଗୁଡ଼ିକର ପ୍ରଶ୍ନ ଓ ଏହାର ସମାଧାନକୁ ସମ୍ବଳିତ କରି ପୁସ୍ତକ ଇତ୍ୟାଦି ପ୍ରକାଶିତ ହୋଇଛି ।

ପୁସ୍ତକ ଲେଖିବା ଓ ପ୍ରକାଶନ କରିବାରେ ଉତ୍କଳ ବିଶ୍ୱବିଦ୍ୟାଳୟର ଗଣିତ ପ୍ରାଧ୍ୟାପିକା ନମିତା ଦାସ, ରାଜେନ୍ଦ୍ର ପ୍ରସାଦ୍ ଲାଲ୍, ଅଧ୍ୟାପକ, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କେଶବ ଚନ୍ଦ୍ର ଶତପଥୀ, ଅଧ୍ୟକ୍ଷ, ଡ଼ି.ଏ.ଭି. ପବ୍ଲିକ୍ ସ୍କୁଲ, ଚନ୍ଦ୍ରଶେଖରପୁର, ସନ୍ଧ୍ୟାରାଣୀ ମହାପାତ୍ର, ପ୍ରମୁଖଙ୍କ ସହଯୋଗ ରହିଛି ।

ଶ୍ରୀ ମହାପାତ୍ର ଓଡ଼ିଶା ଗଣିତ ସଂସଦର ସମ୍ବଲପୁର ଦାୟିତ୍ୱ ନେଇଥିବା ସମୟରେ ନିକଟସ୍ଥ ଗ୍ରାମାଞ୍ଚଳକୁ ଯାଇ ଶିଶୁମାନଙ୍କର ଗଣିତ ସମ୍ପର୍କରେ ଆଗ୍ରହ ସୃଷ୍ଟି କରିବା ପାଇଁ ଧ୍ୟାନ ଦେଇଥିଲେ । ଗ୍ରାମୀଣ ମେଧା ପ୍ରତିଯୋଗିତା ଏବଂ ଓଡ଼ିଆରେ ଗଣିତ ପୁସ୍ତକ ପ୍ରକାଶନ ସମ୍ପର୍କରେ ଶ୍ରୀ ମହାପାତ୍ର କହନ୍ତି ଯେ, ଗ୍ରାମାଞ୍ଚଳରେ ଓଡ଼ିଶା ଗଣିତ ସଂସଦ ତରଫରୁ ଗଣିତ କର୍ମଶାଳା ଓ ଶିଶୁମାନଙ୍କ ସହ ଗଣିତ ସମ୍ପର୍କରେ ଆଲୋଚନା କଲାବେଳେ ଅନୁଭବ କଲି ଯେ, ଗ୍ରାମାଞ୍ଚଳର ଶିଶୁମାନଙ୍କର ଗଣିତ ଜ୍ଞାନ ଆସ୍ତେ ଆସ୍ତେ କମିଯାଉଛି, କିମ୍ବା ରହୁନାହିଁ, ଯଦି ଏହିପରି ପରିସ୍ଥିତି ଲାଗି ରହେ, ତେବେ ଏହି ବିଦ୍ୟାଳୟଗୁଡ଼ିକରୁ ଭବିଷ୍ୟତରେ ଯେଉଁମାନେ ବାହାରିବେ, କୌଣସି ଚାକିରୀ କିମ୍ବା କାର୍ଯ୍ୟ କ୍ଷେତ୍ରରେ ଯୋଗ୍ୟ ହେବେ ନାହିଁ। ଏହି ଦୃଷ୍ଟିରୁ ମୁଁ ଅନେକ ଗଣିତ ପୁସ୍ତକ ଓଡ଼ିଆରେ ଲେଖିବା ପାଇଁ ଏବଂ ଗଣିତକୁ ଅଧିକ ଲୋକପ୍ରିୟ କରିବା ପାଇଁ ସ୍ଥିର କରିଛି । ଗଣିତର ଏପାଖ, ସେପାଖ ପୁସ୍ତକର ମୁଖବନ୍ଧରେ ଲେଖକ ଶ୍ରୀଯୁକ୍ତ ମହାପାତ୍ର ପ୍ରକାଶ କରିଛନ୍ତି ଯେ, "ପ୍ରଫେସର ସ୍ୱାଧୀନ ପଟ୍ଟନାୟକ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଅଧ୍ୟାପନା କରୁଥିବା ସମୟରେ କ୍ଲାସ୍ ମଝିରେ ଯେତେବେଳେ ପିଲାମାନେ ଅନ୍ୟମନସ୍କ ହେବା ଦେଖୁଥିଲେ ସେତେବେଳେ ଗଣିତ ଓ ଗଣିତଜ୍ଞମାନଙ୍କ ବିଷୟରେ ଅନେକ ମଜାକଥା ଏପରି ଭାବରେ ବର୍ଣ୍ଣନା କରୁଥିଲେ ଯେ ପିଲାମାନେ ହସି ହସି ବେଦମ ହୋଇଯାଉଥିଲେ। ପ୍ରଫେସର ପଟ୍ଟନାୟକ ଘଣ୍ଟା ଘଣ୍ଟା କ୍ଲାସ ନେଲେ ମଧ୍ୟ କେହି ବୋର୍ ହେଉ ନଥିଲେ । ପୁସ୍ତକରେ ଉଲ୍ଲେଖ କରାଯାଇଥିବା ଅନେକଟି ଘଟଣା ଆମେ ଉତ୍ତରାଧିକାରୀ ସୂତ୍ରରେ ପାଇଛୁ । ତେଣୁ ଆମେ ପ୍ରଫେସର ପଟ୍ଟନାୟକଙ୍କ ପ୍ରତି ନିଜର କୃତଜ୍ଞତା ଜ୍ଞାପନ କରୁଛୁ ।'' ଏଥିସହିତ ଡ଼ଃ. ମହାପାତ୍ର ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ତଥା ଓଡ଼ିଶା ଗଣିତ ସଂସଦର ସଭାପତି ପ୍ରଫେସର ଗୋକୁଳାନନ୍ଦ ଦାସଙ୍କ ଠାରୁ ଅନେକ ସମୟରେ ଉତ୍ସାହ ଓ ପ୍ରେରଣା ପାଇଛନ୍ତି ବୋଲି ସ୍ୱୀକାର କରନ୍ତି । ଏଥିସହିତ ଉତ୍କଳ ବିଶ୍ୱବିଦ୍ୟାଳୟର ଇଂରାଜୀ ପ୍ରାଧ୍ୟାପକ ଯତୀନ୍ଦ୍ର କୁମାର ନାୟକ ଅନେକ ସମୟରେ ଶ୍ରୀଯୁକ୍ତ ମହାପାତ୍ରଙ୍କ ପାଇଁ ପ୍ରେରଣା ଓ ସହଯୋଗ ବଢ଼ାଇଥାଆନ୍ତି ବୋଲି ଏହି ଗଣିତଜ୍ଞ କହନ୍ତି । ଆପଣ ଏକ ପୁସ୍ତକ ଦୋକାନ କରିବେ, ଏଥିପାଇଁ ଆପଣଙ୍କ ପ୍ରାଧ୍ୟାପିକା ଅର୍ଦ୍ଧାଙ୍ଗିନୀ ବିରୋଧ କରୁନାହାନ୍ତି କି ? ପ୍ରଶ୍ନର ଉତ୍ତର ରେ

ସେ କହିଥିଲେ ଯେ, ଏହି ପ୍ଲାନେଟୋରିୟମ୍ ପରିସରରେ ପୁସ୍ତକ ଷ୍ଟଲ୍ କରିବା ପାଇଁ ସେ ହିଁ ପ୍ରଥମ ବ୍ୟକ୍ତି ଯେ କି  ପ୍ରଥମେ ପ୍ରେରଣା ଦେଇଛନ୍ତି ।

ପ୍ଲାନେଟୋରିୟମ୍ ପରିସରରେ ଥିବା ପୁସ୍ତକ ବିକ୍ରୟ କେନ୍ଦ୍ରରେ ଅନେକ ସମୟରେ ଅନେକ ବହୁ ବିଶିଷ୍ଟ ବ୍ୟକ୍ତି ଆସୁଛନ୍ତି ଏବଂ ଏହି  ସ୍ଥାନଟି ବୌଦ୍ଧିକ ଆଲୋଚନାର କ୍ଷେତ୍ର ମଧ୍ୟ ପାଲଟିଛି ।  ଶ୍ରୀ ମହାପାତ୍ରଙ୍କ ତରଫରୁ  ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ  ବ୍ୟକ୍ତି ଏବଂ ସେମାନଙ୍କର କାର୍ଯ୍ୟକ୍ରମକୁ କିଛି ଲୋକଙ୍କ ଆଗରେ ଉପସ୍ଥାପନା କରିବା ବୁକ୍ ପଏଣ୍ଟ ପରିସରରେ ମଧ୍ୟ ଏକ ପରିବେଶ ସୃଷ୍ଟି କରି ପାରିଛି ।  ଡ଼ଃ. ମହାପାତ୍ରଙ୍କ ଭବିଷ୍ୟ ଯୋଜନା ସମ୍ପର୍କରେ କହନ୍ତି, ସେ ବିଭିନ୍ନ ଗ୍ରାମାଞ୍ଚଳକୁ ଯାଇ ଗଣିତକୁ ଲୋକପ୍ରିୟ କରିବା ଉଦ୍ଦେଶ୍ୟରେ ଶିକ୍ଷକ, ଛାତ୍ରଛାତ୍ରୀଙ୍କୁ ନେଇ ଗଣିତ କର୍ମଶାଳା ଆୟୋଜନ କରିବାର ଲକ୍ଷ୍ୟ ରଖିଛନ୍ତି ।  ଏଥିସହିତ ଗଣିତ ସମ୍ବଳିତ ପୁସ୍ତକକୁ ଶସ୍ତା ଦାମ୍‌ରେ ଛାତ୍ରଛାତ୍ରୀ, ଶିକ୍ଷକ ଏବଂ ଆଗ୍ରହୀ ଗଣିତ ପ୍ରେମୀଙ୍କ ନିକଟରେ ପହଞ୍ଚାଇବାର ଲକ୍ଷ୍ୟ ରଖିଛନ୍ତି । "ସରକାରୀ ଚାକିରିରୁ ଅବସର ନେବାର ୧୦ ବର୍ଷ ପୂର୍ବରୁ ଗଣିତକୁ ନେଇ ବିଭିନ୍ନ ପୁସ୍ତକ ସଂଗ୍ରହ କରିବାରେ ମୁଁ ଲାଗିଥିଲି ।  ଗବେଷଣାରେ ଅଧିକ ସମୟ ନ ଦେଇ ବର୍ତ୍ତମାନ ଗଣିତକୁ ନେଇ ବିଭିନ୍ନ ପୁସ୍ତକ ଲେଖିବା ଏବଂ ଛାତ୍ରଛାତ୍ରୀ, ଶିକ୍ଷକଙ୍କ ନିକଟରେ ପହଞ୍ଚେଇବାର ଲକ୍ଷ୍ୟ ରଖିଛି ।  ଗଣିତ ପୁସ୍ତକ ଲେଖିବା ସମ୍ପର୍କରେ କହନ୍ତି ଯେ, ଇଂରାଜୀ, ସାହିତ୍ୟ ତଥା ଅନ୍ୟ ବିଷୟଗୁଡ଼ିକରେ supplementary reading material ପୁସ୍ତକ ରହୁଛି କିନ୍ତୁ ଗଣିତରେ ଏହିଭଳି ପୁସ୍ତକ ପ୍ରକାଶନ ହେଉନାହିଁ ।  ଏହି ଦୃଷ୍ଟିରୁ ଗଣିତକୁ ନେଇ ବିଭିନ୍ନ ପୁସ୍ତକ ଲେଖିବା ସହିତ ଅନ୍ୟ ଲୋକପ୍ରିୟ ଗଣିତ ଓ ଲୋକପ୍ରିୟ ବିଜ୍ଞାନର ପୁସ୍ତକ ପ୍ରକାଶନ କରିବାର କାର୍ଯ୍ୟକ୍ରମ ରହିଛି'' ବୋଲି ମତ ଦିଅନ୍ତି ।

ସବୁ ସମୟରେ ସେ ପ୍ରଚାର ସର୍ବସ୍ୱରୁ ଉର୍ଦ୍ଧ୍ୱରେ ରହିଛନ୍ତି ।  ଗଣିତକୁ ଲୋକପ୍ରିୟ କରିବା ପାଇଁ ଅନେକଙ୍କୁ ଉତ୍ସାହିତ କରିଛନ୍ତି ଏବଂ ଅନେକଙ୍କୁ ସହଯୋଗ କରିଛନ୍ତି ।  ଏଥିପାଇଁ ସେ କୌଣସି ନାମ କିମ୍ବା ଶସ୍ତା ଲୋକପ୍ରିୟ ହେବାପାଇଁ ଚାହିଁନାହାନ୍ତି ।  ଆଲୋଚନା ପ୍ରସଙ୍ଗରେ ମଧ୍ୟ ସେ ନିଜର କୃତି ସମ୍ବନ୍ଧରେ ଆଲୋଚନା କରିବା ପାଇଁ କୁଣ୍ଠା ପ୍ରକାଶ କରୁଥିଲେ । ଏହି ଗଣିତଜ୍ଞ ନିଜର ସ୍ୱପ୍ନକୁ ଆହୁରି ସାକାର କରନ୍ତୁ ଏବଂ କାର୍ଯ୍ୟରେ ସଫଳକାମୀ ହୁଅନ୍ତୁ, ଏହାହିଁ କାମ୍ୟ ।

ଅକ୍ଟୋବର, ୨୦୦୭

❑❑❑

# କୃତୀ ଶିକ୍ଷକ ଶ୍ରୀଯୁକ୍ତ କାଶୀନାଥ ନାୟକ

ଶ୍ରୀଯୁକ୍ତ କାଶୀନାଥ ନାୟକଙ୍କ ଜନ୍ମ ୧୯୧୯ ମସିହାରେ । ବର୍ତ୍ତମାନ ପର୍ଯ୍ୟନ୍ତ ତାଙ୍କ ଦ୍ୱାରା ଲିଖିତ ୮୦ଖଣ୍ଡ ପୁସ୍ତକ ପ୍ରକାଶିତ ହୋଇଛି । ଏଥି ମଧ୍ୟରୁ ପ୍ରାୟ ୧୪ ଖଣ୍ଡ ପୁସ୍ତକ ପାଠ୍ୟପୁସ୍ତକ ଭାବରେ ରାଜ୍ୟ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ । ୧୯୩୫ ମସୀହାର ଶିକ୍ଷକ ଭାବରେ ନିଜର ଜୀବନ ଆରମ୍ଭ କରି ୧୯୮୦ ମସିହା ପର୍ଯ୍ୟନ୍ତ ନିରବିଚ୍ଛିନ୍ନ ଭାବରେ ପିଲାଙ୍କ ସହ ଜଣେ ନିଛକ ଶିକ୍ଷକ ଭାବରେ କଟେଇଥିଲେ । ୧୯୬୨ ମସିହାରେ ସେ କୃତି ଶିକ୍ଷକ ଭାବରେ ରାଷ୍ଟ୍ରପତିଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ । ପରିଣତ ବୟସରେ ମଧ୍ୟ ଶ୍ରୀ ନାୟକଙ୍କୁ ଶିକ୍ଷାସନ୍ଧାନ ତରଫରୁ ଶିକ୍ଷକଙ୍କ ସହିତ ଏକ କାର୍ଯ୍ୟକ୍ରମ କରିବା ପାଇଁ ଅନୁରୋଧ କରାଯାଇଥିଲା ଓ ସେ ନିଜର ସ୍ୱୀକୃତି ଦେଇଥିଲେ ।

ଶିକ୍ଷାସନ୍ଧାନ ଓ ତାହାର ସହଯୋଗୀ ଅନୁଷ୍ଠାନର ବିକଳ୍ପ ଶିକ୍ଷାକେନ୍ଦ୍ରର ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କୁ ନେଇ ଏକ ତାଲିମ କାର୍ଯ୍ୟକ୍ରମର ଅବସରରେ ଶ୍ରୀ କାଶୀନାଥ ନାୟକଙ୍କ ସହିତ ଏକ ଅନ୍ତରଙ୍ଗ ଆଳାପ ଆଲୋଚନା ହୋଇଥିଲା । ଏଥିରେ ଶ୍ରୀଯୁକ୍ତ ନାୟକ ଶିକ୍ଷକମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେବା ସହ ସେ ସମୟର ଶିକ୍ଷା ବ୍ୟବସ୍ଥା ଉପରେ ସମ୍ୟକ ଆଲୋକପାତ କରିଥିଲେ । ଏଠାରେ ତାହାର ଏକ ସଂକ୍ଷିପ୍ତ ସାରାଂଶକୁ ଏଠାରେ ଉପସ୍ଥାପିତ କରାଯାଇଛି । ଏହି ଆଲୋଚନା ନିଶ୍ଚୟ ଶିକ୍ଷକ ତଥା ଶିକ୍ଷାବିତ୍‌ଙ୍କ ପାଇଁ ବେଶ୍ କିଛି ଖୋରାକ ଯୋଗାଇବ ..

ସେ ସମୟର ଶିକ୍ଷା ପରିସ୍ଥିତି ବିଷୟରେ ଆଲୋଚନା ଆରମ୍ଭ କରି ଶ୍ରୀ ନାୟକ କହିଥିଲେ ଯେ, ସେ ନିଜେ ପାଠ ପଢ଼ିବା ବେଳେ ଗୁରୁଜୀ ହିଁ ଥିଲେ ସିଲାବସ୍, ସେ ହିଁ ପିଲାଙ୍କ ଶ୍ରେଣୀ ବିଭାଗ କରୁଥିଲେ, ସେ ବିଦ୍ୟାଳୟର ସର୍ବେସର୍ବା ଥିଲେ, ଏବଂ ଶିକ୍ଷାର ଶିକ୍ଷାସଂହିତା(Education Code) ଭାବରେ ନିଜକୁ ପ୍ରତିପାଦନ କରୁଥିଲେ ।

ପିଲା ବିଦ୍ୟାଳୟକୁ ଆସିବା ପରେ ପ୍ରଥମେ ଗୁରୁଜୀ ତିନୋଟି ମୁଣ୍ଡଳା ବୁଲାଉଥିଲେ । ତା'ପରେ ଛାତ୍ରକୁ ମୁଣ୍ଡଳା ବୁଲେଇବାକୁ କହୁଥିଲେ । ତା'ପରେ ଅନୁକୂଳ ହେଲା ବୋଲି କହି ଆସନ୍ତା ସକାଳେ ଆସିବାକୁ କହୁଥିଲେ । ତା'ପର

ଦିନ ଚଟାଣରେ ଅ,ଆ, ଲେଖା ହେଉଥିଲା । ସେହି ଠାରୁ ଅକ୍ଷର ଶିକ୍ଷା ଆରମ୍ଭ ହେଲା । ପ୍ରଥମେ ସ୍ୱର ବର୍ଣ୍ଣ, ପରେ ବ୍ୟଞ୍ଜନ ବର୍ଣ୍ଣ । ସେତେବେଳେ ସ୍ୱର ବର୍ଣ୍ଣ (ଅକ୍ଷର ଗୁଡ଼ିକ) ଆମକୁ ଗୀତ ଦ୍ୱାରା ଶିଖାଯାଉଥିଲା । ଅକ୍ଷର ଶିଖିବା ପରେ ଆମର ପଣିକିଆ ଶିଖା ଆରମ୍ଭ ହେଉଥିଲା । ଆମେ ପାଠ ପଢ଼ିବା ସମୟରେ ଚାହାଳୀ ପିଲା ଅମରକୋଷ ପଢୁଥିଲେ । ବିଦ୍ୟାଳୟ ଦି 'ଓଳି ଚାଲୁଥିଲା । ସକାଳ ଓଳି ସକାଳୁ ଏଗାରଟା ପର୍ଯ୍ୟନ୍ତ ଏବଂ ଅପରାହ୍ନ ୩ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ । ଆମ ସମୟରେ ଗୃହପାଠ ଦିଆ ହେଉନଥିଲା ।

ପୂର୍ଣ୍ଣ ଅକ୍ଷର ପଢ଼ାହେଲା ପରେ ଆମେ ମଧୁବର୍ଣ୍ଣ ବୋଧ ପଢୁଥିଲୁ । ସବୁ ତାଳପତ୍ରରେ କାମ ହେଉଥିଲା । ଆମେ ପରକଲମରେ ଲେଖୁଥିଲୁ । କିନ୍ତୁ ପ୍ରଥମେ ପିଲାଏ କୋଚିଲା ଖଡ଼ିରେ ଲେଖୁଥିଲେ । ଏହା ପରେ ସିଲଟ ଖଡ଼ି (ଦୁଧ ଖଡ଼ି), ସିଲଟ, ପେନ୍‌ସିଲ୍ ଏବଂ ଶେଷରେ ପର କଲମରେ ଲେଖୁଥିଲେ । କାଳି ପିଲାଏ ନିଜେ ତିଆରି କରୁଥିଲେ । ଶିକ୍ଷକ ଆମକୁ ଯଥେଷ୍ଟ ଯତ୍ନ କରୁଥିଲେ । ମୁଁ ଶିକ୍ଷକ ଥିବା ବେଳେ ମଧ୍ୟ ଆମ ବିଦ୍ୟାଳୟରେ ଥିବା ୧୫୦ ଜଣ ଛାତ୍ର ଛାତ୍ରୀଙ୍କ ନାମ ମନେ ରଖୁଥିଲି । ଏହା ଦ୍ୱାରା ପିଲାଙ୍କ ମନରେ ଶିକ୍ଷକଙ୍କ ପ୍ରତି ଏକ ଅନ୍ତରଙ୍ଗ ଭାବନା ଆସିଥାଏ ।

ପିଲାଏ ଅକ୍ଷର ଶିଖିବା ସହ ଅନେକ ବିଷୟ ମଧ୍ୟ ଜାଣୁଥିଲେ । ପ୍ରଥମ ଶ୍ରେଣୀରୁ ସାହିତ୍ୟ ସହ ମଧ୍ୟ ପରିଚିତ ହୋଇଯାଉଥିଲେ । ସେ ଅକ୍ଷର ଶିଖିବାର ଉଦାହରଣ ଦେବା ଛଳରେ କିଛି ପଂକ୍ତି ଶୁଣାଇଥିଲେ । ଯଥା :

କ = କମଳଲୋଚନ ଶ୍ରୀହରି<br>କରେ ଶଙ୍ଖଚକ୍ର ଧରି ।

ଖ = ଖଗ ଆସନେ ଖଗପତି<br>ଖଟନ୍ତି ଲକ୍ଷ୍ମୀ-ସରସ୍ୱତୀ ।

ଏହିପରି ଆମର ପ୍ରତି ଅକ୍ଷର ଶିଖିବା ସମୟରେ ଅନେକ ବିଷୟ ପିଲା ଜାଣି ଯାଉଥିଲେ । ଭାରତ ଆଜି ଧର୍ମ ନିରପେକ୍ଷ ରାଷ୍ଟ୍ର, ନିର୍ଦ୍ଦିଷ୍ଟ ଧର୍ମ ରହିପାରିବନି.. ଇତ୍ୟାଦିର ଅର୍ଥ ନୁହେଁ ଆମେ ସଂସ୍କୃତିକୁ ଜାଣିବାନି, ପଢ଼ିବାନି, ବୁଝିବାନି ।

ଆମ ସମୟରେ ଶିକ୍ଷକ ଯେଉଁମାନେ ଥିଲେ, ସେମାନେ ପଣ୍ଡିତ ଥିଲେ । ସେମାନେ ଗାଁରେ ରହୁଥିଲେ ଏବଂ ଗାଁ'ର ସୁଖ,ଦୁଃଖ, ପର୍ବପର୍ବାଣୀ ଇତ୍ୟାଦିରେ

ଆମ ସହ ଭାଗୀଦାର/ ଗାଁ ଲୋକଙ୍କ ସହ ଭାଗୀଦାର ହେଉଥିଲେ । ଗ୍ରାମର ସେ ଜଣେ ସମ୍ମାନସ୍ପଦ ବ୍ୟକ୍ତି ଭାବରେ ଗଣା ହେଉଥିଲେ । ଶିକ୍ଷକମାନେ ଜମି ମାପରେ ଦକ୍ଷ ଥିଲେ । କେବଳ ଜମି ମାପରେ ନୁହେଁ, ଅନ୍ୟାନ୍ୟ କାର୍ଯ୍ୟରେ ମଧ୍ୟ ସେମାନଙ୍କର ଦକ୍ଷତା ରହୁଥିଲା । ଗାଁ'ର ସମସ୍ତ ଭଲମନ୍ଦ କାର୍ଯ୍ୟରେ ଶିକ୍ଷକଙ୍କ ସହଯୋଗ ଏବଂ ମତ ନିଆଯାଉଥିଲା । ଖାଇବା, ପିଇବା ସବୁ ବିଷୟରେ ଗାଁ ଲୋକେ ଶିକ୍ଷକଙ୍କୁ ସହାୟତା କରୁଥିଲେ । ପିଲା ପଢୁଥିବା ପ୍ରତି ଘରୁ ଏକ ପାଇ ଲେଖାଏଁ ଶିକ୍ଷକଙ୍କୁ ଦେଉଥିଲେ । ପ୍ରତ୍ୟେକ ଦିନ ଗୋଟିଏ ଘର ତରଫରୁ ଶିକ୍ଷକଙ୍କୁ ଥାଳି ଆସୁଥିଲା, ତାହା ଜଣେ ଦୁଇଜଣଙ୍କ ପାଇଁ ଯଥେଷ୍ଟ ଥିଲା ।

ପିଲାଏ କିପରି ନିଜର ପରିବେଶରୁ ଶିଖିପାରିବେ ତାହା ଉପରେ ସେ କହିଥିଲେ ଯେ, ପ୍ରତ୍ୟେକ ସ୍କୁଲର ବଗିଚା ରହିବା ଉଚିତ୍ । ବଗିଚାରେ ଫୁଲ ଗଛ, ତୁଳସୀ ଗଛ ଇତ୍ୟାଦି ରହିବା ଉଚିତ୍ । ବଗିଚାରେ ପିଲାଙ୍କୁ ଖେଳେଇଦିଏ । ଏଥିରେ ପିଲାମାନଙ୍କୁ ଶିକ୍ଷକ ପଚାରିବେ ଏବଂ ବିଭିନ୍ନ ଗଛ, ଫୁଲର ରଙ୍ଗ, ପତ୍ରର ରଙ୍ଗ ଇତ୍ୟାଦି ଜାଣିବା ବା ଜଣେଇବାରେ ଧ୍ୟାନ ଦେବେ । ଶିକ୍ଷକ ନିଜେ ଘାସ ବାଛିବେ, ଫଳରେ ପିଲାମାନେ ମଧ୍ୟ ଘାସ ବାଛିବେ । ତୁଳସୀ ଗଛ ବିଷୟରେ କହିବେ । ଏହାର ଉପକାରୀତା ଯଥା ଏହାର ଦିଅଁ ପୂଜା, ଔଷଧୀୟ ଗୁଣ ଇତ୍ୟାଦି ବିଷୟରେ ପିଲାଙ୍କ ସହ ଆଲୋଚନା କରିବେ । ଏହିପରି ବିଭିନ୍ନ ଗଛର ଉପକାରିତା ବିଷୟରେ ପିଲାଙ୍କୁ କୌଶଳରେ ଜଣାଉଥିବେ । ଏପରି କୌଶଳରେ ପିଲାଙ୍କ ସହ କଥା ହେଉଥିବେ, ଯେପରି ପିଲା ଶିଖି ଯାଉଥିବେ । ଏହି ପରି ପ୍ରକୃତି ନିରୀକ୍ଷଣ (nature-study) ଦ୍ୱାରା ପିଲାଏ ଅନେକ କଥା ଶିଖିପାରିବେ । ଏହାଦ୍ୱାରା ପିଲାମାନେ ଦେଖୁଥିବେ, ସେମାନେ କ'ଣ କରୁଛନ୍ତି । ଏଥିରେ ସେମାନଙ୍କର ଆତ୍ମପ୍ରତ୍ୟୟ ହେବ ଯେ ଦୈନନ୍ଦିନ ଜୀବନ ଶିକ୍ଷା ସେମାନଙ୍କୁ ଭବିଷ୍ୟତରେ ସ୍ୱରୋଜଗାର କରିବାରେ, ନିଜକୁ ଅତ୍ମନିର୍ଭରଶୀଳ ହେବାରେ ସହାୟତା କରିବ ଏବଂ ଶରୀର ଶ୍ରମ ପ୍ରତି ବିତୃଷ୍ଣା ଆସିବ ନାହିଁ । ଗାନ୍ଧୀଜୀଙ୍କ ମୌଳିକ ଶିକ୍ଷାର ଧାରଣା ଏପରି ଥିଲା । କିନ୍ତୁ ତାହା ତିଷ୍ଠି ପାରିଲା ନାହିଁ । ପୂର୍ଣ୍ଣାଙ୍ଗ ଶିକ୍ଷାରେ ମଧ୍ୟ ଏହାର ସାମଞ୍ଜସ୍ୟ ରହୁଛି ।

ସେ ସମୟର ଦଣ୍ଡ ବିଧାନ ଉପରେ ମନ୍ତବ୍ୟ ଦେଇ କହିଥିଲେ, ଆମ ସମୟରେ ଥିଲା "ବେତ ଛାଡ଼ି ଦେବ ତ ପିଲା ନଷ୍ଟ ହୋଇଯିବ" । ଆମ ସମୟରେ ପ୍ରଥମ କରି ଯେଉଁ ପିଲା ବିଦ୍ୟାଳୟକୁ ଆସୁଥିଲେ,ଗୁରୁଜୀ ଥିରି କରି

ବେତ ତା' ହାତରେ ଲଗେଇ ଦେଉଥିଲେ । ତା' ପରବର୍ତ୍ତୀ ଯେଉଁ ପିଲା ଆସୁଥିଲା, ତାକୁ ଦୁଇଥର, ଏହିପରି ବଢ଼ି ବଢ଼ି ବେତ ମାଡ଼ ଯାଉଥିଲା । ଯେ ଶେଷରେ ଆସୁଥିଲା, ସେ ସେତିକି ବେତମାଡ଼ ଖାଉଥିଲା । ଆମ ସମୟରେ ମାଡ଼ ଭୟ ଏପରି ଥିଲା ଯେ ଆମେ ଝାଡ଼ାଗଲା ବେଳେ ମଧ୍ୟ ମନେ ମନେ ପାଠଗୁଡ଼ିକୁ ଅଭ୍ୟାସ କରୁଥିଲୁ । ମୋ ମତରେ ବେତ ପାଠପଢ଼ା ନଷ୍ଟ କରିଦେଉଛି । ପ୍ରକୃତ ଶିକ୍ଷକ ପିଲାଙ୍କ ସହ ମିଶିଯାଏ । ପିଲାଙ୍କ ସହ ମିଶିଯିବା ଶିକ୍ଷକର ପ୍ରକୃତ କାର୍ଯ୍ୟ ହେବା ଉଚିତ୍ ।

ନିଜର ଗଣିତ ପଢ଼େଇବାର ଶୈଳୀ ବିଷୟରେ ପ୍ରଶ୍ନର ଉତ୍ତର ଦେବାକୁ ଯାଇ କହିଥିଲେ ଯେ, ଗପକୁହା ମାଧ୍ୟମରେ ଗଣିତ ପଢ଼ା ହୋଇପାରିବ । ଖେଳ ମାଧ୍ୟମରେ ଗଣିତ ପଢ଼ା ହୋଇପାରିବ । ଶ୍ରୀଯୁକ୍ତ ନାୟକ କିଛି ଲୀଳାବତୀ ସୂତ୍ର ମଧ୍ୟ ଶିକ୍ଷକମାନଙ୍କୁ ଶୁଣାଇଥିଲେ ।

ସୃଜନଶୀଳତାର ବିକାଶ ସମ୍ପର୍କରେ ଏକ ପ୍ରଶ୍ନର ଉତ୍ତର ଦେଇ କହିଥିଲେ ଯେ ସୃଜନଶୀଳତା କେଉଁଠୁ ଆସେ ନାହିଁ । ନିଜ ଭିତର ଆସେ । କେଉଁ କ୍ଷେତ୍ରରେ କ'ଣ କଲେ ମୁଁ ପିଲାଙ୍କୁ ଶିଖାଇପାରିବି, ତାହା ନିଜ ଉପରେ ନିର୍ଭର କରେ । ଶିକ୍ଷକ ସର୍ଜନା ଦେବେ, ଚିନ୍ତା ଦେବେ, ସ୍ରଷ୍ଟା ହେବେ । ଶିକ୍ଷକଙ୍କ ମସ୍ତିଷ୍କ କାମ କରୁଥିବ ପିଲାଙ୍କ ସମସ୍ତ କ୍ଷେତ୍ରରେ ବିକାଶ ପାଇଁ । ଆଜିର ରାତାରାତି ଉନ୍ନତି ହେବା ଆଶା ମଣିଷକୁ କାଙ୍ଗାଳ କରିଦେଉଛି । ଏହା ଆମ ଶିକ୍ଷାବ୍ୟବସ୍ଥାକୁ ମଧ୍ୟ କଳୁଷିତ କରିଛି ।

କୃତି ଶିକ୍ଷକ ଶ୍ରୀ ନାୟକ ନିଜର ଶିକ୍ଷକ ଜୀବନ ତିନି ଟଙ୍କା ଦରମାରେ ଆରମ୍ଭ କରିଥିଲେ । ତହିଁରୁ ୨ ଅଣା ମନି ଅର୍ଡ଼ର ଚାର୍ଜ ଭାବରେ କଟା ହୋଇଯାଉଥିଲା ।

ଶିକ୍ଷକ ସମସ୍ୟା ଓ ଆନ୍ଦୋଳନ ଉପରେ ନିଜର ମତ ଦେଇ କହିଥିଲେ ଯେ ମୁଁ ମଧ୍ୟ ଜଣେ ଆନ୍ଦୋଳନକାରୀ ଥିଲି । ଆମେ ସେ ସମୟରେ ୬ ଟଙ୍କା ଦରମା ପାଇବା ପାଇଁ ଆନ୍ଦୋଳନ କରିଥିଲୁ । କିନ୍ତୁ ଏବେ ଜଣେ ଶିକ୍ଷକ ୬,୦୦୦ ଟଙ୍କା ପାଇଲେଣି, କିନ୍ତୁ ଶିକ୍ଷାପ୍ରତି କୃତଜ୍ଞତା (obligation) ରହୁନି । ସରକାରୀ ଭାବରେ ଯଥେଷ୍ଟ ସୁବିଧା, ଛୁଟି ପାଉଛନ୍ତି । ପ୍ରତ୍ୟେକ ଶିକ୍ଷକଙ୍କୁ ସମସ୍ତ ସୁବିଧା ସହ contingencies ମିଳୁଛି । ପାଠପଢ଼ାରେ ଅବହେଳା କରିବା ସ୍ପୃହଣୀୟ ନୁହେଁ । ଆଜିର ଶିକ୍ଷକ ଆନ୍ଦୋଳନ କେବଳ ନିଜର ବ୍ୟକ୍ତିଗତ ସ୍ୱାର୍ଥ ହାସଲ

କରିବାରେ ସୀମିତ ରହିଛି ।  "ପରୀକ୍ଷା ବନ୍ଦ କରିଦେବୁ, ପ୍ରାଥମିକ ଶିକ୍ଷା ଅଚଳ କରିଦେବୁ,.... ଇତ୍ୟାଦି ପ୍ରକୃତ ଶିକ୍ଷକର କାର୍ଯ୍ୟ ନୁହେଁ।'' ଆନ୍ଦୋଳନ ବେଳେ ଆମେ ପିଲାଙ୍କ ପାଠପଢ଼ାରେ ଅବହେଳା କରୁନଥିଲୁ ।  ଆମ ସ୍ୱାର୍ଥ ପାଇଁ ଆମେ ଯେତେ ଆନ୍ଦୋଳନ କରିବା, ସେତେଦିନ ପର୍ଯ୍ୟନ୍ତ ଆମେ କୋମଳମତି ପିଲାମାନଙ୍କୁ ଅବହେଳା କରୁଥିବା, ମୁଁ ଏହାକୁ ବିରୋଧ କରେ ।

ଶେଷରେ ଶିକ୍ଷକମାନଙ୍କୁ କର୍ତ୍ତବ୍ୟ ସଚେତନ କରିବା ଛଳରେ କହିଥିଲେ ଯେ ଶିକ୍ଷକ ଯଦି ନିଷ୍ଠାବାନ ହେବାକୁ ଚାହେଁ, ତେବେ ନିଜକୁ ଯଥେଷ୍ଟ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ । କୌଣସି ଗୁରୁ ସନ୍ତୁଷ୍ଟ ହୋଇ ପାରନ୍ତି ନାହିଁ । "ଶିକ୍ଷକ ପଢ଼ାଉଛି, ଛାତ୍ର ଭଲ ପଢ଼ିବେ," ଏହା ହିଁ ଶିକ୍ଷକକୁ ଆତ୍ମସନ୍ତୋଷ ଆଣିଦେଇ ଥାଏ ।  ଯଦି ଜୀବନରେ ପିପାସା ନାହିଁ, ଆକାଂକ୍ଷା ନାହିଁ, ତେବେ ଶିକ୍ଷକ ଅଗ୍ରଗତି କରିପାରିବେ ନାହିଁ ।  ନିଜର ଇଛା ବିଷୟରେ ମନ୍ତବ୍ୟ ଦେଇ ନିଜର ପରିଣତ ବୟସରେ ସେ ଏବେ ମଧ୍ୟ ନିଜର କଲମ ମାଧ୍ୟମରେ ଲେଖା ଚଲେଇଛନ୍ତି । "ବଞ୍ଚିଥିବା ପର୍ଯ୍ୟନ୍ତ ମୁଁ ଲେଖିବି । ଏହି ପ୍ରୟାସ ମୋର ଶେଷ ଜୀବନ ପର୍ଯ୍ୟନ୍ତ ଜାରି ରଖିଥିବି'' ।  ଶେଷରେ ଭାବପ୍ରବଣ ହୋଇ କହିଥିଲେ, ''ଆମକୁ ସରକାର ସିନା ୬୦ ବର୍ଷ ପରେ ଅଯୋଗ୍ୟ କରିଦେଉଛି, କିନ୍ତୁ ଆପଣମାନେ ମୋତେ ଏହି ସୁବିଧା ଦେଇଥିବାରୁ ମୁଁ ଆପଣମାନଙ୍କୁ ଧନ୍ୟବାଦ ଦେଉଛି । ''

ଅକ୍ଟୋବର, ୨୦୦୪

# ଲାମ୍ବାସିଂରେ ଶିକ୍ଷା ଜାଗରଣ

ମାଲକାନଗିରି ଜିଲ୍ଲାର ସାକ୍ଷରତା ହାର ୨୦୦୧ ମସୀହା ଅନୁଯାୟୀ ୩୧.୨୮ । ଏହି ଜିଲ୍ଲାର ସାକ୍ଷରତା ହାରରେ ଓଡ଼ିଶା ରାଜ୍ୟର ଶେଷ ସ୍ଥାନରେ ରହିଛି । ୨୦୦୧ ମସୀହା ଅନୁଯାୟୀ ମାଲକାନଗିରି ଜିଲ୍ଲାର ଅନୁସୂଚିତ ଜାତି ଓ ଜନଜାତିଙ୍କ ମହିଳା ସାକ୍ଷରତା ହାର ଶତକଡ଼ା ୧୭.୦୧ ଭାଗ ଯାହାକି ଓଡ଼ିଶା ରାଜ୍ୟର କ୍ରମାନ୍ୱୟରେ ୨୮ତମ ସ୍ଥାନରେ ରହିଛି । ଏହି ଅଞ୍ଚଳର ସାକ୍ଷରତା ଯେଉଁ ଆଦିବାସୀ ମହିଳା ସାକ୍ଷରତା ଭାବରେ ଗଣା ହେଉଛନ୍ତି ସେମାନଙ୍କ ମଧ୍ୟରୁ ଅଧିକାଂଶତଃ କେବଳ ଦସ୍ତଖତ କରିବାର ଜାଣିଛନ୍ତି ! ଏହିପରି ଅଞ୍ଚଳରେ ଜଣେ ଆଦିବାସୀ ମହିଳା କୁମାରୀ ରୁକ୍ମିଣୀ ମାଡ଼ୀ ୧୦ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ି ନିଜର ବୃତ୍ତି ଶିକ୍ଷୟିତ୍ରୀ ରୂପେ ବାଛିବା କମ୍ ସାହାସିକ ପଦକ୍ଷେପ, ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ । ରୁକ୍ମିଣୀ ନିଜର ଶିକ୍ଷୟିତ୍ରୀ ବୃତ୍ତି ପ୍ରାୟ ୫/୬ ବର୍ଷ ତଳେ ଆରମ୍ଭ କରନ୍ତି କୁଡୁମୁଲୁଗୁମ୍ମା ବ୍ଲକ୍ ଅନ୍ତର୍ଗତ ବଡ଼ପଦର ପଞ୍ଚାୟତର ଲାମ୍ବାସିଂ ଗ୍ରାମରେ ।

ଏହି ବିଦ୍ୟାଳୟକୁ ଯେଉଁ ପିଲାମାନେ ଆସନ୍ତି ସେମାନେ ଅଧିକାଂଶତଃ ଦିନବେଳେ କିଏ ଗାଈ ଚରାଏ ତ କିଏ ଛେଳି ଚରାଏ । ଆଉ କେହି ତା' ବାପା ସହ ଜମି କିମ୍ବା ଡଙ୍ଗରକୁ ଯାଏ ତ ଆଉ କେହି ନିଜ ଘରେ ସାନ ଭାଇ ଭଉଣୀକୁ ଦାୟୀତ୍ୱରେ ରଖେ । ଆଉ କିଛି ଝିଅ ପିଲା ଘରର ରନ୍ଧାବଢ଼ା, ଘର ଲିପାପୋଛା ଆଦି ଘରକାମରେ ଦିନବେଳରେ ବାପାମା'ଙ୍କୁ ସାହାଯ୍ୟ କରନ୍ତି । ଏହି ଦିନଯାକର ପରିଶ୍ରମକୁ ଭୂଲି ସନ୍ଧ୍ୟାରେ ଚାଲିଆସନ୍ତି ପିଲାଏ ସ୍କୁଲ ଘରକୁ । ବିଦ୍ୟାଳୟ ଆରମ୍ଭ ହୁଏ ଏକ ପ୍ରାର୍ଥନାରୁ । ମଝିରେ ଲଣ୍ଠନ ତିନି ଚାରୋଟି ରହେ ଏବଂ ପିଲାଏ ଗୋଟିଏ ରାଉଣ୍ଡରେ ବସନ୍ତି । ବିଦ୍ୟାଳୟରେ ପାଠପଢ଼ା ସହିତ ନିଜ ସମ୍ପ୍ରଦାୟର ଗୀତ, ନାଚ ଆଦି ମଧ୍ୟ ଚାଲେ । ଶିକ୍ଷୟିତ୍ରୀଙ୍କ ଛାତ୍ରଛାତ୍ରୀମାନଙ୍କ ସହିତ ସମ୍ପର୍କ ବେଶ୍ ନିବିଡ଼ । ପିଲାଏ ଶିକ୍ଷୟିତ୍ରୀଙ୍କୁ ଜଣେ ବନ୍ଧୁ ଭାବରେ ଦେଖନ୍ତି, ଏହା ବିଦ୍ୟାଳୟରେ ଜଣେ ଦେଖିଲେ ଅନୁଭବ କରିପାରିବ ।

ବିଦ୍ୟାଳୟଟି ସକାଳେ ଦୁଇଘଣ୍ଟା ଏବଂ ସନ୍ଧ୍ୟାରେ ଅଢ଼େଇ ଘଣ୍ଟା ଚାଲେ । ପ୍ରଥମେ ଗାଁ ଲୋକ ନିଜ ପରିଶ୍ରମ କରି ଏକ ବିଦ୍ୟାଳୟ ଗୃହ ନିଜ ପରିଶ୍ରମ ଦେଇ ତିଆରି କରିଥିଲେ । ଏବଂ ଏହି ଘରେ ବିଦ୍ୟାଳୟ କିଛି ବର୍ଷ ଚାଲିଲା । କିନ୍ତୁ ଏବେ ଲାମ୍ବା ସିଂ ଗ୍ରାମର ବ୍ଲକ୍ ତରଫରୁ ଅନୁଦାନ ପାଇ ଏକ

ପକ୍କା ଘର ଗୋଷ୍ଠୀ ଗୃହ ଭାବରେ ତିଆରି ହୋଇଛି । ଏବେ ସେଠାରେ ସନ୍ଧ୍ୟାରେ ବିଦ୍ୟାଳୟ ଚାଲେ ।

ଏହି ଅଞ୍ଚଳର ପିଲାମାନେ ନିଜର ଅସୁବିଧା ମେଣ୍ଟାଇବା ବା ଖାଇବା ଅନ୍ୱେଷଣ ପାଇଁ ନିଜେ କାମ କରିବାକୁ ବାଧ୍ୟ ହୋଇ କରନ୍ତି ତାହା ନୁହେଁ । ସେମାନଙ୍କର ପୂର୍ବଜଙ୍କ ତଥା ବାପା ମା'ଙ୍କ ପରମ୍ପରାର ଅଭ୍ୟାସରେ ସେମାନେ ଗାଈ ଛେଳି ଚରେଇବା,ଚାଷବାସ ସମୟରେ ବାପା, ମାଙ୍କ ସହ ଚାଷଜମିକୁ ଯିବା, ତଥା ଅନ୍ୟାନ୍ୟ କାର୍ଯ୍ୟ କରନ୍ତି । ନିଜର ପିତାମାତାଙ୍କ ସହ ମିଶି ସେମାନଙ୍କ କାର୍ଯ୍ୟରେ ସହଯୋଗ କରିଥାନ୍ତି । ସେମାନଙ୍କର ପରିବାରର ଆର୍ଥିକ ସ୍ୱଚ୍ଛଳତା ନଥିଲେ ମଧ୍ୟ ଆର୍ଥିକ ଅସୁବିଧାରେ ବାଧ୍ୟ ହୋଇ ପାଠ ବିଦ୍ୟାଳୟକୁ ନଯାଇ ଶିଶୁ ଶ୍ରମିକ ଭାବରେ ଏପରି କର୍ମ କରନ୍ତି, ତାହା ନୁହେଁ ।

ଏହି ବିଦ୍ୟାଳୟରେ ଯେ କେବଳ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ପିଲାଏ ପାଠ ପଢ଼ି ଆସୁଛନ୍ତି, ତାହା କେବଳ ନୁହେଁ । ଏହି ବିଦ୍ୟାଳୟରେ ଗ୍ରାମର ଚତୁର୍ଥରୁ ଷଷ୍ଠ ପଢୁଥିବା ଝିଅମାନେ ମଧ୍ୟ ପଢ଼ିବା ପାଇଁ ଆସୁଛନ୍ତି । ଏହି ଗ୍ରାମର ପ୍ରାୟ ୨ କି.ମି. ରେ ଏକ ସରକାରୀ ପ୍ରାଥମିକ ବିଦ୍ୟାଳୟ ରହିଛି । ପିଲାଏ ପ୍ରଥମେ ସେଠାକୁ କିଛି ଯାଉଥିଲେ, କିନ୍ତୁ ବିଦ୍ୟାଳୟରେ ଶିକ୍ଷକଙ୍କ ସମୟାନୁବର୍ତ୍ତିତା ନଥିବାରୁ ପିଲାଏ ବିଦ୍ୟାଳୟକୁ ଯାଉନାହାଁନ୍ତି ବୋଲି ଗ୍ରାମବାସୀମାନେ କହନ୍ତି ।

ଲାମ୍ବାସିଂ ଗ୍ରାମର ଏହି ବିକଳ୍ପ ଶିକ୍ଷାକେନ୍ଦ୍ରର ଏକ ଛୋଟ ଲାଇବ୍ରେରୀ ମଧ୍ୟ ରହିଛି । ଏଥିରେ ପ୍ରାୟ ପିଲାଙ୍କ ପାଇଁ ୫୦ରୁ ଉର୍ଦ୍ଧ୍ୱ ବହି ରହିଛି । ଏହି ଲାଇବ୍ରେରୀରୁ ପିଲାଏ ବେଳେ ବେଳେ ବହି ଇସ୍ୟୁ କରି ନିଅନ୍ତି । ବେଳେ ବେଳେ ଗାଁ ' ଲୋକ ମଧ୍ୟ ବହି ଇସ୍ୟୁ କରି ପଢ଼ିବା ପାଇଁ ନିଅନ୍ତି । ଏହା ସହିତ ଶିକ୍ଷୟିତ୍ରୀ ମଧ୍ୟ ବିଭିନ୍ନ ବହିରୁ ପିଲାଙ୍କୁ ପଢ଼ି ଶୁଣାନ୍ତି ।

ଏହି ଗ୍ରାମରେ ଶିକ୍ଷୟିତ୍ରୀ ରହିବା ପାଇଁ ଗ୍ରାମବାସୀ ନିଜର ପ୍ରଚେଷ୍ଟା ଏବଂ ଶ୍ରମ ଦେଇ ଏକ ରୁମ୍ ବିଶିଷ୍ଟ ଘର ତିଆରି କରିଦେଇଛନ୍ତି । ସେ ସକାଳେ ଗ୍ରାମ ବାହାରେ ଗାଁ'ଠାରୁ ଏକ କିଲୋମିଟର ଦୂରରେ ଥିବା ବିକାଶ ଗୃହକୁ ପିଲାଙ୍କୁ ଧରି ଚାଲନ୍ତି । ସେଠାରେ ସକାଳ ୭ଟାରୁ ୯ ପର୍ଯ୍ୟନ୍ତ ବିଦ୍ୟାଳୟ ଚାଲେ । ଉକ୍ତ ବିକାଶ ଗୃହର ଚାରିପଟେ ଏକ ସୁନ୍ଦର ବଗିଚା ରହିଛି । ଏଥିରେ ବିଭିନ୍ନ ଫୁଲଗଛ, ବିଭିନ୍ନ ପ୍ରକାର ଗଛ ଲାଗିବା ଯୋଗୁଁ ଏହି ବିକାଶ ଗୃହର ଶୋଭା ଆକର୍ଷିତ ହୋଇପାରିଛି । ଏହି ବଗିଚାର ରକ୍ଷଣାବେକ୍ଷଣ ଯଥା ପାଣି ଦେବା , ଗଛର ଯତ୍ନ ନେବା ଆଦି

ଶିକ୍ଷୟିତ୍ରୀ ଏବଂ ସ୍ଥାନୀୟ ମାଳିଙ୍କ ସହ ପିଲାଏ ମଧ୍ୟ କିଛି ସମୟ ବଗିଚା କାମ କରନ୍ତି । ସକାଳ ବେଳା ପାଠପଢ଼ା ସହ କିଛି ସମୟ ଦେଇ ଖେଳାଖେଳି ମଧ୍ୟ ପିଲାଏ କରନ୍ତି । ଏଥିପାଇଁ ବିଦ୍ୟାଳୟରେ ଫୁଟ୍‌ବଲ୍, ରିଂଙ୍ଗବଲ୍, ଦଉଡ଼ି ଡ଼ିଆଁ, ଇତ୍ୟାଦି ଖେଳସାମଗ୍ରୀ ରହିଛି ।

ଶିକ୍ଷୟିତ୍ରୀ ଯେ କେବଳ ପିଲାଙ୍କ ପାଠ ପଢ଼ିବାର ଦାୟୀତ୍ୱ ନିଅନ୍ତି ତାହା ନୁହେଁ, ସେ ଗ୍ରାମର ଅନ୍ୟାନ୍ୟ ବିଷୟରେ ମଧ୍ୟ ସଂଶ୍ଳିଷ୍ଟ । ଲାମ୍ବାସିଂ ଗ୍ରାମରେ ମହିଳାମାନଙ୍କୁ ନେଇ ଦୁଇଟି ଏସ୍.ଏସ୍.ଜି. ସଂଗଠନ ଅଛି । ଏହାର ଦାୟୀତ୍ୱ ମଧ୍ୟ ସେ ନେଇଛନ୍ତି । ଏହି ସଂଗଠନରେ ସେମାନଙ୍କର ନିଜର ଆର୍ଥିକ ଜମା ମଧ୍ୟ ରଖୁଛନ୍ତି । ଏହା ସହିତ ଗ୍ରାମର ଏକ ଗୋଷ୍ଠୀ ପାଣ୍ଠି ରହିଛି । ଏହା କୁଟୁମ୍ବ ପାଣ୍ଠି ଭାବରେ ନାମିତ । ଗ୍ରାମର କୌଣସି ବ୍ୟକ୍ତି ଦରକାର ବେଳେ ଏହି କୁଟୁମ୍ବ ପାଣ୍ଠିରୁ ଋଣ ଭାବରେ ନିଅନ୍ତି ଏବଂ ତାଙ୍କର ଅମଳ ସମୟରେ ବା ଆର୍ଥିକ ସ୍ୱଚ୍ଛଳ ହେଲେ ପୁଣି କୁଟୁମ୍ବ ପାଣ୍ଠିକୁ ଫେରାଇ ଦିଅନ୍ତି । ଏହାର ଦାୟୀତ୍ୱ ଗ୍ରାମବାସୀମାନେ ହିଁ ବୁଝନ୍ତି । ଏହାର ବୁଝିବାରେ ମଧ୍ୟ ଗ୍ରାମବାସୀଙ୍କୁ ଶିକ୍ଷୟିତ୍ରୀ ସହାୟତା କରନ୍ତି । ଗ୍ରାମରେ ଏକ ଗ୍ରାମ୍ୟ ଶିକ୍ଷା କମିଟି ରହିଛି । ଏହା କମିଟି ଗ୍ରାମର ସମସ୍ତ ପାଠ୍ୟଯୋଗ୍ୟ ପିଲାଙ୍କୁ ବିଦ୍ୟାଳୟକୁ ପଠେଇବା ପାଇଁ ଗ୍ରାମବାସୀଙ୍କୁ ବୁଝାଉଛନ୍ତି । ଏହା ସହିତ ସ୍କୁଲର ଭଲମନ୍ଦ ବୁଝୁଛନ୍ତି । ଏହି କମିଟି ଜରିଆରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ନିଜର ଦରମା ମଧ୍ୟ ପାଉଛନ୍ତି । ପ୍ରତିମାସର ଗୋଟିଏ ଦିନ ବିଦ୍ୟାଳୟରେ ପିଲାମାନଙ୍କର ସ୍ବାସ୍ଥ୍ୟ ପରୀକ୍ଷା କରାଯାଏ । ଏଠାକୁ ନିକଟସ୍ଥ ଚିତ୍ରକୋଣ୍ଡା ଚିକିତ୍ସାଳୟର ଜଣେ ଡାକ୍ତର ଆସି ପିଲାମାନଙ୍କ ସ୍ବାସ୍ଥ୍ୟ ପରୀକ୍ଷା କରନ୍ତି ଏବଂ ଦରକାରୀ ଔଷଧପତ୍ର ଦିଅନ୍ତି ।

ଗ୍ରାମର ସମସ୍ତ ପ୍ରକାର ସଭାରେ ଶିକ୍ଷୟତ୍ରୀଙ୍କ ଡକାଯାଏ । ଗ୍ରାମବାସୀ ଶିକ୍ଷୟିତ୍ରୀଙ୍କ ମତାମତକୁ ମଧ୍ୟ ଗୁରତ୍ୱ ଦିଅନ୍ତି । ଗ୍ରାମର ସମସ୍ତ ପ୍ରକାର ଆଲୋଚନାରେ ମଧ୍ୟ ଶିକ୍ଷୟିତ୍ରୀ ଭାଗ ନିଅନ୍ତି ।

ଏହି ଗ୍ରାମର ଲୋକେ ପ୍ରଥମେ ସାବୁନ୍ ଗ୍ରାମରେ ରହୁଥିଲେ । ଏହି ଅଞ୍ଚଳ ମାଛକୁଣ୍ଡ ଜଳ ଭଣ୍ଡାରର ବୁଡ଼ି ଅଞ୍ଚଳ ହେବାରୁ ସେଠାରୁ ବିସ୍ଥାପିତ ହୋଇ ଆଜି ଜୋଡ଼ାମ୍ବା ପଞ୍ଚାୟତର କୁନ୍ତୁରୁପଦର ଗ୍ରାମରେ ବସବାସ କଲେ । କିନ୍ତୁ ଏହାର କିଛିବର୍ଷ ପରେ ବାଲିମେଳା ହାଇଡ୍ରୋ ପ୍ରୋଜେକ୍ଟ କାର୍ଯ୍ୟ ଆରମ୍ଭ ହେଲା, କୁନ୍ତୁରୁପଦର ମଧ୍ୟ ବୁଡ଼ି ଅଞ୍ଚଳ ହେବାରୁ ସେଠାରୁ ବିସ୍ଥାପିତ ହୋଇ ୧୯୭୦ ମସୀହାରୁ

ଲାମ୍ବାସିଂ ଗ୍ରାମରେ ଆସି ରହିଛନ୍ତି । ଉକ୍ତ ଅଞ୍ଚଳର ଯେଉଁମାନେ ନିଜର ଜମିଜମା ବାବଦୀୟ କାଗଜପତ୍ର ଥିଲା, ସେମାନେ ଲାମ୍ବାସିଂ ଆଖପାଖ ଅଞ୍ଚଳରେ ୫ ଏକର ଲେଖାଁଏ ପ୍ରତି ପରିବାର ଜମି ପାଇଲେ । ଏହା ସହିତ ୫୦୦ ଟଙ୍କା ପାଇଲେ । ଆଉ ଯେଉଁମାନଙ୍କର କିଛି ଦସ୍ତାବିଜ ନଥିଲା, ସେମାନେ କୁଆଡ଼େ ଗଲେ ଗ୍ରାମବାସୀମାନଙ୍କ ପାଖରେ ସେମାନଙ୍କର କୌଣସି ଉତ୍ତର ନାହିଁ । ଲାମ୍ବାସିଂ ଗ୍ରାମରୁ କିଛି ବର୍ଷ ତଳେ ଇଲେକ୍ଟ୍ରିସିଟି ଆସିଥିଲା । କିନ୍ତୁ କିଛି ଦୁର୍ବୃତ୍ତ ଇଲେକ୍ଟ୍ରି ତାରକୁ କାଟି ନେଇଯିବା ପରେ ଗ୍ରାମରେ ଇଲେକ୍ଟ୍ରି ବଲ୍‌ବ ଜଳିବା ବନ୍ଦ ହୋଇଯାଇଛି । ଏହି ଅଞ୍ଚଳର ଲୋକେ ନିଜ ଭିଟାମାଟି ବାଲିମେଳା ପାୱାର୍ ପ୍ରୋଜେକ୍ଟ ପାଇଁ ଦେଇଥିଲେ ମଧ୍ୟ ସେମାନେ ଅନ୍ଧକାରରେ ଆଜି ରହୁଛନ୍ତି । ଏହି ଦୃଷ୍ଟିରୁ ସେମାନଙ୍କ ମନରେ ଅନୁସଚନା ମଧ୍ୟ ନାହିଁ । ଏହି ଦୃଷ୍ଟିରୁ ପ୍ରତ୍ୟେକ ପିଲାଙ୍କ ପିତାମାତା ପ୍ରତି ପିଲାପିଛା ୨ଟଙ୍କା ଲେଖାଏଁ ମାସକୁ ଦିଅନ୍ତି । ଏହି ଟଙ୍କାରେ ଶିକ୍ଷୟିତ୍ରୀ ନିଜର ବିଦ୍ୟାଳୟ ପାଇଁ କିରୋସିନି କିଣନ୍ତି । ବେଳେ ବେଳେ ଦରକାର ବେଳେ ନିଜ ତରଫରୁ ମଧ୍ୟ କିଛି ଟଙ୍କା ମିଶାଇ କିରୋସିନି ପାଇଁ ଖର୍ଚ୍ଚ କରନ୍ତି ।

ଶିକ୍ଷୟିତ୍ରୀ ରୁକ୍ମିଣୀ ସ୍କୁଲ ଜୀବନ ଆରମ୍ଭ କରିଥିଲେ ଗିରିପେଟା ପ୍ରାଇମେରୀ ବିଦ୍ୟାଳୟରେ । ଏହା ପରେ ସେ ଅପନ୍ନାମାଲା ହାଇସ୍କୁଲରେ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଲେ । ଏହି ସମୟରେ ଏକଦା ଗୌରାଙ୍ଗ କୁମାର କର, ଯିଏକି ଚଳିତବର୍ଷ ରାଷ୍ଟ୍ରପତିଙ୍କ ଦ୍ୱାରା କୃତିଶିକ୍ଷକ ଭାବରେ ପୁରସ୍କୃତ ହୋଇଛନ୍ତି, ତାଙ୍କର ପ୍ରେରଣାରେ ସେ ମୋଡ୍ ନାମକ ଏକ ଅନୁଷ୍ଠାନର ସାହାଯ୍ୟରେ ସେ ଲାମ୍ବାସିଂ ଗ୍ରାମରେ ନିଜର ଶିକ୍ଷକତା ଆରମ୍ଭ କରିଥିଲେ ।

ଉକ୍ତ ଗ୍ରାମରେ ଶିକ୍ଷକତା ଆରମ୍ଭ ହେବାର କିଛି ବର୍ଷପରେ ଗ୍ରାମରେ ଏହି ରାତିସ୍କୁଲରେ ପିଲାଏ ପାଠପଢ଼ି ସରକାରଙ୍କ ଦ୍ୱାରା ପରିଚାଳିତ ଆଶ୍ରମ ବିଦ୍ୟାଳୟକୁ ପଢ଼ିବାକୁ ଗଲେ । ଏବେ ପ୍ରାୟ ୭ରୁ ୮ ଜଣ ଛାତ୍ରଛାତ୍ରୀ ବିଭିନ୍ନ ଆଶ୍ରମ ବିଦ୍ୟାଳୟରେ ରହି ପାଠପଢୁଛନ୍ତି ।

ମାଲକାନଗିରି ପରି ପଛୁଆ ଅଞ୍ଚଳରେ କୁମାରୀ ରୁକ୍ମିଣୀ ଯେ ପିଲାଙ୍କୁ ବିଦ୍ୟାଳୟକୁ ଆଣିପାରିଛନ୍ତି ଏବଂ ପାଠପଢ଼ା ପ୍ରତି ଆଗ୍ରହ ଜନ୍ମାଇଛନ୍ତି, ତାହା ତାଙ୍କର ଶିକ୍ଷାପ୍ରତି ଏବଂ ନିଜ ଜାତି ପ୍ରତି କର୍ତ୍ତବ୍ୟ ଓ ଅଙ୍ଗୀକାରବଦ୍ଧତାକୁ ବୁଝାଇଥାଏ ।

ସେପ୍ଟେମ୍ବର, ୨୦୦୪

□□□

# ମରାଠିଗୁଡ଼ା ଉନ୍ନୀତ ମଧ୍ୟ ଇଂରାଜୀ ବିଦ୍ୟାଳୟ

ଗତ ଦୁଇବର୍ଷ ତଳେ ରାୟଗଡ଼ା ଜିଲ୍ଲାର ଗୁଣୁପୁର ସହର ନିକଟସ୍ଥ ମରାଠିଗୁଡ଼ା ୟୁ.ଜି.ଏମ୍.ଇ ବିଦ୍ୟାଳୟ ଅନେକ ସମ୍ବାଦପତ୍ରର ପୃଷ୍ଠା ମଣ୍ଡନ କରିଥିଲା । ବିଷୟଟି ଥିଲା "ବିପଦ ସଂକୁଳ ଅବସ୍ଥାରେ ମରାଠିଗୁଡ଼ା ୟୁ.ଜି.ଏମ୍. ଇ. ବିଦ୍ୟାଳୟ'' , "ଖୋଲା ଆକାଶ ତଳେ ପିଲା ପଢ଼ିବେ କେମିତି ''. ଶ୍ରେଣୀଗୃହର ଛପର ନାହିଁ : ପିଲା ପଢ଼ିବେ କେଉଁଠି ?'' ...। ସ୍କୁଲ ଗୃହର ଭଙ୍ଗାରୁଜା ଗୃହର ଫଟୋ ସହିତ ଖବର ସମ୍ବାଦପତ୍ରଗୁଡ଼ିକରେ ସ୍ଥାନ ପାଇଥିଲା । ଗତ ଦୁଇବର୍ଷ ମଧ୍ୟରେ ଏହି ବିଦ୍ୟାଳୟର ଆକାଶପାତାଳ ପରିବର୍ତ୍ତନ ହୋଇଛି । ବିଦ୍ୟାଳୟ ପରିସର ମଧ୍ୟରେ ଅନେକ କୋଠାଗୃହ ତିଆରି ହୋଇଛି । ଶିକ୍ଷାର୍ଥୀମାନଙ୍କ ପାଇଁ ବିଦ୍ୟାଳୟ ଗୃହ ବ୍ୟତୀତ, ଶିକ୍ଷାର୍ଥୀମାନଙ୍କ ପାନୀୟ ଜଳ ଓ ଟ୍ୟାପ୍ ବ୍ୟବସ୍ଥା , ପରିସ୍ରାଗାର ଏବଂ ଏଥିରେ ଜଳଯୋଗାଣ ପାଇଁ ଟ୍ୟାପ୍ ବ୍ୟବସ୍ଥା,ବିଦ୍ୟାଳୟରେ ସ୍ୱତନ୍ତ୍ର ଅଫିସ ଗୃହ, ଟି.ଏଲ୍.ଏମ୍ ଓ ବିଜ୍ଞାନ ଆସବାବପତ୍ର ପାଇଁ ସ୍ୱତନ୍ତ୍ର ଗୃହ, ଭିନ୍ନକ୍ଷମ ଶିକ୍ଷାର୍ଥୀଙ୍କ ପାଇଁ ଟି.ଏଲ୍.ଏମ ଓ ସାଧନ କେନ୍ଦ୍ର (ଆଇ.ଇ.ଡ଼ି କେନ୍ଦ୍ର) ରହିଛି । ବିଦ୍ୟାଳୟ ପରିସର ମଧ୍ୟରେ ୪୦ଟି ଆଦିବାସୀ ଝିଅ, ଯେଉଁମାନେ ପୂର୍ବରୁ ପାଠ ପଢ଼ିନାହାନ୍ତି କିମ୍ବା ଅଧାରୁ ପାଠ ଛାଡ଼ିଛନ୍ତି, ସେମାନଙ୍କ ପାଇଁ ଏକ ବ୍ରିଜ୍ କୋର୍ସ ସେଣ୍ଟର ଆରମ୍ଭ ହେବାକୁ ଯାଉଛି ଏବଂ ଏହି ଝିଅମାନେ ପ୍ରାୟ ବର୍ଷେ ବିଦ୍ୟାଳୟ ପରିସରରେ ଥିବା ଗୃହରେ ରହିବେ ଏବଂ ପାଠ ପଢ଼ିବେ । ବିଦ୍ୟାଳୟ ପାଇଁ କମ୍ପ୍ୟୁଟର ବ୍ୟବସ୍ଥା ହୋଇଛି । ଗତ ଦୁଇବର୍ଷ ମଧ୍ୟରେ ଏହି ବିଦ୍ୟାଳୟର ଉନ୍ନତିରେ ଆକାଶ ପାତାଳରେ ପରିବର୍ତ୍ତନ ହୋଇଛି ବୋଲି ଏହି ଅଞ୍ଚଳର ଜନସାଧାରଣ କହନ୍ତି ।

ବିଦ୍ୟାଳୟର ଭିତ୍ତିଭୂମି .ଦୃଷ୍ଟିରୁ କେବଳ ପରିବର୍ତ୍ତନ ହୋଇନାହିଁ, ଏହି ବିଦ୍ୟାଳୟ ଗୁଣାତ୍ମକ ଦୃଷ୍ଟିରୁ ମଧ୍ୟ ଯଥେଷ୍ଟ ଉନ୍ନତି କରିଛି ।

ଗୁଣୁପୁର ଉପଖଣ୍ଡର ଗତ ବର୍ଷ ଏନ୍.ଆର୍.ଟି.ଏସ୍ ବୃତ୍ତି ଏହି ବିଦ୍ୟାଳୟରୁ ହିଁ ୬ ଜଣ ଛାତ୍ରଛାତ୍ରୀ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି ।

ଗୁଣୁପୁର ସବ୍-ଡିଭିଜନ୍‌ର ଏକମାତ୍ର ସରକାରୀ ବିଦ୍ୟାଳୟ, ଯେଉଁ ବିଦ୍ୟାଳୟରେ ୫୦୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ପଢୁଛନ୍ତି ଏବଂ ସେଥିରୁ ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ଆଦିବାସୀ ଓ ହରିଜନ ସଂପ୍ରଦାୟର ।

ମରାଠିଗୁଡ଼ା ବିଦ୍ୟାଳୟ କୋରାପୁଟ ଜିଲ୍ଲା ମଣ୍ଡଳ କ୍ଷେତ୍ରରେ ମଧ୍ୟ ବେଶ୍ ସୁନାମ ଅର୍ଜନ କରିଛି । ଉକ୍ତ ବିଦ୍ୟାଳୟରୁ ଜଣେ ଛାତ୍ର ଗତ ବର୍ଷ କୋରାପୁଟ

ମଣ୍ଡଳର ପ୍ରଥମ ଦଶଜଣଙ୍କ ମଧ୍ୟରେ ସ୍ଥାନ ପାଇଥିଲା ଏବଂ ରାୟଗଡ଼ା ଓ ଗୁଣୁପୁର ଶିକ୍ଷା ଜିଲ୍ଲାରେ ଏହି ବିଦ୍ୟାଳୟର ଛାତ୍ର ପ୍ରଥମ ସ୍ଥାନ ଅଧିକାର କରିଥିଲେ ।

ଏହି ବିଦ୍ୟାଳୟ ତରଫରୁ ଓଡ଼ିଶା ଗ୍ରାମୀଣ ଗଣିତ ଅଲମ୍ପିୟାଡ୍‌ରେ ଶିଶୁମାନେ ଭାଗ ନେଉଛନ୍ତି ଏବଂ କିଛି ବର୍ଷ ଧରି ଏହି ବିଦ୍ୟାଳୟର ଛାତ୍ରଛାତ୍ରୀ ନିୟମିତ ଭାବରେ କୃତିତ୍ୱ ଲାଭ କରୁଛନ୍ତି ।

ଗୁଣୁପୁର ବ୍ଲକ୍‌ର ରେଗଡ଼ା ପଞ୍ଚାୟତ ପରିସରରେ ଥିବା ଏହି ପଞ୍ଚାୟତ ବିଦ୍ୟାଳୟ, ପଞ୍ଚାୟତ ସମିତି ତରଫରୁ ଗତ ବର୍ଷ ଅନୁଷ୍ଠିତ ପଞ୍ଚାୟତ ସ୍ତରୀୟ ପ୍ରତିଯୋଗିତାରେ ମଧ୍ୟ ଏହି ବିଦ୍ୟାଳୟର ଛାତ୍ରଛାତ୍ରୀ ଶତକଡ଼ା ୭୫ ଭାଗ ପୁରସ୍କାର ପାଇଥିଲେ ।

ଅନୁରୂପ ସ୍ଥିତିର ପରିବର୍ତ୍ତନ ପାଇଁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଭୂମିକା ରହିଛି, କିନ୍ତୁ ସର୍ବାଗ୍ରେ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ସାହୁଙ୍କର ଏହି ସବୁ ସମ୍ମାନ ପାଇବା ପାଇଁ ହକଦାର ।

ଗତ ଦୁଇବର୍ଷ ଧରି ଏହି ବିଦ୍ୟାଳୟର ବାର୍ଷିକ ଉତ୍ସବ ଅତି ଜାକଜକମରେ ପାଳିତ ହେଉଛି । ଏହି ବିଦ୍ୟାଳୟ ତରଫରୁ କ୍ରୀଡ଼ା ପ୍ରତିଯୋଗିତା, ଶିଶୁମାନଙ୍କ ମଧ୍ୟରେ ତର୍କ ପ୍ରତିଯୋଗିତା ଏହିଭଳି ଅନେକ କାର୍ଯ୍ୟକ୍ରମ କରାଯାଉଛି ଏବଂ ୧୭୦ରୁ ୧୮୦ ଜଣ ଛାତ୍ରଛାତ୍ରୀଙ୍କୁ କ୍ରୀଡ଼ା କ୍ଷେତ୍ରରେ, ତର୍କ ତଥା ବିଭିନ୍ନ ପ୍ରତିଯୋଗିତା ମାଧ୍ୟମରେ, ଶିଶୁମାନଙ୍କ ନିଜ ନିଜର ଭିନ୍ନ ଭିନ୍ନ ଗୁଣଗୁଡ଼ିକର ଦକ୍ଷତାକୁ ସ୍ୱୀକାର କରିବା ଏବଂ ଉତ୍ସାହିତ କରିବା ପାଇଁ ପୁରସ୍କୃତ କରାଯାଉଛି ।

ବିଦ୍ୟାଳୟର ଛାତ୍ରଛାତ୍ରୀ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇ କୃତିତ୍ୱ ହାସଲ କରି ଆସୁଛନ୍ତି ।

ଏହି ବିଦ୍ୟାଳୟକୁ ଗତ ଦୁଇବର୍ଷ ମଧ୍ୟରେ ଅନେକ ବିଶିଷ୍ଟ ବ୍ୟକ୍ତି ମଧ୍ୟ ଭ୍ରମଣରେ ଆସିଛନ୍ତି । ସେମାନଙ୍କ ମଧ୍ୟରେ 'ସମ୍ବାଦ'ର ସଂପାଦକ ଶ୍ରୀଯୁକ୍ତ ସୌମ୍ୟରଞ୍ଜନ ପଟ୍ଟନାୟକ, ଜିଲ୍ଲା ମଣ୍ଡଳାଧିକାରୀ, ପୂର୍ବତନ ପାରଳାଖେମୁଣ୍ଡି ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ କୁମାର ମିଶ୍ର, ଜିଲ୍ଲା ପରିଷଦ ଚେୟାରମ୍ୟାନ ତଥା ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ବିଦ୍ୟାଳୟର ଭ୍ରମଣରେ ଆସିଛନ୍ତି ଏବଂ ବିଦ୍ୟାଳୟର କାର୍ଯ୍ୟକ୍ରମ ଦେଖି ପ୍ରଶଂସା କରିଛନ୍ତି । କମ୍ ଅବଧି ମଧ୍ୟରେ ଶିକ୍ଷାକେନ୍ଦ୍ରଟି ଗୁଣୁପୁର ଅଞ୍ଚଳ ତଥା ନିକଟସ୍ଥ ଅଞ୍ଚଳରେ ଏକ ମଡ଼େଲ୍ ଶିକ୍ଷାକେନ୍ଦ୍ର ଭାବରେ ମାନ୍ୟତା ପାଇବାର ଯୋଗ୍ୟତା ଲାଭ କରିଛି ।

ଏହି ବିଦ୍ୟାଳୟରେ ବିଶ୍ୱ ଯକ୍ଷ୍ମା ଦିବସ, ମ୍ୟାଲେରିଆ ଉପରେ ସଚେତନତା ନେଇ ଆଲୋଚନା ଓ ର୍‍ୟାଲି, ସହର ଟ୍ରାଫିକ୍ ଉପରେ ର୍‍ୟାଲି, ବୃକ୍ଷରୋପଣ ଆଦି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିଶୁମାନେ ଭାଗ ନେଇଥାଆନ୍ତି ଏବଂ ମହାପୁରୁଷଙ୍କ ଜନ୍ମଦିନ, ଜାତୀୟ ଦିବସ, ଏବଂ ସଚେତନତା ଦିବସରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦ୍ୱାରା କିମ୍ବା ବାହାରୁ ନିମନ୍ତ୍ରିତ ବ୍ୟକ୍ତିଙ୍କ ନେଇ ଆଲୋଚନା କରାଯାଇଥାଏ । ଏହିସବୁ କାର୍ଯ୍ୟକ୍ରମ ହେଉଥିଲେ ମଧ୍ୟ ଛାତ୍ରଛାତ୍ରୀମାନଙ୍କ ପାଠପଢ଼ାରେ ଅନ୍ତରାୟ ସୃଷ୍ଟି କରିନଥାନ୍ତି ।

ବିଦ୍ୟାଳୟରେ ପ୍ରାଥମିକ ସ୍ତରରେ କମ୍ ଛାତ୍ରଛାତ୍ରୀ ଥିବା ବେଳେ ଉଚ୍ଚ ଶ୍ରେଣୀରେ ଅଧିକ ଛାତ୍ର ଛାତ୍ରୀ ଅଛନ୍ତି ।

ବିଦ୍ୟାଳୟର ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମ ମହିଳା ସଂଗଠନ "ଗଣତନ୍ତ୍ର ନାରୀ ସଂଘ'' ବୁଝୁଛନ୍ତି । ମହିଳା ସଂଗଠନର କାର୍ଯ୍ୟକ୍ରମ ସୁରୁଖୁରରେ ଚଳେଇବା ପାଇଁ ପ୍ରଧାନ ଶିକ୍ଷକ ଦୁଇଜଣ ଶିକ୍ଷକ /ଶିକ୍ଷୟିତ୍ରୀଙ୍କୁ ସହଯୋଗ କରିବା ପାଇଁ ଦାୟିତ୍ୱ ଦେଇଛନ୍ତି ।

ପ୍ରଧାନ ଶିକ୍ଷକଙ୍କ ପରିଚାଳନା ଦକ୍ଷତା ପାଇଁ ହିଁ ଆଜି ବିଦ୍ୟାଳୟର ଗୁଣାତ୍ମକ ଓ ଭିତ୍ତିଭୂମି ବିକାଶ ହୋଇଛି ବୋଲି ଏହି ଅଞ୍ଚଳର ଅଧିବାସୀ, ଅଭିଭାବକ . ଶିକ୍ଷାବିତ୍ କହନ୍ତି ।

ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ସାହୁଙ୍କ ସହ ଆଲୋଚନା ବେଳେ ପରିଚାଳନାରେ ତାଙ୍କର ଏତେ ସୁନ୍ଦର ଦକ୍ଷତା ରହିଛି, ତାହା ଆଲୋଚନା ବେଳେ ବାରି ହୋଇପଡୁଥିଲା । ସେ ବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକ୍ରମକୁ ଭାଗ ଭାଗ କରି ଦେଇଥାଆନ୍ତି, ଏବଂ ଯେଉଁ ଶିକ୍ଷକ ଶିକ୍ଷୟିତ୍ରୀଙ୍କର ଦକ୍ଷତା ଓ ଆଗ୍ରହ ଅନୁଯାୟୀ ଦୁଇ ତିନିଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଦାୟିତ୍ୱ ଦେଇଥାଆନ୍ତି ଏବଂ ନିଜେ ସଂଯୋଜକ ଭାବରେ ତଦାରଖ କରିଥାଆନ୍ତି ବୋଲି ମତ ଦେଇଥିଲେ । ଜଣେ ଶିକ୍ଷୟିତ୍ରୀ କହିଥିଲେ ଯେ, ପ୍ରଧାନ ଶିକ୍ଷକ ଯେଉଁ କାର୍ଯ୍ୟ ଦିଅନ୍ତି, ପ୍ରତି ମୁହୂର୍ତ୍ତରେ ଏହି କାର୍ଯ୍ୟ ହେଉଛି କି ନାହିଁ, କେତେଦୂର ଅଗ୍ରଗତି କରିଛି ଏବଂ କ'ଣ କ'ଣ ବାଧା ଉପୁଜୁଛି, ତଦାରଖ କରିଥାଆନ୍ତି । ଫଳରେ ବିଦ୍ୟାଳୟର କାର୍ଯ୍ୟକ୍ରମଗୁଡ଼ିକ ସୁରୁଖୁରୁରେ ଅନୁଷ୍ଠିତ ହୋଇଥାଏ । ବିଦ୍ୟାଳୟ ପରିଚାଳନାରେ କେବଳ ପରିଚାଳନାଗତ ଦକ୍ଷତା ରହିନାହିଁ, ଗୁଣୁପୁର ଅଞ୍ଚଳର ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ, ସାହିତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ମଧ୍ୟ ଏହି ବ୍ୟକ୍ତି ନିଜକୁ ସାମିଲ କରିଆସୁଛନ୍ତି ।

ଶ୍ରୀଯୁକ୍ତ ସାହୁ ସତ୍ୟସାଇ ସେବା ସମିତିର ଆବାହକ ଭାବରେ ନିଜର କାର୍ଯ୍ୟ ମଧ୍ୟ ତୁଲାଉଛନ୍ତି । ସତ୍ୟସାଇ ସେବା ସମିତି ତରଫରୁ ଗୁଣୁପୁର ଜେଲ୍‌ର ଥିବା ଅନ୍ତେବାସୀଙ୍କ ମଧ୍ୟରେ ସଂସ୍କାର ଆଣିବା ପାଇଁ ଭଜନ ଓ ସଂଗୀତ ସମାରୋହ, ମାଗଣା ସ୍ୱାସ୍ଥ୍ୟ ସେବା ଓ ଫଳବଣ୍ଟନ ଇତ୍ୟାଦି କାର୍ଯ୍ୟକ୍ରମ କେତେକ ସ୍ୱତନ୍ତ୍ର ଦିନରେ ହୋଇଥାଏ । ଏହା ସହିତ ଗୁଣୁପୁର ବିଭିନ୍ନ ଗ୍ରାମୀଣ ଆଭ୍ୟନ୍ତରୀଣ ଅଞ୍ଚଳରେ ଚକ୍ଷୁ ସେବା, ଅନାଥ ଆଶ୍ରମରେ ଖାଦ୍ୟ ଓ ପୋଷାକ ବଣ୍ଟନ ଏହିଭଳି ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି, ଏହି କାର୍ଯ୍ୟକ୍ରମରେ ସକ୍ରୀୟ ଭୂମିକା ରହିଛି ।

ଗୁଣୁପୁର ଅଞ୍ଚଳର ସଂସ୍କୃତିକୁ ବଞ୍ଚେଇବା ପାଇଁ ଏବଂ ସଂସ୍କୃତିର ବିକାଶ ପାଇଁ ମଧ୍ୟ ଶ୍ରୀ ସାହୁ ଯଥାସାଧ୍ୟ ଉଦ୍ୟମ ରଖିଛନ୍ତି । ସମୟ ଥିଲା ବଂଶଧାରା ସାହିତ୍ୟ ସଂସଦ ସାରା ଓଡ଼ିଶାରେ ସାହିତ୍ୟର ଓ ସଂସ୍କୃତିର ବିକାଶ କ୍ଷେତ୍ରରେ ବେଶ୍ ଚର୍ଚ୍ଚାର ପରିସରକୁ ଆସିଥିଲା । ବଂଶଧାରା ସାହିତ୍ୟ ସମାଜର ମୁଖପତ୍ର "ବଂଶଧାରା"ର ସଂପାଦନା ମଣ୍ଡଳୀରେ ଶ୍ରୀଯୁକ୍ତ ସାହୁ ବହୁ ବର୍ଷ ଧରି ରହିଥିବା ସହିତ ସଂପାଦକ ଦାୟିତ୍ୱ ତୁଲାଇ ଆସୁଛନ୍ତି । ଏଥିସହିତ ଗୁଣୁପୁର ଶିକ୍ଷା ଜିଲ୍ଲା ତରଫରୁ ପ୍ରକାଶିତ 'ଅଭୀପ୍‌ସା'ର ମୁଖପତ୍ରର କେତୋଟି ସଂଖ୍ୟାର ସଂପାଦନ ମଣ୍ଡଳୀରେ ମଧ୍ୟ ଅଛନ୍ତି ।

୧୯୮୦-୯୦ ଦଶକ ମଧ୍ୟରେ ଅନେକ ଥର ଜୟପୁର ଆକାଶବାଣୀ କେନ୍ଦ୍ରରେ ଯାଇ ଅନେକ ବାର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆକାଶବାଣୀରେ ବକ୍ତୃତା ଦେଇଛନ୍ତି ଏବଂ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଛନ୍ତି ।

ଶିକ୍ଷକତା ସହିତ ଅନେକ କାର୍ଯ୍ୟରେ ସଂପୃକ୍ତି ଥିଲେ ମଧ୍ୟ ସେ ବିଦ୍ୟାଳୟକୁ ହିଁ ଅଧିକ ଗୁରୁତ୍ୱ ଦେଇଛନ୍ତି । ସେ ସକାଳ ସାଢ଼େ ନଅରୁ ସାଢ଼େ ଚାରି ପର୍ଯ୍ୟନ୍ତ ବିଦ୍ୟାଳୟ ପ୍ରତି ଗୁରୁତ୍ୱ ଦେଇଥାଆନ୍ତି । ଏତଦ୍‌ବ୍ୟତୀତ ଅନ୍ୟ ସମୟରେ ବିଦ୍ୟାଳୟ ପାଇଁ ଜରୁରୀ କାମ ବେଳେ ସମୟ ଦେଇଥାଆନ୍ତି ।

ତାଙ୍କର ଶିକ୍ଷକତା ଜୀବନ ଆରମ୍ଭ ହୁଏ ପୁଟାସିଂ ନିକଟସ୍ଥ ପୁରା ଗ୍ରାମରେ । ଏହି ଅଞ୍ଚଳ ବର୍ତ୍ତମାନ ମଧ୍ୟ ଏକ ଦୁର୍ଗମ ଅଞ୍ଚଳ ଭାବରେ ବେଶ୍ ଜଣାଶୁଣା । ୧୯୭୨ ମସିହାରେ ଏହି ଅଞ୍ଚଳଟି କିଭଳି ଥିବ, ତାହା ସହଜରେ ଅନୁମେୟ । ତଥାପି ଗୁଣୁପୁର ସହରର ପୁଟାସିଂରେ କାର୍ଯ୍ୟରତ କେତେକ ଯୁବ ଶିକ୍ଷକ ସୋମବାର ଦିନ ସାଇକେଲରେ ୨୦ କି.ମି. ଯାଆନ୍ତି, ସେଠାରେ ୪ଦିନ ରହନ୍ତି ଏବଂ ଶୁକ୍ରବାର ଦିନ ଗୁଣୁପୁର ଫେରନ୍ତି । ପୁଟାସିଂଠାରେ ରହି ନିଜ ନିଜର ବିଦ୍ୟାଳୟ ୪ ରୁ ୫ କି.ମି. ଦୂର ବିଦ୍ୟାଳୟକୁ ଚାଲିକରି ଯାଇ ସନ୍ଧ୍ୟାରେ ଫେରନ୍ତି । ବିଦ୍ୟାଳୟର

ଶିକ୍ଷକମାନଙ୍କ ରହିବା ପାଇଁ ଅନ୍ତତଃ ବାସଗୃହ ଯୋଗାଇ ଦେଉଥିଲେ ଅନେକ ସମସ୍ୟା ସୁଧୁରି ଯାଆନ୍ତା ବୋଲି ସେ ମତ ଦିଅନ୍ତି । । ଶିକ୍ଷକତାକୁ ବାଛି ନେବା ସମ୍ପର୍କରେ ନିଜର ମତ ଦେଇ କହନ୍ତି ଯେ, "ମୋ ପିତା ଜଣେ ଶିକ୍ଷକ ଥିଲେ । ମୁଁ ଭଲ ପାଠ ପଢୁଥିଲି । ମ୍ୟାଟ୍ରିକ ପରେ ଆର୍ଥିକ ଅଭାବ ହେତୁ ମୁଁ ଶିକ୍ଷକତାକୁ ଆଦରି ନେଲି । ସେ ସମୟରେ ଶିକ୍ଷକ ଭାବରେ ନିଯୁକ୍ତି ହେବା ଏକ ପୁଣ୍ୟ କାମ ଥିଲା । ଆମର ଯେଉଁମାନେ ଉଚ୍ଚ ପଦାଧିକାରୀ / ଶିକ୍ଷା ପରିଦର୍ଶକ ଆଦି ରହୁଥିଲେ, ସେମାନେ ବିଚାରବନ୍ତ ଓ ଜ୍ଞାନରେ ନିପୁଣ ଥିଲେ - ଆମକୁ ନାଲି ଆଖି ଦେଖାଉଥିଲେ ଏବଂ ଭୁଲ ଭଟକା ହେଲେ ତିଆରୁଥିଲେ । ଅନେକ ସମୟରେ ସହଯୋଗ କରୁଥିଲେ । ଚାକିରୀ ଯିବାର ପ୍ରତ୍ୟେକ ମୁହୂର୍ତ୍ତରେ ଭୟ ଥିଲା । ବର୍ତ୍ତମାନ ଏବଂ ସେ ସମୟ ମଧ୍ୟରେ ଅନେକ ପରିବର୍ତ୍ତନ ହୋଇଛି । ଶିକ୍ଷା ପରିଦର୍ଶକ କୌଣସି ଦଣ୍ଡ ବିଧାନ କଲେ, ରାଜନୀତିଜ୍ଞ ଯଥା ବ୍ଲକ୍ ଅଧକ୍ଷ, ବିଧାନସଭା ସଦସ୍ୟ କିମ୍ବା ଅନ୍ୟ କୌଣସି ରାଜନୀତିଜ୍ଞଙ୍କୁ ଧରୁଛନ୍ତି । କେହି କାହାକୁ ଭୟ କରୁନାହାନ୍ତି କିମ୍ବା ମାନୁନାହାନ୍ତି ! ''

ଶ୍ରୀଯୁକ୍ତ ସାହୁ ୨୦୦୫ ମସିହାରେ ରାଜ୍ୟପାଳ ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ । କିନ୍ତୁ ଦୁର୍ଭାଗ୍ୟବଶତଃ ରାଜନୀତିକ ଚାପ ଯୋଗୁଁ ସେ ଶେଷ ମୁହୂର୍ତ୍ତରେ ତାଙ୍କର ଏହି ପୁରସ୍କାରକୁ ବାତିଲି କରାଯାଇଥିଲା । ସାଧାରଣ ଭାବରେ ପୁରସ୍କାର ଶିକ୍ଷକଙ୍କ ମନୋବଳ ବୃଦ୍ଧି କରିବାରେ ଅନେକ ସାହାଯ୍ୟ କରିଥାଏ, କିନ୍ତୁ ସେ ଭାଙ୍ଗି ଯାଇନାହାନ୍ତି । ଏହି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାବରେ ନିଯୁକ୍ତି ହେବା ପୂର୍ବରୁ ଗୁଣୁପୁର ଅଞ୍ଚଳର ସ୍କୁଲ ନିରୀକ୍ଷକ ଭାବରେ କାର୍ଯ୍ୟରତ ଥିଲେ । ଅନେକ ଭାବିଥିଲେ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହେବା ଏକ ଦଣ୍ଡ । କିନ୍ତୁ ଏହି ଦୁଇବର୍ଷ ମଧ୍ୟରେ ବିଦ୍ୟାଳୟର ଗୁଣାତ୍ମକ ଓ ଭିତ୍ତିଭୂମି ଉନ୍ନତି ଏହିପରି ଆଣିଛନ୍ତି, ଯାହାକି ଆଜି ଏହି ବିଦ୍ୟାଳୟ ଏକ ମଡେ଼ଲ ସ୍କୁଲ ଭାବରେ ମାନ୍ୟତା ପାଉଛି । ଶ୍ରୀଯୁକ୍ତ ସାହୁଙ୍କ ମତରେ, "ସୁଯୋଗ ପାଇଛି କିଛି କରିବା ପାଇଁ, ସେହିଦୃଷ୍ଟିରୁ ମୁଁ ଅନେକ କ୍ଷେତ୍ରରେ ଆଗେଇଛି ଏବଂ ଏହି ବିଦ୍ୟାଳୟର ବିକାଶ ପାଇଁ ଅନେକ ସ୍ୱପ୍ନ ବାକି ରହିଛି ।''

ଏହିଭଳି ଜଣେ ସର୍ବଗୁଣ ସମ୍ପନ୍ନ ବ୍ୟକ୍ତି ପ୍ରତ୍ୟକ୍ଷରେ କିମ୍ବା ପରୋକ୍ଷରେ ଅନେକ ଶିକ୍ଷକ, ଛାତ୍ରଛାତ୍ରୀ ତଥା ଶିକ୍ଷକଙ୍କ ପୁଅଝିଅଙ୍କୁ ବିଭିନ୍ନ ଦିଗରୁ ସହାୟତା ଜାରି ରଖିଛନ୍ତି, କିନ୍ତୁ ଏହାକୁ ସେ ଆଲୋଚନା ବେଳେ ପ୍ରକାଶ କରିବାକୁ କୁଣ୍ଠିତ

ଥିଲେ । ଯେଉଁମାନେ ଶ୍ରୀ ସାହୁଙ୍କ ସଂସ୍ପର୍ଶରେ ଆସିଛନ୍ତି, ସେମାନଙ୍କ ମତରେ ସେ ଅନେକଙ୍କୁ ନିଜ ଗୋଡ଼ରେ ଠିଆ ହେବା ପାଇଁ ଆର୍ଥିକ ଓ ଅନ୍ୟାନ୍ୟ ସହାୟତା ଯୋଗାଇ ଆସିଛନ୍ତି ।

ଶ୍ରୀଯୁକ୍ତ ସାହୁଙ୍କର ଶିକ୍ଷକ ସଂଘ ସହ ମଧ୍ୟ ସଂପୃକ୍ତି ରହିଛି । ଗତ ତିନି ଦଶନ୍ଧି ଧରି ଶିକ୍ଷା ସହିତ ସଂପୃକ୍ତି ଥିବା ଏହି ଶିକ୍ଷକ, କେବଳ ଶିକ୍ଷକସମାଜ ଓ ବିଦ୍ୟାଳୟ ଗୃହର ଉନ୍ନତି କେବଳ ଦେଖିନାହାନ୍ତି, ଏହି ଅଞ୍ଚଳର ସର୍ବାଗ୍ରେ ଛାତ୍ରଛାତ୍ରୀଙ୍କର ଶିକ୍ଷାର ବିକାଶ ସହ ଏହି ଅଞ୍ଚଳରେ ଶିକ୍ଷାର ଉନ୍ନତି ପାଇଁ ନିଜ ତରଫରୁ ଯଥାସାଧ୍ୟ ଉଦ୍ୟମ ଜାରି ରଖିଛନ୍ତି ।

୧୯୫୩ ମସିହାରେ ଜନ୍ମିତ ଶ୍ରୀଯୁକ୍ତ ସାହୁ କରିଥିବା ଏବଂ ୧୯୭୨ ମସିହାରୁ ଶିକ୍ଷକତାକୁ ବୃତ୍ତି ଭାବରେ ଗ୍ରହଣ କରି ଏବେ ମଧ୍ୟ ବେଶ୍ ସକ୍ରୀୟ ଅଛନ୍ତି । ଶିକ୍ଷକର ଧର୍ମ ସବୁ ସମୟରେ ନିଜ ଜ୍ଞାନର ପରିସର ବୃଦ୍ଧି କରିବା । ଏହା ପ୍ରତି ବିଶ୍ୱାସ ରଖି ବାଟ ଚାଲୁଛନ୍ତି । ମ୍ୟାଟ୍ରିକ ପାସ କରିବା ପରେ ଶିକ୍ଷକତାକୁ ଆଦରି ନେଇ ପରବର୍ତ୍ତୀ ସମୟରେ ପତ୍ରବିନିମୟ ମାଧମ ଓ ଘରୋଇ ଭାବରେ ଆଇ.ଏ, ବି.ଏ. ବି.ଇଡ଼ି ଶିକ୍ଷା ଲାଭ କରିଛନ୍ତି ଅଣ-ଆନୁଷ୍ଠାନିକ ଭାବରେ ମଧ୍ୟ ନିଜର ବୌଦ୍ଧିକ ସ୍ତରକୁ ବୃଦ୍ଧି କରିଛନ୍ତି । ଦିନଯାକର ବ୍ୟସ୍ତତା ମଧ୍ୟରେ ଥାଇ ମଧ୍ୟ ହସ ହସ ମୁହଁରେ ଓ ଖୁସୀ ମିଜାଜରେ ନିଜ ଜୀବନର ଅନେକ ଅନ୍ତରଙ୍ଗ ମୁହୂର୍ତ୍ତଗୁଡ଼ିକୁ ଆଲୋଚନା ପ୍ରସଙ୍ଗରେ ବ୍ୟକ୍ତ କରିଥିଲେ ।

***ଅଗଷ୍ଟ ୨୦୦୭***

□□□

# ଶିକ୍ଷକ ଶ୍ରୀଯୁକ୍ତ ତ୍ରିନାଥ ତ୍ରିପାଠୀଙ୍କ ଅନୁଭୂତି ...

ଶ୍ରୀଯୁକ୍ତ ତ୍ରିନାଥ ତ୍ରିପାଠୀ ହାଇସ୍କୁଲ ଶିକ୍ଷକ ଭାବରେ ପ୍ରାୟ ୩୭ ବର୍ଷ କାର୍ଯ୍ୟକରି ୨୦୦୫ ମସିହାରେ ଅବସର ଗ୍ରହଣ କରିଛନ୍ତି । ଶ୍ରୀଯୁକ୍ତ ତ୍ରିପାଠୀ ୧୯୬୭ ମସିହାରେ ଶିକ୍ଷକତା ଆରମ୍ଭ କରିଥିଲେ ରାୟଗଡ଼ା ଜିଲ୍ଲାର ହୁକୁମ୍ବା ହାଇସ୍କୁଲରେ ଏବଂ ଅବସର ନେଇଥିଲେ ଗୁମୁଡ଼ା ହାଇସ୍କୁଲର ପ୍ରଧାନ ଶିକ୍ଷକ ଭାବରେ । ଶିକ୍ଷକତା କରିବା ସମୟରେ ସେ ଶିକ୍ଷାର ବିଭିନ୍ନ ଦିଗ ପ୍ରତି ଦୃଷ୍ଟି ଦେଇଛନ୍ତି । ଏଥିସହିତ ଗୁମୁଡ଼ାଠାରେ ହାଇସ୍କୁଲ ବସେଇବା ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଛନ୍ତି । ସେ ସମୟରେ କୋରାପୁଟ ଜିଲ୍ଲାରେ ଅନେକ ଲୋଭନୀୟ ଚାକିରୀ ଥିଲେ ମଧ୍ୟ ସେଥିପ୍ରତି ଦୃଷ୍ଟି ନଦେଇ କେବଳ ହାଇସ୍କୁଲ ଶିକ୍ଷକ ହିସାବରେ ନିଜର ଜୀବନଟାକୁ କଟେଇଛନ୍ତି । ତାଙ୍କ ନିଜ ଅନୁଭୂତିରୁ କିଛି ଉପସ୍ଥାପନା କରାଯାଇଛି ........

ମୋର ଜନ୍ମ ଜୁନ୍ ମାସ ୪ ରିଖ, ୧୯୪୭ ମସିହାରେ ରାୟଗଡ଼ା ଜିଲ୍ଲାର ଗୁମୁଡ଼ା ନିକଟସ୍ଥ ଲିମାପଦର ଗାଆଁରେ । ମୁଁ ତୃତୀୟ ଶ୍ରେଣୀ ପଢ଼ିଲା ବେଳେ ପିତାଙ୍କୁ ହରାଇଥିଲି । ସେ ସମୟର ବାଲ୍ୟବିଧବା ଏବଂ ମହିଳାମାନଙ୍କ ପ୍ରତି ଦୃଷ୍ଟିକୋଣ ଭିନ୍ନ ଥିବାରୁ ଯଥେଷ୍ଟ ଲାଞ୍ଛନା ବିଧବାଙ୍କୁ ସହିବାକୁ ପଡୁଥିଲା । ମା'ଙ୍କୁ ମଧ୍ୟ ଏହିଗୁଡ଼ିକ ସହିବାକୁ ପଡ଼ିଥିଲା । ମା' କୌଣସି ବିଦ୍ୟାଳୟରେ ପାଠ ପଢ଼ିନଥିଲେ । କିନ୍ତୁ ମା'ଙ୍କ ପ୍ରେରଣା ଉତ୍ସାହରେ ବାପାଙ୍କ ଦେହାନ୍ତ ପରେ ପାଠ ନଛାଡ଼ି ଲିମାପଦରରୁ ଆସି ଗୁଣୁପୁର ସ୍ଥିତ ବୋର୍ଡ଼ ହାଇସ୍କୁଲରେ ନାମ ଲେଖାଇଥିଲି । ହାଇସ୍କୁଲରେ ସେତେବେଳେ ୪ର୍ଥରୁ ୧୧ଦଶ ପର୍ଯ୍ୟନ୍ତ ଶ୍ରେଣୀ ଥିଲା ।

ଚତୁର୍ଥ ଶ୍ରେଣୀରୁ ଏକାଦଶ ପର୍ଯ୍ୟନ୍ତ ଗୁଣୁପୁରଠାରେ ବେଲ୍ ହଷ୍ଟେଲ୍‌ରେ ରହି ପାଠ ପଢ଼ିଥିଲି । ହଷ୍ଟେଲ୍‌ରେ ରହିବା ସମୟରେ ସକାଳେ ୫ଟାରେ ଉଠିବାକୁ ପଡୁଥିଲା । ପ୍ରାର୍ଥନା ପରେ ପାଠପଢ଼ା ହେଉଥିଲା । ହଷ୍ଟେଲ୍‌ରେ ୱାର୍ଡ଼େନ୍ ରହୁଥିଲେ ଏବଂ ସବୁପିଲାଙ୍କ ପ୍ରତି ତାଙ୍କର ନଜର ରହୁଥିଲା । ସ୍କୁଲରେ ପାଠ ନବୁଝୁଥିଲେ ହଷ୍ଟେଲ୍‌ରେ ପ୍ରଥମେ ଶ୍ରେଣୀରେ ଯିଏ ଭଲ ପଢୁଥିଲେ, ସେମାନଙ୍କୁ ପଚରା ଯାଉଥିଲା । ପାଠପଢ଼ାରେ ଆମଠାରୁ ଅଧିକ ଶ୍ରେଣୀରେ ପଢୁଥିବା ପିଲାମାନେ ମଧ୍ୟ ଆଗ୍ରହ ସହକାରେ ବୁଝାଉଥିଲେ । ଯଦି ଏଥିରେ ସନ୍ଦେହ ହେଉଥିଲା କିମ୍ବା ବୁଝାପଡୁନଥିଲା, ତେବେ ଆମେ ଶ୍ରେଣୀ ଶିକ୍ଷକ କିମ୍ବା ସେହି ବିଷୟର ଶିକ୍ଷକଙ୍କୁ ପଚାରି ବୁଝୁଥିଲୁ ।

ହଷ୍ଟେଲରେ ଚତୁର୍ଥ, ପଞ୍ଚମ, ଷଷ୍ଠ ଶ୍ରେଣୀର ପିଲାଙ୍କ ଦାୟିତ୍ୱ ଅଷ୍ଟମ, ନବମ ଓ ଦଶମ ଶ୍ରେଣୀର ପିଲାମାନେ ନେଇଥାନ୍ତି । ରାତିରେ ଉଠି ପରିସ୍ରା ଯିବା, କୂଅରୁ ପାଣି କାଢ଼ିବା, କୌଣସି ଛାତ୍ରର ଦେହ ଖରାପ ହେଲେ ଡାକ୍ତରଖାନା ନେବା, ଏହି ପରି ଅନେକ କାର୍ଯ୍ୟରେ ଅଷ୍ଟମ, ନବମ ଓ ଦଶମ ଶ୍ରେଣୀର ପିଲାମାନେ ଛୋଟ ପିଲାଙ୍କ ଦାୟିତ୍ୱ ନେଉଥିଲେ । ମାଡ଼ର ବ୍ୟବସ୍ଥା ଏହିପରି ଥିଲା ଯେ, ମାଡ଼ ଖାଇ ହାତଗଣ୍ଠି, ପିଠି ଫୁଲି ଯାଉଥିଲା । ସ୍କୁଲ ହତା ବାହାରକୁ ଯିବା ପାଇଁ , ଏହିପରି କି ପିଲାଟି ବାହାରକୁ ଝାଡ଼ା ଯିବାକୁ ହେଲେ ମଧ୍ୟ ପ୍ରଧାନ ଶିକ୍ଷକଙ୍କ ଅନୁମତି ନେଇ ଯିବାକୁ ପଡୁଥିଲା । ହଷ୍ଟେଲ୍‌ରେ ଗୋଟିଏ ପରିବାର ପରି ଚଳୁଥିଲେ । ଆବାସିକ ଛାତ୍ରମାନଙ୍କ ଦ୍ୱାରା ପରିବାପତ୍ର ଚାଷ କରାଯାଉଥିଲା । ପିଲାମାନେ ବିଭିନ୍ନ କୃଷିକାର୍ଯ୍ୟରେ ନିୟୋଜିତ ହେଉଥିବା ସହ କୃଷି କାର୍ଯ୍ୟ, ଉଦ୍ୟାନ କାର୍ଯ୍ୟ ଇତ୍ୟାଦି ଶିଖୁଥିଲେ ଏବଂ ଭବିଷ୍ୟତରେ ସେମାନଙ୍କୁ ଆତ୍ମନିର୍ଭରଶୀଳ ହେବାରେ ସାହାଯ୍ୟ କରୁଥିଲା ।

ଶିକ୍ଷକମାନଙ୍କର ପିଲାମାନଙ୍କ ପ୍ରତି କଡ଼ା ନଜର ଥିଲା । ବିଦ୍ୟାଳୟ ପରିସର ମଧ୍ୟରେ ପୁଅପିଲାମାନେ ଝିଅପିଲାମାନଙ୍କ ସହିତ କଥାବାର୍ତ୍ତା ହେଉନଥିଲେ । କେବଳ ଶ୍ରେଣୀ ମନିଟର ହିଁ ଝିଅପିଲାଙ୍କ ସହ କଥା ହେଉଥିଲେ ।

ମୁଁ ୧୯୬୨ ମସୀହାରେ ମାଟ୍ରିକ୍ ଶତକଡ଼ା ୫୨ ମାର୍କ ରଖି ପାସ୍ କଲି । ସେ ସମୟରେ ମାଟ୍ରିକ ପରୀକ୍ଷା ଫଳ ଦୈନିକ 'ସମାଜ'ରେ ପ୍ରକାଶିତ ହେଉଥିଲା । ମୁଁ ମାଟ୍ରିକ୍ ପାସ୍ କରିବା ପରେ ପାରଳାଖେମୁଣ୍ଡି ସ୍ଥିତ କୃଷ୍ଣଚନ୍ଦ୍ର ଗଜପତି ମହାବିଦ୍ୟାଳୟରେ ପଢ଼ିଥିଲି । ସେ ସମୟରେ ପାରଳାଖେମୁଣ୍ଡି ମହାବିଦ୍ୟାଳୟ ସାରା ଓଡ଼ିଶାରେ ଯଥେଷ୍ଟ ସୁନାମ ଅର୍ଜନ କରିଥିଲା । ଓଡ଼ିଶାର ବିଭିନ୍ନ ପ୍ରାନ୍ତରରୁ, ଏହିପରି କି କଟକ, ବ୍ରହ୍ମପୁରରୁ ମଧ୍ୟ ବିଦ୍ୟାର୍ଥୀ ଏହି କଲେଜରେ ପଢ଼ିବାକୁ ଆସୁଥିଲେ । ସେ ସମୟରେ ଓଡ଼ିଶାର ସମସ୍ତ କଲେଜ ଉତ୍କଳ ବିଶ୍ୱବିଦ୍ୟାଳୟ ନିୟନ୍ତ୍ରଣରେ ରହିଥିଲା ।

ପିପିସି (Pre-Professional Course))ପାସ୍ କରିବା ପରେ ୧୯୬୭ ମସିହାରେ ହୁକୁମ୍ପା ହାଇସ୍କୁଲରେ ଶିକ୍ଷକତା ପାଇଁ ସୁଯୋଗ ମିଳିଲା । ବିଦ୍ୟାଳୟଟିକୁ ଯାହା ଗ୍ରାଣ୍ଟ୍ ଆସୁଥିଲା, ତାହା ଦରମା ଆକାରରେ ଦିଆଯାଉଥିଲା । ମୁଁ ମାସିକ ଦରମା ୧୦୦ ଟଙ୍କା ପାଉଥିଲି । ପରିଚାଳନା କମିଟିରେ ଅଧିକାଂଶ ଶିକ୍ଷା ସହ ସଂପୃକ୍ତ ଥିବା ବ୍ୟକ୍ତି ଥିଲେ । ସେମାନଙ୍କର ଶିକ୍ଷକମାନଙ୍କ ପ୍ରତି ସରଳ ମନୋଭାବ

ଥିଲା । ଏହି ବିଦ୍ୟାଳୟଟି ୧୯୬୪ ମସିହାରୁ ଆରମ୍ଭ ହୋଇଥିଲା । ଏହି ସ୍କୁଲରେ ଅଷ୍ଟମରୁ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ଥିଲା । ଏହା ପରେ ବି.ଏ, ରାଜନୀତି ବିଜ୍ଞାନରେ ସ୍ନାତୋକତ୍ତର, ଏବଂ ପରେ ବଲାଙ୍ଗୀର ବି.ଇଡ଼ି.କଲେଜରେ ବି.ଇଡ଼ି ତାଲିମ ନେଇଥିଲି । ୧୯୬୭ ରୁ ୧୯୮୭ ହୁକୁମ୍ବା ହାଇସ୍କୁଲରେ ରହିବା ପରେ ୧୯୮୭ରେ ପ୍ରଧାନ ଶିକ୍ଷକ ଭାବରେ ଗୁମୁଡ଼ା ହାଇସ୍କୁଲର ଦାୟିତ୍ୱ ନେଲି ।

୧୯୮୭ରୁ ପ୍ରଧାନ ଶିକ୍ଷକ ଦାୟିତ୍ୱ ନେଇଥିଲେ ମଧ୍ୟ ମୁଁ ଶ୍ରେଣୀରେ ପାଠ ପଢ଼ାଉଥିଲି । ଏଥିସହ ବିଦ୍ୟାଳୟରେ ଥିବା ସମୟରେ ଯେଉଁ ଶିକ୍ଷକ କୌଣସି ଅସୁବିଧାରେ ବିଦ୍ୟାଳୟ ଆସି ନଥିଲେ, ସେମାନଙ୍କ ଶ୍ରେଣୀକୁ ଯାଏ । କ୍ଲାସ୍ ନେବା ଦ୍ୱାରା ପିଲାଙ୍କ ପାଠପଢ଼ା, ଶିକ୍ଷକଙ୍କ ପିଲାଙ୍କ ପ୍ରତି ମନୋଭାବ ଇତ୍ୟାଦି ଜାଣିହୁଏ । ଏଥିପ୍ରତି ହେଡ଼୍‌ମାଷ୍ଟର ଦୃଷ୍ଟି ଦେବା ଜରୁରୀ । ସ୍କୁଲର ପ୍ରଧାନ ଶିକ୍ଷକ ଭାବରେ ସ୍କୁଲରେ ଶୃଙ୍ଖଳା ରହିବା ନିତାନ୍ତ ଜରୁରୀ । ଏଥିସହିତ ଲୋକସମ୍ପର୍କ ଏବଂ ଅଭିଭାବକମାନଙ୍କ ସହ ସମ୍ପର୍କ ରହିବା ନିତାନ୍ତ ଦରକାର । ମୁଁ ଅଭିଭାବକ, ପରିଚାଳନା ମଣ୍ଡଳୀ ଏବଂ ସରକାରୀ ଅଧିକାରୀ ଏବଂ ପିଲାଙ୍କ ସହ ଉତ୍ତମ ସମ୍ପର୍କ ରଖିବା ପାଇଁ ସବୁବେଳେ ଦୃଷ୍ଟି ଦେଉଥିଲି ।

ମୁଁ ୧୯୮୭ ମସିହାରୁ ହେଡ଼୍‌ମାଷ୍ଟର ଭାବରେ ଗୁମୁଡ଼ା ହାଇସ୍କୁଲର ଦାୟିତ୍ୱ ନିଷ୍ଠା ସହକାରେ ତୁଲାଇ ଜୁନ୍, ୨୦୦୫ ମସିହାରେ ଅବସର ଗ୍ରହଣ କଲି । ମୋର ବାପା ଜଣେ ଶିକ୍ଷକ ଥିଲେ ।

ମୁଁ ପିଲାଙ୍କୁ ଟ୍ୟୁସନ୍ କେବେ କରିନାହିଁ । ଶିକ୍ଷକତାର ପ୍ରଥମ ବର୍ଷ ପିଲାଙ୍କର ଟ୍ୟୁସନ୍ ପ୍ରତି ଦୃଷ୍ଟି ଦେଇଥିଲି । ଏହାଦ୍ୱାରା ମୋତେ ମଧ୍ୟ ବିଦ୍ୟାଳୟରେ ପାଠପଢ଼ାରେ ସହାୟତା କଲା । କିନ୍ତୁ ପରବର୍ତ୍ତୀ ସମୟରେ ଆଉ ଟ୍ୟୁସନ୍ କରିନାହିଁ । ଯେତେବେଳେ ପିଲାଙ୍କୁ ଦରକାର ପଡ଼େ, ସେତେବେଳେ ପଚାରି ବୁଝିବା ପାଇଁ କହୁଥିଲି । ମୋତେ ଗୁଣୁପୁର କଲେଜରୁ ମଧ୍ୟ ଅଧ୍ୟାପନା ପାଇଁ ପ୍ରସ୍ତାବ ଆସିଥିଲା । କିନ୍ତୁ ମୁଁ ଶିକ୍ଷକ ଭାବରେ ରହିବା ପାଇଁ ସିଦ୍ଧାନ୍ତ କରିଥିଲି ।

ଏକଦା ଦୁର୍ଯ୍ୟୋଧନ ପତି, ମୁଁ ଏବଂ ଅନ୍ୟକେତେକ ଗ୍ରାମବାସୀଙ୍କ ସହ ସହମତି ନେଇ ଠିକ୍ କଲୁ ଗୁମୁଡ଼ାଠାରେ ଗୋଟିଏ ହାଇସ୍କୁଲ ବସେଇବା ପାଇଁ । ଶ୍ରୀଯୁକ୍ତ ପତି ୧୯୮୩ ମସିହାରେ ସେ ତାଙ୍କ ବିନା ସ୍ୱାର୍ଥରେ ପ୍ରାୟ ସ୍କୁଲଗୃହ ଓ ଅନ୍ୟାନ୍ୟ ଆସବାବପତ୍ର ପାଇଁ ୧୫ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲେ । ଏଥିସହିତ ମୋ

ସହିତ ଅନ୍ୟ ଚାରିଜଣ ମଧ୍ୟ ସ୍କୁଲ ଗୃହ ପାଇଁ ଜମି ଦେଇଥିଲେ । ମୁଁ ୧.୨୦ ଏକର ଜମି ବିଦ୍ୟାଳୟ ନିମନ୍ତେ ବିନା ପ୍ରାପ୍ୟରେ ଯୋଗାଇ ଦେଇଥିଲି ।

ସାମ୍ପ୍ରତିକ ଶିକ୍ଷାର ସ୍ଥିତି ସମ୍ପର୍କରେ ମୋର ମତ ହେଉଛି ଯେ ପ୍ରାଥମିକ ଶିକ୍ଷାରେ ଶିକ୍ଷା ସହାୟକ ଏବଂ ଶିକ୍ଷକ ମଧ୍ୟରେ ଯେଉଁ ତାରତମ୍ୟତା ରହୁଛି, ତାହା ରହିବା ଠିକ୍ ନୁହେଁ । ଏହାଦ୍ୱାରା ଶିକ୍ଷକମାନଙ୍କ ମଧ୍ୟରେ ଏକ ଭେଦଭାବ ସୃଷ୍ଟି ହେଉଛି । ପ୍ରାଥମିକ ଶିକ୍ଷାରେ ଶିଶୁର ବିକାଶର ମୂଳଦୂଆ ପ୍ରାଥମିକ ଶିକ୍ଷାରେ ପଡ଼େ। କିନ୍ତୁ ଦୁଃଖର ବିଷୟ, ପ୍ରାଥମିକ ଶିକ୍ଷା ଠିକ୍ ଭାବରେ ଶିଶୁଙ୍କ ନିକଟରେ ପହଞ୍ଚିପାରୁନାହିଁ । ଏଥିଲାଗି ଆମେ କୌଣସି ଗୋଟିଏ କାରଣ ଦାୟୀ ବୋଲି କହିପାରିବା ନାହିଁ । ଗ୍ରାମାଞ୍ଚଳଗୁଡ଼ିକରେ ପାଠ୍ୟପୁସ୍ତକ ଠିକ୍ ଭାବରେ କିମ୍ବା ଠିକ୍ ସମୟରେ ପହଞ୍ଚିପାରୁ ନାହିଁ । ବହି ନପହଞ୍ଚିବା ପୂର୍ବରୁ ଗାଇଡ୍ ବୁକ୍‌ଗୁଡ଼ିକ ବଜାରକୁ ଆସିଯାଉଛି । ପିଲାମାନେ ବାଧ୍ୟ ହୋଇ ଗାଇଡ୍ ବହିକୁ ଆପଣେଇ ନେଉଛନ୍ତି ।

ଜୁନ୍-୨୦୦୬

□□□

# ଅପହଞ୍ଚଙ୍କ ନିକଟରେ ପହଞ୍ଚୁଥିବା ଅନୁଷ୍ଠାନ - "ରିଚ୍ଂ ଦି ଅନ୍‌ରିଚଡ୍‌"

ରିଚିଂ ଦି ଅନ୍‌ରିଚଡ୍‌ (Reaching the Unreached) ତାମିଲନାଡୁର ଥିନି ଜିଲ୍ଲାର ଜି. କାଲୁପଟି ପରି ଅପହଞ୍ଚ ଇଲାକାରେ କେବଳ ପହଞ୍ଚିବା ପ୍ରତି ଦୃଷ୍ଟି ଦେଇନାହିଁ, ବରଂ ବର୍ତ୍ତମାନର ପ୍ରଚଳିତ ସମାଜରେ ଯେଉଁମାନଙ୍କୁ ମାନବସମାଜ ଘୃଣ୍ୟ, ଅସ୍ପୃଶ୍ୟ ଭାବରେ ଦେଖୁଛି, ସେହିମାନଙ୍କ ନିକଟରେ ଏହି ଅନୁଷ୍ଠାନ ପହଞ୍ଚି ପାରିଛି । ବ୍ରଦର ଜେମ୍ସ କିମ୍ପଟନ୍ ଏହାର ମୁଖ୍ୟ ନାୟକ ସାଜିଛନ୍ତି । ସାଧାରଣ ଜନତା, ନିଷ୍ପେଷିତ, ଦଳିତ, ଏଚ୍.ଆଇ.ଭି. ଆକ୍ରାନ୍ତ ପିତାମାତାଙ୍କର ସନ୍ତାନକୁ ନୂତନ ରାହା ଦେବା, ଏଚ୍.ଆଇ.ଭି. ପଜିଟିଭ୍ ଥିବା ଅନାଥ ଶିଶୁମାନଙ୍କୁ ସମ୍ମାନର ସହ ବଞ୍ଚିବାର ସୁଯୋଗ ଦେବା, ପରିବାରର ସ୍ନେହ ସେବା ଯୋଗାଇଦେବା, ଶିଶୁମାନଙ୍କୁ ନୂତନ ଜୀଇଁବାର ସ୍ୱପ୍ନ ଦେଖାଇବା ଇତ୍ୟାଦି କାର୍ଯ୍ୟକ୍ରମ ନେଇ ସାଧାରଣ ମନରେ ଏକ ଚ୍ୟାଲେଞ୍ଜ ସୃଷ୍ଟି କରିଛି । ଏଚ୍.ଆଇ.ଭି ପଜିଟିଭ୍ ପିତାମାତାଙ୍କର ଶିଶୁ, ଉଭୟ ପୁଅ ଓ ଝିଅ ଯେଉଁମାନଙ୍କର ପୂର୍ବସମୟଗୁଡ଼ିକ ବେଶ୍ କଷ୍ଟକର, ଦୁଃଖପୂର୍ଣ୍ଣ ଜୀବନ ଜୀଇଁଛନ୍ତି, ଏହିଭଳି ଶିଶୁମାନଙ୍କର କେବଳ ବଞ୍ଚିବା ବା ଶିକ୍ଷା ଦେବାର ଦାୟିତ୍ୱ ନେଇନାହିଁ, ସେମାନଙ୍କୁ ମାନସିକ ଭାବରେ ଦୃଢ଼ କରିବାର ଦାୟିତ୍ୱ ନେବା ସହ, ସ୍ନେହ ମମତା ଦ୍ୱାରା ସେମାନଙ୍କର ମନୋବଳ ବୃଦ୍ଧି କରିବା, ଏହିପରି କାର୍ଯ୍ୟ ମଧ୍ୟ ହାତକୁ ନେଇଛି ।

ଏହିଭଳି ଅନେକ ଶିଶୁ ଅଛନ୍ତି, ଯେଉଁମାନଙ୍କର ପିତା କିମ୍ବା ମାତା, ଏଚ୍.ଆଇ.ଭି ଆକ୍ରାନ୍ତ ଜାଣିବା ପରେ ନିଜ ପରିବାରକୁ ଛାଡ଼ି ଉଭାନ ହୋଇ ଯାଇଛନ୍ତି, କେତେକ କ୍ଷେତ୍ରରେ ଉଭୟ ପିତାମାତା ଉଭେଇ ଯାଇଛନ୍ତି, ଏହି ଶିଶୁମାନଙ୍କର ନିକଟ ସମ୍ପର୍କୀୟ ମଧ୍ୟ ଏହି ଶିଶୁମାନଙ୍କ ପ୍ରତି ଦରଦ ଭାବ ଦେଖାଇନାହାନ୍ତି, ଏବଂ ଦୂରେଇ ରହିଛନ୍ତି । ସବୁଠାରୁ ବଡ଼କଥା ହେଲା ଏହିପରି ୫୦୦ ରୁ ଉର୍ଦ୍ଧ୍ୱ ଶିଶୁ ଏହି ଅନୁଷ୍ଠାନର ଶିଶୁ ଗ୍ରାମରେ ରହୁଛନ୍ତି ଏବଂ ଓ ଏଥିରେ ୫୦ ରୁ ଉର୍ଦ୍ଧ୍ୱ ଏଚ୍.ଆଇ.ଭି. ଆକ୍ରାନ୍ତ ଶିଶୁ ଅଛନ୍ତି ।

## ଶିକ୍ଷା ଏବଂ ଶିଶୁବିକାଶ କାର୍ଯ୍ୟକ୍ରମ

ଶିଶୁ ଗ୍ରାମ : ରିଚିଂ ଦି ଅନ୍‌ରିଚଡ୍ ( ଆଟିୟୁ)ର ସବୁଠାରୁ ଅନନ୍ୟ କାର୍ଯ୍ୟକ୍ରମ

ହେଲା ଶିଶୁ ଗ୍ରାମ । ଏହି ଶିଶୁ ଗ୍ରାମ ପାଇଁ ଆର୍.ଟି.ୟୁ. ବେଶ୍ ଚର୍ଚ୍ଚିତ । ପିତାମାତା ବିହୀନ ଶିଶୁ, ପିତାମାତା ପରିତ୍ୟକ୍ତା ଶିଶୁମାନଙ୍କ ପାଇଁ କେବଳ ଏହି ଶିଶୁଗ୍ରାମ ଉଦ୍ଦିଷ୍ଟ । ପ୍ରତ୍ୟେକ ୭ ରୁ ୮ଟି ଶିଶୁ ଜଣେ ଆମ୍ମା ବା ମାଆଙ୍କ ଦାୟିତ୍ୱରେ ରହନ୍ତି । ଏହି ମାଆ ବା ଧାଇ ଏହି ୭ ରୁ ୮ ଜଣ ଶିଶୁଙ୍କ ଦାୟିତ୍ୱ ନେଇଥାଆନ୍ତି । ଏଥିରେ ମୁଖ୍ୟତଃ ବିଧବା, ସ୍ୱାମୀ ପରିତ୍ୟକ୍ତା, କିମ୍ବା ଯେଉଁମାନଙ୍କର ସମାଜରେ କୌଣସି ସମ୍ପର୍କୀୟ ନଥାନ୍ତି, ସେମାନଙ୍କୁ ଏଥିରେ ନିଯୁକ୍ତି ଦିଆଯାଇଥାଏ । ଏହି ମାଆମାନେ ଅନାଥ ଶିଶୁମାନଙ୍କର ମା' ଭଳି ଦାୟିତ୍ୱ ନେଇଥାଆନ୍ତି, ଏହାଠାରୁ ଶିଶୁଟିର ଆଉ କ'ଣ ଅଧିକ ଆବଶ୍ୟକତା ଅଛି ? ଅନ୍‌ବୁ ଇଲମ୍ (Anbu Illam) ଅର୍ଥ ସ୍ନେହର ଘର । ଏହି କାର୍ଯ୍ୟକ୍ରମ ପ୍ରଥମେ ୪ଟି ପରିତ୍ୟକ୍ତ ଶିଶୁଙ୍କୁ ନେଇ ୧୯୭୮ ମସିହାରେ ଆରମ୍ଭ ହେଲା । ଏହି ଗ୍ରାମର ମଝିରେ ବ୍ରଦର କିମ୍ପଟନ୍ ନିଜେ ରହନ୍ତି । ବର୍ତ୍ତମାନ ଆର୍.ଟି.ୟୁ ର ଦାୟିତ୍ୱରେ ୧୦୦୦ ଶିଶୁ ଅଛନ୍ତି । ଏହି ଶିଶୁମାନେ ମୁଖ୍ୟତଃ ୧୩ ବର୍ଷ ବୟସ ମଧ୍ୟରେ । ସେମାନେ ଏକ ପରିବାର ଭଳି ଜୀବନ ବଞ୍ଚନ୍ତି । ବର୍ତ୍ତମାନ ଆର୍.ଟି.ୟୁର ୯୯ଟି ଘର ୪ଟି ଶିଶୁଗ୍ରାମରେ ରହିଛି । ୧୩ ବର୍ଷ ହୋଇଗଲା ପରେ ଏହି ଶିଶୁମାନଙ୍କ ପାଇଁ ଦୁଇଟି ଝିଅଙ୍କ ହଷ୍ଟେଲ ଏବଂ ଗୋଟିଏ ପୁଅଙ୍କ ହଷ୍ଟେଲ ରହିଛି ।

ଆର୍.ଟି.ୟୁ. ଶିଶୁମାନଙ୍କୁ ସାଧାରଣ ଶିକ୍ଷା କେବଳ ଦେଉଛି ତାହା ନୁହେଁ, ବରଂ ଶିଶୁମାନଙ୍କୁ ସମାଜ ପ୍ରତି ଦାୟିତ୍ୱବୋଧ, ସମାଜରେ ଜୀଇଁବାର କୌଶଳକୁ ମଧ୍ୟ ଶିକ୍ଷା ଦେବା ପାଇଁ ଚେଷ୍ଟା କରୁଅଛି । ଆର୍.ଟି.ୟୁରେ ପ୍ରାୟତଃ ଅନେକ ଶିଶୁ ଅଛନ୍ତି, ଯେଉଁମାନେ ମାତାପିତା ପରିତ୍ୟକ୍ତା, ଅତ୍ୟନ୍ତ ଗରିବ କିମ୍ବା ଏଚ୍.ଆଇ.ଭି ଦ୍ୱାରା ଆକ୍ରାନ୍ତ । ଏହି ଦୃଷ୍ଟିରୁ ଏହି ଶିଶୁମାନଙ୍କୁ ପାଠପଢ଼ା ବ୍ୟତୀତ ମୁଖ୍ୟତଃ ସେମାନଙ୍କ ମନୋବଳ ବୃଦ୍ଧି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ନିଆଯାଇଥାଏ ।

ଶାନ୍ତି, ଜଣେ ଅନାଥ ଶିଶୁ ଭାବରେ ଦୁଇ ବର୍ଷ ବୟସରେ ଆର.ଟି.ୟୁ.ର ଶିଶୁଗ୍ରାମରେ ପହଞ୍ଚିଥିଲା । ସେ ଏହି ଅନୁଷ୍ଠାନ ଦ୍ୱାରା ପରିଚାଳିତ ଶିଶୁଗ୍ରାମ ଏବଂ ପରବର୍ତ୍ତୀ ହାଇସ୍କୁଲ ପର୍ଯ୍ୟନ୍ତ ପଢ଼ି ଏବଂ ବୃତ୍ତି ପାଇ ଡାକ୍ତରୀ ପାଠ ପଢ଼ିଲା । ବର୍ତ୍ତମାନ ସେ ଏକ ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ଭାବରେ ସେବା କରୁଛି । ଶ୍ରୀଦ୍ଧା ମଧ୍ୟ ଏଠାକୁ ଛୋଟ ଶିଶୁ ସମୟରେ ଆସିଥିଲା । ବର୍ତ୍ତମାନ ଏକ ଆର୍ନ୍ତଜାତୀୟ ଶିକ୍ଷାନୁଷ୍ଠାନରେ ଶାସ୍ତ୍ରୀୟ ନୃତ୍ୟ ଶିକ୍ଷାଦାନ କରୁଛି । ଏହିପରି ୫୦ରୁ ଊର୍ଦ୍ଧ୍ୱ ଅନାଥ ଶିଶୁ ବର୍ତ୍ତମାନ ବିଭିନ୍ନ ବୃତ୍ତିରେ ସଂପୃକ୍ତ ଅଛନ୍ତି ଏବଂ ନିଜ

ଗୋଡ଼ରେ ଠିଆ ହୋଇଛନ୍ତି । ଆର୍.ଟି.ୟୁ. କେବଳ ବି.ଏ. କିମ୍ବା ବି.ଏସ୍.ସି. ପ୍ରତି ଧ୍ୟାନ ନଦେଇ ବୃତ୍ତିଗତ ଶିକ୍ଷା ଉପରେ ଅଧିକ ଗୁରୁତ୍ୱ ଦେଇଛି, ପ୍ରାୟତଃ ସମସ୍ତ ଶିଶୁ କିପରି ଆତ୍ମନୀର୍ଭରଶୀଳ ହେବେ ସେଥିପ୍ରତି ଦୃଷ୍ଟି ଦେଇଛି ।

ବିଦ୍ୟାଳୟରେ ଅଧିକାଂଶ ଶିକ୍ଷା କାର୍ଯ୍ୟକ୍ରମ ଶିଶୁ-କୈନ୍ଦ୍ରିକ ହୋଇଥାଏ । ପ୍ରତ୍ୟେକ ବର୍ଷ ଶିକ୍ଷକମାନଙ୍କର ତାଲିମ, ବିଭିନ୍ନ ସ୍ଥାନକୁ ଭ୍ରମଣ, ଶିକ୍ଷାବିତ୍ ତଥା ବିଭିନ୍ନ ସାଧନ ବ୍ୟକ୍ତିମାନଙ୍କର ସହିତ ଆଲୋଚନା, ଏହିପରି କାର୍ଯ୍ୟକ୍ରମ ନିଆଯାଇଥାଏ, ଯାହାଦ୍ୱାରା କି ଶିକ୍ଷା କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶିକ୍ଷକ / ଶିକ୍ଷୟିତ୍ରୀମାନଙ୍କର ପ୍ରତ୍ୟେକ ସମୟରେ ସେମାନଙ୍କର ଜ୍ଞାନର ଓ ଶିଶୁମାନଙ୍କ ପ୍ରତି ଆନୁଗତ୍ୟରେ ବିକାଶ ହୋଇଥାଏ ।

ଅନୁଷ୍ଠାନ ତରଫରୁ ୧୪ଟି ବାଲବାଡ଼ି କେନ୍ଦ୍ର ଚାଲୁଅଛି । ଏହି କେନ୍ଦ୍ରଗୁଡ଼ିକରୁ ୧୦୦୦ଜଣ ଶିଶୁ ଉପକୃତ ହେଉଛନ୍ତି । "ଦିବା ଶିଶୁ ଯତ୍ନ କେନ୍ଦ୍ର (ଡ଼େ କେୟାର୍ ସେଣ୍ଟର)'' ରହିଛି । ଏଥିରେ ପ୍ରାୟତଃ ୨୦୦୦ ଶିଶୁଙ୍କର ଦାୟିତ୍ୱ ଆର୍.ଟି.ୟୁ. ତରଫରୁ ନିଆଯାଇଥାଏ । ଏହି ତିନିବର୍ଷର ଶିଶୁମାନଙ୍କୁ ମୁଖ୍ୟତଃ ସକାଳେ ପୌଷ୍ଟିକ ଆହାର, ଅପରାହ୍ନରେ ମଧ୍ୟାହ୍ନ ଭୋଜନ ଏବଂ ସନ୍ଧ୍ୟାରେ କ୍ଷୀର ଓ ବିସ୍କୁଟ ଯୋଗାଇ ଦିଆଯାଇଥାଏ । ଏତଦ୍‌ବ୍ୟତୀତ ଏହି ଶିଶୁମାନଙ୍କୁ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ଯତ୍ନ ଯୋଗାଇଦେବା ସହ ଖେଳ ଖେଳେଇବା, ନାଚ ଗୀତ ଆଦି କାର୍ଯ୍ୟକ୍ରମ କରାଯାଇଥାଏ । କେବଳ ଶ୍ରମଜୀବୀ ତଥା ଗରିବ ପରିବାର, ଯେଉଁ ପରିବାର ଦୈନନ୍ଦିନ ମଜୁରୀ କରି ବଞ୍ଚନ୍ତି, ସେହି ପରିବାର ଏହି କେନ୍ଦ୍ରଗୁଡ଼ିକରେ କାମକୁ ଗଲାବେଳେ ଛାଡ଼ିଥାଆନ୍ତି ଏବଂ ଫେରିବା ବେଳେ ଶିଶୁମାନଙ୍କୁ ନିଜ ସାଥିରେ ନିଅନ୍ତି । ଅନୁଷ୍ଠାନ ତରଫରୁ ୩ଟି ପ୍ରାଥମିକ ବିଦ୍ୟାଳୟ ଚାଲୁଛି । ପ୍ରତ୍ୟେକ ବିଦ୍ୟାଳୟରେ ହାରାହାରି ୧୦୦ ଶିଶୁ ହିସାବରେ ପ୍ରାୟ ୩୫୦ ଜଣ ପଢୁଛନ୍ତି ।

ଏଥିସହିତ ଏହି ଅନୁଷ୍ଠାନ ତରଫରୁ କେତେକ ଗ୍ରାମରେ ଷ୍ଟଡ଼ି ସେଣ୍ଟର ଖୋଲାହେଉଛି । ଏହି ସେଣ୍ଟରଗୁଡ଼ିକର ନାମ "ଲ ସାଲେ ଓପନ୍ ସ୍କୁଲ'' ରହିଛି । ଏହି ଷ୍ଟଡ଼ି ସେଣ୍ଟର ମୁଖ୍ୟତଃ ଗରିବ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ, ଯେଉଁମାନଙ୍କ ପାଠପଢ଼ା ଅଗ୍ରଗତି ଠିକ୍ ଭାବରେ ହେଉନାହିଁ । ମୁଖ୍ୟତଃ ୧୦ମ ଶ୍ରେଣୀ ପଢୁଥିବା ଯୁବକ ଯୁବତୀଙ୍କ ପାଇଁ ଏହି କାର୍ଯ୍ୟକ୍ରମ ନିଆଯାଇଥାଏ । ଏକ ବ୍ରିଜ କୋର୍ସ ପରି ତାଲିମ ଦିଆଯାଇଥାଏ । ଏହି ତାଲିମ କାର୍ଯ୍ୟକ୍ରମରେ ମୁଖ୍ୟତଃ ଗ୍ରାମର ଯୁବତୀଙ୍କୁ (ଯୁବତୀ ନଥିଲେ ଯୁବକ) ତାଲିମ ଦିଆଯାଇଥାଏ, ଏବଂ ଏହି ଯୁବକ/ ଯୁବତୀ

ମୁଖ୍ୟତଃ ଏହି କେନ୍ଦ୍ରଗୁଡ଼ିକର ଦାୟିତ୍ୱ ନେଇଥାଆନ୍ତି ଏବଂ ୧୦ମ ଶ୍ରେଣୀ ପରୀକ୍ଷା ଦେବାକୁ ଥିବା ଶିଶୁମାନଙ୍କୁ ପାଠ ପଢ଼ାଇଥାଆନ୍ତି ।

ଆର୍.ଟି.ୟୁ. ତରଫରୁ ଏକ ଭ୍ରାମ୍ୟମାଣ ବିଜ୍ଞାନ ପରୀକ୍ଷାଗାର ରହିଛି । କାର୍ଯ୍ୟକରୁଥିବା ଅଞ୍ଚଳର ଏହି ଭ୍ରାମ୍ୟମାଣ ବିଜ୍ଞାନଗାର ଏହି ଅଞ୍ଚଳରେ ଥିବା ୪୩ଟି ବିଦ୍ୟାଳୟକୁ ଯାଇ ସେଠାରେ ଶିଶୁମାନଙ୍କୁ ପ୍ରାକୃତିକ ବିଜ୍ଞାନ, ପରୀକ୍ଷାଗାର ଓ ପ୍ରଦର୍ଶନୀ ମାଧ୍ୟମରେ ବୁଝାଯାଉଛି । ଏଥିସହିତ ଆର୍.ଟି.ୟୁ ତରଫରୁ ସରକାରୀ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ମଧ୍ୟ ତାଲିମ ପ୍ରଦାନ କରୁଅଛି । ସବୁଠାରୁ ବଡ଼ କଥା ହେଲା, ଏହି ଅନୁଷ୍ଠାନ ତରଫରୁ ଚାଲୁଥିବା ବିଦ୍ୟାଳୟରେ ଶିଶୁମାନେ ଶିକ୍ଷା ଗ୍ରହଣ କରି ଅନ୍ୟାନ୍ୟ ସରକାରୀ ଓ ବେସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହ ସମକକ୍ଷ ହୋଇପାରିଛନ୍ତି । ଏହି କେନ୍ଦ୍ରକୁ ଆସୁଥିବା ଶିଶୁମାନଙ୍କର ପୂର୍ବ ଇତିହାସ ସାଧାରଣ ଶିଶୁମାନଙ୍କ ଠାରୁ ସ୍ୱତନ୍ତ୍ର । ଏହି ଦୃଷ୍ଟିରୁ ଏହି କେନ୍ଦ୍ରର ଶିଶୁମାନଙ୍କୁ ଆର.ଟି.ୟୁ. ତରଫରୁ ପ୍ରତ୍ୟେକ ଶିଶୁପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଥାଏ ।

ଶିକ୍ଷାଦାନ କରୁଥିବା ଶିକ୍ଷକ/ ଶିକ୍ଷୟିତ୍ରୀମାନଙ୍କୁ ଆର୍.ଟି.ୟୁ. ସ୍ୱତନ୍ତ୍ର ଭାବରେ ଦୃଷ୍ଟି ଦେଉଛି । ସବୁଠାରୁ ବଡ଼କଥା ହେଲା, ଶିକ୍ଷାକେନ୍ଦ୍ରଗୁଡ଼ିକ ଶିକ୍ଷକ/ ଶିକ୍ଷୟିତ୍ରୀ ବହୁତ କ୍ୱଚିତ୍ ପରିବର୍ତ୍ତନ ହେବାର ଦେଖାଯାଇଥାଏ । ସବୁ ସମୟରେ ଶିକ୍ଷକମାନଙ୍କର ଗୁଣାତ୍ମକ ବିକାଶ ପାଇଁ ବିଭିନ୍ନ ପ୍ରକାର ତାଲିମ, ଶିକ୍ଷା- ପରିଭ୍ରମଣ, ବିଭିନ୍ନ ବିଶିଷ୍ଟ ବ୍ୟକ୍ତି ଓ ସାଧନବ୍ୟକ୍ତିଙ୍କ ସହ ଆଲୋଚନା ଇତ୍ୟାଦି ମାଧ୍ୟମରେ ଶିକ୍ଷକମାନଙ୍କର ଜ୍ଞାନର ବିକାଶ ପାଇଁ ଚେଷ୍ଟା ଚାଲୁରହିଛି ।

ଆର୍.ଟି.ୟୁ. ତରଫରୁ ବିଦ୍ୟାଳୟରେ ଶିକ୍ଷଣ-ସାମଗ୍ରୀ ବ୍ୟବହାର ପାଇଁ ଶିକ୍ଷକ, ସାଧନ ବ୍ୟକ୍ତି ଏବଂ କଳାକାରମାନଙ୍କୁ ନେଇ କମିଟି ଦ୍ୱାରା ବିଭିନ୍ନ ଶିକ୍ଷଣ-ସାମଗ୍ରୀ ପ୍ରସ୍ତୁତି ଚାଲୁରହିଛି । ଏହି କମିଟି ଦ୍ୱାରା ବିଭିନ୍ନ ସମୟରେ ବିଭିନ୍ନ ବିଷୟକୁ ନେଇ ଭିନ୍ନ ଭିନ୍ନ ପ୍ରକାର ଶିକ୍ଷଣ-ସାମଗ୍ରୀ ପ୍ରସ୍ତୁତି ଚାଲୁରହିଛି । ଶିକ୍ଷାକେନ୍ଦ୍ରଗୁଡ଼ିକ ମଧ୍ୟ ଦେଖିବାକୁ ବେଶ୍ ମାର୍ଜିତ ଏବଂ ଆକର୍ଷଣୀୟ । ଏକ ବିଦେଶୀ ଅନୁଷ୍ଠାନ ଜର୍ମାନ୍ ଆଗ୍ରୋ ଆକ୍ସନ୍ ତାଙ୍କ ରିପୋର୍ଟରେ "ଆର୍.ଟି.ୟୁ.ର ଶିକ୍ଷାଦାନକୁ ଆର୍ନ୍ତଜାତୀୟ ମାନ୍ୟତାଠାରୁ କୌଣସି ଗୁଣରେ କମ୍ ନୁହେଁ ବୋଲି ମତ ଦେଇଛନ୍ତି ।"

## ସ୍ୱାସ୍ଥ୍ୟ ସେବା

ଗତ ତିନିଦଶନ୍ଧି ଧରି ଆର୍.ଟି.ୟୁ. ସ୍ୱାସ୍ଥ୍ୟ ସେବା ଯୋଗାଇ ଆସୁଅଛି । ଏହି କାର୍ଯ୍ୟକ୍ରମର ପ୍ରଭାବ ଫଳରେ ଏ ଅଞ୍ଚଳରେ କୁଷ୍ଠରୋଗ, ପୋଲିଓ ଭଳି ରୋଗ

ଆଉ ଦେଖାଯାଉନାହିଁ । ଅନୁଷ୍ଠାନ ତରଫରୁ ଏକ କ୍ଲିନିକ ରହିଛି ଏବଂ ପ୍ରତ୍ୟହ ସକାଳଓଳି ୧୫୦ ରୁ ୨୦୦ ରୋଗୀ ସ୍ୱାସ୍ଥ୍ୟ ସେବା ଏହି କ୍ଲିନିକ୍‌ରୁ ପାଇଥାଆନ୍ତି ଏବଂ ଅପରାହ୍ନରେ ଏକ ଭ୍ରାମ୍ୟମାଣ କ୍ଲିନିକ୍ ଦ୍ୱାରା ବିଭିନ୍ନ ଅପହଞ୍ଚ ଅଞ୍ଚଳକୁ ଏହି ଟିମ୍ ଯାଇଥାଆନ୍ତି ଏବଂ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଇଥାଆନ୍ତି । ଏହି ସେବା ମୁଖ୍ୟତଃ ଅନୁନ୍ନତ ବର୍ଗର ଲୋକଙ୍କ ନିମିତ୍ତ ସୁଯୋଗ ଆଣିଦେଇ ଥାଏ । ପ୍ରାଥମିକ ସ୍ତରରେ କୁଷ୍ଠ ନିବାରଣ, ପୋଲିଓ ନିବାରଣ ଆଦି କାର୍ଯ୍ୟକ୍ରମ ହାତକୁ ନେବା ଫଳରେ ବର୍ତ୍ତମାନ ଏହି ଅଞ୍ଚଳରୁ ପ୍ରାୟତଃ କୁଷ୍ଠ ଏବଂ ପୋଲିଓ ଦୂର ହୋଇଗଲାଣି ।

ଦେଖିବାକୁ ଗଲେ ଆର୍.ଟି.ୟୁ. ଏକ ଆଦର୍ଶ ଅନୁଷ୍ଠାନ ଭାବରେ ଠିଆହୋଇଛି । ଏହି ଅନୁଷ୍ଠାନ ଗତ ତିନି ଦଶନ୍ଧି ଧରି ଏହି ଅଞ୍ଚଳରେ ମୁଖ୍ୟତଃ ଶିଶୁମାନଙ୍କର ଏବଂ ସ୍ୱାସ୍ଥ୍ୟ ସେବା ଆଦି କାର୍ଯ୍ୟକ୍ରମ ନେଇ ବେଶ୍ ଚର୍ଚ୍ଚାର ପରିସରକୁ ଆସିଛି । ଏହି ଅଞ୍ଚଳରେ କାର୍ଯ୍ୟକରି କୁଷ୍ଠରୋଗ, ପୋଲିଓ ଭଳି ରୋଗର ପ୍ରାୟତଃ ମୂଳପ୍ରାଟନ କରିବା, ଅବହେଳିତ ତଥା ସମାଜର ବୈଷମ୍ୟର ଶିକାର ହେଉଥିବା ଶିଶୁମାନଙ୍କର ଦାୟିତ୍ୱ ନେବା ଏବଂ ଅନୁରୂପ ଅନେକ ସାମାଜିକ କାର୍ଯ୍ୟକ୍ରମ ନେଇ ଏକ ସାମାଜିକ ଆନ୍ଦୋଳନର ଇତିହାସ ସୃଷ୍ଟି କରିପାରିଛି ।

ଅନୁଷ୍ଠାନର ମୁଖ୍ୟ କାର୍ଯ୍ୟାଳୟ ତାମିଲନାଡୁର ଥାନି ଜିଲ୍ଲାର ଜି. କାଲୁପଟି ଦକ୍ଷିଣ ପର୍ବତମାଳାରେ ଅବସ୍ଥିତ । ଏହି ଅନୁଷ୍ଠାନ ଜି କାଲୁପଟି ନିକଟରେ ଥିବା ୨୫ଟି ଗ୍ରାମରେ କାର୍ଯ୍ୟକ୍ରମ ଚାଲୁରଖିଛି ।

ଅନୁଷ୍ଠାନର ପ୍ରତିଷ୍ଠାତା ବ୍ରଦର ଜେମ୍ସ କିମ୍ପଟନ୍ ୧୯୨୫ରେ ବ୍ରିଟେନ୍‌ର ଚେଷ୍ଟର ଅଞ୍ଚଳରେ ଜନ୍ମଗ୍ରହଣ କରିଥିଲେ । ଭାରତ ଆସିବା ପୂର୍ବରୁ କଲମ୍ବୋ ଏବଂ ଭେଟ୍ଟାଲାର ବସ୍ତି ଅଞ୍ଚଳରେ ଭିନ୍ନକ୍ଷମ ଶିଶୁମାନଙ୍କ ପାଇଁ ୧୨ ବର୍ଷ ଧରି ସେବା କାର୍ଯ୍ୟ କରିଥିଲେ । ୧୯୬୪ ମସିହାରେ ଶ୍ରୀଲଙ୍କା ସରକାର ସମସ୍ତ ବିଦେଶୀ ନାଗରିକଙ୍କୁ ଦେଶ ଛାଡ଼ିବା ପାଇଁ ଆଦେଶ ଦେବା ପରେ ସେ ଭାରତର ମଦୁରାଇ ସହରରେ ପହଞ୍ଚିଲେ । ସେ ଯେତେବେଳେ ଭାରତରେ ପହଞ୍ଚିଲେ, ସେ ଅନୁଭବ କଲେ ଯେ "ମୁଁ ମୋର ଘରକୁ ଫେରିଆସିଛି ''। ଏହି ଅନନ୍ୟ ପ୍ରତିଭାଙ୍କ ମତରେ "ମୁଁ ରୁଚିରେ ଭାରତୀୟ, ତାମିଲକୁ ମନୋନୀତ କରିଛି, ସର୍ବାଗ୍ରେ ମୁଁ ଜଣେ କାଲୁପଟୀବାସୀ'' ବୋଲି ଖୁସୀରେ କହନ୍ତି ।

"ରିଚିଂ ଦି ଅନ୍‌ରିଚଡ୍" ମୁଖ୍ୟତଃ ଶିଶୁମାନଙ୍କ ମଧ୍ୟରେ ପରିବାରବୋଧ ସୃଷ୍ଟି କରାଇବା, ଶିଶୁମାନଙ୍କର ଶିକ୍ଷା ନିମିତ୍ତ ଅଭିନବ କୌଶଳ ଅବଲମ୍ବନ

କରୁଛି । ଏହିଭଳି କେତେକ ଦୃଷ୍ଟିରୁ ଏହି ଅଞ୍ଚଳରେ ଅନନ୍ୟ ଭାବରେ ଠିଆ ହୋଇଛି ଏବଂ ସାମାଜିକ ଅନୁଷ୍ଠାନଙ୍କ ପାଇଁ ଉଦାହରଣ ପାଲଟିଯାଇଛି । ଯେଉଁମାନଙ୍କ ନିକଟରେ ସମାଜ ପହଞ୍ଚି ପାରୁନାହିଁ, ବର୍ତ୍ତମାନର ପ୍ରଚଳିତ ସମାଜରେ ଯେଉଁମାନଙ୍କୁ ମାନବସମାଜ ଘୃଣ୍ୟ, ଅସ୍ପୃଶ୍ୟ ଭାବରେ ଦେଖୁଛି, ସେହିମାନଙ୍କ ନିକଟରେ ଏହି ଅନୁଷ୍ଠାନ ପହଞ୍ଚି ସମବେଦନା ଜଣାଇନାହିଁ, ସେମାନଙ୍କୁ ଆତ୍ମନିର୍ଭରଶୀଳ କରି ବଞ୍ଚିବାର ରାହା ଦେଖାଇ ଅନୁଷ୍ଠାନର ନାମକରଣକୁ ସାର୍ଥକ କରିଛି । ଏଥିପାଇଁ ବ୍ରିଟେନ୍‌ରୁ ଆସି ଭାରତର ତାମିଲନାଡୁର ଜି.କାଲୁପଟ୍ଟି ଅଞ୍ଚଳକୁ ନିଜର କର୍ମଭୂମି କରି ନେଇଥିବା ବ୍ରଦର ଜେମ୍ସ କିମ୍ପଟନ୍ ଏହି ଶ୍ରେୟ ନିଅନ୍ତି ।

*ଅଗଷ୍ଟ ୨୦୦୭*

□□□

# ପ୍ରାଥମିକ ଶିକ୍ଷକ ସମାଜ ଏତେ ଉଦାସୀନ ଓ ହତାଶ କାହିଁକି ?

ବିଦ୍ୟାଳୟରେ ନାମଲେଖା ବୃଦ୍ଧି, ଉପସ୍ଥାନ ବୃଦ୍ଧି, ମଧ୍ୟାହ୍ନଭୋଜନର ବ୍ୟବସ୍ଥା, ଏହିଗୁଡ଼ିକୁ ଦେଖି ଆମେ ଦେଶର ଶିକ୍ଷା ବ୍ୟବସ୍ଥାର ପ୍ରକୃତ ରୂପ ଜାଣିପାରିବା ନାହିଁ । ପ୍ରାଥମିକ ଏବଂ ଉଚ୍ଚ-ପ୍ରାଥମିକ ସ୍ତରରେ ଯଥେଷ୍ଟ ସଂଖ୍ୟାରେ ଅଧାରୁ ପିଲାମାନେ ପାଠ ଛାଡୁଛନ୍ତି, ଏହା ଏକ ମୁଖ୍ୟ ସମସ୍ୟା ଭାବରେ ରହିଛି । ମୁଖ୍ୟତଃ ଏଥିପାଇଁ ଅଧିକାଂଶ କ୍ଷେତ୍ରରେ କିଛି ଭାବରେ ଶିକ୍ଷାବିଭାଗର କର୍ମକର୍ତ୍ତା, ଏବଂ ମୁଖ୍ୟତଃ ସରକାରୀ ଶିକ୍ଷକ ଓ ଯେଉଁମାନେ ଗ୍ରାମାଞ୍ଚଳରେ ଶିକ୍ଷାଦାନରେ ସଂପୃକ୍ତି ଅଛନ୍ତି ସେମାନଙ୍କୁ ଦାୟୀ କରାଯାଉଛି । ସରକାରଙ୍କ ଦ୍ୱାରା ପରିଚାଳିତ ବିଦ୍ୟାଳୟ ଏବଂ ମୁଖ୍ୟତଃ ଗ୍ରାମାଞ୍ଚଳର ଶିକ୍ଷକ ଗୋଷ୍ଠୀ ନିଜ ବୃତ୍ତି ପ୍ରତି କୌଣସି ଆଗ୍ରହ ନାହିଁ କିମ୍ବା ହୃଦୟର ସହ ମନ ଦେଉନାହାନ୍ତି । ଏମାନେ ଅନେକ କ୍ଷେତ୍ରରେ ଭାରାକ୍ରାନ୍ତ । ଏମାନଙ୍କୁ ନେଇ କ'ଣ ଦେଶର ଶିକ୍ଷାବ୍ୟବସ୍ଥାରେ ପରିବର୍ତ୍ତନ ଆସିପାରିବ ?

ଗତ କିଛିମାସ ତଳେ ପ୍ରାଥମିକ ଶିକ୍ଷାର କାର୍ଯ୍ୟକ୍ରମର ଏକ ସମୀକ୍ଷା ବୈଠକ ଅବସରରେ ପ୍ରଧାନମନ୍ତ୍ରୀ ଡ଼ଃ. ମନମୋହନ ସିଂ ଦୁଃଖର ସହିତ କହିଛନ୍ତି ଯେ, ପ୍ରଥମ ଶ୍ରେଣୀରେ ୧୦୦ ଟି ଶିଶୁ ବିଦ୍ୟାଳୟକୁ ଆସୁଥିବା ବେଳେ ଶ୍ରେଣୀ ଅଷ୍ଟମ ପଢ଼ିଲା ବେଳକୁ କେବଳ ୪୭ ଜଣ ରହୁଛନ୍ତି । ଏହି ସମୟ ମଧ୍ୟରେ ଶତକଡ଼ା ୫୩ ଭାଗ ଶିଶୁ ଅଧାରୁ ପାଠ ଛାଡ଼ି ଦେଉଛନ୍ତି ।'' ଏହା ଯେକୌଣସି ନାଗରିକଙ୍କ ମନରେ ପ୍ରଶ୍ନ ଉଠୁଥିବ ! ଏହା କେବଳ ଉପଯୁକ୍ତ ଭିତ୍ତିଭୂମିର ଅଭାବ, ଶିକ୍ଷକ ଅନିୟମିୟତା ଏବଂ ବିଦ୍ୟାଳୟରେ ଶିକ୍ଷକଙ୍କ ଅଭାବ, ସ୍ଥାନୀୟ ନିରୀକ୍ଷକଙ୍କ ଯଥେଷ୍ଟ ଭାବରେ ତଦାରଖ ନକରିବା ଇତ୍ୟାଦି ଇତ୍ୟାଦି । ଏହା ଭାରତରେ କେବଳ ପ୍ରଥମ ଥର ପାଇଁ ଶିକ୍ଷକ ଏବଂ ସ୍ଥାନୀୟ ଶିକ୍ଷା ସହ ସଂପୃକ୍ତ ଅଧିକାରୀଙ୍କୁ ଦାୟୀ କରାଯାଉଛି ତାହା ନୁହେଁ, ଏହା ବିଗତ ୨୦ ବର୍ଷ ଧରି ଏହିପରି ସଚେତନ ନାଗରିକ ମଞ୍ଚ, ସାମାଜିକ ଅନୁଷ୍ଠାନ ତଥା ଅନ୍ୟ କେତେକ ମଧ୍ୟ ଏହିପରି ବାରମ୍ବାର କହି ଆସୁଛନ୍ତି । ଅବଶ୍ୟ ଗତ କିଛିବର୍ଷ ଧରି ରାଜନୀତିଜ୍ଞ ଏବଂ ପ୍ରଶାସକ ମଧ୍ୟ ଶିକ୍ଷକ ଏବଂ ସ୍ଥାନୀୟ ପ୍ରଶାସକଙ୍କ ଦ୍ୱାରା ଶିକ୍ଷା ବ୍ୟବସ୍ଥାରେ ଅବନତି ହେଉଛି

ବୋଲି ମତ ଦେବା ଆରମ୍ଭ କରିଛନ୍ତି । ଗତକିଛି ବର୍ଷ ହେଲା ପ୍ରାଥମିକ ବିଦ୍ୟାଳୟରେ ଆଶାନୁରୂପ ନାମ ଲେଖାରେ ବୃଦ୍ଧି ହୋଇଥିଲେ ମଧ୍ୟ ସର୍ବନିମ୍ନ ଶିକ୍ଷା ଯଥା ପଢ଼ିବା ଏବଂ ଲେଖିବା ମଧ୍ୟ ଠିକ୍ ଭାବରେ ନଜାଣି ଅଧାରୁ ପାଠ ଛାଡ଼ିଦେଉଛନ୍ତି ।

ଉତ୍ତର ଭାରତର ଶିକ୍ଷକଗୋଷ୍ଠୀଙ୍କୁ ଏକ ଅବସରରେ 'ଜଣେ ଭଲ ଶିକ୍ଷକର ସଜ୍ଞା କ'ଣ' ବୋଲି ପ୍ରଶ୍ନ କରିଥିଲି । ଯେଉଁମାନେ ସେ ଅଞ୍ଚଳର ଭଲ ଶିକ୍ଷକ ଭାବରେ ଜଣାଶୁଣା, ସେମାନଙ୍କୁ ପଚାରିଥିଲି । କିଛି ସମୟ ଭାବିବା ପରେ ଜଣେ ଶିକ୍ଷକ କହିଲେ : ଜଣେ ଭଲ ଶିକ୍ଷକ କହିଲେ ପ୍ରତିଦିନ ବିଦ୍ୟାଳୟକୁ ଶିକ୍ଷକ ଆସୁଥିବେ, ଉପରିସ୍ଥ କର୍ମକର୍ତ୍ତା ଯେତେବେଳେ ଯେଉଁ ସୂଚନା ଓ ତଥ୍ୟ ମାଗୁଥିବେ, ଠିକ୍ ସମୟରେ ତାଙ୍କ ପାଖରେ ପହଞ୍ଚେଇ ଦେଉଥିବେ !'' ଏହାପରେ ମୁଁ ଅଧିକ ଭାବରେ ଜାଣିବା ପାଇଁ ଅନ୍ୟ କେତେକ ଶିକ୍ଷକଙ୍କୁ ପଚାରିଥିଲି । ପ୍ରାୟତଃ ଅଧିକାଂଶ ଶିକ୍ଷକଙ୍କ ଅଳ୍ପ ବହୁତେ ଧାରଣା ଥିଲା ଯେ ପ୍ରତିଦିନ ବିଦ୍ୟାଳୟକୁ ଯିବା ଏବଂ ଉପରିସ୍ଥ କର୍ମକର୍ତ୍ତାଙ୍କ ନିର୍ଦ୍ଦେଶ ତଥା ଆବଶ୍ୟକ ତଥ୍ୟ ଠିକ୍ ଭାବରେ କାର୍ଯ୍ୟାଳୟ ନିକଟରେ ପହଞ୍ଚେଇଦେବା । ଜିଲ୍ଲାସ୍ତରୀୟ ପ୍ରଶାସକଙ୍କ ମତରେ ଗୋଟିଏ ଭଲ ଶିକ୍ଷକ ହେଉଛି, ଯିଏ ନିୟମିତ ବିଦ୍ୟାଳୟକୁ ଯାଉଥିବେ, ବିଦ୍ୟାଳୟରେ ପିଲାଏ ନ ଦେଖାଯାଉଥିଲେ ମଧ୍ୟ ସେ ବିଦ୍ୟାଳୟକୁ ଯିବାରେ ସମୟାନୁବର୍ତ୍ତିତା ରଖୁଥିବେ । ଉପରସ୍ଥ କର୍ମକର୍ତ୍ତାଙ୍କ ଆଦେଶ ମୁତାବକ ଠିକ୍ ଭାବରେ ତଥ୍ୟ ପହଞ୍ଚେଇ ଦେଉଥିବେ । ନାମଲେଖା, ଉପସ୍ଥାନ, ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମ , କର୍ମଶାଳା - ଏହିଗୁଡ଼ିକୁ ପରଖି ଭଲ ଶିକ୍ଷକ କୁହାଯାଇପାରିବ । କର୍ମକର୍ତ୍ତା ଯଦି ଅଧିକ ଉଚ୍ଚ ଅଧିକାରୀ ହୋଇଥିବେ, ତେବେ ସେମାନଙ୍କର ମତରେ ଭଲ ଶିକ୍ଷକଙ୍କର ସଂଜ୍ଞା ହେଉଛି : କମ୍ ଅନୁପସ୍ଥିତ, ଶୃଙ୍ଖଳା, ଠିକ୍ ଭାବରେ ନଥିପତ୍ର ରଖୁଥିବେ, ଠିକ୍ ଭାବରେ ତଥ୍ୟ ସଂଗ୍ରହ କରୁଥିବେ, ଠିକ୍ ଭାବରେ ବିଦ୍ୟାଳୟର ପାଣ୍ଠି ବିନିଯୋଗ କରୁଥିବେ ଏବଂ ବିଦ୍ୟାଳୟରେ ଶିକ୍ଷଣସାମଗ୍ରୀ ରଖିଥିବେ, ପିଲାଙ୍କୁ ପ୍ରଶ୍ନ ଦେଉଥିବେ ଏବଂ ପିଲାଙ୍କ ଖାତାପତ୍ରକୁ ପରଖି ଦେଖୁଥିବେ ।

ଏହିଗୁଡ଼ିକ ଦେଖିବାକୁ ଗଲେ ଗୁଣାତ୍ମକ ଶିକ୍ଷାର ସଂଜ୍ଞା ଦକ୍ଷତାର ସହ ଶିକ୍ଷକ କିପରି ବିଦ୍ୟାଳୟ ପରିଚାଳନା କରୁଛନ୍ତି, ତାହା ଉପରେ ନିର୍ଭର କରୁଛି । ଶିକ୍ଷାର ଗୁଣାତ୍ମକ କହିଲେ ବୁଝାଉଛି , ବିଦ୍ୟାଳୟରେ କେତେ ସମୟ ଶିକ୍ଷକ ରହୁଛନ୍ତି, କେତେଦୂର ଶିକ୍ଷକ ଉଚ୍ଚ କର୍ମକର୍ତ୍ତାକୁ ମାନୁଛନ୍ତି ଏବଂ ଠିକ୍ ସମୟରେ ତଥ୍ୟ ପ୍ରଦାନ କରୁଛନ୍ତି । ଏଥିସହିତ କିପରି ଉପର କର୍ମକର୍ତ୍ତାଙ୍କ ଆଦେଶକୁ ମାନିବା ଏବଂ ପୂର୍ବବତ୍ ଯାହାଚାଲିଛି, ତାହାକୁ ଗୁରୁତ୍ୱ ଦେବା ହିଁ ଗୁଣାତ୍ମକ ଭାବରେ ଦେଖାଯାଉଛି । ଏଦଦ୍‌ବ୍ୟତୀତ ବିଦ୍ୟାଳୟରେ କେତେ ପିଲା ବାର୍ଷିକ ପରୀକ୍ଷାରେ ପାସ୍ କଲେ, ଏହା ଏକ ମୁଖ୍ୟ ମାନଦଣ୍ଡ

ଭାବରେ ଦେଖାଯାଉଛି । କନ୍ତୁ ପ୍ରକୃତରେ କେତେଘଣ୍ଟା ଶିକ୍ଷକ ପଢ଼ଉଛନ୍ତି, ପିଲାଏ ଶିକ୍ଷକଙ୍କ ଦ୍ୱାରା କେତେଦୂର ଉପକୃତ ହେଉଛନ୍ତି, ଏହି ଦିଗଗୁଡ଼ିକ ଭଲ ଶିକ୍ଷକର ସଂଜ୍ଞା ମାପିବା ବେଳେ ନିଆଯାଉନାହିଁ ।

ଅଭିଭାବକଙ୍କ ଦୃଷ୍ଟିରେ ଗୁଣାତ୍ମକ ଶିକ୍ଷାର ସଂଜ୍ଞା ହେଉଛି ଭିନ୍ନ । ସେମାନଙ୍କ ମତରେ ବିଦ୍ୟାଳୟରେ ନିୟମିତ ଭାବରେ ପାଠପଢ଼ା ହେବା ହେଉଛି ଭଲ ବିଦ୍ୟାଳୟ । ଜଣେ ଶିକ୍ଷକ, ଯିଏ ନିୟମିତ ବିଦ୍ୟାଳୟକୁ ଆସେ, ସରକାରଙ୍କ ଦ୍ୱାରା ପ୍ରସ୍ତୁତ ନିର୍ଦ୍ଦିଷ୍ଟ ସମୟ ଅନୁସାରେ ସେହି ସମୟତକ ବିଦ୍ୟାଳୟରେ ରହେ, ପିଲାଙ୍କୁ ମାଡ଼ ଦିଏନାହିଁ, ଖରାପ ଭାଷା ପ୍ରୟୋଗ କରେନାହିଁ, ପିଲାଙ୍କ ପ୍ରତି ଜୋର୍‌ରେ ପାଟି କରେନାହିଁ କିମ୍ବା ଦଣ୍ଡ ଦିଏନାହିଁ । ଏମାନଙ୍କୁ ଭଲ ଶିକ୍ଷକ ଅଭିଭାବକମାନେ କହନ୍ତି । ଏଥିସହିତ ପିଲାଟିଏ ପଢ଼ିବା, ଲେଖିବା ସହିତ ପରୀକ୍ଷାରେ ପାସ୍ ହେବା ହେଉଛି ଅଭିଭାବକମାନେ ମୁଖ୍ୟ ମାନଦଣ୍ଡ ଭାବରେ ନେଇଥାଆନ୍ତି ।

ଅନ୍ୟପକ୍ଷରେ ଶିକ୍ଷାବିତ୍‌ମାନଙ୍କ ଭଲ ଶିକ୍ଷକଙ୍କ ସଂଜ୍ଞା ଅନ୍ୟ ପ୍ରକାରେ ଦେଇଥାଆନ୍ତି । ସେମାନଙ୍କ ମତରେ ଜଣକୁ ପ୍ରକୃତ ଶିକ୍ଷକ କହିବା, ଯିଏ ପିଲାଙ୍କ ସହିତ ଭଲ ସମ୍ପର୍କ ରଖେ । ସେ ପିଲାଙ୍କ ସହ ଆଲୋଚନା ମାଧ୍ୟମରେ ପିଲାଙ୍କ ଶକ୍ତି ବୃଦ୍ଧି କରେ । ଶିକ୍ଷକ ନିଜର ବ୍ୟକ୍ତିତ୍ୱ ମାଧ୍ୟମରେ ସେ ପିଲାଙ୍କ ଶିକ୍ଷଣ ପ୍ରକ୍ରିୟାକୁ ବୃଦ୍ଧି କରେ । ଏଥିସହିତ ଏମାନଙ୍କ ମତରେ ଜଣେ ଭଲ ଶିକ୍ଷକ ହିଁ ଅଭିଭାବକଙ୍କ ସହ ଭଲ ସମ୍ପର୍କ ଗଢ଼େ ଏବଂ ଗୋଷ୍ଠୀ ସହିତ ମଧ୍ୟ ସମ୍ପର୍କ ଠିକ୍ ରଖେ ଯାହାଦ୍ୱାରା ଗୋଷ୍ଠୀ ଶିଶୁକୁ ବିଦ୍ୟାଳୟକୁ ନିୟମିତ ପଠେଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ଏଥିସହିତ ଗୋଷ୍ଠୀ ପିତାମାତାଙ୍କୁ ପ୍ରଭାବିତ କରି ବିଦ୍ୟାଳୟକୁ ପିଲାଙ୍କୁ ପଠାଇବାରେ ସେମାନଙ୍କ ଅବଦାନ ରହେ ।

ଏହିଗୁଡ଼ିକ ଗଲା ସରକାରୀ ବିଦ୍ୟାଳୟଗୁଡ଼ିକ ଉପରେ ଆଲୋକପାତ ହୋଇଛି । ଶିକ୍ଷକ, ଶିକ୍ଷାବିଭାଗ କର୍ମକର୍ତ୍ତା, ଅଭିଭାବକମାନଙ୍କୁ ବେସରକାରୀ ବିଦ୍ୟାଳୟଗୁଡ଼ିକ ସମ୍ପର୍କରେ ପଚାରିଲେ ବେସରକାରୀ ଭାବେ ପରିଚାଳିତ ବିଦ୍ୟାଳୟଗୁଡ଼ିକ ପ୍ରତି ଅଧିକ ଭଲ ଭାବିଥାନ୍ତି । ଏହାର କାରଣ ପଚାରିଲେ କହନ୍ତି, ବିଦ୍ୟାଳୟଗୁଡ଼ିକରେ ନିମୟାନୁବର୍ତ୍ତୀ, ଶୃଙ୍ଖଳା, ପରିଚାଳନା ବ୍ୟବସ୍ଥା, ବିଦ୍ୟାଳୟଗୁଡ଼ିକରେ କ୍ରମାଗତ ଭାବରେ ପରୀକ୍ଷା ଯଥା ପଞ୍ଚମ, ଅଷ୍ଟମ, ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଭଲ କୃତିତ୍ୱ କରିବା ଏବଂ ଭଲ ମାର୍କ ରଖିବା । ସେମାନେ ସ୍ୱୀକାର କରନ୍ତି ଯେ, ବେସରକାରୀ ବିଦ୍ୟାଳୟଗୁଡ଼ିକରେ ଶିକ୍ଷକଙ୍କ ଅଭାବ, ଅନିୟମିତ ଥିଲେ ମଧ୍ୟ ଠିକ୍ ଭାବରେ ପାଠପଢ଼ା ହୁଏ । ସେମାନଙ୍କୁ ସରକାରୀ ବିଦ୍ୟାଳୟଗୁଡ଼ିକ କାହିଁକି ଏପରି ହୋଇପାରୁନାହିଁ ପଚାରିଲାବେଳେ ନୀରବତା

ଅବଲମ୍ବନ କରନ୍ତି । ସେମାନେ କେବଳ ଶିକ୍ଷା ବ୍ୟବସ୍ଥାଟିକୁ ଦାୟୀ କରନ୍ତି ଏବଂ ଶିକ୍ଷାଦାନ ସହ ଅନ୍ୟାନ୍ୟ କାମ ଶିକ୍ଷକଙ୍କ ଉପରେ ବୋଝ ପଡୁଥିବାରୁ ପାଠପଢ଼ା ଠିକ୍ ହୁଏନାହିଁ ବୋଲି କହନ୍ତି ।

ଭାରତ ଏକ ବଡ଼ ଦେଶ । ପ୍ରକୃତ ଶିକ୍ଷା ସମ୍ପର୍କରେ ଏହାର ସଂଜ୍ଞା ବିଭିନ୍ନ ପ୍ରକାର ଲୋକଙ୍କୁ ନେଇ ଭିନ୍ନ ଭିନ୍ନ ହୋଇପାରେ । ସାଧାରଣ ଜନତା ଏବଂ ପ୍ରଶାସକ ସ୍ୱୀକାର କରନ୍ତି ଯେ ପ୍ରାଥମିକ ଶିକ୍ଷାର ବ୍ୟବସ୍ଥାରେ ଦୋଷ ଦୂର୍ବଳତା ରହିଛି । ତଳସ୍ତରରେ ଥିବା ଲୋକ ଏବଂ ସମ୍ବାଦପତ୍ର ତଥା ମିଡ଼ିଆ ବାଲା ଶିକ୍ଷକଙ୍କୁ ଦାୟୀ କରନ୍ତି, କୁହନ୍ତି ଶିକ୍ଷକଙ୍କ ଅନୁପସ୍ଥିତି, ଶିକ୍ଷକଙ୍କ ଛାତ୍ରଛାତ୍ରୀଙ୍କ ପ୍ରତି ଖରାପ ବ୍ୟବହାର, ଶିକ୍ଷକ ଗୋଷ୍ଠୀଙ୍କ ରାଜନୀତି ଗୋଷ୍ଠୀ ସହ ସଂପୃକ୍ତି, ଏବଂ ମୁଖ୍ୟତଃ ସେମାନଙ୍କର ପେଶାଦାର ମନୋବୃତ୍ତିର ଅଭାବ ହିଁ ପ୍ରାଥମିକ ଶିକ୍ଷାର ଅଧୋଗତି ପାଇଁ ମୁଖ୍ୟତଃ ଦାୟୀ କରନ୍ତି । . ଅନ୍ୟ ପକ୍ଷରେ ଶିକ୍ଷକମାନେ ଦାବୀ କରନ୍ତି ଯେ, ସେମାନଙ୍କୁ ରାଜନୀତିକ ବାଛବିଚାର ଏବଂ ବାରମ୍ବାର ସ୍ଥାନ ପରିବର୍ତ୍ତନ ନହେବା ପାଇଁ ସେମାନଙ୍କୁ ବାଧ୍ୟ ହୋଇ ଉତ୍କୋଚ ଦେବାକୁ ପଡ଼ିଥାଏ । ପ୍ରଶାସକଙ୍କ ମତରେ ଶିକ୍ଷକମାନଙ୍କୁ ଅଧିକ ଭାବରେ ତଥ୍ୟ ସଂଗ୍ରହ, ପିଲାଙ୍କୁ ବିଦ୍ୟାଳୟରେ ନାମଲେଖାଇଥିବା ପାଇଁ ନିର୍ଦ୍ଦଷ୍ଟ ସମୟସୀମା ଧାର୍ଯ୍ୟ ଓ ଅନ୍ୟକାର୍ଯ୍ୟ ପାଇଁ ନିର୍ଦ୍ଦିଷ୍ଟ ସମୟରେ ଶେଷ କରିବା ପାଇଁ, ଏହିପରି କେତେକ କାରଣ ଯୋଗୁଁ ଶିକ୍ଷକଙ୍କ ଦୃଷ୍ଟି ଶିକ୍ଷା ପ୍ରତି ଗୁରୁତ୍ୱ ରହୁନାହିଁ । ଅନେକ ମତ ଦିଅନ୍ତି ଯେ, ସରକାରୀ ବିଦ୍ୟାଳୟରେ କେବଳ ଯେଉଁମାନେ ପିଲାଙ୍କ ଅର୍ଥ ଖର୍ଚ୍ଚ କରି ବେସରକାରୀ ବିଦ୍ୟାଳୟକୁ ପଠେଇପାରୁ ନାହାଁନ୍ତି, ସେମାନେ ସରକାରୀ ବିଦ୍ୟାଳୟକୁ ସେମାନଙ୍କ ପିଲାଙ୍କୁ ପଠଉଛନ୍ତି । ଗରୀବ ପିଲାଙ୍କ ପିତାମାତା ଓ ଗୋଷ୍ଠୀର ସାଧାରଣତଃ ପଚାରିବାର ଓ ସ୍ୱରଉତ୍ତୋଳନ କରିବାର ଶକ୍ତି ନଥାଏ । ଯେଉଁମାନେ ଉକ୍ତ ବିଷୟରେ ପଚାରିପାରିବେ ଓ ସ୍ୱର ଉତ୍ତୋଳନ କରିପାରିବେ, ସେମାନଙ୍କ ପିଲା ସରକାରୀ ସ୍କୁଲକୁ ଆସନ୍ତି ନାହିଁ ଏବଂ ଅଭିଭାବକ ପିଲାଙ୍କୁ ବେସରକାରୀ ବିଦ୍ୟାଳୟକୁ ପଠେଇ ନୀରବ ରହନ୍ତି ।

ପ୍ରଥମେ ଦେଖିବାକୁ ପଡ଼ିବ ଯେ, ଗତ କିଛିବର୍ଷ ହେଲା ବିଦ୍ୟାଳୟଗୁଡ଼ିକରେ ନାମଲେଖା ସହ ଉପସ୍ଥାନ ବୃଦ୍ଧି ପାଇଛି । କିନ୍ତୁ ଶିକ୍ଷକଙ୍କ ନିଯୁକ୍ତି ପିଲାଙ୍କ ନାମଲେଖା ଅନୁପାତରେ ବୃଦ୍ଧି ହୋଇପାରି ନାହିଁ । ବିଦ୍ୟାଳୟଗୁଡ଼ିକର ଶ୍ରେଣୀଗୃହଗୁଡ଼ିକ ମଧ୍ୟ ଶିଶୁକୁ ଆକର୍ଷିତ କରିବା ପରି ନୁହେଁ, କିମ୍ବା ଯେତିକି ପିଲା ବସନ୍ତି ତାହା ପାଇଁ ଜାକିଯୁକା ହୋଇ ବସନ୍ତି । ସାଧାରଣତଃ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଯେଉଁ ପିଲାମାନେ ବିଦ୍ୟାଳୟକୁ ଆସନ୍ତି, ସେମାନେ ବହୁତ ଗରୀବ ଶ୍ରେଣୀର ଏବଂ ପାଠପଢ଼ିବା ଆରମ୍ଭର

ପ୍ରଥମ ସୋପାନରେ ଆସିଥାଆନ୍ତି । ଅଧିକାଂଶ ଗ୍ରାମୀଣ ବିଦ୍ୟାଳୟଗୁଡ଼ିକରେ ପ୍ରଥମରୁ ତୃତୀୟ କିମ୍ବା ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ଶ୍ରେଣୀ ଚାଲିଥାଏ । ଏଥିପାଇଁ କେବଳ ଜଣେ କିମ୍ବା ଦୁଇଜଣ ଶିକ୍ଷକ ନିଯୁକ୍ତି ହୋଇଥାଆନ୍ତି । ଏଥିସହିତ ଶିକ୍ଷକ-ଛାତ୍ରଛାତ୍ରୀ ଅନୁପାତ ମଧ୍ୟ ଅଧିକ ଥାଏ ।

ଦ୍ୱିତୀୟରେ, ସରକାରୀ ବିଦ୍ୟାଳୟଗୁଡ଼ିକରେ ଛାତ୍ରଛାତ୍ରୀ ଏବଂ ଶିକ୍ଷକ ମଧ୍ୟରେ ସାମାଜିକ ତାରତମ୍ୟତା ବେଶୀ । ସାମାଜିକ ଇଚ୍ଛାଶକ୍ତି ଏବଂ ଗୋଷ୍ଠୀରେ ଥିବା ପୂର୍ବରୁ ଚାଲିଆସିଥିବା ପରମ୍ପରା ଏକ ମୁଖ୍ୟ କାରଣ ସୃଷ୍ଟି କରେ । ଶିକ୍ଷକମାନଙ୍କର ଅବହେଳିତ ପିଲାଙ୍କ ପ୍ରତି ସାଧାରଣତଃ ଦରଦୀ ଭାବ ଆସେନାହିଁ । ଅନୁନ୍ନତ ଓ ଅବହେଳିତ ଗୋଷ୍ଠୀ ମଧ୍ୟରେ ମଧ୍ୟ ଏପରି ଭ୍ରମ ପୁରାଯାଇଛି ଯେ, ଆମ ଦ୍ୱାରା ଶିକ୍ଷା ବିଶେଷ ହୋଇପାରିବ ନାହିଁ ! ସାଧାରଣତଃ ଅନେକ ଶିକ୍ଷକଙ୍କ ଧାରଣା ଥାଏ ଯେ, ଏମାନେ ବର୍ଷ ବର୍ଷ ଧରି ଏହିପରି ରହି ଆସିଛନ୍ତି । ଏମାନଙ୍କ ଦ୍ୱାରା ଶିକ୍ଷା ସମ୍ଭବ ନୁହେଁ ! ଏଥିସହିତ ଶିକ୍ଷକଙ୍କ ଆଦିବାସୀ ଅଞ୍ଚଳରେ ପିଲାଙ୍କ ପ୍ରତି ଯେଉଁଭଳି ଭାବରେ ଭାଷା ବ୍ୟବହାର କରନ୍ତି, ତାହାଦ୍ୱାରା ଅନେକ ପାଠପଢ଼ା ଛାଡ଼ି ଦେଇଥାନ୍ତି ।

ତୃତୀୟରେ ଜଣେ ଶିକ୍ଷକଙ୍କ ବିଭିନ୍ନ ଶ୍ରେଣୀର, ବିଭିନ୍ନ ଗୋଷ୍ଠୀର ଏବଂ ବିଭିନ୍ନ ପ୍ରକାରର ପିଲାଙ୍କୁ ନେଇ ପାଠପଢ଼େଇବା ଏବଂ ପରିଚାଳନା କରିବାର ଦକ୍ଷତା ନଥାଏ । ଶିକ୍ଷକ ତାଲିମ କାର୍ଯ୍ୟକ୍ରମଗୁଡ଼ିକ ସାଧାରଣତଃ ସହରର ବିଦ୍ୟାଳୟରେ ପିଲାଙ୍କୁ ଶିକ୍ଷକ କିପରି ପଢ଼ାଇବେ, ପରିଚାଳନା କରିବେ, ତାହାକୁ ଦେଖି ହୋଇଥାଏ । ଗୋଟିଏ ଶ୍ରେଣୀ ପାଇଁ ଗୋଟିଏ ଶିକ୍ଷକ ଭାବରେ ତାଲିମ କାର୍ଯ୍ୟକ୍ରମ ହୋଇଥାଏ । କିନ୍ତୁ ଗ୍ରାମାଞ୍ଚଳରେ ଗୋଟିଏ ଶିକ୍ଷକଙ୍କୁ ଦୁଇଟିରୁ ତିନୋଟି, ବେଳେ ବେଳେ ପାଞ୍ଚୋଟି ଶ୍ରେଣୀର ପିଲାଙ୍କ ଦାୟିତ୍ୱ ନେବାକୁ ପଡ଼େ । ଯେଉଁଠି ପିଲା ଏବଂ ଶିକ୍ଷକ ଅନୁପାତରେ ଅଧିକ, ସେଠାରେ ଶିକ୍ଷକ ପିଲାମାନଙ୍କୁ ପଢ଼େଇବା, ସମସ୍ତ ଶ୍ରେଣୀର ପିଲାଙ୍କୁ ନେଇ ପରିଚାଳନା କରିବା କଷ୍ଟକର ହୋଇଥାଏ । ଏହି ଶିକ୍ଷକମାନଙ୍କ ପାଇଁ 'ଆନନ୍ଦମୟ ଶିକ୍ଷା', 'ପିଲାଙ୍କୁ ନେଇ ବା ପିଲାଙ୍କ ମନୋଭାବକୁ ନେଇ ପାଠପଢ଼ା' ଆଦି କୌଣସି କାର୍ଯ୍ୟରେ ଲାଗେ ନାହିଁ । ଏହି ଅଞ୍ଚଳର ପିଲାଏ କେବଳ ବିଭିନ୍ନ ସାମାଜିକ ପରିସ୍ଥିତିରୁ ଆସିଥାଆନ୍ତି, ତାହା ନୁହେଁ ଏହି ପିଲାମାନେ ଅଧିକାଂଶତଃ ଭୋକିଲା, ବାରମ୍ବାର ଦେହଖରାପ ହେବା, ଠିକ୍ ଭାବରେ ଖାଦ୍ୟ ନପାଇବା ଆଦିର ମଧ୍ୟ କାରଣ ଥାଏ । ଅଧିକାଂଶ ଶିକ୍ଷକ ତାଲିମ କାର୍ଯ୍ୟକ୍ରମଗୁଡ଼ିକ ସାଧାରଣ ବିଷୟଗୁଡ଼ିକୁ ନେଇ ହୋଇଥାଏ । ତାଲିମ କାର୍ଯ୍ୟକ୍ରମଗୁଡ଼ିକରେ ବିଷୟକୈନ୍ଦ୍ରିକ ( subject-specific ) ତାଲିମ ବହୁତ କମ୍ ଥାଏ । ତାଲିମ କାର୍ଯ୍ୟକ୍ରମଗୁଡ଼ିକ

ଶିକ୍ଷକ ପ୍ରଶିକ୍ଷକ ଓ ପ୍ରଶାସକଙ୍କ ମିଳିତ ଉଦ୍ୟମରେ ହେଉଥାଏ ଏବଂ ଶିକ୍ଷକମାନେ ବିଦ୍ୟାଳୟରେ ଭୋଗୁଥିବା ଅସୁବିଧା ସମ୍ପର୍କରେ ସେମାନେ କମ୍ ଜ୍ଞାନ ଥାଏ କିମ୍ବା ନଥାଏ । ଫଳରେ ତାଲିମ କାର୍ଯ୍ୟକ୍ରମ ଶିକ୍ଷକମାନଙ୍କୁ ବିଶେଷ ଭାବରେ ସାହାଯ୍ୟ କରିନଥାଏ ଏବଂ ଶିକ୍ଷକମାନେ କେବଳ ଉପରିସ୍ଥ ହାକିମଙ୍କ ଆଦେଶକୁ ମାନିବା ପାଇଁ ତାଲିମ ଗ୍ରହଣ କରିଥାଆନ୍ତି ।

ଚତୁର୍ଥରେ କ୍ରମାନ୍ୱୟରେ ଶିକ୍ଷକଙ୍କ ବଦଳି ନକରିବା ପାଇଁ, ବଦଳି କରିବା ପାଇଁ, ଅନ୍ୟ ସ୍ଥାନକୁ ଅସ୍ଥାୟୀ ଭାବରେ ନିଯୁକ୍ତି ହେବା, ପଦୋନ୍ନତି, ଏହି ପରି ଅନେକ କାର୍ଯ୍ୟପାଇଁ ଶିକ୍ଷା ବିଭାଗରେ ଖୋଲାଖୋଲି ଭାବରେ ଟଙ୍କା ଦିଆନିଆ ହୁଏ ! ଅନେକ ଶିକ୍ଷକ ମତ ଦିଅନ୍ତି ଯେ, ଶିକ୍ଷାରେ ରାଜନୀତିକରଣ ଦ୍ୱାରା ଶିକ୍ଷକଙ୍କ ପାଠପଢ଼ା ପ୍ରତି ଦୃଷ୍ଟି ଦିଆହେଉନାହିଁ । ଶିକ୍ଷକଙ୍କୁ ଏଥିପାଇଁ ଶିକ୍ଷକ ସଂଘ ଏବଂ ପ୍ରଭାବଶାଳୀ ଗୋଷ୍ଠୀ ସହ ସମନ୍ୱୟ ରଖିବାକୁ ପଡୁଛି । ଶିକ୍ଷକ, ଯେଉଁମାନେ ନେତାଗିରି କରୁଛନ୍ତି ଏବଂ ରାଜନୀତି ଦଳ ଦ୍ୱାରା ମାନ୍ୟତାପ୍ରାପ୍ତ ଗୋଷ୍ଠୀରେ ଅଛନ୍ତି, ସେମାନଙ୍କୁ ବିଦ୍ୟାଳୟକୁ କାଁ ଭାଁ ଯିବାକୁ ପଡୁଛି । ଏହାଦ୍ୱାରା ଜଣେ ପ୍ରକୃତ ଶିକ୍ଷକ ବେଳେ ବେଳେ ବାରମ୍ବାର ବଦଳି ଭୋଗିବାକୁ ପଡୁଛି । ସେ ମଧ୍ୟ ଶିକ୍ଷାଦାନ ବ୍ୟତୀତ ଅନ୍ୟ ଅଣଶିକ୍ଷା କାର୍ଯ୍ୟକ୍ରମ ଦ୍ୱାରା ଅଧିକ ଭାବରେ ଧନ୍ଦି ହୋଇ ପଡୁଛି । ଜଣେ ଭଲ ଶିକ୍ଷକଙ୍କୁ ମଧ୍ୟ ପ୍ରୋତ୍ସାହନ ମିଳିବା ପାଇଁ ବ୍ୟବସ୍ଥା ମଧ୍ୟ ନାହିଁ । ଏଥିପାଇଁ ଶିକ୍ଷକମାନଙ୍କୁ ସେମାନେ ଏକ ପ୍ରଭାବଶାଳୀ ଗୋଷ୍ଠୀରେ ରହିବା ପାଇଁ ସେମାନଙ୍କୁ ନିୟମିତ ବ୍ୟବଧାନରେ କିଛି ଅର୍ଥ ଦେବାକୁ ପଡୁଛି ।

ପଞ୍ଚମରେ, ଶିକ୍ଷକ ସଂଘ ଦାବୀ କରୁଛନ୍ତି ଯେ ବ୍ଲକ ଏବଂ ଜିଲ୍ଲାସ୍ତରରେ ସେମାନଙ୍କର ଯଥେଷ୍ଟ ଭାବରେ ଅଣ-ଶିକ୍ଷାଦାନ କାର୍ଯ୍ୟକ୍ରମରେ ନିଯୁକ୍ତି କରାହେଉଥିବାରୁ ସେମାନେ ବାଧ୍ୟ ହୋଇ ଶ୍ରେଣୀଗୃହ ଶିକ୍ଷାଠାରୁ ଦୁରେଇ ରହୁଛନ୍ତି । ଉଦାହରଣ ସ୍ୱରୂପ କୁହାଯାଇପାରେ, ରାଜସ୍ଥାନ ସରକାର ଶିକ୍ଷକମାନଙ୍କୁ ପରିବାର ନିମନ୍ତ୍ରଣ ବିଷୟରେ ଲୋକଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏଥିସହିତ ସରକାରଙ୍କ ତରଫରୁ ସ୍ୱୟଂ ସହାୟକ ଦଳଗୁଡ଼ିକର ଖାତାପତ୍ର ଠିକ୍ କରିବାରେ ସାହାଯ୍ୟ କରିବା ଏବଂ ସେମାନଙ୍କର ଋଣ ଠିକ୍ ଭାବରେ ପରିଶୋଧ କରୁଛନ୍ତି କି ନାହିଁ ତଦାରଖ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାପାଳ ମଧ୍ୟ ଶିକ୍ଷକମାନଙ୍କୁ ସରକାରଙ୍କ ଦ୍ୱାରା ସାହାଯ୍ୟପ୍ରାପ୍ତ କଲ୍ୟାଣ କାର୍ଯ୍ୟକ୍ରମଗୁଡ଼ିକରେ ସାହାଯ୍ୟ କରିବା ପାଇଁ କାର୍ଯ୍ୟ ଦେଇଛନ୍ତି । ଯେଉଁ ଶିକ୍ଷକମାନେ ନେତାଗିରି, ସଂଘ, ରାଜନୀତିଜ୍ଞଙ୍କ ସହ ସଂପୃକ୍ତ ରହିଥାଆନ୍ତି, ସେମାନଙ୍କୁ କୌଣସି ଅଧିକ କାର୍ଯ୍ୟରେ ନିୟୋଜନ କରାଯାଇନଥାଏ ।

କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ମତରେ କେବଳ ଶତକଡ଼ା ୫ କିମ୍ବା ତାହାଠାରୁ କମ୍ ସମୟ ଅଣ-ଶିକ୍ଷା କାର୍ଯ୍ୟକ୍ରମରେ ନିୟୋଜିତ କରାଯାଉଛି । କିନ୍ତୁ ଶିକ୍ଷକ ସଂଘ ଏବଂ ସ୍ଥାନୀୟ ଶିକ୍ଷାବିଭାଗର କର୍ମକର୍ତ୍ତା ଏହି ତଥ୍ୟକୁ ଗ୍ରହଣ କରିବାକୁ ନାରାଜ । ସେମାନଙ୍କ ମତରେ ସରକାର କିମ୍ବା ଯେଉଁମାନେ ମତ ଦେଉଛନ୍ତି, ସେମାନେ ଭାବୁଛନ୍ତି ଯେ ଶିକ୍ଷକମାନେ ବିଦ୍ୟାଳୟ ସମୟ ଛାଡ଼ି ଅନ୍ୟ ସମୟରେ ଏଥିପାଇଁ ସମୟ ଦେଉଥିବେ ।

ଗତ କିଛି ବର୍ଷ ହେଲା ଶିକ୍ଷକ ତାଲିମ କାର୍ଯ୍ୟକ୍ରମ ଯୋର୍ ସୋର୍‌ରେ ଚାଲିଛି । ଶିକ୍ଷକମାନଙ୍କୁ ବିଭିନ୍ନ ପ୍ରକାର ରିଫ୍ରେସର୍ କୋର୍ସ୍ ଏବଂ କର୍ମଶାଳା ମାଧ୍ୟମରେ ତାଲିମ ଦିଆଯାଉଛି । ଏଥିପାଇଁ ଛୁଟୀ ସମୟ ବ୍ୟତୀତ ସ୍କୁଲ ଚାଲିବା ସମୟରେ ମଧ୍ୟ ତାଲିମ କାର୍ଯ୍ୟକ୍ରମ ଚାଲୁଅଛି । ତାଲିମ କାର୍ଯ୍ୟକ୍ରମଗୁଡ଼ିକର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜ୍ଞାନର ସୀମା ବୃଦ୍ଧି କରିବା – ଏବଂ ଶିକ୍ଷଣ ବ୍ୟବସ୍ଥାକୁ ଶିଶୁକୈନ୍ଦ୍ରିକ କରିବା । କିନ୍ତୁ ଶିକ୍ଷକମାନଙ୍କ ମତ ଯେ ଏହା ବହୁତ କମ୍ କ୍ଷେତ୍ରରେ ସେମାନଙ୍କୁ ସହଯୋଗ କରୁଛି । ଏହି ତାଲିମ କାର୍ଯ୍ୟକ୍ରମଗୁଡ଼ିକ ପ୍ରକୃତରେ ଠିକ୍ ଭାବରେ ନହେବା ସହିତ ଦରକାରୀ ମୁତାବକ ହେଉନାହିଁ । ଅନେକ ଶିକ୍ଷକଙ୍କ ମତ ଯେ, ତାଲିମ କାର୍ଯ୍ୟକ୍ରମଗୁଡ଼ିକ ହେବା ପାଇଁ କେବଳ ହେଉଚି । ସେଥିରେ କିଛି ନୂତନତା ନଥାଏ । ଏବଂ ଅଧିକାଂଶ ଅନୁନ୍ନତ ଓ ଦୂରପ୍ରାନ୍ତର ଅଞ୍ଚଳରେ ଯେଉଁ ତାଲିମ କାର୍ଯ୍ୟକ୍ରମ ହୁଏ, କେବଳ ଯିବା ଆସିବାରେ ସମୟ ହୋଇଯାଇଥାଏ ।

ସପ୍ତମରେ, ଅନ୍ୟବିଭାଗ ତୁଳନାରେ ଶିକ୍ଷା ବିଭାଗରେ କୋର୍ଟ କେସ୍ ବେଶୀ ଚାଲୁରହିଛି । ଶିକ୍ଷକ ଏବଂ ଶିକ୍ଷାବିଭାଗର କର୍ମକର୍ତ୍ତାମାନେ ଅନେକ କୋର୍ଟ କେସ୍‌ରେ ଅଛ ବହୁତେ ସଂଶ୍ଲିଷ୍ଟ । ସାଧାରଣତଃ ଏହି କେସ୍‌ଗୁଡ଼ିକ ମଧ୍ୟରେ ମୁଖ୍ୟବିଷୟଗୁଡ଼ିକ ହେଉଛି ପଦୋନ୍ନତି, ନିଯୁକ୍ତି ସ୍ଥାନ, ଶିକ୍ଷକ ତଥା ଶିକ୍ଷାବିଭାଗ କର୍ମକର୍ତ୍ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଇତ୍ୟାଦି । ଶିକ୍ଷାବିଭାଗର କର୍ମକର୍ତ୍ତା ଅନେକ ସମୟରେ କୋର୍ଟକୁ ଏହି ବିଷୟଗୁଡ଼ିକରେ ନିଜ ବିଭାଗର ସପକ୍ଷରେ ଯୁକ୍ତି ଦେବା ପାଇଁ ବାରମ୍ବାର ଦୌଡ଼ିବାକୁ ପଡ଼େ ଏବଂ ଖର୍ଚ୍ଚାନ୍ତ ହେବାକୁ ପଡ଼େ । ଅଧିକାଂଶତଃ ଏହା ଶିକ୍ଷକମାନଙ୍କ ଦ୍ୱାରା ଫାଇଲ୍ କରାଯାଇଥାଏ । ଶିକ୍ଷକମାନଙ୍କ ମତରେ କୋର୍ଟ ବିନା ଅନ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଦ୍ୱାରା ସେମାନେ ନ୍ୟାୟ ପାଇପାରିବେ ନାହିଁ । ଶିକ୍ଷକମାନଙ୍କର ବରିଷ୍ଠତା ଭିତ୍ତିରେ ପଦୋନ୍ନତି ପାଇଁ ମଧ୍ୟ ଯଥେଷ୍ଟ ରାଜନୀତି ହେଉଛି ! ଏଥିସହିତ ବେଳେ ବେଳେ ନୂତନ ଶିକ୍ଷକ ନିଯୁକ୍ତି କ୍ଷେତ୍ରରେ ମଧ୍ୟ କୋର୍ଟ କେସ୍ ଦ୍ୱାରା ବାରମ୍ବାର ନିଯୁକ୍ତି ପ୍ରକ୍ରିୟା ବାଧାପ୍ରାପ୍ତ ହେଉଛି ।

ଶେଷରେ ଆମେ ଗ୍ରହଣ କରିବା ଯେ, ଯେଉଁମାନେ ପ୍ରକୃତ ଶିକ୍ଷକ, ସେମାନେ ଯେଉଁସ୍ଥାନରେ ନିଯୁକ୍ତି ହୁଅନ୍ତୁ ବା ବଦଳି ହୁଅନ୍ତୁ, ସେମାନେ ଅଧିକ ସମାଜରେ ଅଧିକ ସମ୍ମାନ ପାଇଥାଆନ୍ତି । ଆମେ କହିପାରିବା ଯେ ଏମାନେ ବହୁତ କମ୍ ସଂଖ୍ୟାରେ ଅଛନ୍ତି । ଏମାନେ ଯେତେ ବାଧାବିଘ୍ନ ହେଲେ ମଧ୍ୟ ଏମାନେ ନିଜର କର୍ତ୍ତବ୍ୟ ପ୍ରତି ସଚେତନ ଥାଆନ୍ତି ଏବଂ ଏହିପରି ଶିକ୍ଷକଙ୍କୁ ଦେଖିଲେ ଆପେ ଆପେ ନତମସ୍ତକ ହୋଇଯାଏ । ଏହିପରି ଶିକ୍ଷକମାନେ ସ୍ଥାନୀୟ ଗୋଷ୍ଠୀର ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ ପାଇଥାଆନ୍ତି ଏବଂ ଗୋଷ୍ଠୀ ଏମାନଙ୍କ ପଛରେ ଥାଏ । ଏହିପରି ଅନେକ ଅଞ୍ଚଳରେ ଏହିପରି ଶିକ୍ଷକମାନଙ୍କୁ ସେମାନଙ୍କର ସ୍ଥାନ ପରିବର୍ତ୍ତନ ହୋଇଗଲେ ମଧ୍ୟ ଗୋଷ୍ଠୀ ବହୁଦିନ ଧରି ମନେ ରଖିଥାଆନ୍ତି ।

ଉକ୍ତ ବିଷୟକୁ ପ୍ରଧାନମନ୍ତ୍ରୀ ନଜରକୁ ଆଣିବା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଓ ପରିବର୍ତ୍ତନ ଆସିବାର ଏହାହିଁ ପ୍ରକୃତ ସମୟ । ରାଜନୀତିଜ୍ଞମାନେ ଚାହିଁଲେ ଏହାର ପରିବର୍ତ୍ତନ କରିପାରିବେ । ଯେଉଁଦିନ ପର୍ଯ୍ୟନ୍ତ ଶିକ୍ଷକସମାଜର ଦୂରବସ୍ଥାଗୁଡ଼ିକର ଠିକ୍ ବ୍ୟବସ୍ଥା କରିନାହିଁ, ସେତେଦିନ ପର୍ଯ୍ୟନ୍ତ ଦେଶର ପ୍ରକୃତ ବିକାଶ ହୋଇପାରିବ ନାହିଁ । ଏଥିପାଇଁ ଏକ ମିଳିତ ଉଦ୍ୟମ ଦରକାର, ଯାହାଦ୍ୱାରାରେ ଗୁଣାତ୍ମକ ଶିକ୍ଷା ପରି ଏକ ଜଟିଳ ବିଷୟବସ୍ତୁକୁ ମୁକାବିଲା କରାଯାଇପାରିବ । ଏକ ଆଗ୍ରହ ନଥିବା, ଉଦାସୀନ ଏବଂ ବୋଝଦ୍ୱାରା ଆକ୍ରାନ୍ତ ଶିକ୍ଷକ ଗୋଷ୍ଠୀ ଦ୍ୱାରା ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ହୋଇପାରିବ ନାହିଁ । ( ଉକ୍ତ ପ୍ରବନ୍ଧର ମୂଳ ଲେଖିକା ହେଉଛନ୍ତି ଶ୍ରୀଯୁକ୍ତା ବିମଳା ରାମଚନ୍ଦ୍ରନ । ରାମଚନ୍ଦ୍ରନ ଜାତୀୟ ସ୍ତରରେ ଶିକ୍ଷା ଦିଗରେ କାର୍ଯ୍ୟ କରୁଛନ୍ତି । )

□□□

148942
28.10.17

Library IIAS, Shimla
OR 371.12 P 192 A
148942